NITIDIN
ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8+16 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର' ସହ

SUNDAY
26 APRIL 2026
ରବିବାର
୨୬ ଏପ୍ରିଲ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 338 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୩୩୮ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

# ଆହୁରି ୩ ଦିନ ଗରମ, ଗୁଳୁଗୁଳି



## ୪୦ ଡିଗ୍ରୀ ଉପରେ ୪ ସହରର ତାପମାତ୍ରା

## ୨୯ ବେଳକୁ ପାଗରେ ହୋଇପାରେ ପରିବର୍ତ୍ତନ

**ଭୁବନେଶ୍ୱର,୨୫।୪/ଏନ୍ଏନ୍ଏସ୍:** ଏପ୍ରିଲରେ ଆକାଶରୁ ନିଆଁ ବର୍ଷୁଛି, ଆଉ ଗୁଳୁଗୁଳିରେ ସନ୍ତୁଳି ହେଉଛି ଜନଜୀବନ। ତତଲା କଡ଼େଇରେ ଭାଜି ହେଉଛି ସାରା ଓଡ଼ିଶା। ଡହଡହ ଖରା, ତା ସାଙ୍ଗକୁ ତାତିରେ ଜନଜବୀନ ଛଟପଟ। ହିଟଓ୍ୱେଭର ହଟ୍ ସ୍ପଟ୍ ପାଲଟିଛି ପଶ୍ଚିମ ଓଡ଼ିଶା। ସକାଳ ୯ଟା ବାଜିଲେ ଲାଗୁଛି ସତେ ଯେମିତି ମୁଣ୍ଡ ଉପରେ ପଡୁଛି ନିଆଁ। ପଶ୍ଚିମରେ ତାତି ଓ ଉପକୂଳରେ ଗୁଳୁଗୁଳି ଲୋକଙ୍କୁ ଆକ୍ରାମାକ୍ରା କରୁଛି।

ତେବେ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି, ଆଗାମୀ ୩ ଦିନ ପର୍ଯ୍ୟନ୍ତ ଏହି ଗରମ ଓ ଗୁଳୁଗୁଳିରୁ ନିସ୍ତାର ମିଳିବ ନାହିଁ। ୨୮ ତାରିଖ ଯାଏ କଲବଲ କରିବ। ଏହାପରେ ତାତି ପ୍ରକୋପ ଟିକିଏ କମିବ। ତାପମାତ୍ରା ୨-୪ ଡିଗ୍ରୀ ତଳକୁ ଖସିପାରେ। ଟ୍ରପ୍ ଲାଇନ୍ ପ୍ରଭାବରେ ଉତ୍ତର ଓ ଉପକୂଳ ଓଡ଼ିଶାରେ କାଳବୈଶାଖୀ ବର୍ଷା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଫଳରେ ପ୍ରବଳ ତାତିରୁ କିଛିଟା ଆସ୍ୱସ୍ତି ମିଳିପାରେ। ଏହି ସମୟରେ ନିୟମିତ କିଛି କିଛି ଜାଗାରେ କାଳବୈଶାଖୀ ବର୍ଷା ହେବ। ମାତ୍ର ବଡ଼ ଧରଣର ଆଶ୍ୱସ୍ତି ସମ୍ଭାବନା କମ୍। ଅନ୍ୟପକ୍ଷରେ ଶନିବାର ଅପରାହ୍ଣ ସାଢ଼େ ୨ଟା ସୁଦ୍ଧା ୪୦ ଡିଗ୍ରୀ ଉପରେ ୪ ସହରର ତାପମାତ୍ରା ରେକର୍ଡ ହୋଇଛି। ଝାରସୁଗୁଡ଼ାରେ ୪୩.୪, ରାଉରକେଲା ଓ ସମ୍ବଲପୁରରେ ୪୨.୨ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ହୀରାକୁଦରେ ୪୨, କେନ୍ଦୁଝରରେ ୩୮, ଚାନ୍ଦବାଲିରେ ୩୬.୨, ଭୁବନେଶ୍ୱରରେ ୩୪ ଡିଗ୍ରୀ ରେକର୍ଡ ହୋଇଛି। ୨୯ ତାରିଖ ବେଳକୁ ପାଗରେ ପରିବର୍ତ୍ତନ ହୋଇପାରେ। କାଳବୈଶାଖୀ ପ୍ରଭାବରେ ବର୍ଷା ହେବାର ସମ୍ଭାବନା ଅଛି। ଉତ୍ତର ଓଡ଼ିଶା, ଉପକୂଳ ଓଡ଼ିଶାରେ କାଳବୈଶାଖୀ ପ୍ରଭାବ ପଡ଼ିବ। କୁଆ ପଥର ସହ ବର୍ଷା, ୩୦-୪୦ କିମି ବେଗରେ ପବନ ବହିପରେ। ପୁଣି ୨ ତାରିଖରୁ ରାଜ୍ୟରେ ତାତି ବଢ଼ିବ ବୋଲି ପୂର୍ବାନୁମାନ କରାଯାଇଛି।

ତାତିକୁ ଦୃଷ୍ଟିରେ ରଖି ପଶ୍ଚିମ ଓଡ଼ିଶାର ଅଧିକାଂଶ ଜିଲ୍ଲାକୁ ରେଡ୍ ଓ୍ୱାର୍ଣ୍ଣିଂ, ଆଭ୍ୟନ୍ତରୀଣ ଓଡ଼ିଶାରେ ଥିବା ରାଜ୍ୟଗୁଡ଼ିକୁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଓ ଉପକୂଳରେ ଉତ୍ତପ୍ତ ଜିଲ୍ଲାଗୁଡ଼ିକୁ ପାଣିପାଗ ବିଭାଗ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରିଛି। ପ୍ରଚଣ୍ଡ ଖରା ସହିତ ରାଜ୍ୟରେ କେତେକାଂଶରେ କାଳବୈଶାଖୀ ହେବାର ସମ୍ଭାବନା ରହିଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଗାମୀ ୨୪ ଘଣ୍ଟାରେ ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ା, ମାଲକାନଗିରି, ▶▶ ୬



# 'ଚାଷୀଙ୍କ ଆୟ ବହୁଗୁଣିତ କରିବା ଆମ ଲକ୍ଷ୍ୟ'

**ଭୁବନେଶ୍ୱର,୨୫।୪/ଏନ୍ଏନ୍ଏସ୍:**





## ୧୦୦ କୋଟିର ୭୬ ପ୍ରାଣିଚିକିତ୍ସାଳୟ, ୪ ପ୍ରାଣୀ ସହାୟତା କେନ୍ଦ୍ର ଉଦ୍‌ଘାଟିତ

## ୨୧୯ ନୂତନ ପ୍ରାଣିଚିକିତ୍ସାଳୟ ଓ ଲ୍ୟାବ୍ ପାଇଁ ୧୭୭ କୋଟିର ଏମ୍ଓୟୁ

## ୧୦ କୋଟି ବ୍ୟୟରେ ସ୍ଥାପନ ହେବ ମଲିକ୍ୟୁଲାର୍ ଲାବୋରେଟୋରୀ

## ବ୍ରାଉନ ଅଣ୍ଡା ଓ ଦେଶୀ 'ଅସିଲ୍' ଚିକେନ୍ ବିପଣନ କେନ୍ଦ୍ରର ଶୁଭାରମ୍ଭ

## ଅଣ୍ଡା ଉତ୍ପାଦନରେ ଓଡ଼ିଶାକୁ ଦେଶର ପଞ୍ଚମ ସ୍ଥାନକୁ ନେବା ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ

ଓଡ଼ିଶାରେ କୃଷକଙ୍କ ଆୟ ବୃଦ୍ଧି ପାଇଁ କେବଳ ପାରମ୍ପରିକ ଚାଷ ପର୍ଯ୍ୟାପ୍ତ ନୁହେଁ। ମାଛଚାଷ, ଗୋପାଳନ, କୁକୁଡ଼ା ପାଳନ, ଛେଳି-ମେଣ୍ଢା ପାଳନ ପରି ଆନୁଷଙ୍ଗିକ କୃଷିକୁ ଆଗେଇ ନେବା ଆବଶ୍ୟକ। ଆମର ଲକ୍ଷ୍ୟ କେବଳ ଚାଷୀଙ୍କ ଆୟ ଦୁଇଗୁଣ କରିବା ନୁହେଁ, ବହୁଗୁଣିତ କରିବା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବିଶ୍ୱ ପ୍ରାଣିଚିକିତ୍ସା ଦିବସ ଅବସରରେ ଆଜି ରାଜ୍ୟ କନଭେନସନ ସେଣ୍ଟର ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି। ଏଥିସହ ପ୍ରାଣିସମ୍ପଦ, ପ୍ରାଣିସ୍ୱାସ୍ଥ୍ୟ ଓ ମତ୍ସ୍ୟପାଳନ କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି।

ଏହି ଅବସରରେ ପ୍ରାଣିସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ ଆଜି ରାଜ୍ୟରେ ପ୍ରାୟ ୧୦୦ କୋଟି ଟଙ୍କାରେ ନିର୍ମିତ ୭୬ଟି ପ୍ରାଣିଚିକିତ୍ସାଳୟ ଓ ୪ଟି ପ୍ରାଣୀ ସହାୟତା କେନ୍ଦ୍ରର ନୂତନ ଗୃହ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଛନ୍ତି। ଏହାସହିତ ୧୭୭ କୋଟି ଟଙ୍କା ବିନିଯୋଗରେ ୨୧୯ଟି ନୂତନ ପ୍ରାଣିଚିକିତ୍ସାଳୟ ଓ ରୋଗ ନିର୍ଣ୍ଣୟ ଲ୍ୟାବ ନିର୍ମାଣ ପାଇଁ ୬ଟି ପିଏସ୍ୟୁ ସହ ଏମ୍ଓୟୁ ମଧ୍ୟ ସ୍ୱାକ୍ଷର ହୋଇଛି। ଏହି ବୁଝାମଣା ପତ୍ରରେ କଟକର ଫୁଲନଖରାରେ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ଏକ ରାଜ୍ୟସ୍ତରୀୟ ମଲିକ୍ୟୁଲାର ଲ୍ୟାବୋରେଟୋରୀ ସ୍ଥାପନ ହେବ। ସେହିପରି ପଶୁ ଖାଦ୍ୟର ଗୁଣ ପରୀକ୍ଷା ପାଇଁ ୬ କୋଟି ଟଙ୍କା ବ୍ୟୟରେ ରାଜ୍ୟସ୍ତରୀୟ ଖାଦ୍ୟ ପରୀକ୍ଷାଗାର ସଶକ୍ତ କରାଯିବ ବୋଲି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

ଏହି ଅବସରରେ ଓପୋଲଫେଡ଼ର ୫୦ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ବ୍ରାଉନ ଅଣ୍ଡା ଓ ଦେଶୀ 'ଅସିଲ୍' ଚିକେନର ବିପଣନ କେନ୍ଦ୍ରର ଶୁଭାରମ୍ଭ କରିଥିବାବେଳେ ଏହା କୁକୁଡ଼ାପାଳକମାନଙ୍କୁ ଉଚିତ ମୂଲ୍ୟ ଦେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ମତ୍ସ୍ୟଜୀବୀଙ୍କ ଉନ୍ନତି ପାଇଁ ଆଜି ୫୦ କୋଟି ଟଙ୍କା ବ୍ୟୟରେ ଭଦ୍ରକର କସିଆ ଠାରେ ମତ୍ସ୍ୟ ଅବତରଣ କେନ୍ଦ୍ର ଓ ଧାମରା ମାଛଧରା ବନ୍ଦରର ଉନ୍ନତିକରଣ କାର୍ଯ୍ୟ ଉଦଘାଟିତ ହୋଇଛି।

କାର୍ଯ୍ୟକ୍ରମମୁଖ୍ୟମନ୍ତ୍ରୀ ଅଭିଭାଷଣ ରଖି ▶▶ ୬

# ୪୭ କ୍ୟାଡର ନକ୍ସଲଙ୍କ ଆତ୍ମସମର୍ପଣ

**ତେଲେଙ୍ଗାନା,୨୫।୪/ଏଜେନ୍ସି:**



ତେଲେଙ୍ଗାନା ପୁଲିସ ନିକଟରେ ଶନିବାର ଦୁର୍ଦ୍ଦାନ୍ତ ମାଓ ନେତା ହେମଲା ଓରଫ ଭିଜା ସମେତ ୪୬ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ହାଇଦ୍ରାବାଦ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏମାନେ ୩୨ଟି ହତିଆର ହସ୍ତାନ୍ତର କରି ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ନାମରେ ସରକାର ୧ କୋଟି ୫୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ଆତ୍ମସମର୍ପଣ କରିଥିବା ନକ୍ସଲଙ୍କ ମଧ୍ୟରେ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ସଚିବ ହେମଲା, ଏସିଏମଭି. ଆନ୍ଦେ, ଓଣ୍ଡେ ଭୀମେ, ସୋଡି ଉଙ୍ଗା, ସୋଡି ଦସରୁ, ଉଦମ ବୁଦ୍ରା, ମାଡକମ ସନି, ଓଇକା ଭୀମା, ସୋଡି ସୋମଡି, ମାଡବି କୋସି, ଓଇକା ସୋନା, ମାଡବୀ ବୋତି, ପାର୍ଟି ମେମ୍ବର କୁଞ୍ଜାମ ଭୀମା, ମାଡବୀ ଆଡିମେ, ▶▶ ୬

# ଦୁର୍ଘଟଣାରେ ଚାଲିଗଲା ୫ ଜୀବନ

**ପ୍ରୟାଗରାଜ,୨୫।୪/ଏଜେନ୍ସି:**



ଉତ୍ତରପ୍ରଦେଶର ମାଉ ଜିଲ୍ଲାରେ ଶୁକ୍ରବାର ଭୋର୍ ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ଘଟିଛି। ଧୋରଘାଟ ପୁଲିସ ଷ୍ଟେସନ ଅଧିନସ୍ଥ ବରହରପୁର ଅହିରାନି ଗ୍ରାମରେ ଭୋର ପ୍ରାୟ ୩ଟା ବେଳେ ଏକ କାର ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ କାର୍‌ରେ ଥିବା ସମସ୍ତ ୫ ଜଣ ଯାତ୍ରୀଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ପୁଲିସ ଅଧିକାରୀଙ୍କ ଅନୁଯାୟୀ ମୃତକ ମାନେ ଏକ ବିବାହ ଭୋଜିରେ ଯୋଗ ଦେଇ ଫେରୁଥିଲେ। ମୃତ ୫ ଜଣଙ୍କ ମଧ୍ୟରୁ ୩ ଜଣ ଗୋଟିଏ ପରିବାରର। ମୃତକ ମାନେ ହେଲେ ଗୋରଖପୁରର ରାଣିଡିହା ଅଞ୍ଚଳର ବିନୟ ଶ୍ରୀବାସ୍ତବ (୫୩), ତାଙ୍କ ସ୍ତ୍ରୀ ଅର୍ଚ୍ଚନା ଶ୍ରୀବାସ୍ତବ (୪୮) ଓ ପୁଅ କୃତାର୍ଥ ଶ୍ରୀବାସ୍ତବ (୨୭) ଏବଂ ୨ ଚାଳକ ବିହାରର ଗୟା ଜିଲ୍ଲାର ରବୀନ୍ଦ୍ର ଯାଦବ (୨୦) ଓ ▶▶ ୬

# ୟୁକ୍ରେନ ଉପରେ ରୁଷ୍‌ର ଆକ୍ରମଣ, ୭ ମୃତ

**କିଭ,୨୫।୪/ଏନ୍ଏନ୍ଏସ୍:**



ରୁଷ୍ ପୁଣି ଥରେ ୟୁକ୍ରେନ ଉପରେ ବଡ଼ଧରଣର ଆକ୍ରମଣ କରିଛି। ରୁଷ୍ ୟୁକ୍ରେନ୍‌ର ଦ୍ନିପ୍ରୋ ସହର ଉପରେ ଘନ ଘନ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ମାଡ଼ କରିଥିବାବେଳେ ଏଥିରେ ୭ ଜଣଙ୍କର ମୃତ୍ୟୁ ହୋଇଛି। ରୁଷ୍ ଆକ୍ରମଣରେ ୩୪ ରୁ ଅଧିକ ନାଗରିକ ଆହତ ହୋଇଥିବା ଶନିବାର ସ୍ଥାନୀୟ ୟୁକ୍ରେନ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଦ୍ନିପ୍ରୋପେଟ୍ରୋଭସ୍କ ଆଞ୍ଚଳିକ ମୁଖ୍ୟ ଓଲେକଜାଣ୍ଡର ହାଞ୍ଜା କହିଛନ୍ତି, ଶୁକ୍ରବାର ରାତିରେ ଏକ ଘର ଉପରେ ଆକ୍ରମଣ ହୋଇଥିବାବେଳେ ଧ୍ୱଂସାବଶେଷ ତଳୁ ୪ଟି ମୃତଦେହ ଉଦ୍ଧାର କରାଯାଇଛି। ହାଞ୍ଜା ଟେଲିଗ୍ରାମ୍ ଆପ୍‌ରେ ଲେଖିଛନ୍ତି ଯେ, ରୁଷ୍ ରାତିରେ ଦ୍ନିପ୍ରୋ ଓ ଅନ୍ୟ ସହର ଉପରେ ଆକ୍ରମଣ କରୁଛି। ଦ୍ନିପ୍ରୋରେ ଏହି ଆକ୍ରମଣ ଯୋଗୁ ବଡ଼ଧରଣର ଅଗ୍ନିକାଣ୍ଡ ଘଟି ଅନେକ ଆପାର୍ଟମେଣ୍ଟ, ବ୍ୟବସାୟିକ ଓ ଅନ୍ୟ ଆବାସିକ ସ୍ଥଳରେ ନିଆଁ ▶▶ ୬

### ପଶ୍ଚିମବଙ୍ଗ ଭୋଟ୍ ବେଳେ ରଖିଲେନି ନିରପେକ୍ଷତା

# ୫ ପୁଲିସ୍ ଅଧିକାରୀଙ୍କୁ ନିଲମ୍ବନ କଲେ ଇସିଆଇ

**ନୂଆଦିଲ୍ଲୀ, କୋଲକାତା, ୨୫।୪/ଏଜେନ୍ସି:**




୨୦୨୬ ବିଧାନସଭା ନିର୍ବାଚନ ସମୟରେ ଗୁରୁତର ଅସଦାଚରଣ ଏବଂ ନିରପେକ୍ଷତା ବଜାୟ ରଖିବାରେ ବିଫଳ ହୋଇଥିବାରୁ ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ପଶ୍ଚିମବଙ୍ଗର ଡାଇମଣ୍ଡ ହାର୍ବର ଜିଲ୍ଲାର ୫ ପୁଲିସ୍ ଅଧିକାରୀଙ୍କୁ ନିଲମ୍ବିତ କରିଛନ୍ତି। ଏହା ସହିତ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଆରମ୍ଭ କରାଯାଇଛି। ନିଲମ୍ବିତ ହୋଇଥିବା ଅଧିକାରୀମାନେ ହେଲେ ୧-ସନ୍ଦୀପ ଗରାଇ (ଅତିରିକ୍ତ ଏସ୍‌ପି), ୨-ସଜଲ ମଣ୍ଡଳ (ଏସ୍‌ଡିପିଓ), ୩- ମୌସମ ଚକ୍ରବର୍ତ୍ତୀ (ଆଇଆଇସି), ୪-ଅଜୟ ବାଗ (ଆଇଆଇସି), ଏବଂ ୫-ଶୁଭେଚ୍ଛା ବାଗ (ଓଆଇସି)। ଏହି ପରିପ୍ରେକ୍ଷୀରେ ଡାଇମଣ୍ଡ ହାର୍ବର ଏସପି ଇଶାନୀ ପାଲ୍‌ଙ୍କୁ ମଧ୍ୟ ଆଗାମୀ ଦିନରେ ଯେପରି ଏପ୍ରକାର କୌଣସି ପୁଲିସ୍ ଅଧିକାରୀଙ୍କ ପକ୍ଷରୁ କର୍ତ୍ତବ୍ୟରେ ଖିଲାପି ଭଳି ଘଟଣା ଦେଖିବାକୁ ନମିଳେ ସେନେଇ ନିର୍ବାଚନ ଆୟୋଗ ଚେତାବନୀ ମଧ୍ୟ ଦେଇଛନ୍ତି। ନିଜ ଅଧୀନସ୍ଥ ଅଧିକାରୀଙ୍କ ମଧ୍ୟରେ ଶୃଙ୍ଖଳା ଏବଂ ନିରପେକ୍ଷତା ବଜାୟ ରଖିବାରେ ବିଫଳ ହୋଇଥିବାରୁ ତାଙ୍କ ବିରୋଧରେ ମଧ୍ୟ ନିର୍ବାଚନ ଆୟୋଗ ପଦକ୍ଷେପ ନେବାକୁ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟାନୁଷ୍ଠାନକୁ ତୁରନ୍ତ ଲାଗୁ କରି ଶନିବାର ସକାଳ ୧୧ଟା ସୁଦ୍ଧା ଅନୁପାଳନ ରିପୋର୍ଟ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ, ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ଗତ ୨୩ ତାରିଖ ଦିନ ଅନୁଷ୍ଠିତ ହୋଇଥିବା ବେଳେ ରେକର୍ଡ ପରିମାଣର ୯୨%ରୁ ଊର୍ଦ୍ଧ୍ୱ ଭୋଟିଂ ହୋଇଥିବା ଦେଖିବାକୁ ମିଳିଛି। ତେବେ ରାଜ୍ୟର ବାକି ୧୪୨ଟି ଆସନ ପାଇଁ ମେ' ୨୯ ରେ ଭୋଟ୍ ଗ୍ରହଣ କରାଯିବ ଏବଂ ମେ' ୪ ରେ ଭୋଟ୍ ଗଣତି ହେବ। ମେ' ୪ ତାରିଖରେ ଭୋଟ୍ ଗଣତି ସହ ଫଳାଫଳ ଘୋଷଣା କରାଯିବ।

# ବୃଦ୍ଧ ଦମ୍ପତିଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର,୨୫।୪/ଏନ୍ଏନ୍ଏସ୍:**

ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ଗାଙ୍ଗପୁର ଥାନା ଅନ୍ତର୍ଗତ ଝାଡବନ୍ଧ ପଞ୍ଚାୟତ କଳାସୂତା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଘରେ କେହି ନଥିବାବେଳେ ବେକରେ ରଶି ଲଗାଇ ବୃଦ୍ଧ ଦମ୍ପତି ଆତ୍ମହତ୍ୟା କରିଛନ୍ତି। ସେମାନେ ହେଲେ ସିମାଞ୍ଚଳ ବିଷୋୟୀ(୬୬) ଓ ନମିତା ବିଷୋୟୀ(୬୧)। ଏନେଇ ଖବରପାଇ ଘଟଣାସ୍ଥଳରେ ଗାଙ୍ଗପୁର ଥାନା ପୁଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ଘଟଣାର ତଦନ୍ତ କରୁଛି।

ଏଠାରେ ସୂଚନା ଯୋଗ୍ୟ ଯେ କିଛି ଦିନ ତଳେ ବୃଦ୍ଧ ଦମ୍ପତିଙ୍କ ଗୋଟିଏ ବୋଲି ପୁଅର ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା । ଦମ୍ପତିଙ୍କ ପାଞ୍ଚଟି ▶▶ ୬

### ସୀମା ଡେଇଁଲା ସ୍ନେହର ସମ୍ପର୍କ:ଗଜପତିରୁ ଇଟାଲୀ

# ଦୁଇ ଝିଅଙ୍କୁ କୋଳେଇ ନେଲେ ଇଟାଲୀୟ ଦମ୍ପତି

**ଗଜପତି,୨୫।୪/ଏନ୍ଏନ୍ଏସ୍:**



## ପୋଷ୍ୟଭାବେ ଦେବାକୁ ଅନୁମତି

ଅସହାୟ ଦୁଇ ଝିଅଙ୍କୁ ମିଳିଲା ବାପାମାଆର କୋଳ। ବାପା ମା'ଙ୍କ ସ୍ନେହ ପାଇବେ ଦୁଇ କନ୍ୟାରତ୍ନ। ଇଟାଲୀୟ ଦମ୍ପତି ଗଜପତିରେ ଜନ୍ମିତ ୨ ଝିଅଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି। ଶୈଶବରେ ମାଆକୋଳରୁ ବଞ୍ଚିତ ଦୁଇ ଝିଅ ମାଆ ବାପାଙ୍କ ସ୍ନେହ ଓ ମମତା ପାଇବେ। ପ୍ରାୟ ଚାରି ବର୍ଷ ତଳେ ଏହି ଦୁଇ କନ୍ୟା ସନ୍ତାନଙ୍କୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଉକ୍ତ ବାଳାଶ୍ରମରେ ରହୁଥିବା ବେଳେ ପୋଷ୍ୟସନ୍ତାନ ଗ୍ରହଣ କେନ୍ଦ୍ରର କର୍ମଚାରୀଙ୍କ ଲାଳନ ପାଳନରେ ବଢ଼ି ଆସିଥିଲେ। ଇଟାଲୀୟ ଦମ୍ପତିଙ୍କ କୌଣସି ସନ୍ତାନ ନଥିବାରୁ ପୋଷ୍ୟସନ୍ତାନ ଗ୍ରହଣ ପାଇଁ ଆବେଦନ କରି ଅପେକ୍ଷା କରିଥିଲେ। ଶେଷରେ ତାଙ୍କର ଆବେଦନ ଗ୍ରହଣ କରାଯାଇଛି। ଆବଶ୍ୟକ ▶▶ ୬

### ପୁଣି ବଢ଼ିଲା ଇରାନ-ଆମେରିକା ଯୁଦ୍ଧ ଚିନ୍ତା

# ୨ୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ପ୍ରୟାସ ବି ବିଫଳ

**ତେହେରାନ/ଓ୍ୱାଶିଂଟନ୍ ଡିସି,୨୫।୪/ଏଜେନ୍ସି:**





## ସ୍ୱଦେଶ ଫେରିଲେ ଅରାଘଚି, ପାକ୍ କର୍ତ୍ତୃପକ୍ଷଙ୍କୁ ଦେଇଗଲେ ସର୍ତ୍ତାବଳୀ

## ନିଜ ପ୍ରତିନିଧିମଣ୍ଡଳୀକୁ ପାକିସ୍ତାନ ପଠାଇବାକୁ ମନାକଲେ ଟ୍ରମ୍ପ୍

ଯାହା ଆଶଙ୍କା ଥିଲା ତାହା ହିଁ ହୋଇଛି। ଆମେରିକା ଏବଂ ଇରାନ୍ ମଧ୍ୟରେ ୨ୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ପ୍ରୟାସ ମଧ୍ୟ ବିଫଳ ହୋଇଛି। ରିପୋର୍ଟ ଅନୁସାରେ ଇରାନ୍‌ର ବୈଦେଶିକ ମନ୍ତ୍ରୀ ଅବ୍ବାସ ଅରାଘଚି ଶନିବାର ସନ୍ଧ୍ୟାରେ ଆମେରିକୀୟ ଅଧିକାରୀମାନଙ୍କୁ ନଭେଟି ଇସଲାମାବାଦ୍‌ରୁ ଫେରିଯାଇଛନ୍ତି। ତେବେ ସେ ଇସଲାମାବାଦ୍ ଛାଡିବା ପୂର୍ବରୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ, ସେନା ମୁଖ୍ୟ ଆସିମ ମୁନିର ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ସହ ବ୍ୟାପକ ଆଲୋଚନା କରିଛନ୍ତି ଏବଂ ଇରାନ୍ ପକ୍ଷରୁ ଯାହା କିଛି ବି ସର୍ତ୍ତ ରହିଛି ଏବଂ ଆମେରିକାର ଦାବି ଉପରେ ଇରାନ୍‌ର ଆପତ୍ତିସବୁକୁ ଦସ୍ତାବିଜ ରୂପେ ହସ୍ତାନ୍ତର କରିଛନ୍ତି। ପ୍ରକାଶ, ଏହି ଆଲୋଚନା ପ୍ରକ୍ରିୟା ପୂର୍ବରୁ ହିଁ ଇରାନ ଆମେରିକା ସହ ସିଧାସଳଖ କଥାବାର୍ତ୍ତା କରିବାକୁ ମନା କରିଦେଇଥିଲା। ସୁତରାଂ ଅରାଘାଚିଙ୍କ ନେତୃତ୍ୱାଧୀନ ଇରାନୀ ପ୍ରତିନିଧି ମଣ୍ଡଳୀ, ପାକିସ୍ତାନ କର୍ତ୍ତୃପକ୍ଷଙ୍କ ସହ ହିଁ ଏକପାଖିଆ ଆଲୋଚନା କରିଛନ୍ତି। ଇରାନ୍ ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ଇସମାଇଲ ବଘେଇ କହିଛନ୍ତି ଯେ, ଇରାନ ନିଜର ପକ୍ଷ ପାକିସ୍ତାନ ଜରିଆରେ ହିଁ ଆମେରିକା ପାଖରେ ପହଞ୍ଚାଇବ। ଯେପର୍ଯ୍ୟନ୍ତ ହର୍ମୁଜ୍ ପ୍ରଣାଳୀରୁ ଆମେରିକା ନିଜ ନୌସେନାର ପ୍ରତିବନ୍ଧକକୁ ପ୍ରତ୍ୟାହାର ନକରିଛି ସେପର୍ଯ୍ୟନ୍ତ ଆମେରିକା ସହ କୌଣସି ପ୍ରକାର ଆଲୋଚନା ହେବନାହିଁ।

ଅନ୍ୟପକ୍ଷେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଧ୍ୟ, ନିଜ ଦୂତ ଷ୍ଟିଭ୍ ଓ୍ୱିଟକଫ୍ ଏବଂ ଜ୍ୱାଇଁ ଜେରେଡ୍ କୁଶନରଙ୍କ ପାକିସ୍ତାନ ଗସ୍ତ ବାତିଲ କରିଦେଇଛନ୍ତି। ଏହି ଦୁଇଜଣ ଇରାନ ସହ କଥାବାର୍ତ୍ତା ପାଇଁ ଇସଲାମାବାଦ ଯିବାର କାର୍ଯ୍ୟକ୍ରମ ଥିଲା। ଫକ୍ସ ନ୍ୟୁଜ୍‌କୁ ଦେଇଥିବା ଏକ ସାକ୍ଷାତକାରରେ ଟ୍ରମ୍ପ କହିଛନ୍ତି ଯେ, ଯଦି ଇରାନ ଆଲୋଚନା କରିବାକୁ ଚାହୁଁଛି, ତେବେ ଇରାନ୍ ନିଜେ ଆମେରିକା ସହ ଯୋଗାଯୋଗ କରିପାରିବ। ସୂଚନାଯୋଗ୍ୟ, ଇରାନ ନିଜର ଆଲୋଚନା ପାଇଁ ପାକିସ୍ତାନକୁ ମଧ୍ୟସ୍ଥି ଭାବେ ବ୍ୟବହାର କରୁଛି, ଯେତେବେଳେ କି ଟ୍ରମ୍ପ ସିଧାସଳଖ ଯୋଗାଯୋଗ ଉପରେ ଜୋର୍ ଦେଇଛନ୍ତି। ତେବେ ଇରାନ୍ ଏବଂ ଆମେରିକାର ଏପ୍ରକାର ଆଭିମୁଖ୍ୟ ଯୋଗୁ ପଶ୍ଚିମ ଏସିଆର ଭୂ-ରାଜନୈତିକ ସ୍ଥିତି ବର୍ତ୍ତମାନ ଅତ୍ୟନ୍ତ ସମ୍ବେଦନଶୀଳ ମୋଡ଼ରେ ରହିଛି। ପ୍ରକାଶ, ପାକିସ୍ତାନର ମଧ୍ୟସ୍ଥତାରେ ଇରାନ ଏବଂ ଆମେରିକା ମଧ୍ୟରେ ୧୧-୧୨ ଏପ୍ରିଲରେ ଇସଲାମାବାଦଠାରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୨୧ ଘଣ୍ଟା ଧରି ଏହି ବାର୍ତ୍ତାଳାପ ଚାଲିଥିଲେ ସୁଦ୍ଧା ଏହା ବିଫଳ ହୋଇଥିଲା। ବିଶେଷ କରି ହର୍ମୁଜ ପ୍ରଣାଳୀ ଉପରେ ନିୟନ୍ତ୍ରଣ ଏବଂ ପରମାଣୁ କାର୍ଯ୍ୟକ୍ରମକୁ ନେଇ ଦୁଇ ଦେଶ ମଧ୍ୟରେ ସହମତି ହୋଇପାରିନଥିଲା। ଆମେରିକା ଚାହୁଁଛି ଯେ ଏହି ପଥ ଦେଇ ଜାହାଜ ଚଳାଚଳ ସମ୍ପୂର୍ଣ୍ଣ ମୁକ୍ତ ଏବଂ ସୁରକ୍ଷିତ ▶▶ ୬

### ଭିଜିଲାନ୍ସ ଦୁର୍ନୀତି ମାମଲା

# ଦୁଇ ଯନ୍ତ୍ରୀ ଦୋଷୀ ସାବ୍ୟସ୍ତ

**ଭୁବନେଶ୍ୱର,୨୫।୪/ଏନ୍ଏନ୍ଏସ୍:**

## ଉଭୟଙ୍କୁ ୨ ବର୍ଷ ଲେଖାଏଁ କାରାଦଣ୍ଡାଦେଶ

ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକର ଦୁଇଜଣ ପୂର୍ବତନ ଯନ୍ତ୍ରୀ ଏକ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ମାନେଶ୍ୱର ବ୍ଲକର ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ସଦାନନ୍ଦ ପ୍ରଧାନ ଏବଂ ବର୍ତ୍ତମାନ ନୟାଗଡ଼ ଜିଲ୍ଲା ଦଶପଲାସ୍ଥିତ ବୃତାଙ୍ଗ ଜଳସେଚନ ପ୍ରକଳ୍ପର ସହକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟରତ ବିରଞ୍ଚି ନାରାୟଣ ଦାଶଙ୍କୁ ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଭିଜିଲାନ୍ସ ଦୁର୍ନୀତି ମାମଲାରେ ଉଭୟଙ୍କୁ ଦଣ୍ଡିତ କରାଯାଇଛି। ୨୦୦୮-୨୦୦୯ରେ ମାନେଶ୍ୱର ବ୍ଲକରେ ମନରେଗା ଯୋଜନାରେ ଏକ ରାସ୍ତା ନିର୍ମାଣ କାର୍ଯ୍ୟରେ ମିଥ୍ୟା ମାପ ପ୍ରଦର୍ଶନ କରି ସରକାରୀ ଅର୍ଥ ହରିଲୁଟ କରିବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏହି ଦୁଇ ଯନ୍ତ୍ରୀଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଶନିବାର ମାମଲାର ବିଚାର କରି ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଉଭୟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ପ୍ରତ୍ୟେକଙ୍କୁ ୨ ବର୍ଷର ସଶ୍ରମ କାରାଦଣ୍ଡ ଓ ଜରିମାନା ସଜା ଶୁଣାଇଛନ୍ତି। ଏହି ଦଣ୍ଡାଦେଶ ପରେ ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ସଦାନନ୍ଦ ପ୍ରଧାନଙ୍କ ପେନ୍‌ସନ୍ ବନ୍ଦ କରିବା ଏବଂ କାର୍ଯ୍ୟରତ ଯନ୍ତ୍ରୀ ବିରଞ୍ଚି ନାରାୟଣ ଦାଶଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ଭିଜିଲାନ୍ସ ବିଭାଗ ପକ୍ଷରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପତ୍ର ଲେଖି ସୁପାରିସ କରାଯିବ ବୋଲି ସୂଚନା ମିଳିଛି।

# ବିଜେପିର ମିଶ୍ରଣପର୍ବ



**ବ୍ରହ୍ମପୁର,୨୫।୪/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଗୋସାଇଁ ନୂଆଗାଁ ୱାର୍ଡ ନଂ ୨୬ସ୍ଥିତ ଚଣ୍ଡି ମନ୍ଦିରରେ ବିଜେପିର ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ଦୁଇ ଶହରୁ ଊର୍ଦ୍ଧ୍ୱ ଯୁବକ ଯୁବତୀ, ମହିଳା ଓ ପୁରୁଷ ଦଳରେ ସାମିଲ୍ ହୋଇଥିଲେ। ୱାର୍ଡର ବିଶିଷ୍ଟ ସମାଜସେବୀ ରବିନ୍ଦ୍ର ନାଥ ସାହୁ ଓ ତାଙ୍କ ପୁତ୍ର ଶକ୍ତି ରଞ୍ଜନ ସାହୁ ଏବଂ ପୂର୍ବତନ କାଉନସିଲର୍ ଜୟନ୍ତ କୁମାର ପାତ୍ର ଦଳରେ ସାମିଲ୍ ହୋଇଥିଲେ। ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର, ଜିଲ୍ଲା ସଭାପତି ସରୋଜ ସାବତ, ଜିଲ୍ଲା ସାଧାରଣ ସମ୍ପାଦକ ଗୌରୀ ଶଙ୍କର ସାମନ୍ତରାୟ, ବିଧାୟକ ପ୍ରତିନିଧି ପ୍ରଦୀପ ନାୟକ, ଗୋଷାଣୀ ନୂଆଗାଁ ମଣ୍ଡଳ ସଭାପତି ବର୍ଷା ବିଦୁସ୍ମିତା, ଷ୍ଟେଟ୍ କାଉନ୍‌ସିଲର୍ ମେମ୍ବର୍ ମନିତା ଦାଶ, ଜିଲ୍ଲା ସାଧାରଣ ସମ୍ପାଦିକା ସ୍ମିତାଲି ସ୍ମୃତି ସ୍ନିଗ୍ଧା, ଗୋସାଣୀ ନୂଆଗାଁ ମଣ୍ଡଳ ସମ୍ପାଦକ ଶ୍ରୀକାନ୍ତ ସାହୁ ଓ ଶୁଭମ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଜେପିର ସୁଶାସନରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ୍ ହୋଇଥିବା ନେଇ ନେତାମାନେ କହିଥିଲେ।

ଜନଆକ୍ରୋଶ ମହିଳା ସମାବେଶ

# 'ମୋଦୀ ଆଜି ନହେଲେ କାଲି ନାରୀଶକ୍ତି ବନ୍ଦନ ବିଲ୍ ପାସ୍ କରିବେ'

**ପୁରୁଷୋତ୍ତମପୁର,୨୫।୪/ଏନ୍‌ଏନ୍‌ଏସ୍:** ପୁରୁଷୋତ୍ତମପୁର ବ୍ଲକ୍ ବିଜେପି ପକ୍ଷରୁ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀସ୍ତରୀୟ ଜନଆକ୍ରୋଶ ମହିଳା ସମାବେଶ ଭୁତ ସରସିଙ୍ଗି ସରପଞ୍ଚ ମନୋଜ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ, ଜିଲ୍ଲା ବିଜେପି ଘୁମୁସର ସଭାପତି ବିଜୟ କୁମାର ସ୍ୱାଇଁ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ କୁମାର ନାୟକ ଓ ଖଲ୍ଲିକୋଟ ବିଜେପି ବିଧାୟିକା ପ୍ରାର୍ଥୀ ହୋଇଥିବା ଭାରତୀ ବେହେରାଙ୍କ ସମେତ ଜିଲ୍ଲାର ବହୁ ବିଜେପି ମହିଳା ନେତ୍ରୀ ଓ କର୍ମକର୍ତ୍ତା ମଞ୍ଚାସୀନ ଥିଲେ।



ନାରୀଶକ୍ତି ବନ୍ଦନ ବିଲ୍‌କୁ ମହିଳାମାନେ ସମର୍ଥନ ଜଣାଇବା ସହ ବିରୋଧୀ କଂଗ୍ରେସ ଏବଂ ଇଣ୍ଡି ମେଣ୍ଟ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଉକ୍ତ ବିଲ୍ ମହିଳାଙ୍କ ପାଇଁ ଲୋକସଭାରେ ସ୍ଥାନ ସଂରକ୍ଷଣ ଲାଗି ଉଦ୍ଦିଷ୍ଟ ଥିବାବେଳେ କଂଗ୍ରେସ ଏବଂ ଇଣ୍ଡି ମେଣ୍ଟ ଏହାକୁ ସମର୍ଥନ କରିନଥିବାରୁ ସାଂସଦଙ୍କଠାରୁ ଆରମ୍ଭ କରି ବିଧାୟକ, ଜିଲ୍ଲା ସଭାପତି ଓ ମହିଳା ନେତ୍ରୀମାନେ ସ୍ୱର ଉତ୍ତୋଳନ କରି ବିରୋଧୀଙ୍କ ଉପରେ ବର୍ଷିଥିଲେ। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନହେଲେ କାଲି ନିଶ୍ଚିତରୂପେ ମହିଳାଙ୍କ ଏହି ବିଲ୍ ପାସ୍ କରିବେ ବୋଲି ଉପସ୍ଥିତ ହଜାର ହଜାର ମହିଳା କର୍ମୀଙ୍କୁ ଦୃଢ଼ତାର ସହିତ ସାଂସଦ କହିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ମହିଳା ନେତ୍ରୀ, ନାରୀ କର୍ମୀ, ସରପଞ୍ଚ, ସମିତିସଭ୍ୟା, ଏମ୍‌ବିକେ ଓ ସିଆର୍‌ପି ସାମିଲ୍ ହୋଇଥିଲେ। ଏହି ସମାବେଶରେ ପ୍ରାୟ ୩ ହଜାରରୁ ଅଧିକ ମହିଳା ଯୋଗ ଦେଇଥିଲେ।

# ସୃଜନୀ ପକ୍ଷରୁ ଶ୍ରୀ ରାମକୃଷ୍ଣ ଶାରଦା ସେବା ସଂଘ ଅନ୍ତେବାସୀଙ୍କୁ ସହାୟତା



**ବ୍ରହ୍ମପୁର,୨୫।୪/ଏନ୍‌ଏନ୍‌ଏସ୍:** ଆମ୍ବପୁଆସ୍ଥିତ ଶ୍ରୀ ରାମକୃଷ୍ଣ ସାରଦା ସେବା ସଂଘ ଆଶ୍ରମରେ ସୃଜନୀ ପରିବାର ସହଯୋଗରେ ଅନ୍ତେବାସୀଙ୍କୁ ବସ୍ତ୍ର ଓ ଖାଦ୍ୟ ବଣ୍ଟାଯାଇଛି। ସେନା କର୍ମଚାରୀ ଇଞ୍ଜିନିୟର୍ ଅଶୋକ କୁମାର ବିଶ୍ୱାଳ ଓ ସୁଚିତ୍ରା ବିଶ୍ୱାଳ ତାଙ୍କ ଝିଅ ଅଶ୍ଲେଷା ବିଶ୍ୱାଳଙ୍କ ଜନ୍ମଦିନ ଅବସରରେ ଏଠାକାର ଅନ୍ତେବାସୀଙ୍କୁ ବେଡସିଟ୍, ଗାମୁଛା, ରସଗୋଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରିଥିଲେ। ସୃଜନୀ ପରିବାର ପକ୍ଷରୁ ଆଗକୁ ମଧ୍ୟ ଏପରି ସେବା କାର୍ଯ୍ୟ ଜାରି ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ସୃଜନୀର ପ୍ରତିଷ୍ଠାତୀ ବନ୍ଦିତା ତ୍ରିପାଠୀ, ପୁଷ୍ପଲତା ପାଣିଗ୍ରାହୀ, ସୁଦୀପ କୁମାର୍ ସାହୁ ଓ ଅଭ୍ୟର୍ଥନା ବିଶ୍ୱାଳ, ଆଶ୍ରମର ସଭାପତି ଚିତ୍ତରଞ୍ଜନ ପଣ୍ଡା, ପ୍ରଫେସର୍ ନାରାୟଣ ପଣ୍ଡା ଓ ଇଞ୍ଜିନିୟର ବିଶ୍ୱମ୍ଭର ପାଣିଗ୍ରାହୀଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଠାରେ ରହୁଥିବା ୬୦ ଜଣ ଶିଶୁଙ୍କ ଦ୍ୱାରା ସାମୁହିକ ସଙ୍ଗୀତ ପରିବେଷଣ କରାଯାଇଥିଲା।

# 'ପଞ୍ଚାୟତିରାଜ ବ୍ୟବସ୍ଥା ଆମ ଗଣତନ୍ତ୍ରର ମେରୁଦଣ୍ଡ'

**ଫୁଲବାଣୀ,୨୫।୪/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପରେ ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ଯୋଗଦେଇ ପଞ୍ଚାୟତିରାଜ ବ୍ୟବସ୍ଥା ଆମ ଗଣତନ୍ତ୍ରର ମେରୁଦଣ୍ଡ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଜି ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ପଞ୍ଚାୟତିରାଜ ବ୍ୟବସ୍ଥାର ଇତିହାସ ଓ ଏହାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଜିଲ୍ଲାପାଳ ବେଦଭୂଷଣ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳାଇ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ନରେନ୍ଦ୍ର ନାୟକ, ସାଂସଦ ପ୍ରତିନିଧି ଅଜିତ ପଟ୍ଟନାୟକ, ଫୁଲବାଣୀ ବ୍ଲକ୍ ଉପାଧ୍ୟକ୍ଷ ଶ୍ରୀନିବାସ ମଲ୍ଲିକ, ଜିଲ୍ଲାପରିଷଦ ସଭ୍ୟା ଚନ୍ଦ୍ରମା ମଲ୍ଲିକ, ତହସିଲଦାର୍ ପ୍ରିୟଙ୍କା ପ୍ରିୟଦର୍ଶିନୀ ଓ ବିଡିଓ ସୌମ୍ୟ ରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ସହିତ ଅନ୍ତୋଦୟ ହିତାଧିକାରୀଙ୍କୁ ଗୃହ ନିର୍ମାଣ କାର୍ଯ୍ୟାଦେଶ, ରାସନ କାର୍ଡ ଓ ପ୍ରୋତ୍ସାହନ ରାଶି ବଣ୍ଟା ଯାଇଥିଲା।



**ପୁରୁଷୋତ୍ତମପୁର:** ପୁରୁଷୋତ୍ତମପୁର ବ୍ଲକ୍‌ରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ପାତ୍ରଙ୍କ ସଂଯୋଜନା ଏବଂ ବ୍ଲକ୍ ଅଧକ୍ଷା ପିଙ୍କି ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଅତିରିକ୍ତ ବିଡିଓ ଜ୍ୟୋର୍ତିମୟୀ ନାୟକ, ୩୬ନଂ ଜୋନ୍ ଜିଲ୍ଲାପରିଷଦ ସଦସ୍ୟ ଭଜମନ ବେହେରା, ୩୭ନଂ ଜିଲ୍ଲାପରିଷଦ ସଦସ୍ୟ ରଞ୍ଜିତ କୁମାର ବେହେରା ଓ ଖଲ୍ଲିକୋଟ ବିଧାୟକ ପ୍ରତିନିଧି କୋରାନଥ ସ୍ୱାଇଁ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଦିବସର କାର୍ଯ୍ୟକାରିତା ଉପରେ ଅତିରିକ୍ତ ବିଡିଓ ମତ ଦେଇଥିଲେ। ଜିଲ୍ଲାପରିଷଦ ଓ ବିଧାୟକଙ୍କ ପ୍ରତିନିଧି ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ କିଛି ଯୋଗ୍ୟ ହିତାଧିକାରୀଙ୍କୁ ଉପସ୍ଥିତ ଅତିଥିମାନେ ଅନ୍ତୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବାଣ୍ଟିବା ସହିତ କିଛି ବ୍ୟକ୍ତିଙ୍କୁ ଶ୍ରମିକ କାର୍ଡ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟା, ଏମ୍‌ବିକେ, ସିଆର୍‌ପି ଓ ବ୍ଲକ୍‌ର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଜିପିଓ ରାଜେନ୍ଦ୍ର ପ୍ରସାଦ ଗୁରୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିପିଓ ଦାୟିତ୍ୱରେ ଥିବା ମୀନକେତନ ବେହେରା, ଗୃହ ଆବଣ୍ଟନ ବ୍ଲକ୍ ମୁଖ୍ୟ ଶ୍ରୀକାନ୍ତ ଦଳବେହେରା, ସମସ୍ତ ପିଇଓ, ବିପିସି ସାଇଦତ୍ତ ବେହେରା ଓ ବିପିଏମ୍ ମିନେନ୍ଦ୍ର ଦଳେଇ ଉପସ୍ଥିତ ରହି ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ନୀଳମାଧବ ରଥ ପରିଚାଳନା କରିଥିଲେ।

# ବାଲିଗୁଡ଼ା ବନଖଣ୍ଡରୁ ପୁରୀ ଗଲା ରଥ ନିର୍ମାଣ କାଠ

**ବାଲିଗୁଡ଼ା,୨୫।୪/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡର କୋଟଗଡ଼ ବନାଞ୍ଚଳରୁ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ୩ ରଥ ନିର୍ମାଣ ପାଇଁ ରଥକାଠକୁ ଶନିବାର ପୁରୀ ପଠାଯାଇଛି। ଏଥିରେ ୪୦ ଫୁଟ୍ ଲମ୍ବ ୩ ଫୁଟ୍ ଗୋଲେଇ ୨୩ ଟି ଢଉ ଗଣ୍ଡିକାଠ ସାମିଲ୍ ରହିଛି। ବନ ବିଭାଗର ପୂର୍ବ ପ୍ରସ୍ତୁତି ଅନୁଯାୟୀ ଏହି କାଠ ବୋଝେଇ ଟ୍ରକ୍‌କୁ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ବାଲିଗୁଡ଼ା ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ପୂଜାର୍ଚ୍ଚନା ସହ ସମ୍ବର୍ଦ୍ଧନା ପୂର୍ବକ ପତାକା ଦେଖାଇ ଛାଡିଥିଲେ। ଏହି ସମୟରେ ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୋର୍ଡର ମଧୁସୂଦନ ଦାସ, ଭଗବାନ ପଣ୍ଡା, ଉପଜିଲ୍ଲାପାଳ ପ୍ରଣୀତା ଦାସ ଓ ଏସ୍‌ଡିପିଓ ଶୁଭମ୍ ଭୋସ୍‌ଲେ ପ୍ରମୁଖ ଉପସ୍ଥିତ ରହିଥିବାବେଳେ ବାଲିଗୁଡ଼ା ବନଖଣ୍ଡ ପକ୍ଷରୁ ସମସ୍ତ ଅୟୋଜନ କରାଯାଇଥିଲା। ଡିଏଫ୍‌ଓ ଘନଶ୍ୟାମ ମହାନ୍ତ, ରେଞ୍ଜର୍ ଡି. ସୁବାଷ, ଫରେଷ୍ଟର୍ ପପୁ ଦୋରାଙ୍କ ସମେତ କ.ନୂଆଗାଁ



ରେଞ୍ଜର୍ ରମାକାନ୍ତ କହଁର ଓ ସୁଶାନ୍ତ କୁମାର ବୈଶାଖୀ ପ୍ରମୁଖଙ୍କ ଉପସ୍ଥିତିରେ ସ୍ୱାଗତ କରାଯାଇଥିଲା। ପ୍ରଥମଥର ପାଇଁ କୋଟଗଡ଼ ଜଙ୍ଗଲରୁ ପୁରୀ ରଥଯାତ୍ରାକୁ ୨୩ ଖଣ୍ଡରୁ ଊର୍ଦ୍ଧ୍ୱ କାଠ ଯାଉଥିବାରୁ ବାଲିଗୁଡ଼ାର ଜଗନ୍ନାଥ ପ୍ରେମୀ ଆନନ୍ଦିତ ଥିବା ଦେଖିବାକୁ ମିଳିଥିଲା।

# ମଙ୍ଗଳପୁର ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା ସମ୍ବର୍ଦ୍ଧିତ

**ତିହିଡ଼ି,୨୫।୪/ଏନ୍‌ଏନ୍‌ଏସ୍:** ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ତିହିଡ଼ି ବ୍ଲକ୍ ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତର ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କାକୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସାଂସଦ ଅଭିମନ୍ୟୁ ସେଠୀ ଓ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଶ୍ରୀମତୀ ଲେଙ୍କାଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ସ୍ୱଚ୍ଛ ଭାରତ ମିଶନ ଅଧୀନରେ ଗ୍ରାମୀଣ ପରିମଳ ସେବା ଗୁଡ଼ିକୁ ସୁଦୃଢ଼ କରି ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ପଞ୍ଚାୟତ ଗଢ଼ି ଭଦ୍ରକ ଜିଲ୍ଲାକୁ ଅଧିକ ମହନୀୟ କରିବାରେ ତାଙ୍କର ବହୁମୂଲ୍ୟ ଅବଦାନ ପାଇଁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# ରଘୁନାଥ ମନ୍ଦିରରେ ସୀତାନବମୀ ପୂଜା

**ଆସିକା,୨୫।୪/ଏନ୍‌ଏନ୍‌ଏସ୍:** ଆସିକା ପୌରପରିଷଦ ଅଧୀନସ୍ଥ ୧ନଂ ୱାର୍ଡର ରଘୁନାଥ ନଗରସ୍ଥିତ ରଘୁନାଥ ମନ୍ଦିରରେ ବୈଶାଖ ଶୁକ୍ଳ ନବମୀ ତିଥୀରେ ସୀତାନବମୀ ପୂଜା ପାଳିତ ହୋଇଯାଇଛି। ମାତା ସୀତାଙ୍କ ଜନ୍ମତିଥି ତଥା ଆବିର୍ଭାବ ଦିବସ ଅବସରରେ ରଘୁନାଥ ମନ୍ଦିରରେ ଅନୁଷ୍ଠିତ ସୀତାନବମୀ ପାଳନ କାର୍ଯ୍ୟକ୍ରମରେ ଆଧ୍ୟାତ୍ମିକପ୍ରେମୀ ସୁନିଲ୍ କୁମାର ପାଣିଗ୍ରାହୀ ଓ ତାଙ୍କ ସହଧର୍ମିଣୀ ସୁଚିତ୍ରା ପାଣିଗ୍ରାହୀ ନିଷ୍ଠାର ସହ ହୋମଯଜ୍ଞ କାର୍ଯ୍ୟରେ ଉପସ୍ଥିତ ରହି ଦାୟିତ୍ୱ ନିର୍ବାହ କରିଥିଲେ। କାଳକଣ୍ଠପୁର ଗ୍ରାମର ବିଦ୍ୱାନ ପଣ୍ଡିତ ସୁନିଲ୍ କୁମାର ଦାଶଙ୍କ ମନ୍ତ୍ର ଉଚ୍ଚାରଣରେ ମନ୍ଦିର



ପରିବେଶ ପ୍ରକମ୍ପିତ ହୋଇଥିଲା। ଏଥିରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ଦଶରଥ ନନ୍ଦନ ରାମ ଓ ମାତା ସୀତାଙ୍କୁ ପୂଜାର୍ଚ୍ଚନା କରିବା ସାଙ୍ଗକୁ ପରିବାରର ସୁଖ, ସମୃଦ୍ଧି ଓ ଶାନ୍ତି ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ମାତା ସୀତାଙ୍କ ପବିତ୍ରତା ଗୁଣ, ତ୍ୟାଗମୟୀ ଜିବନୀ ଓ ଆଦର୍ଶ ଉପରେ ଆଲୋକପାତ କରାଯାଇଥିଲା। ସତ୍ୟ, ଧର୍ମ ଓ ସହିଷ୍ଣୁତା ପଥରେ ଅଗ୍ରସର ହେବା ପାଇଁ ଏହି ଆଧ୍ୟାତ୍ମିକ କାର୍ଯ୍ୟ ଶ୍ରଦ୍ଧାଳୁଙ୍କୁ ପ୍ରେରଣା ଯୋଗାଇବାରେ ବେଶ୍ ସହାୟକ ହୋଇପାରିଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଆଧ୍ୟାତ୍ମିକପ୍ରେମୀ ଗଣେଶ ମହାନ୍ତି, ନିଗମାନନ୍ଦ ମହାନ୍ତି, ଦେବେନ୍ଦ୍ର ମହାନ୍ତି, ଜଗା ମହାନ୍ତି, ଶିବଶଙ୍କର ମହାନ୍ତି, ମୁନା ପଣ୍ଡା, ସୁନିଲ୍ ପାଣିଗ୍ରାହୀ, ମୁନା ପ୍ରଧାନ, ଶୁକଦେବ ପ୍ରଧାନ, ଗୋପୀନାଥ ରାଉତ, କାଳୁଚରଣ ମହାନ୍ତି, ସନ୍ନ୍ୟାସୀ ନାହାକ ଓ ଦୁଃଖୀଶ୍ୟାମ ନାହାକଙ୍କ ସମେତ ଅଞ୍ଚଳବାସୀ ସହଯୋଗ କରିଥିଲେ।

# ଦିବ୍ୟ ଜୀବନ ସଂଘର ନୂତନ ପରିଚାଳନା କମିଟି ଗଠିତ

**ବୁଗୁଡ଼ା,୨୫।୪/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଶ୍ରୀ ସ୍ୱାମୀ ଶିବାନନ୍ଦ ସାଂସ୍କୃତିକ ଓ ଆଧ୍ୟାତ୍ମିକ କେନ୍ଦ୍ର ଦିବ୍ୟ ଜୀବନ ସଂଘର ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି। ଏଥିରେ ରଘୁନାଥ ସାହୁ ସଭାପତି, ଲଳିତ ମୋହନ ପଟ୍ଟନାୟକ ଓ ରୀନା ଚୌଧୁରୀ ଉପସଭାପତି, ସନ୍ତୋଷ କୁମାର ରାଉତ ସମ୍ପାଦକ, ପ୍ରସନ୍ନ କୁମାର ସ୍ୱାଇଁ ଓ ଗୀତା ସହସମ୍ପାଦକ, କିଶୋର କୁମାର ପଣ୍ଡା କୋଷାଧ୍ୟକ୍ଷ, ଭଗବାନ ସ୍ୱାଇଁ ଓ ସୁବାସ ଚନ୍ଦ୍ର ସ୍ୱାଇଁଙ୍କୁ ଉପକୋଷାଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ସେହିପରି ଉପଦେଷ୍ଟା ଭାବେ ପ୍ରଫୁଲ୍ଲ ଚନ୍ଦ୍ର ପାଢ଼ୀ ଓ ନାରାୟଣ ଗନ୍ତାୟତଙ୍କୁ ଚୟନ କରାଯାଇଛି। ଏହି କମିଟିରେ ଡ.ଅମ୍ବିକା ବିଷୋୟୀ, ଭବାନୀ ଶଙ୍କର ପ୍ରଧାନ, ରୁକ୍ମିଣୀ ରଞ୍ଜନ ପ୍ରଧାନ, ସାରଳା ସ୍ୱାଇଁ ଓ ରଶ୍ମିତା ଗୌଡ଼ ପ୍ରମୁଖ ସଦସ୍ୟ ଭାବେ ରହିଛନ୍ତି।

# ୫ ବର୍ଷ ହେଲା ଟ୍ରାନ୍ସଫର୍ମର୍ ଅଚଳ

ନୂତନ ଟ୍ରାନ୍ସଫର୍ମର୍ ବସାଇବାକୁ ଦାବି



**କନ୍ଧମାଳ,୨୫।୪/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ୍ ଗାର୍ଡ଼ିଙ୍ଗିଆ ପଞ୍ଚାୟତର ୧୦୦ରୁ ଊର୍ଦ୍ଧ୍ୱ ପରିବାରକୁ ବିଦ୍ୟୁତ୍ ସେବା ଯୋଗାଇବା ନିମନ୍ତେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ ହୋଇଥିଲା। କିନ୍ତୁ ତାହା ଦୀର୍ଘ ୫ ବର୍ଷ ହେଲା ଅଚଳ ଅବସ୍ଥାରେ ପଡ଼ି ରହିଛି। ଏନେଇ ଗ୍ରାମବାସୀ ବାରମ୍ବାର ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ ସୁଦ୍ଧା ଏହାର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି। ଅନ୍ୟ ଏକ ୧୦ କେଭିଏରୁ ୧୦୦ରୁ ଊର୍ଦ୍ଧ୍ୱ ପରିବାରକୁ ବିଦ୍ୟୁତ୍ ସେବା ଯୋଗାଇ ଦେଇଛନ୍ତି। ଫଳରେ ଲୋ ଭୋଲ୍ଟେଜ୍ ଯୋଗୁ ଠିକ୍ ଭାବେ ଲାଇଟ୍ ଜଳୁନି କି ଅନେକ ଲୋକଙ୍କର ଫ୍ୟାନ୍, ଟିଭି ଓ ପାଣି ମଟର୍ ଫ୍ୟୁଜ୍ ହୋଇଥିବା ପ୍ରକାଶ କରିଛନ୍ତି। ରାତିରେ ଠିକ୍ ଭାବେ ଲାଇଟ୍ ଜଳୁନଥିବା ହେତୁ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ବର୍ତ୍ତମାନ ଗ୍ରୀଷ୍ମପ୍ରବାହ କାରଣରୁ ଲୋକମାନେ ବିଦ୍ୟୁତ୍ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏସମ୍ପର୍କରେ ଖବରପାଇ ସ୍ୱେଚ୍ଛାସେବୀ ସଂଗଠନ ସ୍ୱାକ୍ ଦଳ ଏହି ଗ୍ରାମରେ ପହଞ୍ଚି ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ଗାଁ ଲୋକଙ୍କ କହିବାନୁସାରେ ଆମକୁ ୧୦ କେଭିଏ ଟ୍ରାନ୍ସଫର୍ମର୍‌ରୁ ଏହି ବିଦ୍ୟୁତ୍ ସେବା ଯୋଗାଉଥିବା ହେତୁ ଠିକ୍ ଭାବେ ଲାଇଟ୍ ଜଳୁନି କିମ୍ବା ଫ୍ୟାନ୍, ଟିଭି ଓ ପାଣି ମଟର୍ ଚାଲୁନାହିଁ। ସେଥିପାଇଁ ପୁନର୍ବାର ବିଭାଗୀୟ ଅଧିକାରୀଙ୍କ ନିକଟକୁ ଅଚଳ ଅବସ୍ଥାରେ ଥିବା ଟ୍ରାନ୍ସଫର୍ମର୍ ବଦଳରେ ନୂତନ ଟ୍ରାନ୍ସଫର୍ମର୍ ସ୍ଥାପନ ନିମନ୍ତେ ଏକ ଦାବିପତ୍ର ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗଙ୍କ ନିକଟକୁ ପତ୍ର ଲେଖିବା ସହିତ ମୁଖ୍ୟମନ୍ତ୍ରୀ, ଶକ୍ତିମନ୍ତ୍ରୀ, ଜିଲ୍ଲାପାଳ ଓ ଟିପିଏସ୍‌ଓଡିଏଲ୍‌କୁ ଏକକିତା ନକଲ ପ୍ରେରଣ କରିବା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହାସହ ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ନହେଲେ ରାଜରାସ୍ତାକୁ ଓହ୍ଲାଇବାକୁ କଡ଼ା ଚେତାବନୀ ଦିଆଯାଇଛି। ଏହି ବୈଠକରେ ୱାର୍ଡ ମେମ୍ବର୍ ମିନାକ୍ଷୀ ପ୍ରଧାନ, ରଞ୍ଜିତା ପ୍ରଧାନ, ବୈକୁଣ୍ଠ ପ୍ରଧାନ, ବିରଞ୍ଚି ପ୍ରଧାନ, ବେଦଲା ପ୍ରଧାନ, କଳ୍ପନା ପ୍ରଧାନ, ପ୍ରଦୀପ ପ୍ରଧାନ, ବନିତା ପ୍ରଧାନ, ସୁନୀତା କହଁର ଓ ମମତା ପ୍ରଧାନଙ୍କ ସହ ଅନ୍ୟମାନେ ସାମିଲ୍ ହୋଇଥିଲେ।

# ସରିଲା ଆସିକା ସମବାୟ ଚିନିଶିଳ୍ପ କର୍ମଚାରୀ ସଂଘ ନିର୍ବାଚନ

ଦିଲ୍ଲୀପ, ଦାମୋଦର ଓ କୈଳାଶ ବିଜୟୀ

**ଆସିକା,୨୫।୪/ଏନ୍‌ଏନ୍‌ଏସ୍:** ଆସିକା ସମବାୟ ଚିନିଶିଳ୍ପ କର୍ମଚାରୀ ସଂଘର ୩ଟି କାର୍ଯ୍ୟକାରୀ କମିଟି ସଦସ୍ୟ ପଦବୀ ଲାଗି ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ଶେଷ ହୋଇଛି। ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ ଭାବେ ସମ୍ପନ୍ନ କରିବା ଲାଗି ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଉକ୍ତ ନିର୍ବାଚନରେ କର୍ମଚାରୀ ସଂଘର ୧ ନମ୍ବର ଜୋନ୍‌ର ୩ଟି କାର୍ଯ୍ୟକାରୀ କମିଟିର ସଦସ୍ୟ ପଦବୀ ଲାଗି ପୂର୍ବାହ୍ନ ୮ଟାରୁ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ କୃଷକ ଭବନରେ ଭୋଟର୍‌ମାନେ ନିଜ ମତାଧିକାର ସାବ୍ୟସ୍ତ କରିଥିଲେ। ଅପରାହ୍ନରେ ଭୋଟ୍ ଗଣତି କରାଯାଇ ଫଳାଫଳ ଘୋଷଣା କରାଯାଇଥିଲା। ସମବାୟ ଚିନିଶିଳ୍ପ କର୍ମଚାରୀ ସଂଘର ନିର୍ବାଚନକୁ ସୁପରିଚାଳନା କରିବା ଲାଗି ଅନିଲ୍ କୁମାର ଦାଶ, ଜିତେନ୍ଦ୍ର କୁମାର ଜେନା ଓ ରାମପ୍ରସାଦ ଶତପଥୀଙ୍କୁ ନେଇ ଏକ ନିର୍ବାଚନ ପରିଚାଳନା କମିଟି ଗଠିତ ହୋଇଥିଲା। ଏଆଇଟିୟୁସି ସହବନ୍ଧିତ ସମବାୟ ଚିନିଶିଳ୍ପ କର୍ମଚାରୀ ସଂଘର ସ୍ଥାୟୀ ସଭାପତି ରୂପେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ବରିଷ୍ଠ ନେତା ରାମକୃଷ୍ଣ ପଣ୍ଡା ନିର୍ବାଚିତ ହୋଇଛନ୍ତି। ଆସିକା ସମବାୟ ଚିନିଶିଳ୍ପ ଲିମିଟେଡ୍‌ର କର୍ମଚାରୀ ସଂଘର କାର୍ଯ୍ୟକାରୀ କମିଟିର ସଦସ୍ୟ ରୂପେ ଦିଲ୍ଲୀପ କୁମାର ସ୍ୱାଇଁ, ଦାମୋଦର ସିୟ ଓ କୈଳାଶ ଚନ୍ଦ୍ର ଗୌଡ଼ ନିର୍ବାଚିତ ହୋଇଥିବା ଜଣାପଡ଼ିଛି। କାର୍ଯ୍ୟକାରୀ



କମିଟି ସଦସ୍ୟ ରୂପେ ପୂର୍ବରୁ ଅପ୍ରତିଦ୍ୱନ୍ଦୀ ଥିବା ବିଜୟ କୁମାର ନାହାକ, ସୁରଜ କୁମାର ଗୌଡ଼, ଏସ୍ ନାଗେଶ୍ୱର ରାଓ, ଅଶୋକ କୁମାର ପ୍ରଧାନ, କାଳୁଚରଣ ସ୍ୱାଇଁ, କୈଳାଶ ଚନ୍ଦ୍ର ପଟ୍ଟନାୟକ, ବାବୁଲା ପ୍ରଧାନ, ଭଗବାନ ବେହେରା, ବିଜୟ କୁମାର ମହାନ୍ତି, ମନୋଜ କୁମାର ନାହାକ ଓ ଚାପଧର ନାହାକଙ୍କ ନାମକୁ ନିର୍ବାଚିତ ଘୋଷଣା କରାଯାଇଥିଲା। ସଂଘର ସ୍ଥାୟୀ ସଭାପତି ଭାବେ ରାମକୃଷ୍ଣ ପଣ୍ଡା ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇବା ସହ ସଂଗଠନକୁ ଆହୁରି ସଦୃଢ଼ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ଉକ୍ତ ନିର୍ବାଚନରେ ସମୁଦାୟ ୪୦ ଜଣ ସଦସ୍ୟଙ୍କ ମଧ୍ୟରୁ ସମସ୍ତ ୪୦ ଜଣ ମତାଧିକାର ସାବ୍ୟସ୍ତ କରିଥିଲେ। କର୍ମଚାରୀ ସଂଘ ଆଇନ୍ ପରାମର୍ଶଦାତା ବିଦେଶୀ ନାହାକ, ସକ୍ରିୟ ସଦସ୍ୟ ଅନିଲ୍ କୁମାର ଦାଶ, ପ୍ରଶାନ୍ତ କୁମାର କର, ଅକ୍ଷୟ କୁମାର ସ୍ୱାଇଁ, ସୌମେନ୍ଦ୍ର କୁମାର ପଟ୍ଟନାୟକ, ସନ୍ତୋଷ କୁମାର ପଟ୍ଟନାୟକ, ଦିଲ୍ଲୀପ କୁମାର ଗୌଡ଼, କାଳୀଚରଣ ପାଢ଼ୀ, ଲକ୍ଷ୍ମୀଧର ସାବତ, ବାଇଧର ନାହାକ, ଚିରଞ୍ଜିବୀ ମହାନ୍ତି, ଲକ୍ଷ୍ମୀନାରାୟଣ ସାହୁ, ସନ୍ତୋଷ କୁମାର ବାଡ଼ତ୍ୟା, ସତ୍ୟବାନ୍ ଲେଙ୍କା, ଚନ୍ଦ୍ରଶେଖର ସ୍ୱାଇଁ, ପ୍ରଶାନ୍ତ ନାହାକ, ରାଜେଶ୍ କୁମାର ନାୟକ, ସୁଜିତ୍ କୁମାର ପୃଷ୍ଟି, ଏମ୍ ରାମକୃଷ୍ଣ ବୋରା, କୃଷ୍ଣଚନ୍ଦ୍ର ଲେଙ୍କା, ଅନ୍ତର୍ଯାମୀ ନାହାକ, ସହଦେବ ଗୌଡ଼, ଜଗନ୍ନାଥ ପଟ୍ଟନାୟକ, ରଷିନାଥ ଭଞ୍ଜ, କାଳୁଚରଣ ବିଶ୍ୱାଳ, ପ୍ରଶାନ୍ତ କୁମାର ବିଶ୍ୱାଳ ଓ କାଳୁ ପ୍ରଧାନଙ୍କ ସମେତ ବହୁ ସଦସ୍ୟ ନବନିର୍ବାଚିତ କାର୍ଯ୍ୟକାରୀ କମିଟି ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଥିଲେ। ଆସିକା ସମବାୟ ଚିନିଶିଳ୍ପ ଲିମିଟେଡ୍‌ର କର୍ମଚାରୀ ସଂଘର କାର୍ଯ୍ୟକାରୀ କମିଟି ସଦସ୍ୟ ରୂପେ ନିର୍ବାଚିତ ହୋଇଥିବା ୧୪ ଜଣ ନିର୍ଦ୍ଦେଶକଙ୍କ ମଧ୍ୟରୁ ଉପସଭାପତି, ସାଧାରଣ ସମ୍ପାଦକ ଓ କୋଷାଧକ୍ଷଙ୍କ ସମେତ ଅନ୍ୟାନ୍ୟ ପଦପଦବୀ ଲାଗି କର୍ମକର୍ତ୍ତା ଅତିଶୀଘ୍ର ଚୟନ ହେବେ ବୋଲି ଜଣାପଡ଼ିଛି। ଆସିକା ସମବାୟ ଚିନିଶିଳ୍ପ ଲିମିଟେଡ୍‌ର କର୍ମଚାରୀ ସଂଘର କାର୍ଯ୍ୟକାରୀ କମିଟି ସଦସ୍ୟରୂପେ ଦିଲ୍ଲୀପ କୁମାର ସ୍ୱାଇଁଙ୍କ ଅକଳ୍ପନୀୟ ବିଜୟକୁ ନେଇ ତାଙ୍କ ସମର୍ଥକଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି। ଶ୍ରୀ ସ୍ୱାଇଁ ତାଙ୍କ ସଫଳତାର ଶ୍ରେୟ ୧ ନମ୍ବର ଜୋନ୍‌ର ସମସ୍ତ ସଦସ୍ୟଙ୍କୁ ପ୍ରଦାନ କରିଛନ୍ତି।

**ପୁରୀ ରଥଯାତ୍ରା ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ**

# ରଥଯାତ୍ରାର ଯଥେଷ୍ଟ ସମୟ ପୂର୍ବରୁ ସମସ୍ତ ପ୍ରସ୍ତୁତି ସାରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୫।୪/ଏନ୍ଏନ୍ଏସ୍:** ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଶନିବାର ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଆଗାମୀ ଜୁଲାଇ ମାସରେ ହେବାକୁ ଥିବା ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା-୨୦୨୬ ପ୍ରସ୍ତୁତି ସଂପର୍କିତ ୪ର୍ଥ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ବୈଠକରେ ପୂର୍ବ ବୈଠକଗୁଡ଼ିକରେ ନିଆଯାଇଥିବା ନିଷ୍ପତ୍ତିର କେତେଦୂର କାର୍ଯ୍ୟକାରୀ ହୋଇଛି ସେ ସମ୍ପର୍କରେ ସମୀକ୍ଷା କରାଯିବା ସହ ଆଗାମୀ ପ୍ରସ୍ତୁତି ଓ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବୈଠକରେ ରଥଯାତ୍ରାର ଯଥେଷ୍ଟ ପୂର୍ବରୁ ସମସ୍ତ ପ୍ରକାର ପ୍ରସ୍ତୁତି ସାରିବାକୁ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ବିଭିନ୍ନ ବିଭାଗ ଓ ସଂସ୍ଥାମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ବୈଠକରେ ଗୃହ(ସ୍ୱରାଷ୍ଟ୍ର) ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ. ଅରବିନ୍ଦ କୁମାର ପାଢୀ, ଆଇନ୍ ବିଭାଗ ପ୍ରମୁଖ ଶାସନ ସଚିବ ଡଃ. ପବିତ୍ର ମୋହନ ସାମଲ, ଅତିରିକ୍ତ ଆରକ୍ଷୀ ନିର୍ଦ୍ଦେଶକ(ଆଧୁନିକୀକରଣ ) ସୌମେନ୍ଦ୍ର ପ୍ରିୟଦର୍ଶୀ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ପୁରୀ ଏସ୍‌ପି ପ୍ରତୀକ ସିଂ ଉପସ୍ଥିତ ଥିଲେ। ରଥ କର୍ଡନ ଭିତରକୁ ପାସ୍‌ଧାରୀଙ୍କ ପ୍ରବେଶ ଅଧିକ ରହୁଥିବାରୁ ରଥ ଟଣାରେ ଅସୁବିଧା ଉପୁଜୁଛି। ଏଥିପାଇଁ ଏଥର କର୍ଡନ ପାସ୍ ସଂଖ୍ୟା ବହୁ ସଂଖ୍ୟାରେ କମାଇବା ପାଇଁ ଆଲୋଚନା କରାଯାଇଥିଲା। ବୈଠକରେ ରଥ ନିର୍ମାଣ ଓ ଆନୁଷଙ୍ଗିକ ପ୍ରସ୍ତୁତି ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ପାଢୀ ସୂଚନା ଦେଇଥିଲେ। ରଥ ନିର୍ମାଣ ଅଗ୍ରଗତି ତଦାରଖ କରିବା ପାଇଁ ଏକ ବୈଷୟିକ କମିଟି ରହିଛି। ନିୟମିତ ଅନୁଧ୍ୟାନ କରାଯିବା ନେଇ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଥିଲେ ।

ଓବିସିସି ପକ୍ଷରୁ ନିର୍ମାଣାଧିନ ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର, ଆଚାର୍ଯ୍ୟ ହରିହର ଛକର ପୁନଃ ବିକାଶ , ଦିଗବାରେଣୀ ଠାରେ ବହୁତଳ ପାର୍କିଂ ବ୍ୟବସ୍ଥା, ଯାତ୍ରିକା ପାର୍କିଂ-୧ର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଛି। ସେହିପରି ଶ୍ରୀଗୁଣ୍ଡିଚା ମନ୍ଦିରର ପୁନରୁଦ୍ଧାର ଓ ନବୀକରଣ କାର୍ଯ୍ୟ ରଥଯାତ୍ରା ପୂର୍ବରୁ ସରିବା ନେଇ ପ୍ରସ୍ତୁତି ଅଗ୍ରଗତି ଘଟିଛି। ସେ ସଂପର୍କରେ ଜିଲ୍ଲାପାଳ ବିସ୍ତୃତ ସୂଚନା ଦେଇଥିଲେ। ରଥଯାତ୍ରା ପୂର୍ବରୁ ବଡ଼ଦାଣ୍ଡରେ ୫୦ଟି ହାଇମାଷ୍ଟ ଲାଇଟ୍ ଲାଗିବ। ପୁରୀ ସମୁଦ୍ରକୂଳରେ ୬ ଟି ବାୟୋ-ଶୌଚାଳୟ ବ୍ଲକ ସ୍ଥାପନ ହେବ, ଯେଉଁଥିରେ ୧୮ ଟି ଏକକ ଶୌଚାଳୟ ସୁବିଧା ମିଳିବ। ଏଥି ସହିତ ପୁଲିସ୍ ଶିବିର ସ୍ଥଳ, ପାର୍କିଂ ଅଂଚଳ ଏବଂ ଜନସାଧାରଣଙ୍କ ପାଇଁ ମୋଟ ୧୬୦୦ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା କରାଯାଉଥିବା ନେଇ ସୂଚନା ଦିଆଯାଇଥିଲା। ଯାତ୍ରୀ ମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ରେଳ ବିଭାଗ ପକ୍ଷରୁ ୮ ଟି ଅଧିକ ରେଳ ଟିକେଟ୍ କାଉଁଟର କରାଯିବା ନେଇ ସୂଚନା ଦିଆଯାଇଛି। ବଡ ଦାଣ୍ଡ କଡ଼ରେ ରଥଯାତ୍ରା ସମୟରେ ବିଭିନ୍ନ ସଂସ୍ଥା ପକ୍ଷରୁ ମାଗଣା ରନ୍ଧା ଖାଦ୍ୟ ବଣ୍ଟନ କରାଯାଉଥିବା ଫଳରେ ରଥ ଟଣା ସମୟରେ ଅସୁବିଧା ସୃଷ୍ଟି ହେଉଛି ।

**ଦେବଗଡ଼ରେ ୨୮୦ କୋଟିର ୧୨୪ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ**

# ନାରୀ ଶକ୍ତିର ବିକାଶ ପଥରେ ବିରୋଧୀ ବାଧକ: ଧର୍ମେନ୍ଦ୍ର

**ଦେବଗଡ଼,୨୫।୪/ଏନ୍ଏନ୍ଏସ୍:** 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ ନେଇ ସମଗ୍ର ଭାରତବର୍ଷର ମାତୃଶକ୍ତିମାନେ ସମର୍ଥନ ଦେଉଥିବା ବେଳେ ବିରୋଧୀମାନେ ମହିଳାମାନଙ୍କ ପାଇଁ ଆସନ ବୃଦ୍ଧି ହେଉ ବୋଲି ଚାହୁଁନାହାନ୍ତି। ବିରୋଧୀମାନଙ୍କର ଏଭଳି ମନୋଭାବ ନାରୀ ଶକ୍ତିର ବିକାଶ ପଥରେ ବାଧା ସୃଷ୍ଟି କରୁଛି ବୋଲି ଆଜି ଦେବଗଡ଼ରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଶ୍ରୀ ପ୍ରଧାନ ଆଜି ଏହି ଜିଲ୍ଲା ଗସ୍ତ କରି ପ୍ରାୟ ୨୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ୧୨୪ଟି ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି । ଏହା ସହିତ ସେ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନାର ସୁବିଧା ହସ୍ତାନ୍ତରଣ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଣୀତ ଐତିହାସିକ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ମହିଳା ସଂରକ୍ଷଣ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହାଦ୍ୱାରା ଲୋକସଭା ଓ ବିଧାନସଭାରେ ମାଆମାନଙ୍କ ପାଇଁ ସିଟ୍ ସଂଖ୍ୟା ବୃଦ୍ଧି ପାଇବ, ଯାହା ଓଡ଼ିଶାରେ ଅଧିକରୁ ଅଧିକ ମହିଳା ଜନପ୍ରତିନିଧି ସୃଷ୍ଟି କରିବା ସହ ସେମାନଙ୍କୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସଶକ୍ତ କରିବ। ଏହି ଯୋଜନାକୁ ଲାଗୁ କରିବା ପାଇଁ ମା' ଓ ଭଉଣୀମାନଙ୍କ ମଧ୍ୟରେ ଥିବା ଉତ୍ସାହ ପ୍ରଶଂସନୀୟ। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଅନେକ ବିରୋଧୀ ଓ ଓଡ଼ିଶାର ବିରୋଧୀ ଦଳ ନେତା ନବୀନ ବାବୁ ମହିଳାମାନଙ୍କ ପାଇଁ ସିଟ୍ ସଂଖ୍ୟା ବୃଦ୍ଧି ହେଉ ବୋଲି ଚାହୁଁନାହାନ୍ତି। ମୋଦୀ ଜୀ ମହିଳାଙ୍କ ସିଟ୍ ବଢ଼ାଇବାକୁ ପଣ କରିଥିବା ବେଳେ ଏଥିରେ ଦେବଗଡ଼ବାସୀଙ୍କ ପୂର୍ଣ୍ଣ ସମର୍ଥନ ରହିଛି ବୋଲି ସେ କହିଛନ୍ତି।





ପ୍ରକଳ୍ପ ବିଷୟରେ ସୂଚନା ଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଆଜି ୧୩୦.୭୯ କୋଟି ଟଙ୍କା ମୂଲ୍ୟର ୬୩ଟି ପ୍ରକଳ୍ପ ଲୋକାର୍ପଣ ହୋଇଥିବା ବେଳେ ୧୪୭.୭୦ କୋଟି ଟଙ୍କା ମୂଲ୍ୟର ୬୧ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଛି। ପ୍ରାୟ ୩୧.୪୦ କୋଟି ଟଙ୍କା ବ୍ୟୟରେ ନିର୍ମିତ କେନ୍ଦ୍ରୀୟ ବିଦ୍ୟାଳୟ, ଦେବଗଡ଼ର ସ୍ଥାୟୀ ଭବନ ଆଜି ଜିଲ୍ଲାବାସୀଙ୍କୁ ସମର୍ପିତ କରାଯାଇଛି। ଜାନୁଆରୀ ୧୩, ୨୦୨୪ରେ ଏହାର ଭୂମିପୂଜନ ହୋଇଥିବା ବେଳେ ମାତ୍ର ଦୁଇ ବର୍ଷ ମଧ୍ୟରେ ଏହି ଭବ୍ୟ ଭବନ ସ୍ଥାପିତ ହେବା ଏକ ବଡ଼ ଉପଲବ୍ଧି। ୯.୨୨ ଏକର ପରିମିତ ଜମିରେ ନିର୍ମିତ ଏହି ବିଦ୍ୟାଳୟରେ ୪୫ଟି କୋଠରୀ ରହିଛି, ଯେଉଁଥିରେ ୨୪ଟି ସ୍ମାର୍ଟ କ୍ଲାସରୁମ୍, ୩ଟି ଅତ୍ୟାଧୁନିକ ବିଜ୍ଞାନାଗାର ଏବଂ ୨ଟି କମ୍ପ୍ୟୁଟର ଲ୍ୟାବ୍ ରହିଛି। ଏହି ବିଦ୍ୟାଳୟ ଦ୍ୱାରା ପ୍ରାୟ ୧୦୦୦ରୁ ଅଧିକ ଛାତ୍ରଛାତ୍ରୀ ଉଚ୍ଚକୋଟୀର ଗୁଣାତ୍ମକ ଶିକ୍ଷା ପାଇପାରିବେ। ଚଳିତ ଶିକ୍ଷା ବର୍ଷରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ 'ଡବଲ ସେକ୍ସନ' ଆରମ୍ଭ ହେବାକୁ ଯାଉଛି ଏବଂ ଆଗାମୀ ଦିନରେ ଏହା ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାର ଯୋଜନା ରହିଛି। ଏଥିସହ ଦେବଗଡ଼ ମହାବିଦ୍ୟାଳୟ ପରିସରରେ 'ସମ୍ମିଶ୍ରିତ ସହରାଞ୍ଚଳ ଛାତ୍ରାବାସ'ର ଉଦ୍‌ଘାଟନ ହୋଇଛି।

**୧୩୦.୭୯ କୋଟି ମୂଲ୍ୟର ୬୩ ପ୍ରକଳ୍ପ ଲୋକାର୍ପଣ**

**୧୪୭.୭୦ କୋଟିର ୬୧ ପ୍ରକଳ୍ପର ଶିଳାନ୍ୟାସ**

ଏହାଦ୍ୱାରା ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗର ଛାତ୍ରମାନେ ବିଶେଷ ଭାବରେ ଉପକୃତ ହେବେ। ଏହି ପ୍ରକଳ୍ପଗୁଡ଼ିକ ଆଗାମୀ ଦିନରେ ଦେବଗଡ଼ର ସାମାଜିକ ଓ ଅର୍ଥନୈତିକ ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଲୋକଙ୍କ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧ ପରିକର। ଦେବଗଡ଼ ଜିଲ୍ଲାର ପ୍ରଗତି ଓ ନାଗରିକମାନଙ୍କ କଲ୍ୟାଣ ପାଇଁ ସାମୂହିକ ପ୍ରୟାସ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପଞ୍ଚାୟତିରାଜ, ଗ୍ରାମୀଣ ଉନ୍ନୟନ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ସ୍ଥାନୀୟ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

**ଲୋକଙ୍କ ଅଭିଯୋଗପତ୍ର ଗ୍ରହଣ କଲେ ମୁଖ୍ୟମନ୍ତ୍ରୀ**

# 'ଆମ ସରକାରରେ ଜନସାଧାରଣଙ୍କ ସ୍ୱର ହିଁ ସର୍ବୋପରି'



**ଭୁବନେଶ୍ୱର,୨୫।୪/ଏନ୍ଏନ୍ଏସ୍:** ବଲାଙ୍ଗିର ସର୍କିଟ ହାଉସ୍ ପରିସରରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଞ୍ଚଳବାସୀଙ୍କୁ ଭେଟି ସେମାନଙ୍କ ସୁଖ-ଦୁଃଖ ଓ ସମସ୍ୟା ସମ୍ପର୍କରେ ପ୍ରତ୍ୟକ୍ଷ ଆଲୋଚନା କରିବା ସହ ଅଭିଯୋଗ ପତ୍ର ଗ୍ରହଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ଶାସନ ବ୍ୟବସ୍ଥାରେ ତଥା ଆମ ସରକାରରେ ଜନସାଧାରଣଙ୍କ ସ୍ୱର ହିଁ ସର୍ବୋପରି। ପ୍ରତିଟି ଅଭିଯୋଗର ଉଚିତ୍ ଅନୁଧ୍ୟାନ କରି ତୁରନ୍ତ ସମାଧାନ କରିବା ପାଇଁ ମୁଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛି। ଲୋକଙ୍କ ଆସ୍ଥା ଓ ଅକୁଣ୍ଠ ଭଲପାଇବା ହିଁ ଆମକୁ ଜନହିତକର କାର୍ଯ୍ୟ କରିବା ପାଇଁ ଅସୀମ ପ୍ରେରଣା ଓ ଶକ୍ତି ଯୋଗାଉଛି। ପ୍ରଶାସନକୁ ଅଧିକ ସ୍ୱଚ୍ଛ, ଉତ୍ତରଦାୟୀ ଏବଂ ଲୋକାଭିମୁଖୀ କରିବା ସହିତ ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ପାଖରେ ସରକାରୀ ସେବା ପହଞ୍ଚାଇବା ଆମ ସରକାରଙ୍କ ମୂଳ ଲକ୍ଷ୍ୟ। ସମସ୍ତଙ୍କ ସହଯୋଗ ଓ ଆଶୀର୍ବାଦରେ ଆମେ ଏକ ସଶକ୍ତ, ସ୍ୱାଭିମାନୀ ଓ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଦୃଢ଼ ସଂକଳ୍ପର ସହ ଆଗେଇ ଚାଲିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



# ବିଜେଡି ଛାଡ଼ିଲେ ମଞ୍ଜୁଲତା, ମୁକ୍ତିକାନ୍ତ

**ଭୁବନେଶ୍ୱର,ଭଦ୍ରକ,୨୫।୪/ଏନ୍ଏନ୍ଏସ୍:** ବିଜେଡିରୁ ଇସ୍ତଫା ଦେଲେ ପୂର୍ବତନ ସାଂସଦ, ପୂର୍ବତନ ବିଧାୟକଙ୍କ ସହିତ ଶତାଧିକ ଛାମୁଆ କର୍ମକର୍ତ୍ତା। ଭଦ୍ରକ ଠାରେ ଭଦ୍ରକ ଲୋକସଭା କ୍ଷେତ୍ରର ବିଜେଡି ନେତା ଓ କର୍ମୀମାନଙ୍କ ସମୂହ ଇସ୍ତଫା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶନିବାର ଦଳରୁ ଇସ୍ତଫା ଦେଇଛନ୍ତି ଭଦ୍ରକର ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସିମୁଳିଆ ନିର୍ବାଚନ ମଣ୍ଡଳୀର ବିଜେଡିର ପ୍ରାର୍ଥିନୀ ସୁବାସିନୀ ସାହୁ, ଶଶୀ ସାହୁ, ପୂର୍ବତନ ଭଦ୍ରକ ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଚିନ୍ତାମଣି ଦାସ, ପୂର୍ବତନ କାଉନସିଲର ପ୍ରଣୟ ଦାସଙ୍କ ସହିତ ଶତାଧିକ ଛାମୁଆ କର୍ମକର୍ତ୍ତା। ସମସ୍ତେ ନିଜର ଇସ୍ତଫା ପତ୍ରକୁ ଦଳର ସୁପ୍ରିମୋ ନବୀନ ପଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି। ସେମାନେ କହିଛନ୍ତି, ବିଜେଡିର କୁଚକ୍ରୀମାନଙ୍କ ଯୋଗୁଁ ଅନ୍ୟାୟ, ଅନୀତି ବଢ଼ିଛି। ସେଥିପାଇଁ ଭଦ୍ରକ ସଂସଦୀୟ କ୍ଷେତ୍ରରେ ଦଳ ଦିନକୁ ଦିନ ସମ୍ପୂର୍ଣ୍ଣ ଦୁର୍ବଳ ହେଉଛି। ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ କହିଛନ୍ତି, ଆମେ ସାମୂହିକ ଭାବେ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛୁ । ଆମ ପ୍ରତି ଲୋକଙ୍କ ଭଲ ପାଇବା ଦେଖି କୁଚକ୍ରୀ ଆମ ପଛରେ ପଡ଼ି ଆମକୁ ନିଲମ୍ବନ କରାଇଛନ୍ତି। ଫଳରେ ଆମେ ଦଳ ଛାଡ଼ିବାକୁ ବାଧ୍ୟ ହୋଇଛୁ। ତେବେ ଏହି ସାମୂହିକ ଇସ୍ତଫା କାର୍ଯ୍ୟକ୍ରମରେ ଭଦ୍ରକ, ବାସୁଦେବପୁର, ଧାମନଗର, ତିହିଡ଼ି ଏବଂ ସିମୁଳିଆ ନିର୍ବାଚନ ମଣ୍ଡଳୀରୁ ଅନେକ ସରପଞ୍ଚ, ପୂର୍ବତନ ସରପଞ୍ଚ, ସମିତିସଭ୍ୟ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟମାନେ ଯୋଗ ଦେଇ ନିଜର ଏହି ନେତାମାନଙ୍କୁ ସମର୍ଥନ ଜଣାଇଛନ୍ତି।



**ଝାରସୁଗୁଡ଼ା ବ୍ଲକର ଉନ୍ନୟନ ପ୍ରକଳ୍ପର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ**

# ସଠିକ ସମୟରେ ସରକାରୀ ସୁବିଧା ପହଞ୍ଚାଇବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ



**ଭୁବନେଶ୍ୱର,୨୫।୪/ଏନ୍ଏନ୍ଏସ୍:** ଲୋକଙ୍କ ସରକାରରେ ସମସ୍ତ ଜନମଙ୍ଗଳକାରୀ ଉନ୍ନୟନ ପ୍ରକଳ୍ପଗୁଡ଼ିକ ଯେପରି ଲୋକଙ୍କ ନିକଟରେ ସଠିକ ସମୟରେ ପହଞ୍ଚିପାରିବ ତାହା ଆମର ଲକ୍ଷ୍ୟ। ତୃଣମୂଳ ସ୍ତରରେ ଧାଡ଼ିର ଶେଷରେ ଛିଡା ହୋଇଥିବା ଲୋକ ଯେପରି ସରକାରୀ ପ୍ରକଳ୍ପର ସୁବିଧା ପାଇପାରିବ ତାହାକୁ ସୁନିଶ୍ଚିତ କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମତପ୍ରକାଶ କରିଛନ୍ତି ।ଝାରସୁଗୁଡ଼ା ବ୍ଲକର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ସମ୍ବନ୍ଧରେ ସବିସ୍ତୃତ ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ ଏହା କହିଛନ୍ତି। ଏହି ଅବସରରେ ଝାରସୁଗୁଡ଼ା ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପକୁ ମେ' ମାସ ୩୧ ତାରିଖ ସୁଦ୍ଧା ସମାପ୍ତ କରିବା ସହ ଆରମ୍ଭ ହୋଇ ନଥିବା ପ୍ରକଳ୍ପକୁ ମେ' ମାସ ୭ ତାରିଖ ସୁଦ୍ଧା ଆରମ୍ଭ କରିବା ପାଇଁ ମନ୍ତ୍ରୀ ଶ୍ରୀ ପୂଜାରୀ ଝାରସୁଗୁଡ଼ା ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

**ସଠିକ ସମୟରେ ପ୍ରକଳ୍ପଗୁଡ଼ିକୁ ସାରିବାକୁ ବିଡ଼ିଓଙ୍କୁ ନିର୍ଦ୍ଦେଶ**

ସମସ୍ତ ପ୍ରକଳ୍ପଗୁଡ଼ିକର ଗୁଣବତ୍ତାକୁ ସୁନିଶ୍ଚିତ କରିବା ସହ ମାନଦଣ୍ଡକୁ ଯାଞ୍ଚ କରିବା ଏବଂ ପ୍ରକଳ୍ପଗୁଡ଼ିକୁ ଯେପରି ଧାର୍ଯ୍ୟ ସମୟସୀମା ମଧ୍ୟରେ ସମାପ୍ତ କରାଯାଇପାରିବ, ତାହା ଉପରେ ରାଜସ୍ୱ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଝାରସୁଗୁଡ଼ା ବ୍ଲକରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ, ବିକଶିତ ଗାଁ ବିକଶିତ ଓଡ଼ିଶା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା, କର୍ପୋରେଟ ସାମାଜିକ ଉତ୍ତରଦାୟିତ୍ୱ (ଏନଟିପିସି ଓ ଏମ୍‌ସିଏଲ୍), ବିଧାୟକ ସ୍ଥାନୀୟ କ୍ଷେତ୍ର ବିକାଶ, ସାଂସଦ ସ୍ଥାନୀୟ କ୍ଷେତ୍ର ବିକାଶ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରାଯାଇଥିଲା। ସମୁଦାୟ ୧୭୧ଟି ଉନ୍ନୟନ ମୂଳକ ପ୍ରକଳ୍ପ ମଧ୍ୟରୁ ୮୮ଟି ପ୍ରକଳ୍ପର କାର୍ଯ୍ୟ ସମାପ୍ତ ହେବା ସହ ୧୮ଟି ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି ବୋଲି ଝାରସୁଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂଚନା ପ୍ରଦାନ କରିଥିଲେ। ଯେଉଁ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ସରିଯାଇଛି ତାହାର ଗୁଣବତ୍ତା ଯାଞ୍ଚ କରିବା ସହ ଯେଉଁଗୁଡ଼ିକର କାର୍ଯ୍ୟ ଜାରି ରହିଛି, ତାହାକୁ ତ୍ୱରାନ୍ୱିତ କରିବା ପାଇଁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ବିଭିନ୍ନ କାରଣରୁ କାମରେ ଅବହେଳା କରି ଠିକ ସମୟରେ କାମ ସାରୁ ନଥିବା ଠିକାଦାରମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଆବଶ୍ୟକ ସ୍ଥଳେ କାର୍ଯ୍ୟାଦେଶକୁ ରଦ୍ଦ କରିବା ପାଇଁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ରାଜ୍ୟରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ଗୁଣବତ୍ତା ଯାଞ୍ଚ କରିବା ସହ ଝାରସୁଗୁଡ଼ା ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମରେ ଯେପରି ପାନୀୟ ଜଳ ସୁବିଧା ପହଞ୍ଚିପାରିବ ତାହାକୁ ସୁନିଶ୍ଚିତ କରିବା ପାଇଁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଲୋଇସିଙ୍ଗା ପଞ୍ଚାୟତ ଅନ୍ତର୍ଗତ ଚାରବାଟୀ ଗ୍ରାମରେ ଏକ ସ୍ୱତନ୍ତ୍ର ଜଳ ଟ୍ୟାଙ୍କର ନିର୍ମାଣ କରିବା ପାଇଁ ମଧ୍ୟ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ରାଜସ୍ୱ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ କୁମାର ସାହୁ, ଝାରସୁଗୁଡ଼ା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନିଲ କୁମାର ଆଚାର୍ଯ୍ୟ, ସହାୟକ କାର୍ଯ୍ୟକାରୀ ଯନ୍ତ୍ରୀ ମଧୁମିତା ମିଶ୍ର, ସହକାରୀ ଯନ୍ତ୍ରୀ ରଶ୍ମିତା ମହାରଣା, କନିଷ୍ଠ ଯନ୍ତ୍ରୀ କମଳ ପ୍ରସାଦ ରାଥୋଡ଼, ରୋଜି ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱତନ୍ତ୍ର ଅଧିବେଶନ ପୂର୍ବରୁ ଆରୋପ ପ୍ରତ୍ୟାରୋପ

ସଂସଦରେ ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ପରେ ଦେଖିବାକୁ ମିଳୁଛି ଆରୋପ ପ୍ରତ୍ୟାରୋପର ପର୍ବ। ପ୍ରସଙ୍ଗରେ ମାଇଲେଜ ନେବା ପାଇଁ ଶାସକ ଓ ବିରୋଧୀଙ୍କ ମଧ୍ୟରେ କାଦୁଅ ଫୋପଡ଼ା ଚାଲିଛି। ଏହାରି ଭିତରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି ଓଡ଼ିଶା ସରକାର। ଆସନ୍ତା ୩୦ ତାରିଖରେ ଦିନକ ପାଇଁ ବସିବ ବିଧାନସଭା। ଭାରତୀୟ ଗଣତନ୍ତ୍ରରେ ମହିଳାଙ୍କ ଯୋଗଦାନ ନେଇ ଦିନ ତମାମ ଏଥିରେ ହେବ ଆଲୋଚନା। ତେବେ ମହିଳା ସଂରକ୍ଷଣକୁ ନେଇ ସରକାରଙ୍କ ଆଭିମୁଖ୍ୟକୁ ବିରୋଧୀ କଟାକ୍ଷ କରିଥିବାବେଳେ ଜବାବ ରଖିଛି ଶାସକ ଦଳ।

## 'ସ୍ୱତନ୍ତ୍ର ଅଧିବେଶନ ଡାକି ଡ୍ରାମା କରୁଛି ବିଜେପି'

**୩୦ରେ ତାଙ୍କ ସହ ଦେଖାଦେଖି ହେବ**



**ଭୁବନେଶ୍ୱର,୨୫।୪/ଏନ୍ଏନ୍ଏସ୍:** ବରିଷ୍ଠ ବିଜେଡି ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି ଯେ କୌଣସି କାରଣ ନଥାଇ ଅବେଳରେ କେନ୍ଦ୍ର ସରକାର ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିଥିଲେ। ପାର୍ଲିଆମେଣ୍ଟର ସିଟ୍ ବଢ଼େଇବୁ ଓ ମହିଳା ସଂରକ୍ଷଣକୁ ଏହା ସହିତ ଯୋଡ଼ି ଦେଲେ। ସିଟ୍ ବଢ଼ିଲେ ମଧ୍ୟ ଓଡ଼ିଶା କ୍ଷତିଗ୍ରସ୍ତ ହେବ ବୋଲି ବିଜେଡି ସଭାପତି ନବୀନ ପଟ୍ଟନାୟକ ସୂଚନା ପାଇଲେ। ଏହାକୁ ନେଇ ତର୍କ ହେବାରୁ ଏଥିପାଇଁ ଏହା ପୂର୍ବରୁ ୪୮ ଘଣ୍ଟା ଭିତରେ ବିଧାନସଭା ଡାକିବାକୁ ନବୀନ ପଟ୍ଟନାୟକ ଦାବି କରିଥିଲେ। ସେତେବେଳେ ଏକଥା ମୋହନ ସରକାର ଶୁଣିଲେ ନାହିଁ। ଏବେ ଅବେଳରେ କାହିଁକି ଅଧିବେଶନ ଡାକିଲେ ତାହାର ଉତ୍ତର ମିଳି ନାହିଁ । ସଂଖ୍ୟା ନଥିବାରୁ ପାରିତ ହୋଇପାରିବ ନାହିଁ ଜାଣି ମଧ୍ୟ ବିରୋଧୀଙ୍କ ସହ ଆଲୋଚନା ନକରି ବିଲ୍ ଆଣିଲେ। ବିଲ୍ ଆସିବା ପୂର୍ବରୁ ସାଂସଦମାନେ ଜାଣିବା ପୂର୍ବରୁ ବିଜେପି ଏହାକୁ ନେଇ ଅନେକ ପ୍ରଚାର କଲା। କିନ୍ତୁ ସବୁଠି ପରାଜୟ ହେବା ପରେ ଏବେ ରାଜରାସ୍ତାରେ ଭାଷଣ ଦେଉଛନ୍ତି। ଆଉ ଏଠି ମୋହନ ସରକାର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ଡ୍ରାମା କରୁଛନ୍ତି। ଏବେ ବିଧାନସଭା କାହିଁକି ଡାକିଲେ ତାହା ମଧ୍ୟ ଜଣାଇ ନାହାନ୍ତି। ଏହାକୁ ନେଇ ରାଜନୀତି କରି ସେମାନେ ଏକା କାନ୍ଦିଲା ପରି ବାହାନା କରୁଛନ୍ତି। ୩୦ ତାରିଖରେ ତାଙ୍କ ସହ ଦେଖା ଦେଖି ହେବ ବୋଲି ଶ୍ରୀ ସାହୁ କହିଛନ୍ତି।

## 'ବିଜେଡି ମହିଳାଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିଲା'

**୩୩% ସଂରକ୍ଷଣ ବିଷୟରେ ଆଲୋଚନା ପାଇଁ ସ୍ୱତନ୍ତ୍ର ଅଧିବେଶନ**



**ଭୁବନେଶ୍ୱର,୨୫।୪/ଏନ୍ଏନ୍ଏସ୍:** ବିଧାନସଭାର ସ୍ୱତନ୍ତ୍ର ଅଧିବେଶନକୁ ନେଇ ଅରୁଣ ସାହୁଙ୍କ କଟାକ୍ଷର ଜବାବ ଦେଇଛନ୍ତି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ସେ କହିଛନ୍ତି,'ସଂସଦ ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣକୁ ବିରୋଧୀ ବିରୋଧ କଲେ। ଏହି ବିଷୟରେ ଆଲୋଚନା ପାଇଁ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି। ମହିଳାଙ୍କୁ ଯେଉଁ ଦେଶ ଓ ରାଜ୍ୟ ଅଗ୍ରାଧିକାର ଦେଉଛି, ସେ ଦେଶ ଓ ରାଜ୍ୟ ସେତେ ଆଗୁଆ । କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ପଦକ୍ଷେପକୁ ଯେଉଁଭଳି ଭାବେ ବିରୋଧୀମାନେ ବିରୋଧ କଲେ, ତାହା ନିନ୍ଦନୀୟ କଥା। ବିଜେଡି ସରକାର ସମୟରେ ମହିଳାଙ୍କ ପାଇଁ ସେମାନେ କୁମ୍ଭୀର କାନ୍ଦଣା କାନ୍ଦୁଥିଲା। ଗାଁ'କୁ କାମ ମା'କୁ ସମ୍ମାନ କହୁଥିଲେ କିନ୍ତୁ ମହିଳାମାନଙ୍କୁ କେବଳ ନିର୍ଯାତନା ଦିଆଯାଉଥିଲା। ଯେଉଁ କଥା ସେମାନେ କରିପାରିନଥିଲେ ତାହା ବିଜେପି କରୁଥିବାରୁ ସେମାନେ ସହି ପାରୁ ନାହାନ୍ତି। ଆଜି ସାରା ଭାରତରେ ମହିଳାମାନେ ଇଣ୍ଡିମେଣ୍ଟକୁ ବିରୋଧ କରୁଛନ୍ତି। ଆଗାମୀ ଦିନରେ ଏହି ଆକ୍ରୋଶ ଆହୁରି ତୀବ୍ର ହେବ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି।

# ଏଣିକି ସରକାରୀ କର୍ମଚାରୀଙ୍କ କାମର ହେବ ହିସାବ-ନିକାଶ

**ଭୁବନେଶ୍ୱର,୨୫।୪/ଏନ୍ଏନ୍ଏସ୍:** ରାଜ୍ୟରେ ଥିବା ବିଭିନ୍ନ ବିଭାଗର ସରକାରୀ କର୍ମଚାରୀ ଓ ଅଧିକାରୀ କେତେ କାମ କରୁଛନ୍ତି, ତାହାର କଡ଼ା ଗଣ୍ଡା ହିସାବ ନିକାଶ ହେବ। ବିଭାଗୀୟ କର୍ମଚାରୀଙ୍କ କାମ ବାବଦରେ ରିପୋର୍ଟ ଦେବା ପୂର୍ବରୁ ନିଜେ କର୍ମଚାରୀ ସ୍ୱ-କାର୍ଯ୍ୟଦକ୍ଷତା ରିପୋର୍ଟ ବା ସେଲ୍ଫ ଆପ୍ରେଜାଲ୍ ରିପୋର୍ଟ ଦାଖଲ କରିବେ। ମେ' ୩୧ ତାରିଖ ସୁଦ୍ଧା ସରକାରୀ କର୍ମଚାରୀମାନଙ୍କୁ ଅନଲାଇନ୍‌ରେ ସେଲ୍ଫ ଆପ୍ରେଜାଲ୍ ରିପୋର୍ଟ ଦାଖଲ କରିବାକୁ ପଡ଼ିବ। ସେହିପରି ଜୁଲାଇ ୩୧ ତାରିଖ ସୁଦ୍ଧା କର୍ମଚାରୀ ଦେଇଥିବା ସ୍ୱ-କାର୍ଯ୍ୟଦକ୍ଷତା ରିପୋର୍ଟ ଉପରେ ମନ୍ତବ୍ୟ ଦେବେ ତାଙ୍କର ରିପୋର୍ଟିଂ ଅଥରିଟି। କର୍ମଚାରୀ ଠିକ୍ ଲେଖିଛନ୍ତି କି ନାହିଁ, ସେ ନେଇ ଅନଲାଇନ୍‌ରେ ମତ ରଖିବେ। ଅନୁରୂପ ଭାବେ ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ମନ୍ତବ୍ୟ ଦେବେ ସମୀକ୍ଷା କରୁଥିବା ଅଧିକାରୀ ବା ସମୀକ୍ଷକ। ଡିସେମ୍ବର ୩୧ ତାରିଖ ସୁଦ୍ଧା ଚୂଡ଼ାନ୍ତ ଅଧିକାରୀ ବା ସେହି ମତକୁ ଗ୍ରହଣ କରୁଥିବା ଅଧିକାରୀ ମତ ଦେବେ। ଏ ନେଇ ରାଜ୍ୟ ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗ ପକ୍ଷରୁ କାର୍ଯ୍ୟସୂଚୀ ଜାରି ହୋଇଥିବା ବେଳେ ନିର୍ଦ୍ଧାରିତ ତାରିଖ ପୂର୍ବରୁ ରିପୋର୍ଟ ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି। ଶେଷ ଦିବସ ବେଳକୁ ସମସ୍ତ ଅଧିକାରୀ ତଥା କର୍ମଚାରୀ ନିଜର ରିପୋର୍ଟ ଅନଲାଇନ୍‌ରେ ଦାଖଲ କରିବା ବେଳେ ଅନଲାଇନ୍ ସର୍ଭରରେ ଟ୍ରାଫିକ୍ କନଜେସନ୍ ସମସ୍ୟା ଉପୁଜିବାର ସମ୍ଭାବନା ରହିଛି। ସେଥିରୁ ବର୍ତ୍ତିବା ପାଇଁ ନିଜ ବିଭାଗରେ ସଚେତନ ସୃଷ୍ଟି କରିବା ସହିତ ମେ ୩୧ ତାରିଖ ପୂର୍ବରୁ ସ୍ୱ-କାର୍ଯ୍ୟଦକ୍ଷତା ରିପୋର୍ଟ ଅନଲାଇନରେ ଦାଖଲ କରିବାକୁ ରାଜ୍ୟ ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗ ପକ୍ଷରୁ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ଚିଠି କରାଯାଇଛି। ପୂର୍ବରୁ ଚଳିତ ମାସ ୧୫ ତାରିଖରେ ଏ ନେଇ ସମସ୍ତ ଜିଲ୍ଲାପାଳ, ଆରଡିସି ସମେତ ବିଭାଗୀୟ ଅଧିକାରୀଙ୍କୁ ଚିଠି ଜରିଆରେ ଆବଶ୍ୟକ ପଦକ୍ଷେପ ନେବା ବାବଦରେ ସୂଚିତ କରାଯାଇଥିଲା।

## 'ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ' ଉପରେ ଜାତୀୟ ପରାମର୍ଶ ବୈଠକ

# 'ରଣନୈତିକ ସହରୀ ରୂପାନ୍ତରଣ ପ୍ରକ୍ରିୟା ଗତିଶୀଳ'




**ଭୁବନେଶ୍ୱର,୨୫।୪/ଏନ୍ଏନ୍ଏସ୍:** ଭାରତର ସହରୀ ବିକାଶର ରୂପରେଖ ପରିବର୍ତ୍ତନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ହାବିଟାଟ୍ ସେଣ୍ଟରଠାରେ 'ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ' (ୟୁସିଏଫ୍) ଉପରେ ଏକ ଉଚ୍ଚସ୍ତରୀୟ ରଣନୈତିକ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ଏପ୍ରିଲ ୧୫, ୨୦୨୬ରେ ଏହି ପାଣ୍ଠିର ପରିଚାଳନା ନିର୍ଦ୍ଦେଶାବଳୀ ପ୍ରକାଶ ପାଇବା ପରେ ଏହି ବୈଠକ ଆୟୋଜିତ ହୋଇଥିଲା। କେନ୍ଦ୍ର ଗୃହ ନିର୍ମାଣ ଓ ସହରୀ ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମନ୍ତ୍ରୀ ଏବଂ ବରିଷ୍ଠ ପଦାଧିକାରୀମାନେ ଯୋଗଦେଇ ଏହି ଯୁଗାନ୍ତକାରୀ ପଦକ୍ଷେପର କାର୍ଯ୍ୟକାରିତା ରଣନୀତି ଉପରେ ଆଲୋଚନା କରିଥିଲେ।

ଏହି ସମ୍ମିଳନୀକୁ ସମ୍ବୋଧିତ କରି ଓଡ଼ିଶାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର ୟୁସିଏଫ୍‌କୁ ଭାରତର ସହରୀ ରୂପାନ୍ତରଣ କ୍ଷେତ୍ରରେ ଏକ 'ନୂତନ ପ୍ରାରମ୍ଭ' ଭାବେ ବର୍ଣ୍ଣନା କରିଛନ୍ତି, ଯାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ@୨୦୪୭' ଦୂରଦୃଷ୍ଟି ସହିତ ସମାନ୍ତରାଳ। ସେ କହିଛନ୍ତି ଯେ ଏହି ପାଣ୍ଠି ବଜାର-ଭିତ୍ତିକ ବ୍ୟବସ୍ଥା ଏବଂ ଘରୋଇ ପୁଞ୍ଜି ବିନିଯୋଗକୁ ବିନିଯୋଗ କରି ଆତ୍ମନିର୍ଭରଶୀଳ ତଥା ଅଭିବୃଦ୍ଧି-ମୁଖୀ ସହର ଗଠନରେ ସହାୟକ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାର ସକ୍ରିୟ ଆଭିମୁଖ୍ୟ ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ମହାପାତ୍ର ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କରିଡର୍‌କୁ ବିକାଶର ପ୍ରମୁଖ ଇଞ୍ଜିନ ଭାବେ ଚିହ୍ନିତ କରିଛନ୍ତି। ବିଶ୍ୱସ୍ତରୀୟ ଭିତ୍ତିଭୂମି ଯୋଗାଇବା, ଜଳବାୟୁ ସହନଶୀଳତା ବୃଦ୍ଧି କରିବା ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ରାଜ୍ୟରେ ଏକାଧିକ 'ପୁଞ୍ଜିନିବେଶ-ଉପଯୋଗୀ' ପ୍ରକଳ୍ପ ପ୍ରସ୍ତୁତ କରାଯାଉଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଏକ ରଣନୈତିକ ଦୃଷ୍ଟିକୋଣ ଉପସ୍ଥାପନ କରି 'ବିକଶିତ ଓଡ଼ିଶା @୨୦୩୬' ପାଇଁ ଏକ ବ୍ୟାପକ ରୋଡମ୍ୟାପ୍ ବାବଦରେ ସୂଚନା ଦେଇଥିଲେ। ସେ ସମନ୍ୱିତ ଯୋଜନା, ତଥ୍ୟ-ଭିତ୍ତିକ ଶାସନ ଏବଂ ପ୍ରତିଷ୍ଠାନିକ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶାର ସହରୀ ପରିବେଶକୁ ଅଧିକ ନିବେଶ-ଉପଯୋଗୀ, ସ୍ଥାୟୀ ଏବଂ ଅଭିନବ କରିବା ପାଇଁ ସଂସ୍କାରମୂଳକ ପଦକ୍ଷେପ ନିଆଯାଉଛି ବୋଲି ସେ ପ୍ରକାଶ କରିଥିଲେ। ସହରୀ ଭିତ୍ତିଭୂମି ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ୧ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ ସହିତ ଏହି ବୈଠକରେ ପ୍ରକଳ୍ପର ପ୍ରାଥମିକତା, ତ୍ୱରିତ ଅନୁମୋଦନ ଏବଂ ପାଣ୍ଠିର ଦକ୍ଷ ବିନିଯୋଗ ଉପରେ ଧ୍ୟାନ ଦିଆଯାଇଥିଲା। ଏଥିରେ ମୁଖ୍ୟତଃ ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ୍ ସେଣ୍ଟର, ପୌର ପରିଚାଳନାର ଡିଜିଟାଇଜେସନ୍, ଡ୍ରୋନ୍-ଭିତ୍ତିକ ଜମି ପରିଚାଳନା, ଟ୍ରାଞ୍ଜିଟ୍-ଓରିଏଣ୍ଟେଡ୍ ଡେଭଲପମେଣ୍ଟ, ଡମ୍ପସାଇଟ୍ ସଂସ୍କାର ଏବଂ ମୌଳିକ ସହରୀ ଭିତ୍ତିଭୂମିର ସୁଦୃଢ଼ିକରଣ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ସମ୍ମିଳନୀରେ ଓଡ଼ିଶାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ପଦାଧିକାରୀଙ୍କ ମଧ୍ୟରେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଅତିରିକ୍ତ ସଚିବ ଶତ୍ରୁଘ୍ନ କର, ଆର୍ଥିକ ପରାମର୍ଶଦାତା ତଥା ଅତିରିକ୍ତ ସଚିବ ଶିଖା ବିଶ୍ୱାଳ, ବିଏମ୍‌ସି କମିଶନର୍ ଚଞ୍ଚଲ ରାଣା, ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଲା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ପରାମର୍ଶ ବୈଠକ ସହରୀ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ମାଇଲଖୁଣ୍ଟ ସଦୃଶ ଏବଂ ଏହା ସ୍ଥାୟୀ, ଅନ୍ତର୍ଭୁକ୍ତ ଓ ଭବିଷ୍ୟତ-ଉପଯୋଗୀ ସହର ଗଠନ ପାଇଁ ଭାରତ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଛି।

# ବଦଳିଲା ଦୁଇ ମେମୁ ଟ୍ରେନ୍‌ର ସମୟ




**ଭୁବନେଶ୍ୱର,୨୫।୪/ଏନ୍ଏନ୍ଏସ୍:** ଯାତ୍ରୀମାନଙ୍କ ସୁବିଧା ଏବଂ ରେଳ ପରିଚାଳନାଗତ ଦକ୍ଷତା ବୃଦ୍ଧି କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଦୁଇଟି ପ୍ରମୁଖ ମେମୁ ଟ୍ରେନ୍ ସେବାର ସମୟସୂଚୀରେ ପରିବର୍ତ୍ତନ କରାଯାଇଛି। ଆଜି ଅର୍ଥାତ୍ ୨୫ ଏପ୍ରିଲ ୨୦୨୬ଠାରୁ ଅନୁଗୁଳ-ପୁରୀ (୬୮୪୨୧) ଏବଂ ଭଦ୍ରକ-କଟକ (୬୮୪୩୭) ମେମୁ ଟ୍ରେନ୍ ନୂତନ ସମୟ ଅନୁଯାୟୀ ଚଳାଚଳ କରିବ। ଟ୍ରେନର ସମୟାନୁବର୍ତ୍ତିତା ବଜାୟ ରଖିବା ଏବଂ ବ୍ୟସ୍ତବହୁଳ ରୁଟ୍‌ଗୁଡ଼ିକରେ ପରିଚାଳନାକୁ ଅଧିକ ସୁରୁଖୁରୁରେ କରିବା ଲକ୍ଷ୍ୟରେ ଏହି ସଂଶୋଧନ କରାଯାଇଥିବା ବେଳେ ଯାତ୍ରୀମାନଙ୍କୁ ନିର୍ଦ୍ଧାରିତ ଷ୍ଟେସନଗୁଡ଼ିକରେ ଆଗମନ ଓ ପ୍ରସ୍ଥାନ ସମୟ ପ୍ରତି ଧ୍ୟାନ ଦେବାକୁ ଅନୁରୋଧ କରାଯାଇଛି। ଯାତ୍ରୀମାନଙ୍କ ସୁବିଧା ଏବଂ ରେଳ ପରିଚାଳନାଗତ ଦକ୍ଷତା ବୃଦ୍ଧି କରିବା ପାଇଁ ଦୁଇଟି ମେମୁ ଟ୍ରେନ୍ ସେବାର ସମୟସୂଚୀକୁ ୨୫ ଏପ୍ରିଲ, ୨୦୨୬ ରୁ ସଂଶୋଧିତ କରାଯାଇଛି।

ଟ୍ରେନ୍ ନମ୍ବର ୬୮୪୨୧ ଅନୁଗୁଳ-ପୁରୀ ମେମୁ ଏବଂ ଟ୍ରେନ୍ ନମ୍ବର ୬୮୪୩୭ ଭଦ୍ରକ-କଟକ ମିମୁ ପାଇଁ ନୂତନ ସମୟସୂଚୀ ନିମ୍ନରେ ବିସ୍ତୃତ ଭାବରେ ଦିଆଗଲା। ଯାତ୍ରୀମାନଙ୍କୁ ପ୍ରମୁଖ ଷ୍ଟେସନଗୁଡ଼ିକରେ ସଂଶୋଧିତ ଆଗମନ ଏବଂ ପ୍ରସ୍ଥାନ ସମୟ ପ୍ରତି ଧ୍ୟାନ ଦେବାକୁ ଅନୁରୋଧ କରାଯାଉଛି। ଟ୍ରେନ୍ ନମ୍ବର ୬୮୪୨୧: ଅନୁଗୁଳ-ପୁରୀ ମେମୁ ଟ୍ରେନ୍ ଅନୁଗୁଳରୁ ଭୋର ୫ଟା ୧୦ରେ ଛାଡ଼ିବ ଏବଂ ତାଳଚେରଠାରେ ୫ଟା ୩୫ରେ (ପ୍ରସ୍ଥାନ ୫ଟା ୪୫) ପହଞ୍ଚିବ। ଏହା ମେରାମଣ୍ଡଳୀ ଷ୍ଟେସନ୍‌ଠାରେ ସକାଳ ୬ଟା ୯ ଏବଂ ଢେଙ୍କାନାଳଠାରେ ୭ଟା (ପ୍ରସ୍ଥାନ ୭ଟା ୦୫)ରେ ପହଞ୍ଚିବ। ଟ୍ରେନ୍‌ଟି ଭାୟା ନରାଜ ମାର୍ଥାପୁର (ଆଗମନ ୭ଟା ୫୩ / ପ୍ରସ୍ଥାନ ୭ଟା ୫୪) ହୋଇ ବାରଙ୍ଗ ଷ୍ଟେସନ୍‌ରେ ୮ଟା ୮ରେ ପହଞ୍ଚିବ (ପ୍ରସ୍ଥାନ ୮ଟା ୦୯)। ଏହା ଭୁବନେଶ୍ୱର ନିଉ (ଆଗମନ ୮ଟା ୧୪ / ପ୍ରସ୍ଥାନ ୮ଟା ୧୫) ଏବଂ ମଞ୍ଚେଶ୍ୱର (ଆଗମନ ୮ଟା ୨୨ / ପ୍ରସ୍ଥାନ ୮ଟା ୨୩) ଦେଇ ଗତି କରିବ। ଭୁବନେଶ୍ୱରଠାରେ ଏହା ୮ଟା ୫୦ରେ ପହଞ୍ଚି ୮ଟା ୫୫ରେ ପ୍ରସ୍ଥାନ କରିବ। ଏହା ପରେ ଖୋର୍ଦ୍ଧା ରୋଡ୍‌ଠାରେ ୯ଟା ୧୫ (ପ୍ରସ୍ଥାନ ୯ଟା ୨୦), ଡେଲାଙ୍ଗଠାରେ ୯ଟା ୩୭ (ପ୍ରସ୍ଥାନ ୯ଟା ୩୮) ଏବଂ ସାକ୍ଷୀଗୋପାଳଠାରେ ୯ଟା ୪୧ (ପ୍ରସ୍ଥାନ ୯ଟା ୪୨)ରେ ପହଞ୍ଚି ଶେଷରେ ପୁରୀଠାରେ ସକାଳ ୧୦ଟା ୫୦ରେ ପହଞ୍ଚିବ। ଟ୍ରେନ୍ ନମ୍ବର ୬୮୪୩୭ ଭଦ୍ରକ-କଟକ ମେମୁ ଟ୍ରେନ୍ ଭଦ୍ରକରୁ ଅପରାହ୍ଣ ୩ଟାରେ ଯାତ୍ରା ଆରମ୍ଭ କରିବ ଏବଂ କେନ୍ଦୁଆପଦାଠାରେ ଅପରାହ୍ଣ ୩ଟା ୨୦ (ପ୍ରସ୍ଥାନ ୧୫:୨୧) ରେ ପହଞ୍ଚିବ। ଏହା ଯାଜପୁର କେନ୍ଦୁଝର ରୋଡ୍‌ଠାରେ ୧୬ଟା ୨୧ (ପ୍ରସ୍ଥାନ ୧୬ଟା ୨୨) ଏବଂ ଧାନମଣ୍ଡଳଠାରେ ୧୭ଟା ୦୨ (ପ୍ରସ୍ଥାନ ୧୭ଟା ୦୩) ରେ ପହଞ୍ଚିବ। ପରବର୍ତ୍ତୀ ସମୟରେ ଟ୍ରେନ୍‌ଟି କପିଳାସ ରୋଡ୍‌ଠାରେ ସଂଧ୍ୟା ୧୭ଟା ୨୬ (ପ୍ରସ୍ଥାନ ୧୭ଟା ୨୭) ଏବଂ ନିର୍ଗୁଣ୍ଡିଠାରେ ୧୭ଟା ୩୨ (ପ୍ରସ୍ଥାନ ୧୭ଟା ୩୩) ରେ ପହଞ୍ଚିବା ପରେ କଟକଠାରେ ସନ୍ଧ୍ୟା ୧୮ଟା ୪୦ (୬ଟା ୪୦) ଘଟିକାରେ ଯାତ୍ରା ଶେଷ କରିବ। ଯାତ୍ରା ଆରମ୍ଭ କରିବା ପୂର୍ବରୁ ଯାତ୍ରୀମାନେ ଏନ୍‌ଟିଇଏସ୍ କିମ୍ବା ୟୁ.ଟି. ଏସ. ଆପ୍ ମାଧ୍ୟମରେ ଟ୍ରେନ୍ ସମୟ ଯାଞ୍ଚ କରିବାକୁ ଅନୁରୋଧ କରାଯାଇଛି। ଏହି ସଂଶୋଧନର ଲକ୍ଷ୍ୟ ହେଉଛି ଟ୍ରେନର ସମୟାନୁବର୍ତ୍ତିତା ବଜାୟ ରଖିବା ଏବଂ ବ୍ୟସ୍ତବହୁଳ ସେକ୍ସନଗୁଡ଼ିକରେ ସୁରୁଖୁରୁରେ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବା।

# ଏମ୍‌ସିଏଲ୍ ମୁଖ୍ୟାଳୟରେ ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀ




**ଭୁବନେଶ୍ୱର,ସମ୍ବଲପୁର,୨୫।୪/ଏନ୍ଏନ୍ଏସ୍:** ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ) ଦ୍ୱାରା 'ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି' (ନରାକାସ), ସମ୍ବଲପୁରର ତତ୍ତ୍ୱାବଧାନରେ କମ୍ପାନୀ ମୁଖ୍ୟାଳୟରେ ଏକ ଦିବସୀୟ 'ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀ' (ସଂଗୋଷ୍ଠୀ) ଆୟୋଜିତ ହୋଇଯାଇଛି। ଏହି ଗରିମାମୟ ସମ୍ମିଳନୀରେ କେଶବ ରାଓ, ନିର୍ଦ୍ଦେଶକ (ମାନବ ସମ୍ବଳ) ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଏମ୍‌ସିଏଲର ମୁଖ୍ୟ ସତର୍କତା ଅଧିକାରୀ ପି. କେ. ପଟେଲ, ନିର୍ଦ୍ଦେଶକ (ଅର୍ଥ) ଏ. କେ. ବେହୁରାଙ୍କ ସମେତ ପୂର୍ବ କ୍ଷେତ୍ର, କୋଲକାତାର ଉପ-ନିର୍ଦ୍ଦେଶକ (କାର୍ଯ୍ୟାନ୍ୱୟନ) ଡାଃ ବିଚିତ୍ରସେନ ଗୁପ୍ତ, ଭାରତ ସରକାରଙ୍କ କୋଇଲା ମନ୍ତ୍ରାଳୟର ସହକାରୀ ନିର୍ଦ୍ଦେଶକ ଶ୍ରୀ ବିଶାଲ, ଭାରତ ସରକାରଙ୍କ ପୂର୍ବତନ ଉପ-ନିର୍ଦ୍ଦେଶକ ଅଜୟ ମଲ୍ଲିକ ଏବଂ ଏଚପିସିଏଲର ପୂର୍ବତନ ଉପ-ମହାପ୍ରବନ୍ଧକ ଡକ୍ଟର ରାମ ବିଚାର ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ବିଷୟ ଭିତ୍ତିକ ଅଧିବେଶନରେ ଡକ୍ଟର ବିଚିତ୍ର ସେନ ଗୁପ୍ତ 'ରାଜଭାଷା କାର୍ଯ୍ୟାନ୍ୱୟନରେ ନରାକାସର ଭୂମିକା ଓ ଅବଦାନ' ବିଷୟରେ; ଅଜୟ ମଲ୍ଲିକ 'ଡିଜିଟାଲ୍ ଯୁଗରେ ହିନ୍ଦୀ: ଇ-ଗଭର୍ଣ୍ଣାନ୍ସ ଏବଂ ପ୍ରଶାସନିକ କୌଶଳରେ ବଦଳୁଥିବା ଭୂମିକା' ବିଷୟରେ ଏବଂ ଡକ୍ଟର ରାମ ବିଚାର ଯାଦବ 'ରାଜଭାଷା ନୀତିର ପ୍ରଭାବୀ କାର୍ଯ୍ୟାନ୍ୱୟନରେ କାର୍ଯ୍ୟାଳୟ ମୁଖ୍ୟ ଏବଂ ରାଜଭାଷା ଅଧିକାରୀଙ୍କ ଭୂମିକା' ତଥା ଶ୍ରୀ ବିଶାଲ 'ରାଜଭାଷା ହିନ୍ଦୀ ନୀତିରୁ ବ୍ୟବହାର ପର୍ଯ୍ୟନ୍ତ' ବିଷୟ ଉପରେ ନିଜର ମତାମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଏବଂ ଅନ୍ୟ ଅତିଥିମାନେ ନରାକାସର ନିୟମାବଳୀକୁ ଅନ୍ତର୍ଭୁକ୍ତ କରି ସମ୍ବଲପୁର ନରାକାସ ଦ୍ୱାରା ପ୍ରକାଶିତ 'ନରାକାସ ସନ୍ଦର୍ଭିକା' ଉନ୍ମୋଚନ କରିଥିଲେ। ସ୍କୁଲ ପିଲାମାନଙ୍କ ଦ୍ୱାରା ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅତିଥି ଓ ଉପସ୍ଥିତ ସମସ୍ତ ବ୍ୟକ୍ତି ଉଚ୍ଚ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଅନୁଷଙ୍ଗିକ କମ୍ପାନୀଗୁଡ଼ିକର ପ୍ରତିନିଧିମାନଙ୍କ ସମେତ ପୂର୍ବ କ୍ଷେତ୍ରର ବିଭିନ୍ନ କାର୍ଯ୍ୟାଳୟ, ନରାକାସ ସମ୍ବଲପୁରର ସଦସ୍ୟ କାର୍ଯ୍ୟାଳୟ ଏବଂ ଏମସିଏଲ ମୁଖ୍ୟାଳୟ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଏଥିସହ ଏମସିଏଲ ରାଜଭାଷା ବିଭାଗର ମହାପ୍ରବନ୍ଧକ ସସ୍ମିତ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

**ଉନ୍ମୋଚିତ ହେଲା 'ନରାକାସ୍ ସନ୍ଦର୍ଭିକା'**

# ରଥ ନିର୍ମାଣର ପଞ୍ଚମ ଦିନ: ତିନି ରଥର ୪୨ ତୁମ୍ବ ଗୋଲେଇ କାର୍ଯ୍ୟ ଶେଷ



**ପୁରୀ,୨୫।୪/ଏନ୍ଏନ୍ଏସ୍:** ବିଶ୍ୱପ୍ରସିଦ୍ଧ ପବିତ୍ର ଘୋଷଯାତ୍ରା ପାଇଁ ପୁରୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଅତି ଉତ୍ସାହର ସହ ଆଗେଇ ଚାଲିଛି। ଶନିବାର ରଥ ନିର୍ମାଣର ପଞ୍ଚମ ଦିନରେ ନିର୍ମାଣକାରୀ ସେବକମାନେ ତିନି ରଥର ସମସ୍ତ ୪୨ଟି ତୁମ୍ବର ଗୋଲେଇ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି। ଏଥିସହ ତୁମ୍ବ ବିନ୍ଧ ପାଇଁ ଆବଶ୍ୟକୀୟ ସୂତା ବାଡ଼ିଆ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ଆସନ୍ତାକାଲି ଅର୍ଥାତ୍ ରବିବାର ପୂର୍ବାହ୍ନରେ ପାରମ୍ପରିକ ରୀତିନୀତି ଅନୁଯାୟୀ ତୁମ୍ବ ବିନ୍ଧ ଅନୁକୂଳ ପୂଜା ଅନୁଷ୍ଠିତ ହେବ। ଆଜି ସକାଳ ୮ଟା ପୂର୍ବରୁ ସମସ୍ତ ନିର୍ମାଣକାରୀ ସେବକ ରଥଖଳାରେ ଉପସ୍ଥିତ ହୋଇ ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନରେ କାର୍ଯ୍ୟ ଆରମ୍ଭ କରିଥିଲେ। ଆଜିର କାର୍ଯ୍ୟରେ ତିନି ରଥର ୪୭ ଜଣ ମହାରଣା, ୨୨ ଜଣ ଭୋଇ ସେବକ, ୪ ଜଣ କରତୀ, ୯ ଜଣ କମାର ସେବକ ଏବଂ ଜଣେ ରଥଖଳା ସହାୟକଙ୍କୁ ମିଶାଇ ମୋଟ ୮୩ ଜଣ ସେବକ ନିୟୋଜିତ ହୋଇଥିଲେ। ତୁମ୍ବ ବିନ୍ଧ ଅନୁକୂଳ ପୂଜା ପାଇଁ ପ୍ରସ୍ତୁତି ସ୍ୱରୂପ ରଥଖଳା ଆଜି ବେଶ୍ ଚଳଚଞ୍ଚଳ ହୋଇଉଠିଥିଲା।

ତିନି ରଥର ମୁଖ୍ୟ ମହାରଣାମାନେ ସାଥୀ ମହାରଣାଙ୍କ ସହ ମିଶି ସଠିକ୍ ମାପ ଅନୁଯାୟୀ ତୁମ୍ବଗୁଡ଼ିକରେ ସୂତା ବାଡ଼ିଆ କାର୍ଯ୍ୟ ଶେଷ କରିଛନ୍ତି। କରତୀ ମହାରଣାଙ୍କ ଦ୍ୱାରା ତୁମ୍ବର ଘେର କଟା କାର୍ଯ୍ୟ ଏବଂ ସହାୟକ ମହାରଣାଙ୍କ ଦ୍ୱାରା 'ଠେକ ତୁଳିଆ' କାର୍ଯ୍ୟ କରାଯାଇଛି। ଏହି ପ୍ରକ୍ରିୟାରେ ତୁମ୍ବର ବଳକା ଅଂଶକୁ କାଟି ମୁଖ ଭାଗକୁ ବଟାଳି ସାହାଯ୍ୟରେ ଚାଞ୍ଛି ସମତୁଲ କରାଯାଇଛି। ରଥ ନିର୍ମାଣର ଅଗ୍ରଗତି ପରଖିବା ପାଇଁ ମଧ୍ୟାହ୍ନରେ ରତ୍ନଭଣ୍ଡାର ଓ.ଏସ.ଡି ଜିତେନ୍ଦ୍ର କୁମାର ସାହୁ ରଥଖଳା ପରିଦର୍ଶନ କରିଥିଲେ। ସେ ସେଠାରେ ତିନି ରଥର ମୁଖ୍ୟ ମହାରଣା ଏବଂ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ସହ ଆଲୋଚନା କରି କାର୍ଯ୍ୟର ସ୍ଥିତି ବୁଝିଥିଲେ। ଭୋଇ ସର୍ଦ୍ଦାର ସୂଚନା ଦେଇଥିଲେ ଯେ, ସମସ୍ତ ୪୨ଟି ତୁମ୍ବର ଗୋଲେଇ ଶେଷ ହୋଇଛି ଏବଂ ଆସନ୍ତାକାଲି ବିନ୍ଧ ଅନୁକୂଳ ପାଇଁ ସବୁ ପ୍ରସ୍ତୁତି ସରିଛି। ଅନ୍ୟପଟେ ଦୋଳବେଦୀ ସ୍ଥିତ ଅସ୍ଥାୟୀ କମାର ଶାଳରେ ମଧ୍ୟ କାର୍ଯ୍ୟ ଜୋରଦାର ଚାଲିଛି। କମାର ସେବକମାନେ ଅର କଣ୍ଟା ପ୍ରସ୍ତୁତି ଜାରି ରଖିବା ସହ 'ତୁମ୍ବ ବଳା' ପ୍ରସ୍ତୁତ କରିବା ପାଇଁ ବଳା ଶାଳର ପ୍ରସ୍ତୁତି ଶେଷ କରିଛନ୍ତି। ଆସନ୍ତାକାଲି ସକାଳେ ପ୍ରତ୍ୟେକ ରଥର ଦୁଇଟି ଲେଖାଏଁ ତୁମ୍ବର ବିନ୍ଧ ଅନୁକୂଳ ପୂଜା ପରେ ବିଧିବଦ୍ଧ ଭାବେ ବିନ୍ଧ କାର୍ଯ୍ୟ ଆରମ୍ଭ ହେବ। ଏହି କାର୍ଯ୍ୟ ସରିବା ପରେ ଚକ ଅଖ ସଂଯୋଗ ପ୍ରକ୍ରିୟା ପାଇଁ ପଥ ପରିଷ୍କାର ହେବ। ସମସ୍ତ ସେବାୟତଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ ନିର୍ଦ୍ଧାରିତ ସମୟ ପୂର୍ବରୁ ରଥ ନିର୍ମାଣର ପ୍ରାଥମିକ ସ୍ତରର କାର୍ଯ୍ୟ ସମ୍ପନ୍ନ ହେଉଥିବା ଦେଖିବାକୁ ମିଳୁଛି। ସୂଚନାଯୋଗ୍ୟ ଯେ, ମହାପ୍ରଭୁଙ୍କ ରଥ ନିର୍ମାଣ ଶୈଳୀ ଅତ୍ୟନ୍ତ ବୈଜ୍ଞାନିକ ଓ ପାରମ୍ପରିକ ହୋଇଥିବାରୁ ଏହାକୁ ଦେଖିବା ପାଇଁ ରଥଖଳାରେ ସ୍ଥାନୀୟ ଲୋକଙ୍କ ସମେତ ପର୍ଯ୍ୟଟକଙ୍କ ଭିଡ଼ ମଧ୍ୟ ଜମୁଛି। ସବୁ ସେବକ ସେମାନଙ୍କର ସେବା ପ୍ରଦାନ କରି ନିଜକୁ କୃତାର୍ଥ ମନେ କରୁଛନ୍ତି। ରଥ ନିର୍ମାଣର ଆଗାମୀ ପର୍ଯ୍ୟାୟଗୁଡ଼ିକ ପାଇଁ ମଧ୍ୟ ମହାରଣାମାନେ ସେମାନଙ୍କର ଯୋଜନା ପ୍ରସ୍ତୁତ କରି ରଖିଛନ୍ତି। ବିନ୍ଧ କାର୍ଯ୍ୟ ସରିବା ମାତ୍ରେ ଅଖ କାମ ଆରମ୍ଭ ହେବ, ଯାହା ରଥର ମୂଳଦୁଆକୁ ଅଧିକ ଶକ୍ତ କରିବ। ସମଗ୍ର ବଡ଼ଦାଣ୍ଡ ଏବେ ମହାପ୍ରଭୁଙ୍କ ନୀତିକାନ୍ତି ଓ ରଥ ନିର୍ମାଣର ପବିତ୍ର ଶବ୍ଦରେ ମନ୍ତ୍ରମୁଗ୍ଧ ହୋଇ ରହିଛି। ସବୁ କିଛି ମହାପ୍ରଭୁଙ୍କ ଇଚ୍ଛାରେ ସୁରୁଖୁରୁରେ ସମ୍ପନ୍ନ ହେଉଛି ବୋଲି ମହାରଣାମାନେ ପ୍ରକାଶ କରିଛନ୍ତି। ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ମଧ୍ୟ ରଥଖଳା ଚତୁଃପାର୍ଶ୍ୱରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ଯେପରି ନିର୍ମାଣ କାର୍ଯ୍ୟରେ କୌଣସି ବାଧା ସୃଷ୍ଟି ନହୁଏ। ସମସ୍ତଙ୍କ ସହଯୋଗରେ ରଥ ନିର୍ମାଣ ଧାର୍ଯ୍ୟ ସମୟ ଅନୁଯାୟୀ ଆଗକୁ ବଢ଼ୁଛି। ଆଜିର ଏହି ଐତିହାସିକ ନିର୍ମାଣ ଶୈଳୀକୁ ଦେଖିବା ପାଇଁ ଭକ୍ତଙ୍କ ମଧ୍ୟରେ ଅନେକ ଆଗ୍ରହ ପରିଲକ୍ଷିତ ହୋଇଛି।

# ଏମ୍ସ ଭୁବନେଶ୍ୱରରେ ଯକୃତ ଦାନ: ନୂତନ ଜୀବନ ପାଇଲେ ୪୬ ବର୍ଷୀୟ ବ୍ୟକ୍ତି

**ଭୁବନେଶ୍ୱର,୨୫।୪/ଏନ୍ଏନ୍ଏସ୍:** ଓଡ଼ିଶାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବିଶେଷ ସଫଳତା ସ୍ୱରୂପ ଏମ୍ସ ଭୁବନେଶ୍ୱରରେ ଚଳିତ ମାସରେ ଜଣେ ମୃତ ଦାତାଙ୍କ ଯକୃତ ଦାନ ଫଳରେ ନୂତନ ଜୀବନ ପାଇଛନ୍ତି ୪୬ ବର୍ଷୀୟ ବ୍ୟକ୍ତି। ଏମ୍ସ ଭୁବନେଶ୍ୱରରେ ସଫଳତାର ସହିତ ଏହି ଯକୃତ ପ୍ରତିରୋପଣ ସମ୍ପନ୍ନ ହୋଇଥିଲା। ଏପରି ସଫଳତା ବିଶ୍ୱ ଯକୃତ ଦିବସର ପ୍ରକୃତ ଅନୁଚିନ୍ତାକୁ ପ୍ରତିପାଦିତ କରିଛି। ଏହା ଯକୃତ ସ୍ୱାସ୍ଥ୍ୟର ଗୁରୁତ୍ୱ ଏବଂ ଅଙ୍ଗଦାନର ଜୀବନ ରକ୍ଷାକାରୀ ପ୍ରଭାବକୁ ଉଜାଗର କରିଥାଏ। ଏହି ପ୍ରେରଣାଦାୟକ କାହାଣୀର କେନ୍ଦ୍ରରେ ଅଛନ୍ତି ଭଦ୍ରକ ଜିଲ୍ଲାର ଜଣେ ଉତ୍ସର୍ଗୀକୃତ ହୋମିଓପାଥିକ୍ ଚିକିତ୍ସା ଅଧିକାରୀ ଡ. ରାଧା ପାଢ଼ୀ। ଦୀର୍ଘ ବର୍ଷ ଧରି ପ୍ଲେଟଲେଟ୍ ରୋଗ ସହିତ ଲଢୁଥିବା ସତ୍ତ୍ୱେ ସେ ଉଲ୍ଲେଖନୀୟ ସାହସ ଏବଂ ନିଷ୍ଠା ପ୍ରଦର୍ଶନ କରି ତାଙ୍କ ଅଙ୍ଗଗୁଡ଼ିକୁ ଦାନ କରିବା ନିମନ୍ତେ ପ୍ରତିଜ୍ଞା କରିଥିଲେ। ନିଜର ଅସୁସ୍ଥତା କାରଣରୁ ଏମ୍ସରେ ଚିକିତ୍ସାଧୀନ ଥିଲେ ଡ. ପାଢ଼ୀ। ଚଳିତ ମାସ ୨ ତାରିଖରେ ଡ. ପାଢ଼ୀଙ୍କୁ ବ୍ରେନ୍ ଷ୍ଟେମ୍ ମୃତ୍ୟୁ ଘୋଷଣା ପରେ ତାଙ୍କ ପରିବାର ତାଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ଅତ୍ୟନ୍ତ ସମ୍ବେଦନଶୀଳ ସମୟରେ ଅଙ୍ଗଦାନ କରିବାକୁ ସମ୍ମତି ପ୍ରଦାନ କରିଥିଲେ। ୩ ତାରିଖରେ ଏମ୍ସ ଭୁବନେଶ୍ୱରର ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଦଳ ଦ୍ୱାରା ତାଙ୍କର ଯକୃତକୁ ୪୬ ବର୍ଷୀୟ ଜଣେ ପୁରୁଷ ରୋଗୀଙ୍କ ଶରୀରରେ ସଫଳତାର ସହିତ ପ୍ରତିରୋପଣ କରାଯାଇଥିଲା। ଯକୃତ ପ୍ରତିରୋପିତ ହୋଇଥିବା ବ୍ୟକ୍ତିଜଣଙ୍କ ସୁସ୍ଥ ଅଛନ୍ତି। ଆସନ୍ତାକାଲି ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯିବା ନେଇ ସୂଚନା ମିଳିଛି। ମୃତଦାତାଙ୍କ ଅଙ୍ଗକୁ ଏମ୍ସ ଭୁବନେଶ୍ୱରରେ ହିଁ ପ୍ରତିରୋପଣ କରାଯାଇଥିଲା, ଯାହାକି ଏହି ଜାତୀୟ ପ୍ରତିଷ୍ଠାନ ପାଇଁ ପ୍ରଥମ। ଏପରି ସଫଳ ପ୍ରତିରୋପଣ ପ୍ରକ୍ରିୟା ଅନୁଷ୍ଠାନର ପ୍ରତିବଦ୍ଧତା ଏବଂ ଏବଂ ଡାକ୍ତରୀ ଦଳର ବିଶେଷଜ୍ଞତାକୁ ପ୍ରତିଫଳିତ କରେ। ଆଇଏଲବିଏସ୍ ଦିଲ୍ଲୀର ପ୍ରଫେସର ବିନିୟେନ୍ଦ୍ର ପାମେଚାଙ୍କ ପରାମର୍ଶରେ ଏମ୍ସ ଭୁବନେଶ୍ୱର ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗୀୟ ମୁଖ୍ୟ ଡ. ବ୍ରହ୍ମଦତ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ପ୍ରତିରୋପଣ କରାଯାଇଥିଲା। ଏହି ପ୍ରକ୍ରିୟାକୁ ଆନାସ୍ଥେସିଆ, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଏବଂ କ୍ରିଟିକାଲ୍ କେୟାର ବିଶେଷଜ୍ଞ ସମେତ ବହୁବିଧ ଦଳ ସହଯୋଗ କରିଥିଲେ। ଉତ୍ତମ ସମନ୍ୱୟରେ ହୋଇଥିବା ଏହି ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା। ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଦାତାଙ୍କ ପରିବାର ପ୍ରତି ଗଭୀର କୃତଜ୍ଞତା ପ୍ରକାଶ କରି ସଚେତନତା ଏବଂ ଆବେଗିକ ଭାବନାରେ ଅଙ୍ଗ ଦାନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଷ୍ଠାନର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ତାଙ୍କ ନିଃସ୍ୱାର୍ଥପର ଅବଦାନକୁ ସ୍ୱୀକୃତି ଦେଇ ଡ. ପାଢ଼ୀଙ୍କୁ ମେଡିକାଲ୍ ଅଧୀକ୍ଷକ ଡ. ପ୍ରଭାସ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଏମ୍ସ ଭୁବନେଶ୍ୱରରେ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଏହି ଐତିହାସିକ ସଫଳତା ଚିକିତ୍ସା ଉତ୍କର୍ଷତା ପ୍ରଦର୍ଶନ ସହିତ ଯକୃତ କ୍ଷତିର ସମ୍ମୁଖୀନ ହେଉଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଆଶାର ନୂତନ ଆଲୋକ ପ୍ରଦାନ କରୁଛି। ଡ. ପାଢ଼ୀଙ୍କ ଏହି ଅବଦାନ ସମସ୍ତଙ୍କୁ ପାଇଁ ପ୍ରେରଣାର ଉତ୍ସ ଭାବରେ ସବୁଦିନ ପାଇଁ ଉଜ୍ଜୀବିତ ରହିବ। ସମାଜରେ ଏହି ଘଟଣା ଅଙ୍ଗ ଦାନର ମହାନ ଉଦ୍ଦେଶ୍ୟକୁ ସମର୍ଥନ କରିବାକୁ ଉତ୍ସାହିତ କରିବ।

**ମୃତ୍ୟୁ ପରେ ମଧ୍ୟ ଜୀବନ ବଞ୍ଚାଇ ଉଦାହରଣ ସୃଷ୍ଟି କଲେ ମହିଳା ଡାକ୍ତର**

## ବିଶେଷ ପରିସ୍ଥିତି ବ୍ୟତୀତ ଘରୋଇ ନିବନ୍ଧନ ବନ୍ଦ ପାଇଁ ନିର୍ଦ୍ଦେଶ

# ଅଫିସ୍ ବାହାରେ ଦଲିଲ୍ ପଞ୍ଜୀକରଣ ବନ୍ଦ

**ଭୁବନେଶ୍ୱର,୨୫।୪/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଦଲିଲ୍ ନିବନ୍ଧନ ତଥା ପଞ୍ଜୀକରଣ ସମ୍ବନ୍ଧୀୟ ଆଇନଗତ ବ୍ୟବସ୍ଥାର କଡ଼ା ଅନୁପାଳନ ସୁନିଶ୍ଚିତ କରିବା ନିମନ୍ତେ ସମସ୍ତ ନିବନ୍ଧନ କର୍ତ୍ତୃପକ୍ଷଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଏ ସଂକ୍ରାନ୍ତରେ ଇନ୍ସପେକ୍ଟର ଜେନେରାଲ୍ ଅଫ୍ ରେଜିଷ୍ଟ୍ରେସନଙ୍କୁ କଡା ନିର୍ଦ୍ଦେଶ ଜାରି କରିଛନ୍ତି। ଦଲିଲ୍ ନିବନ୍ଧନ କିମ୍ବା ଜମା ପାଇଁ ବହୁ ସଂଖ୍ୟକ ମାମଲାରେ ଘରକୁ ଯାଇ ନିବନ୍ଧନ କାର୍ଯ୍ୟ ସମ୍ପାଦନ କରାଯାଉଥିବା ସରକାରଙ୍କ ନଜରକୁ ଆସିଛି। ଏହା ଭାରତୀୟ ନିବନ୍ଧନ ଆଇନ, ୧୯୦୮ ଏବଂ ଓଡ଼ିଶା ନିବନ୍ଧନ ନିୟମ, ୧୯୮୮ର ମୂଳ ଉଦ୍ଦେଶ୍ୟ ତଥା ରୂପରେଖ ଅନୁଯାୟୀ ସମୁଚିତ ନୁହେଁ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ ଉଲ୍ଲେଖ କରାଯାଇଛି।

ଆଇନ୍ ଅନୁଯାୟୀ, ଘରେ ଯାଇ ନିବନ୍ଧନ କେବଳ ବିଶେଷ ସ୍ଥିତିରେ ମାତ୍ର ଅନୁମୋଦନ କରାଯାଇପାରିବ। ଯଦି କୌଣସି ବ୍ୟକ୍ତି ଶାରୀରିକ ଅସୁସ୍ଥତା, ଆଇନଗତ ଗିରଫଦାରୀ କିମ୍ବା ଅନ୍ୟ କୌଣସି ଆବଶ୍ୟକତାବଶତଃ ନିବନ୍ଧନ କାର୍ଯ୍ୟାଳୟକୁ ଯିବାରେ ଅସମର୍ଥ, ସେହି ସ୍ଥିତିରେ ମାତ୍ର ଏପରି ବ୍ୟବସ୍ଥା ଲାଗୁ ହେବ। କେବଳ ଏହି ସବୁ ପରିସ୍ଥିତି ପରିପ୍ରେକ୍ଷୀରେ ନିବନ୍ଧନ କର୍ମକର୍ତ୍ତାଙ୍କୁ ବ୍ୟକ୍ତିଗତ ଘରକୁ ଯାଇ କାର୍ଯ୍ୟ ସମ୍ପାଦନ କରିବାର ଅଧିକାର ରହିଛି।

କାର୍ଯ୍ୟାଳୟ ବାହାରେ ନିବନ୍ଧନ କରିବା ଏକ ପୃଥକ୍ ପରିସ୍ଥିତି ଏବଂ ଏହା କେବେ ମଧ୍ୟ ସାଧାରଣ ଭାବେ ପ୍ରଚଳନ ହେବା ଉଚିତ୍ ନୁହେଁ। ଏହିପରି ସମସ୍ତ କାର୍ଯ୍ୟ ଓଡିଶା ନିବନ୍ଧନ ନିୟମ, ୧୯୮୮ର ନିର୍ଦ୍ଦିଷ୍ଟ ପ୍ରକ୍ରିୟା (ଧାରା ୪୮ ରୁ ୫୨) ଅନୁସାରେ ଦୃଢ଼ ଭାବରେ ପାଳନ କରାଯିବା ଆବଶ୍ୟକ। ଏହାସହିତ ଏପରି ଘରୋଇ ନିବନ୍ଧନ ପୂର୍ବରୁ ଉଚିତ୍ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ନିକଟରୁ ପୂର୍ବ ଅନୁମତି ନିଆଯିବା ଅନିବାର୍ଯ୍ୟ। ଜିଲ୍ଲା ମଧ୍ୟରେ ମାତ୍ର ଆଇନଗତ କ୍ଷେତ୍ରାଧିକାର ବାହାର ମାମଲାରେ ଏଡିଏମ୍ ତଥା ଜିଲ୍ଲା ରେଜିଷ୍ଟ୍ରାର୍, ଜିଲ୍ଲା ବାହାରେ କିନ୍ତୁ ରାଜ୍ୟ ଭିତରେ ଥିଲେ ଇନ୍ସପେକ୍ଟର୍ ଜେନେରାଲ ଅଫ ରେଜିଷ୍ଟ୍ରେସନ୍ ଏବଂ ରାଜ୍ୟ ବାହାରେ ଥିଲେ ସରକାରଙ୍କ ଅନୁମତି ଆବଶ୍ୟକ ହେବ। କେବଳ ପ୍ରକୃତ ଏବଂ ଯୁକ୍ତିସଙ୍ଗତ ମାମଲାରେ ଘରେ ଯାଇ ନିବନ୍ଧନ କରାଯିବ ଏବଂ ସମସ୍ତ କାରଣ ତଥା ଦଲିଲ୍ ସମ୍ବନ୍ଧୀୟ କାଗଜପତ୍ରର ସଠିକ୍ ଯାଞ୍ଚ କରାଯିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଦୃଢ଼ ନିର୍ଦ୍ଦେଶ ଦିଆଯାଇଛି। ଏହି ବ୍ୟବସ୍ଥାର କୌଣସି ଉଲ୍ଲଂଘନ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ସେହିପରି ସମସ୍ତ ଏଡିଏମ୍ ତଥା ଜିଲ୍ଲା ରେଜିଷ୍ଟ୍ରାରଙ୍କୁ ଏହି ଆଇନର କାର୍ଯ୍ୟକାରିତା ନେଇ ପର୍ଯ୍ୟବେକ୍ଷଣ କରିବା ନିମନ୍ତେ ନିର୍ଦ୍ଦେଶ ଜାରି କରାଯାଇଛି। ସରକାର ଦଲିଲ ନିବନ୍ଧନ ପ୍ରକ୍ରିୟାରେ ସ୍ୱଚ୍ଛତା, ପାରଦର୍ଶିତା, ଦାୟିତ୍ୱବୋଧ ଓ ଆଇନଗତ ନିୟମାବଳୀର କଡା ଅନୁପାଳନ ପ୍ରତି ନିଜର ପ୍ରତିବଦ୍ଧତା ସ୍ପଷ୍ଟ କରିଛନ୍ତି।

**ଏଣିକି ନେବାକୁ ହେବ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମତି**

**ପଞ୍ଜିକରଣ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାକୁ କଡ଼ା ଆଭିମୁଖ୍ୟ**

**ଅସୁସ୍ଥତା କିମ୍ବା ଆଇନଗତ କାରଣ ଥିଲେ ହିଁ ମିଳିବ ଅନୁମତି**

# ଆମ୍ବଚାଷୀ ଓ ହିତାଧିକାରୀଙ୍କ ପାଇଁ ଦକ୍ଷତା ବିକାଶ ଶିବିର

**ଭୁବନେଶ୍ୱର,୨୫।୪/ଏନ୍ଏନ୍ଏସ୍:** ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି (ଓରମାସ) ପକ୍ଷରୁ ଭୁବନେଶ୍ୱରସ୍ଥିତ ଏସ୍‌ଆଇଆର୍‌ଡି କ୍ୟାମ୍ପସର ମନରେଗା ସମ୍ମିଳନୀ କକ୍ଷରେ ଆମ୍ବ ଚାଷ ସମ୍ପର୍କିତ ଏକ ସ୍ୱତନ୍ତ୍ର ଦକ୍ଷତା ବିକାଶ କର୍ମଶାଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ୧୫ଟି ପ୍ରମୁଖ ଆମ୍ବ ଉତ୍ପାଦନକାରୀ ଜିଲ୍ଲାରୁ ଚାଷୀ ଏବଂ କୃଷି ଅଧିକାରୀମାନେ ଏଥିରେ ଭାଗ ନେଇଥିଲେ। ଆମ୍ବକୁ କିପରି ସୁରକ୍ଷିତ ଭାବେ ଅମଳ କରାଯିବ ଏବଂ ବିଦେଶକୁ ରପ୍ତାନି କରି ଅଧିକ ଲାଭ ଅର୍ଜନ କରାଯାଇପାରିବ, ସେନେଇ କର୍ମଶାଳାରେ ଆଲୋଚନା କରାଯାଇଥିଲା। ବୈଜ୍ଞାନିକ ପଦ୍ଧତିରେ ଆମ୍ବ ଅମଳ ଏବଂ ଅମଳ ପରବର୍ତ୍ତୀ ଦକ୍ଷ ପରିଚାଳନା ସମ୍ପର୍କରେ ପ୍ରତିଭାଗୀମାନଙ୍କୁ ସଚେତନ କରାଯାଇଥିଲା। ବିଶେଷ କରି ଫଳର ଗୁଣବତ୍ତା ରକ୍ଷା, ଗ୍ରେଡିଂ, ପ୍ୟାକେଜିଂ, କୋଲ୍ଡ ଚେନ୍ ପରିଚାଳନା ଏବଂ ବଜାର ସଂଯୋଗୀକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାସହ ଅନ୍ତର୍ଜାତୀୟ ବଜାରରେ ଓଡ଼ିଶାର ଆମ୍ବର ଚାହିଦା ବୃଦ୍ଧି କରିବା ପାଇଁ ରପ୍ତାନି ସୁଯୋଗର ଉପଯୋଗ କରିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। କର୍ମଶାଳା ସମ୍ପର୍କରେ ମତ ପ୍ରକାଶ କରି ଓରମାସର ଅତିରିକ୍ତ ସିଇଓ (ଅର୍ଥ) ସଞ୍ଜୀବ କୁମାର ସିଂହ କହିଥିଲେ ଯେ ଏହି ପ୍ରଶିକ୍ଷଣ ମାଧ୍ୟମରେ ଚାଷୀମାନେ ନିଜ ବଗିଚାର ଆମ୍ବକୁ କିପରି ବିଦେଶ ବଜାରକୁ ପହଞ୍ଚାଇପାରିବେ, ସେଥିପାଇଁ ସଠିକ୍ ଜ୍ଞାନ ଅର୍ଜନ କରିପାରିବେ। ଏହାସହ ଅତିରିକ୍ତ ସିଇଓ (ପ୍ରଶାସନ) ଗୀତାଞ୍ଜଳି ବେହେରା କହିଥିଲେ ଯେ ସଠିକ୍ ଯତ୍ନ ନେଲେ ଆମ୍ବ ସମୟ ପୂର୍ବରୁ ନଷ୍ଟ ହେବ ନାହିଁ ଏବଂ ଚାଷୀମାନଙ୍କର ଆୟ ବୃଦ୍ଧି ପାଇବ। ଅଂଶଗ୍ରହଣକାରୀ କୃଷକ ସଂଗଠନମାନେ ଏହି କର୍ମଶାଳାକୁ ଓରମାସର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମତ ପ୍ରକାଶ କରି ପ୍ରଶଂସା କରିଥିଲେ।

ନିତିଦିନ NITIDIN

## ମା' ହରଚଣ୍ଡୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

**ଚାରିଛକ,୨୫।୪/ଏନ୍ଏନ୍ଏସ୍:** ଚାରିଛକ ନିକଟସ୍ଥ ଅଣ୍ଡୋଟି ଗ୍ରାମର ଇଷ୍ଟଦେବୀ ମା ହରଚଣ୍ଡୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସୋମବାର ମନ୍ଦିର ରତ୍ନମୁଦ ଓ ଅଙ୍କୁରାଧିବାସ, ମଙ୍ଗଳବାର କଳସଯାତ୍ରା ଓ ନୂତନ ବିଗ୍ରହ ମାନଙ୍କର ଜଳାଧିବାସ, ବୁଧବାର ସୂର୍ଯ୍ୟପୂଜା ଓ ବିଗ୍ରହ ମାନଙ୍କର ମହାସ୍ନାନ, ଗୁରୁବାର ବିଗ୍ରହମାନଙ୍କ ପ୍ରଣ ପ୍ରତିଷ୍ଠା, ମନ୍ଦିର ପ୍ରବେଶ, ପୂର୍ଣ୍ଣାହୁତି ଆଦି ଅନୁଷ୍ଠିତ ହୋଇଥିଲା। ପୂଜକ ରବୀନ୍ଦ୍ର ମିଶ୍ର ଯଥା ରୀତିନୀତି ଅନୁଯାଇ ପୂଜାକାର୍ଯ୍ୟ କରିଥିଲେ। କର୍ତ୍ତାକର୍ତ୍ତୀ ଭାବେ ପ୍ରଫୁଲ୍ଲ ପ୍ରଧାନ, ମୀନତି ପ୍ରଧାନ ପୂଜାକାର୍ଯ୍ୟରେ ଯୋଗଦେଇଥିଲେ।



# ବରକନ୍ୟା ଝରଣା ନିକଟରେ ୧୫ ଟିକିଆ ହାତୀପଲ

## ଜନସାଧାରଣଙ୍କୁ ସତର୍କ କରାଇଲା ବନବିଭାଗ

**ଓଡ଼ଗାଁ,୨୫।୪/ଏନ୍ଏନ୍ଏସ୍:** ନୟାଗଡ ବନଖଣ୍ଡ ପଞ୍ଚିରିଡ଼ା ବନାଞ୍ଚଳର ବରକନ୍ୟା ଝରଣା ନିକଟବର୍ତ୍ତୀ ଅଞ୍ଚଳରେ ୧୫ ଟିକିଆ ହାତୀପଲ ଚଳପ୍ରଚଳ କରୁଛନ୍ତି। ବରକନ୍ୟା ଝରଣା ପର୍ଯ୍ୟଟନ ସ୍ଥଳକୁ ଆସୁଥିବା ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କୁ ବନବିଭାଗ ସତର୍କ କରାଇଛି। ସୂଚନା ଅନୁଯାୟୀ ବରକନ୍ୟା ପର୍ଯ୍ୟଟନ ସ୍ଥଳକୁ ଦୂରଦୂରାନ୍ତରୁ ଅନେକ ପର୍ଯ୍ୟଟକଙ୍କ ସୁଅଛୁଟୁଛି। ପ୍ରତିଦିନ ଦୁଇଶହରୁ ଅଧିକଲୋକ ସେଠାରେ ପହଞ୍ଚି ବରକନ୍ୟା ଝରଣାର ମନୋରମ ପରିବେଶ ବୁଲିଦେଖିବା ସହିତ ଭୋଜିଭାତ କରି ଫେରୁଛନ୍ତି।ଏବେ ଦୁଇଦିନ ହେବ ପୃଥକ ଭାବେ ୩ଟି ହାତୀପଲ ଦଳ ଆସିଥିବାରୁ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।ଗୋଟିଏ ଦଳରେ ୭ଟି ହାତୀ ଥିବାବେଳେ ଆଉ ଗୋଟିଏ ଦଳରେ ୬ଟି ଏବଂ ବାକି ୨ଟି ହାତୀ ବୁଲୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ହାତୀପଲ ଗଡଗାଁ,ଓସ୍ତିଆ, ପୋଡାସହି, ଭୋବସର ଆଦି ସ୍ଥାନରେ ରହିଛନ୍ତି। ହାତୀପଲ ନିକଟସ୍ଥ ଗଛ ଜଙ୍ଗଲରେ ରହି ଅପରାହ୍ନ ସମୟରେ ବାହାରି ରାସ୍ତା ଉପରକୁ ଚାଲି ଆସୁଛନ୍ତି। ହାତୀପଲ ଲୋକଙ୍କ କାଜୁଫସଲ ନଷ୍ଟ କରିବା ସହିତ କଦଳୀ, ନଡ଼ିଆ ଫସଲ ଖାଇ ଦଳିଚକଟି ଭାଙ୍ଗି ଦେଉଛନ୍ତି। ବର୍ତ୍ତମାନ ହାତୀଙ୍କ ପାଇଁ ଖାଦ୍ୟ ମୁଖ୍ୟ ସମସ୍ୟା ପାଲଟିଯାଇଛି। ଚାଷୀ ହାତୀ ଘଉଡାଇବାକୁ ଉଦ୍ୟମ କରୁଥିଲେ ମଧ ହାତୀ ଏହି ସ୍ଥାନ ଛାଡି ଯିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ବଡ଼କଥା ହେଉଛି ହେକ୍ଟର ହେକ୍ଟର କାଜୁଫସଲ ନଷ୍ଟ ହେବାରୁ କାଜୁ ଆଦାୟରେ ବାଧା ସୃଷ୍ଟି ହୋଇଛି।ଏପଟେ ପ୍ରତିଦିନ ବରକନ୍ୟା ଝରଣା ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କୁ ବର୍ତ୍ତମାନ ସମୟରେ ନଆସିବାକୁ ବାରଣ କରାଯାଇଛି। ଏହାସହିତ ସ୍ଥାନୀୟ ଲୋକେ ସନ୍ଧ୍ୟାପୂର୍ବରୁ ଘରକୁ ଫେରିବାକୁ ମଧ କୁହାଯାଇଛି।ଏହି ଜଙ୍ଗଲି ହାତୀ ଖାଦ୍ୟ ଅନ୍ୱେଷଣରେ ଆସୁଥିବାରୁ କେତେବେଳେ କଣ ଅଘଟଣ ଘଟାଇପାରନ୍ତି। ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବନବିଭାଗ ଏଭଳି ପଦକ୍ଷେପ ନେଇଥିବା ଜଣାପଡ଼ିଛି। ଏପଟେ ହାତୀ ଘଉଡାଇବାକୁ ବନ ବିଭାଗ କର୍ମଚାରୀ ପ୍ରୟାସ କରୁଥିଲେ ମଧ ହାତୀ ଜଙ୍ଗଲ ଛାଡ଼ିଯିବା ନାଁ ଧରୁନାହାଁନ୍ତି।ତେଣୁ ସମସ୍ତେ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ଏହି ଘଟଣାରେ ନୟାଗଡ ବନଖଣ୍ଡ ଅଧିକାରୀ ଦେବାର୍ଜନ ବେହେରା ଆମେ ହାତୀପଲ ଉପରେ ସତର୍କ ନଜର ରଖିଛୁ ଓ ବରକନ୍ୟା ଝରଣା ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କୁ ବର୍ତ୍ତମାନ ସମୟରେ ନ ଆସିବାକୁ ବାରଣ କରିଥିବା କହିଛନ୍ତି।



## ଦୁଷ୍କର୍ମ ମାମଲାରେ ୧୦ବର୍ଷ ସଶ୍ରମ କାରାଦଣ୍ଡାଦେଶ

**ଆଠଗଡ଼,୨୫।୪/ଏନ୍ଏନ୍ଏସ୍:** ଆଠଗଡ ଅତିରିକ୍ତ ଜିଲ୍ଲା ଦୌରାଜଜ ରାଜ୍‌କୁମାର ଦାସ ଏକ ଦୁଷ୍କର୍ମ ମାମଲାର ବିଚାରକରି ୨ଜଣ ଦୁଷ୍କର୍ମକାରୀ ଆସାମୀଙ୍କ ବିରୁଦ୍ଧରେ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ୧୦ବର୍ଷ କାରାଦଣ୍ଡାଦେଶ ସହିତ ୧ଲକ୍ଷ ଟଙ୍କା ଜୋରିମାନା ରାୟ ପ୍ରକାଶ କରିଛନ୍ତି। ଆଉ ଜୋରିମାନା ଅନାଦେୟ ୬ମାସ ଅଧିକ କାରାଦଣ୍ଡାଦେଶରେ ଶୁଣାଇଛନ୍ତି। ଘଟଣାରୁ ପ୍ରକାଶ ପାର୍ବତୀପୁରର ଜନୈକ ବିବାହିତା ମହିଳା ଖୁଣ୍ଟୁଣୀ ବଜାରରୁ ଘରକୁ ଯାଉଥିବା ବେଳେ ଆସାମୀ ପ୍ରଧାନ ସଏ, ଚଗ ଓରଫ ଚୈତନ୍ୟ ବିରୁଆ ପୀଡ଼ିତାଙ୍କୁ ଘରେ ଛାଡି ଦେବେ ବୋଲି କହି ବାଇକ୍‌ରେ ଖୁଣ୍ଟୁଣୀ ବଜାରରୁ ବସେଇ ଆଣୁଥିଲେ। ଉଭୟ ଆସାମୀ ରାଇବଣିଆ ଜଙ୍ଗଲ ନିକଟ ବର୍ତ୍ତୀ ନିକାଞ୍ଚନ ସ୍ଥାନରେ ପୀଡ଼ିତାଙ୍କୁ ଜୋର୍ ଜବରଦସ୍ତ ଦୁଷ୍କର୍ମ କରିଥିଲେ। ସ୍ଥାନୀୟ ଲୋକମାନେ ପହଞ୍ଚିବାରୁ ଦୁଷ୍କର୍ମକାରୀ ଛାଡି ଚାଲିଯାଇଥିଲେ। ବରବର୍ତ୍ତୀ ସମୟରେ ଉକ୍ତ ଘଟଣା ସମ୍ପର୍କରେ ଖୁଣ୍ଟୁଣୀ ଥାନାରେ ମାମଲା ରୁଜୁ ହୋଇଥିଲା ଓ ଅଭିଯୋଗ ଫର୍ଦ କୋର୍ଟରେ ଦାଖଲ ହୋଇଥିଲା। ସରକାରୀ ଓକିଲ ମାମଲା ପରିଚାଳନା କରିଥିଲେ।

## ବିରୂପାରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ମାହାଙ୍ଗା,୨୫।୪/ଏନ୍ଏନ୍ଏସ୍:** ମାହାଙ୍ଗା ଥାନା ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତ ଗୁଣ୍ଡୁପୁର ଠାରେ ଶନିଦେବ ଯାତ୍ରା ଦେଖିବାକୁ ଯିବା ସମୟରେ ବିରୂପା ନଦୀରେ ବୁଡି ଜଣେ ଯୁବକ ପ୍ରାଣ ହରାଇଥିବା ଜଣାଯାଇଛି। ସୂଚନା ମୁତାବକ ଆଜି କୁସୁପୁର ପଞ୍ଚାୟତ ବାଗସରପୁର ଗ୍ରାମର ମୃତ୍ୟୁଞ୍ଜୟ ସେଠୀ ଏବଂ ରାହାଣିଆ ପଞ୍ଚାୟତ କାଳିଅଁଟି ଗ୍ରାମର ପଦ୍ମଲୋଚନ ଜେନା (୧୮) ଦୁଇ ଜଣ ସାଙ୍ଗ ହୋଇ ବିରୂପା ନଦୀ ବାଗସରପୁର ତୁଠରୁ ଗୁଣ୍ଡୁପୁର ଅଭିମୁଖେ ଯାଉଥିବା ସମୟରେ ଶନି ମନ୍ଦିରର ୨୦୦ ମିଟର ଦୁରରେ ମୃତ୍ୟୁଞ୍ଜୟ ନଦୀ ପଠାରେ ଚଢ଼ି ଗୁଣ୍ଡୁପର ପଟକୁ ଆସିଥିଲେ। କିନ୍ତୁ ପଦ୍ମଲୋଚନ ନଦୀ ମଧ୍ୟରେ ପାଣିରେ ପହଁରି ଯାଉଥିବା ସମୟରେ ଗଭୀର ଜଳରେ ବୁଡ଼ି ଯାଇଥିଲେ। ଏହା ଦେଖି ମୃତ୍ୟୁଞ୍ଜୟ ଡାକ ପକାଇଥିଲେ। ସେଠାରେ ଜଳାଭିଷେକ କରୁଥିବା କିଛି ଯୁବକ ସେଠାକୁ ଯାଇ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ପାଇ ନଥିଲେ। ପ୍ରାୟ ୨୦ମିନିଟ୍ ପରେ ପଦ୍ମଲୋଚନ ନଦୀ ମଧ୍ୟରେ ଭାସୁଥିବା ଦେଖିବାକୁ ପାଇଥିଲେ। ସ୍ଥାନୀୟ ଯୁବକଙ୍କ ଦ୍ୱାରା ତାଙ୍କୁ ନଦୀରୁ ଉଦ୍ଧାର କରାଯାଇ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ପଠାଯାଇଥିବା ଜଣାଯାଇଛି।

## ବ୍ରାଉନସୁଗର ଜବତ, ୨ ଗିରଫ

**ଖୋର୍ଦ୍ଧା,୨୫।୪/ଏନ୍ଏନ୍ଏସ୍:** ଖୋର୍ଦ୍ଧା ପୁଲିସକୁ ମିଳିଛି ବଡ଼ ସଫଳତା। ସଦର ଥାନା ଅନ୍ତର୍ଗତ ସିଆଳିଆ ଖେଳ ପଡ଼ିଆ ନିକଟରେ ଚଢ଼ଉ କରି ପୁଲିସ ବିପୁଳ ପରିମାଣର ବ୍ରାଉନସୁଗର ବା ଧଳା ଜହର ଜବତ କରିବା ସହ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଣିଆଟାଙ୍ଗି ଅଞ୍ଚଳର ସୁଦୀପ୍ତ ସାମନ୍ତରାୟ ଓରଫ ଦୀପୁ (୩୫) ଏବଂ ଚନ୍ଦକା ଥାନା କୁଟିମହୁଲ ଅଞ୍ଚଳର ଅଭିଜିତ ପାତ୍ର ଓରଫ ଆକାଶ (୨୦)। ସୂଚନା ଅନୁଯାୟୀ, ଗତକାଲି ମଧ୍ୟାହ୍ନରେ ସିଆଳିଆ ପଡ଼ିଆ ନିକଟରେ କିଛି ଯୁବକ ବ୍ରାଉନସୁଗର ବିକ୍ରି ପାଇଁ ଯୋଜନା କରୁଥିବା ନେଇ ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏସପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ନିହାର ପ୍ରଧାନ ଓ ଥାନା ଅଧିକାରୀ ବାସୁଦେବ ଜୟସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ପେଶାଲ ଟିମ୍ ଗଠନ କରାଯାଇଥିଲା। ଏସଆଇ ଚନ୍ଦନ ଦାସଙ୍କ ନେତୃତ୍ୱରେ ଏହି ଟିମ୍ ଘଟଣାସ୍ଥଳରେ ଅତର୍କିତ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ପୁଲିସକୁ ଦେଖି ଜଣେ ଯୁବକ ଫେରାର ହୋଇଯାଇଥିବା ବେଳେ ଅନ୍ୟ ଦୁଇଜଣଙ୍କୁ କାବୁ କରାଯାଇଥିଲା। ଅଭିଯୁକ୍ତ ଦୀପୁ ପାଖରୁ ପୁଲିସ ୨୩.୦୭ ଗ୍ରାମ ଧଳା ଜହର ଜବତ କରିଛି। ଏହା ସହିତ ଅଭିଯୁକ୍ତଙ୍କ ନିକଟରୁ ୨ଟି ବାଇକ୍ ଏବଂ ୨ଟି ମୋବାଇଲ ଫୋନ୍ (ଗୋଟିଏ ସ୍ମାର୍ଟଫୋନ ସହ) ଜବତ କରାଯାଇଛି। ଏହି ସଫଳ ଚଢ଼ଉରେ ଏସଆଇ ଚନ୍ଦନ ଦାସଙ୍କ ସମେତ ଏଏସଆଇ ସୁବାସ ନାୟକ, ଲକ୍ଷ୍ମୀ ସାହୁ, କନ୍‌ଷ୍ଟେବଲ୍ ଅବଦୁଲ ମସି ଖାନ୍, ଦେବରାଜ ସାହୁ, ସୁଶାନ୍ତ ସୁନ୍ଦରାୟ, ଚନ୍ଦନ ପାଟ୍ଟଶାଣୀ ଏବଂ ସନ୍ତୋଷ ବାରିକ ପ୍ରମୁଖ ସାମିଲ ହୋଇଥିଲେ। ପୁଲିସ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଫେରାର ଥିବା ତୃତୀୟ ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ସୂଚନା ଦେଇଛି।

## ଡେଲାଙ୍ଗରେ ଯୁବ ଉତ୍ସବ ସାମାବେଶ

**ଡେଲାଙ୍ଗ,୨୫।୪/ଏନ୍ଏନ୍ଏସ୍:** ଡେଲାଙ୍ଗ ବ୍ଲକର ମା' କେନ୍ଦ୍ରେଶ୍ୱରୀ ମନ୍ଦିର ସନ୍ନିକଟ ପଡ଼ିଆରେ ୩ ଦିନିଆ ଯୁବ ଉତ୍ସବ କାର୍ଯ୍ୟକ୍ରମ ନିମନ୍ତ୍ରୀତ ଅତିଥିମାନେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। କଳ୍କୀ ଫାଉଣ୍ଡେସନ ଓ ଲିପ୍ସା ଏଜୁକେସନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଯୁବ ଉତ୍ସବ ସମାବେଶରେ ପୂର୍ବତନ ଉଦ୍ୟାନକୃଷି




ଉପନିର୍ଦ୍ଦେଶକ ବିଜୟ କେତନ ସାହୁ, ଏବିଭିପି ଯିଗ୍ମସଚିବ ବ୍ୟାସ ନାରାୟଣ ଯୋଶୀ, ଡିଏସଟି ଗ୍ରୁପ୍ ଅଧ୍ୟକ୍ଷ ଲିଙ୍ଗରାଜ ସେଣ, ସାମାଜିକକର୍ମୀ ଶୁଶିଲ ରାୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କୁନି ପିଲାମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ପ୍ରତ୍ୟେକ ପ୍ରତିଯୋଗିତାରେ ପିଲାମାନଙ୍କୁ ଅଂଶଗ୍ରହଣ କରିବା ଆବଶ୍ୟକତା ରହିଛି। ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ଦ୍ୱାରା ବିଭିନ୍ନ କ୍ଷେତ୍ରରେ ଦକ୍ଷତା ବିକାଶ ହୋଇପାରିବ ବୋଲି ପୂର୍ବତନ ଉଦ୍ୟାନକୃଷି ଉପନିର୍ଦ୍ଦେଶକ ଶ୍ରୀ ସାହୁ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସେହିପରି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ କୁନିକୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ, ସଂଗୀତ, ମ୍ୟୁଜିକ୍‌ଚାୟାର ପ୍ରଭୃତି ପ୍ରତିଯୋଗିତା କରାଯାଇଥିଲା। ଟ୍ରଷ୍ଟର ସଭାପତି ପୂର୍ଣ୍ଣେନ୍ଦୁ ପ୍ରଧାନ, ସମ୍ପାଦକ ଶ୍ୟାମାଳୀମା ରାଉତ, ଫାଉଣ୍ଡେସନର ସଭାପତି ରୋଜାଲିନ୍ ପଟ୍ଟନାୟକ, ସମ୍ପାଦକ ପ୍ରିୟବ୍ରତ ପ୍ରଧାନ ଓ ଜ୍ୟୋତିରଞ୍ଜନ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

## ନୟାଗଡ଼ ମ୍ୟୁନିସିପାଲିଟିରେ ପ୍ରଥମ ପର୍ଯ୍ୟାୟ ଗୃହ ଗଣନା

**ନୟାଗଡ଼,୨୫।୪/ଏନ୍ଏନ୍ଏସ୍:** ଭାରତ ସରକାରଙ୍କ ଜନଗଣନା କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରଥମ ପର୍ଯ୍ୟାୟରେ ଆରମ୍ଭ ହୋଇଛି ଗୃହ ଗଣନା କାର୍ଯ୍ୟକ୍ରମ। ଚଳିତ ମାସ ୧୬ ତାରିଖରୁ ଆରମ୍ଭ ହୋଇଥିବା ଗୃହ ଗଣନା କାର୍ଯ୍ୟ ଆସନ୍ତା ମେ ମାସ ୧୫ତାରିଖ ପର୍ଯ୍ୟନ୍ତ ଚାଲିବ।ନୟାଗଡ଼ ମୁନିସିପାଲିଟି ଅଞ୍ଚଳ ଅନ୍ତର୍ଗତ ୧୬ଟି ୱାର୍ଡ଼ରେ ଚାଲିଛି ଗୃହ ଗଣନା କାର୍ଯ୍ୟ। ଗୃହ ଗଣନା କାର୍ଯ୍ୟ ପାଇଁ ୧୬ଟି ୱାର୍ଡ଼କୁ ୫୮ଟି ଗୃହ ତାଲିକା ବ୍ଲକରେ ବିଭକ୍ତ କରାଯାଇ ୫୮ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଗଣନାକାରୀ ଭାବେ ନିୟୋଜିତ କରାଯାଇଛି। ଏହା ସହିତ ୧୮ଜଣ ଗଣନାକାରୀଙ୍କୁ ରିଜର୍ଭ ଭାବେ ରଖାଯାଇଛି। ଗଣନାକାରୀ ମାନଙ୍କ କାର୍ଯ୍ୟକୁ ତଦାରଖ କରିବା ପାଇଁ ୧୧ଜଣ ଶିକ୍ଷକ ଶିକ୍ଷୟିତ୍ରୀ ସୁପରଭାଇଜର ଭାବେ କାର୍ଯ୍ୟ କରୁଛନ୍ତି। ଏଥର ଜନଗଣନାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହା ସମ୍ପୂର୍ଣ୍ଣ ଭାବେ ଡିଜିଟାଲ୍ ପଦ୍ଧତି। ପ୍ରଥମଥର ପାଇଁ କାଗଜ କଲମ ପରିବର୍ତ୍ତେ ମୋବାଇଲ୍ ଆପ୍ ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯାଉଛି, ଯାହାଦ୍ୱାରା ତଥ୍ୟ ଶୀଘ୍ର ଏବଂ ସଠିକ୍ ଭାବେ ଉପଲବ୍ଧ ହୋଇପାରିବ। ପ୍ରଶ୍ନବଳୀ ଓ ତଥ୍ୟ ସଂଗ୍ରହ ଗଣନାକାରୀମାନେ ଘରକୁ ଘର ବୁଲି ପରିବାରର ସଦସ୍ୟଙ୍କ ସଂଖ୍ୟା, ଶିକ୍ଷା, ବୃତ୍ତି, ବାସଗୃହର ସୁବିଧା ଏବଂ ବ୍ୟବହାର କରୁଥିବା ଗାଡ଼ି ବା ଅନ୍ୟାନ୍ୟ ସାମଗ୍ରୀ ବିଷୟରେ ସୂଚନା ନେଉଛନ୍ତି। ଜନଗଣନାର ପ୍ରଥମ ପର୍ଯ୍ୟାୟ ଗୃହଗଣନା କାର୍ଯ୍ୟ ଆସନ୍ତା ମାସ ୧୫ତାରିଖରେ ଶେଷ ହେବାକୁ ଥିବାବେଳେ ୨୦୨୭ ମସିହା ଫେବୃଆରୀ ମାସରେ ଦ୍ୱିତୀୟ ପର୍ଯ୍ୟାୟରେ ଜନଗଣନା କାର୍ଯ୍ୟ କରାଯିବ।

## ଲୋକାରଣ୍ୟ କୋଣାର୍କ ନବଗ୍ରହପୀଠ, ଅସମ୍ଭାଳ ଭିଡ଼

**କୋଣାର୍କ,୨୫।୪/ଏନ୍ଏନ୍ଏସ୍:** ପବିତ୍ର ବୈଶାଖ ମାସର ଶେଷ ଶନିବାରରେ ଆଜି କୋଣାର୍କ ସୂର୍ଯ୍ୟମନ୍ଦିରର ଉତ୍ତରକୋଣ ରେ ଅବସ୍ଥିତ ଥିବା ନବଗ୍ରହ ପୀଠରେ ଲାଗିରହିଥିଲା ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼। କୋଣାର୍କ ତଥା ଏହାର ଆଖପାଖ ଅଞ୍ଚଳର ବିଶେଷ ଭାବେ ନିମାପଡ଼ା, ଗୋପ, ଅସ୍ତରଙ୍ଗ, ପାରାଦୀପ, ଜଗତସିଂହପୁର ସମେତ ରାଜ୍ୟର ଅନେକକ ସ୍ଥାନରୁ ଲକ୍ଷାଧିକ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଆସି ଶନିଦେବତାଙ୍କୁ ଆରାଧନା କରି କୋଣାର୍କର ପ୍ରମୁଖ ପୀଠ ନବଗ୍ରହ ପୀଠରେ ପହଞ୍ଚି ଧାଡି ହୋଇ ଶହଶହ ଶ୍ରଦ୍ଧାଳୁ ନବଗ୍ରହଙ୍କ ଦର୍ଶନ ସହିତ ପୂଜାର୍ଚ୍ଚନା କରିଥିଲେ। କୋଣାର୍କ ସୂର୍ଯ୍ୟ ମନ୍ଦିର ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ନବଗ୍ରହ ପୀଠରେ ପହଞ୍ଚି ନବଗ୍ରହ ମନ୍ଦିର ରେ ପୂଜା ପାଉଥିବା ଶନି ଦେବଙ୍କୁ ପୂଜାର୍ଚ୍ଚନା କରିବା ପରେ କାହିଁ କେଉଁ କାଳରୁ ଚାଲି ଆସୁଥିବା ମାନସିକକୁ ନେଇ କେତେକ ଶ୍ରଦ୍ଧାଳୁ ଛୋଟ ଛୋଟ ପିଲାଙ୍କୁ ବାଲିରେ ପୋତି ପୂଜାର୍ଚ୍ଚନା କରୁଥିବା ଦେଖାଯାଇଥିଲା। ହୁଳହୁଳି ଓ ଶଙ୍ଖନାଦ ମଧ୍ୟରେ ଏହି ମନ୍ଦିର ପରିସର ପ୍ରକମ୍ପିତ ହୋଇଉଠୁଥିଲା ବେଳେ ଯଜ୍ଞ ହୋମ ନିଆଁ ଓ ଧୂଆଁ ଏଠାରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ବିଭିନ୍ନ ସଂଗଠନ ବିଶେଷ ଭାବେ କୋଣାର୍କ ପ୍ରେସ୍ କ୍ଲବ, ଅର୍କେଶ୍ୱର ଟ୍ୟାକ୍ସି ଚାଳକ ସଂଘ, କୋଣାର୍କ ଗୋପ ଉନ୍ନୟନ ପରିଷଦ, ବିଶ୍ୱହିନ୍ଦୁ, କୋଣାର୍କ ସତ୍ୟସାଇ ସଂଗଠନ, କୋଣାର୍କ ସୁରକ୍ଷା ସମିତି, ନବଗ୍ରହ ପୀଠ ସମେତ କୋଣାର୍କର ବିଭିନ୍ନ ସ୍ଥାନରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କୁ ଶୀତଳ ଦହି ସର୍ବତ ଦିନତମାମ ବଣ୍ଟନ କରାଯାଇଥିଲା।



## ସାଇବର୍ ସୁରକ୍ଷା ସଚେତନତା ଶିବିର

**ପୁରୀ,୨୫।୪/ଏନ୍ଏନ୍ଏସ୍:** ବର୍ତ୍ତମାନ ଡିଜିଟାଲ ଯୁଗରେ ଆକ କାରବାର ଓ ଅନଲାଇନ ବ୍ୟବସାୟରେ ବ୍ୟାପକ ବୃଦ୍ଧି ସହିତ ସାଇବର ଅପରାଧ ଓ ଆର୍ଥିକ ଠକେଇର ଘଟଣାମାନ ମଧ୍ୟ ଦ୍ରୁତ ହାରେ ବୃଦ୍ଧି ପାଉଛି। ଏହି ପରିପ୍ରେକ୍ଷୀରେ ସାଧାରଣଲୋକଙ୍କୁ ସଚେତନ କରିବା ଓ ସୁରକ୍ଷିତ ଆର୍ଥିକ ବ୍ୟବହାର ପ୍ରତି ଜାଗୃତ କରିବା ନିମନ୍ତେ 'ସଂପର୍କ' ପକ୍ଷରୁ ଦି ୱେଲଥ କମ୍ପାନୀର ସହଯୋଗରେ ସ୍ଥାନୀୟ ସଂସ୍କୃତି ଭବନଠାରେ ଏକ ବ୍ୟାପକ ସୁରକ୍ଷିତ ନିବେଶ ଓ ସାଇବର ସୁରକ୍ଷା ସଚେତନତା ଶିବିର ଆୟୋଜିତ ହୋଇଥିଲା। ଶିବିରରେ ବିଭିନ୍ନ ବର୍ଗର ଲୋକମାନଙ୍କ ସହ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନଙ୍କୁ ଅଭିନନ୍ଦନ ଓ ସ୍ୱାଗତ କରାଯାଇଥିଲା ଏବଂ ସଚେତନତା ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍‌ର ଅବସରପ୍ରାପ୍ତ ବରିଷ୍ଠ ପ୍ରବନ୍ଧକ ଅରବିନ୍ଦ ଶତପଥୀ ମତ ରଖିଥିଲେ। ଶିବିରର ମୂଳ ଲକ୍ଷ୍ୟ ଥିଲା ଲୋକମାନଙ୍କୁ ନିଜ ଆର୍ଥିକ ସଂଶୋଧନକୁ କିପରି ସୁରକ୍ଷିତ ଭାବରେ ବିନିଯୋଗ କରିବେ ଏବଂ ଅନ୍‌ଲାଇନ ମାଧ୍ୟମରେ ଘଟୁଥିବା ବିଭିନ୍ନ ପ୍ରକାର ଠକେଇରୁ କିପରି ସତର୍କ ରହିବେ। ଦି ୱେଲ୍‌ଥ କମ୍ପାନୀର ଅଧ୍ୟକ୍ଷ ସୁଶ୍ରୀ ମଧୁ ଲୁନାୱାତ୍ ଆଜିର ଯୁଗରେ ସଠିକ ନିବେଶ ନିଷ୍ପତ୍ତି ନେବା ଅତ୍ୟନ୍ତ ଜରୁରୀ କହିଥିଲେ। ହେଲେ ସବୁବେଳେ ସରକାରୀ ନିୟମ ଅନୁଯାୟୀ ନିବେଶ ପ୍ରଣାଳୀକୁ ବାଛିବା ଦରକାର ବୋଲି ସେ ପରାମର୍ଶ ଦେଇଥିଲେ। ସାଇବର ସୁରକ୍ଷା ବିଶେଷଜ୍ଞ ଲିଙ୍ଗରାଜ ସେଠୀ ତାଙ୍କ ଉପସ୍ଥାପନାରେ ବର୍ତ୍ତମାନ ସମୟରେ ବୃଦ୍ଧି ପାଉଥିବା ସାଇବର ଅପରାଧ ଯଥା ଫିସିଂ, ଓଟିପି ଠକେଇ, ଭୁଲ କଲ୍ ଓ ଲିଙ୍କ ମାଧ୍ୟମରେ ହେଉଥିବା ଠକେଇ ବିଷୟରେ ଉଦାହରଣ ସହ ଆଲୋଚନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପ୍ରାକ୍ତନ ପ୍ରଶାସକ ପଦ୍ମନାଭ ପଣ୍ଡା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ବରିଷ୍ଠ ନାଗରିକ ମଞ୍ଚର ସନ୍ତୋଷ କୁମାର ମହାନ୍ତି, ଲିଙ୍ଗରାଜ ମହାନ୍ତି, ପ୍ରଦୀପ କୁମାର ନାୟକ ଅତିଥି ଭାବେ ଯୋଗଦେଇଥିବା ବେଳେ ଅବସରପ୍ରାପ୍ତ ବ୍ୟାଙ୍କ୍ ଅଧିକାରୀ ହରପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ କୁମାର ମହାନ୍ତି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଭିମନ୍ୟୁ ଭୂୟାଁ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତୀୟ ସଦ୍ଭାବନା ପ୍ରମୁଖ ରାଜ୍ କିଶୋର ସାହୁ, ପ୍ରାନ୍ତୀୟ ସେବା ସଂଯୋଜକ ଶାନ୍ତନୁ କୁମାର ମାଝୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋଜ କୁମାର ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ସଂପର୍କର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଏବଂ ସଂଗଠନର କାର୍ଯ୍ୟକଳାପ ଓ ଲକ୍ଷ୍ୟ ସମ୍ପର୍କରେ ଅତିଥିମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ପୁରୀର ବିଭିନ୍ନ ଶିକ୍ଷାନୁଷ୍ଠାନ ଯଥା କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀ ସଦାଶିବ ପୁରୀ କ୍ୟାମ୍ପସ, ମହିଳା ମହାବିଦ୍ୟାଳୟ ଏବଂ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ମୋଟ ୯୨୬ ଜଣ ଛାତ୍ରଛାତ୍ରୀ ସାଇବର ସୁରକ୍ଷା ବିଷୟରେ ଇଣ୍ଟର୍ନସିପ୍ କରିଥିବା ସୂଚନା ଦିଆଯାଇଥିଲା। ଶେଷରେ ରାକେଶ କୁମାର ବାରିକ ଅତିଥିମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

## ପର୍ଯ୍ୟଟକଙ୍କ ପାଇଁ ଜଳଛତ୍ର ଖୋଲିବାକୁ ଦାବି

**କଣ୍ଟିଲୋ,୨୫।୪/ଏନ୍ଏନ୍ଏସ୍:** ମହାପ୍ରଭୁ ଶ୍ରୀଜଗନ୍ନାଙ୍କ ଆଦିପୀଠ ତଥା ପ୍ରମୁଖ ପର୍ଯ୍ୟଟନ ସ୍ଥଳରେ ବିରାଜିତ ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋ ଗ୍ରାମ ପଞ୍ଚାୟତରେ ଆଜିକା ଦିନରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାବ ଜାରି ହୋଇ ତାପମାତ୍ରା ୪୨ ଡିଗ୍ରୀରେ ପହଞ୍ଚିଥିବାରୁ ସାଧାରଣ ଜୀବନଯାତ୍ରା ଅସହ୍ୟ ହୋଇପଡ଼ିଛି। ହେଲେ ଆଜି ସୁଦ୍ଧା ସରକାରୀ କିମ୍ବା ବେସରକାରୀ ସ୍ତରରେ କୌଣସି ସ୍ଥାନରେ ଗୋଟିଏ ହେଲେ ଜଳଛତ୍ର ଖୋଲାଯାଇ ନଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି। ସୂଚନାରୁ ପ୍ରକାଶ ଯେ, ଅସହ୍ୟ ତାପମାତ୍ରା ଓ ଗୁଳୁଗୁଳି ଯୋଗୁଁ ବାଟୋଇ, ପଥଚାରୀ, ଭକ୍ତ, ପର୍ଯ୍ୟଟକ ଓ ସାଧାରଣ ଜନତା ଠାକୁର ଦର୍ଶନ ପାଇଁ ହେଉ କିମ୍ବା ବିଭିନ୍ନ କାର୍ଯ୍ୟରେ ଯାତାୟାତ ସମୟେ ଖରାରେ ଶିଝୁଥିବା ବେଳେ ପାନୀୟ ଜଳର କୌଣସି ସୁବିଧା ନଥିବା ଯୋଗୁ ବହୁ ହଇରାଣ ଓ ହୀନସ୍ତା ହେଉଥିବା ଅଭିଯୋଗ ହେଉଛି। ସକାଳ ୧୦ଟା ପରଠାରୁ ତାପମାତ୍ରା ଏତେ ବଢ଼ି ଚାଲିଛି ଯେ, ଅପରାହ୍ନ ପାଞ୍ଚ ଘଟିକା ପର୍ଯ୍ୟନ୍ତ ଘରୁ ବାହାରିଲେ ମଧ ମୁହଁ, ଦେହ ପୋଡ଼ିଯାଉଥିବା ଭଳି ଲାଗୁଛି। ଜନଜୀବନ ପୁରା ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ସେଥି ମଧ୍ୟରେ କଣ୍ଟିଲୋରେ ବିଜୁଳି ଲୋ ଭୋଲଟେଜ୍ ସାଙ୍ଗକୁ ମନ ଇଚ୍ଛାରେ ପାୱାର୍ କଟ୍ ହେବା ଦ୍ୱାରା କଷ୍ଟକୁ ଆହୁରି ଦୁଇଗୁଣିତ କରୁଛି। ବୈଶାଖ ମାସ ଅଧାରୁ ଅଧିକ ଦିନ ବିତିଯାଇଥିଲେ ମଧ ଏବଂ ପ୍ରଚଣ୍ଡ ରୌଦ୍ରତାପରେ ଆଜିପର୍ଯ୍ୟନ୍ତ କଣ୍ଟିଲୋରେ କୌଣସି ଘରୋଇ କିମ୍ବା ସରକାରୀ ସ୍ତରରେ ଜଳଛତ୍ରଟିଏ ଖୋଲାଯାଇ ନାହିଁ। ଫଳରେ ଏଠାକୁ ଶ୍ରୀନୀଳମାଧବ ଦର୍ଶନ ନିମନ୍ତେ ଆସୁଥିବା ପର୍ଯ୍ୟଟକ, ବାଟୋଇ ଓ ସାଧାରଣ ଜନତା ତୃଷାର୍ତ୍ତ ଅବସ୍ଥାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପର୍ଯ୍ୟଟନସ୍ଥଳୀ ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ, କିମ୍ବା ବ୍ଲକ୍ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

## ଦିନ ଦ୍ୱିପହରେ ଜଳିଗଲା ଦୁଇ କାର୍

**ମୁଣ୍ଡମୁହାଣ,୨୫।୪/ଏନ୍ଏନ୍ଏସ୍:** ଗତକାଲି ମଧ୍ୟାହ୍ନରେ ଭୁଆସୁଣୀ ମନ୍ଦିର ନିକଟରେ ଥୁଆ ହୋଇଥିବା ଏକ କାର୍ ହଠାତ୍ ଜଳିଯାଇଥିଲା। ଏହି ଅଗ୍ନିକାଣ୍ଡରେ କାର୍‌ଟି ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଥିବା ବେଳେ କାହାର କିଛି କ୍ଷୟକ୍ଷତି ହୋଇନଥିବା ଜଣାପଡିଛି। ସଟ୍ ସର୍କିଟ୍‌ରୁ ଏଭଳି ହୋଇଥିବା ଅନୁମାନ କରାଯାଉଛି। ମିଳିଥିବା ସୂଚନା ଅନୁସାରେ ଆଜି ମଧ୍ୟାହ୍ନରେ ଏକ କାର ଆସି ଭୁଆସୁଣୀ ମନ୍ଦିର ନିକଟରେ ଅଟକି ଥିଲା। ଗାଡ଼ିଚାଳକ ଗାଡି ରଖି କୌଣସି କାମରେ ବାହରକୁ ବାହାରିଥିଲେ। ସେହି ସମୟରେ କାର୍‌ଟି ହଠାତ ଜଳିବାକୁ ଲାଗିଥିଲା। ନିକଟରେ ଥିବା ଲୋକ ପାଟି କରିଥିଲେ ମଧ ମଧ୍ୟାହ୍ନ ସମୟରେ ଉଦୁଉଦିଆ ଖରାରେ ପାଣି ବୋହି ପକାଇବା ସମ୍ଭବ ନଥିଲା। ସ୍ଥାନୀୟ ଲୋକମାନେ ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକ ନିଆଁକୁ ଆୟତ୍ତ କରିଥିଲେ ମଧ ଗାଡିଟି ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଯାଇଥିଲା। କାର୍‌ର ସଟ୍ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ସେହି ଭଳି ଅନ୍ୟ ଏକ ଘଟଣା ଯାଁଳା ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା କ୍ରିଷ୍ଣା ପ୍ରିୟା ଆପାର୍ଟମେଣ୍ଟ୍‌ରେ ରହିଥିବା ଏକ ଫୋର୍ଡ଼ କମ୍ପାନୀର ଇକୋ ସ୍ପୋର୍ଟ୍ସ କାର୍ ହଠାତ୍ ଜଳିଯାଇଥିଲା। ଅଗ୍ନିକାଣ୍ଡରେ କାର୍‌ଟିର ସମ୍ମୁଖ ଭାଗ ଜଳିଯାଇଥିବା ବେଳେ କାହାର କିଛି କ୍ଷୟକ୍ଷତି ହୋଇ ନଥିବା ଜଣାପଡ଼ିଛି। ଖବର ପାଇ ଜଟଣୀ ଅଗ୍ନିସେବା ବାହିନୀ ତୁରନ୍ତ ପହଞ୍ଚି ଜଳୁଥିବା କାର୍‌ଟିକୁ ଲିଭାଇଥିଲେ।

## ବାସିଖାଦ୍ୟ ଖାଇ ଗୋରୁ ମରିବା ନେଇ ଅସନ୍ତୋଷ

**କଣ୍ଟାପଡ଼ା,୨୫।୪/ଏନ୍ଏନ୍ଏସ୍:** କଣ୍ଟାପଡ଼ା ବ୍ଲକ ବାଗଲପୁର ପଞ୍ଚାୟତ ଅନ୍ତର୍ଗତ ସୁନ୍ଦରଗ୍ରାମ ଅଞ୍ଚଳରେ ବାସି ଖାଦ୍ୟ ଖାଇ ୩ଟି ଗାଈ ଓ ଦୁଇଟି ଷଣ୍ଢ ମରିବା ଘଟଣାକୁ ନେଇ ସାଧାରଣରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। କ୍ଷତିଗ୍ରସ୍ତ ଗୋପାଳକ ପରିବାରକୁ ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦେବାକୁ ଲୋକମାନେ ଦାବି କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ଗତ ୧୯ତାରିଖରେ ସୁନ୍ଦରଗ୍ରାମ ହାଇସ୍କୁଲର ପ୍ଲାଟିନମ ଜୁବିଲି ମହୋତ୍ସବ ପାଳନ ହେଉଥିଲା ଓ ଏଥିରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ମୁଖ୍ୟ ଅତିଥିରୂପେ ଯୋଗଦେଇଥିଲେ। ଏହି ଉପଲକ୍ଷେ ପୁରାତନ ଛାତ୍ରଛାତ୍ରୀଙ୍କ ସମେତ ବହୁ ସଂଖ୍ୟକ ଜନତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ; ସମସ୍ତଙ୍କ ପାଇଁ ଖାଇବା ବ୍ୟବସ୍ଥା ହୋଇଥିଲା। ମାତ୍ର ମୁଖ୍ୟମନ୍ତ୍ରୀ ଆସିବାରେ ବିଳମ୍ବ ହେବାରୁ ଅଧିକାଂଶ ଲୋକେ ସଭାସ୍ଥଳ ଛାଡ଼ି ପଳାଇଥିଲେ। ଫଳରେ ଜନତାଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟ ବଳିପଡ଼ିଥିଲା। ଏହାକୁ ମାଟିରେ ପୋତିଦେବା ବଦଳରେ ଖୋଲାମେଲାରେ ଫିଙ୍ଗିଦିଆଯାଇଥିଲା। ଏହାକୁ ଖାଇ ଗାଈଗୋରୁ ଅସୁସ୍ଥ ହୋଇଥିଲେ ଏବଂ ଶେଷରେ ମୃତ୍ୟୁମୁଖରେ ପଡ଼ିଥିଲେ। ଯାହାକୁ ନେଇ ଉଭୟ ଗୋପାଳକ ଓ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେବେ କ୍ଷତିଗ୍ରସ୍ତ ଗରିବ ଗୋପାଳକଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି।

## ବୁଢ଼ାବୁଢ଼ିଆଣୀଙ୍କ ପୀଠରେ ୭୭ତମ ବୃଷ୍ଟି ଯଜ୍ଞ

**ଓଡ଼ଗାଁ,୨୫।୪/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଗୌଡପୁଟ ପଞ୍ଚାୟତସ୍ଥିତ ବୁଢ଼ା ବୁଢ଼ିଆଣୀଙ୍କ ପୀଠରେ ମା'ବୁଢ଼ାବୁଢ଼ିଆଣୀ ଯଜ୍ଞ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ୭୭ତମ ବୃଷ୍ଟିଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଚଳିତମାସ ପବିତ୍ର ଅକ୍ଷୟ ତୃତୀୟା ତିଥିରୁ ଆରମ୍ଭ ହୋଇଥିବା ଯଜ୍ଞର ପ୍ରଥମ ଦିବସରେ ଅଙ୍କୁରାରୋପଣ କରାଯାଇ ୨ୟ ଦିବସ ସକାଳେ କଳସରେ ଜଳପୂରଣ,ପୂଜନ, ସ୍ଥାପନ, ବ୍ରାହ୍ମଣ ବରଣ ଏବଂ ସର୍ବ ଦେବାଦେବୀଙ୍କୁ ଯଜ୍ଞଶାଳାକୁ ଆମନ୍ତ୍ରଣ କରାଯାଇଥିଲା। ସୂର୍ଯ୍ୟପୂଜା ପରେ ମା'ଙ୍କର ଷୋଡ଼ଶ ଉପଚାରରେ ପୀଠପୂଜ ହୋଇଥିଲା। ପରେ ଅପରାହ୍ନରେ ଯଜ୍ଞ କୁଣ୍ଡରେ ଅଗ୍ନି ସ୍ଥାପନ ସହିତ ଘୃତାହୁତି ପ୍ରଦାନ କରାଯାଇ ଯଜ୍ଞ ଆରମ୍ଭହୋଇଥିଲା। ସେହିପରି ପ୍ରତିଦିନ ସୂର୍ଯ୍ୟପୂଜା ସହିତ ଅନ୍ୟ ସମସ୍ତ ବିଧିବିଧାନ ପାଳିତ ହୋଇଥିବାବେଳେ ଶନିବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ସହିତ ପ୍ରସାଦ ବଣ୍ଟନ କରାଯାଇ ଯଜ୍ଞସମ୍ପୂର୍ଣ୍ଣ ହୋଇଥିଲା। ଆଚାର୍ଯ୍ୟ ଭାବେ ଲଳିତ ମୋହନ ତ୍ରିପାଠୀ, ପୁସ୍ତକ ଆଚାର୍ଯ୍ୟ ଭାବେ ପଣ୍ଡିତ ସନ୍ତୋଷ କୁମାର ତ୍ରିପାଠୀ, ଲଡୁକେଶ୍ୱର ମିଶ୍ର, ହେମନ୍ତ ହୋତା ଓ ଲିଙ୍ଗରାଜ ଦାସଙ୍କ ସମେତ ମୋଟ ୧୫ଜଣ ବୈଦିକ ବ୍ରାହ୍ମଣ ଯଜ୍ଞଶାଳା ପରିଚାଳନା କରିଥିଲେ। ସୂଚନାଥାଉ କି ପ୍ରାୟ ୭୮ବର୍ଷ ପୂର୍ବେ ଚାଷୀମାନେ ବର୍ଷାଉପରେ ନିର୍ଭରଶୀଳ ହୋଇ ଧାନଚାଷ କରୁଥିଲେ। ଅନାବୃଷ୍ଟି କାରଣରୁ ବାରମ୍ବାର ଧାନ ଫସଲ ମରିଯିବାରୁ ଖାଦ୍ୟାଭାବ ଜନିତ ସମସ୍ୟା ଦେଖାଦେଇଥିଲା। ଏହାର ସ୍ଥାୟୀ ସମାଧାନ ନିମନ୍ତେ ସ୍ଥାନୀୟ ଲୋକମାନଙ୍କ ଚେଷ୍ଟାରେ ବୁଢ଼ା ବୁଢ଼ିଆଣୀଙ୍କ ନାମରେ ନଦୀବନ୍ଧ ନିର୍ମାଣ କରାଗଲା। ସେବେଠାରୁ ବର୍ଷାଜଳ ଉଦ୍ଦେଶ୍ୟରେ ଏଯାବତ୍ ବୃଷ୍ଟିଯଜ୍ଞ ଅନୁଷ୍ଠିତ ହୋଇଆସୁଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ତେବେ ପ୍ରବଳ ରୋଦ୍ରତାପ ସତ୍ତ୍ୱେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା।



## ରାସନ୍‌କାର୍ଡ ଓ ଗୃହ କାର୍ଯ୍ୟାଦେଶ ବିତରଣ

**ଡେଲାଙ୍ଗ,୨୫।୪/ଏନ୍ଏନ୍ଏସ୍:** ଡେଲାଙ୍ଗ ବ୍ଲକର ଅରିସଲ ଛକରେ ଜାତୀୟ ପଞ୍ଚାୟତରାଜ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ବିଡିଓ ସମୀର ବେହେରା, ସହକାରୀ ନର୍ବାହୀଯନ୍ତ୍ରୀ ସୁବ୍ରତ ବାରିକ୍, ଆମ୍ବ କମିଟି ଅଧ୍ୟକ୍ଷ ଲଡୁ କିଶୋର ରାୟ, ସମିତି ସଭ୍ୟା ରୀତାଞ୍ଜଳି ପ୍ରଧାନ, ସରପଞ୍ଚ ହରିହର ସ୍ୱାଇଁ, ସରପଞ୍ଚ ପ୍ରତିନିଧି ବିମଳଚନ୍ଦ୍ର ସେନାପତି, ମହାଦେବ ରାଉତରାୟ, ଅଶୋକ ବେହେରା ପ୍ରମୁଖ ଉପସ୍ଥିତ ରହି ସରକାରୀ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଓ ଯୋଜନା ଗୁଡିକୁ ସଠିକ ଭାବେ ବିନିଯୋଗ କରିବା ପାଇଁ ତ୍ରିସ୍ତରୀୟ ପଞ୍ଚାୟିରାଜର ବ୍ୟବସ୍ଥା ସଂପର୍କରେ ଆଲୋକପାତ କରିଥିଲେ। ସଚ୍ଚିକାନ୍ତ ନାୟକ ସଭା ସଂଯୋଜନା କରିଥିବା ବେଳେ ଅନ୍ତୋଦ୍ୱୟ ଗୃହ ନିର୍ଦ୍ଧାରିତ ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିଥିବା ନେଇ ଅଗ୍ରୀମ ୨୦ହାଜର ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ କରାଯାଇଥିଲା। ସେହିପରି ୧୩୯ଜଣଙ୍କୁ ଗୃହ କାର୍ଯ୍ୟାଦେଶ, ୧ଟି ଟ୍ରାଇସାଇକେଲ୍, ୩୭୭ଜଣଙ୍କୁ ରାସନ କାର୍ଡ, ୨ଜଣଙ୍କୁ ଗୃହପ୍ରବେଶ, ୪ଜଣଙ୍କୁ ଅଗ୍ରୀମ ଅର୍ଥରାଶି ବିତରଣ କରାଯାଇଥିବା ନେଇ ବ୍ଲକ ପ୍ରକଳ୍ପ ସଂଯୋଜକ ଦିଲ୍ଲୀପ କୁମାର ସୁନ୍ଦରାୟ ସୂଚନା ଦେଇଥିଲେ।



NITIDIN
ନିତିଦିନ
ରବିବାର, ୨୬ ଏପ୍ରିଲ ୨୦୨୬

**ନିତି ଭାରତୀ**

ମୁଁ ସବୁରି ଉର୍ଦ୍ଧ୍ୱରେ ସର୍ବନିୟନ୍ତା ଭଗବାନ ରହିଥିବାରେ ବିଶ୍ୱାସ କରେ। ତେଣୁ ମୁଁ ସବୁବେଳେ କେବଳ ବେଦରେ ଥିବା ତାଙ୍କର ପ୍ରକୃତ ବାଣୀକୁ ପ୍ରଚାର କରିଥାଏ।
- ମହର୍ଷି ଦୟାନନ୍ଦ ସରସ୍ୱତୀ

# କୋଭିଡ୍ ଭାଇରସ୍‌ର ନୂଆ ରୂପ ସିକାଡା



ଡାକ୍ତର ରାଜକିଶୋର ପଣ୍ଡା

ଜାନୁଆରୀ ୨୦୨୦ରେ ପୃଥିବୀ ପୃଷ୍ଠକୁ ଆସିଥିଲା ମହାଭୟଙ୍କର କୋଭିଡ୍ ମହାମାରୀ। ଏହାକୁ କରୁଥିବା ଭାଇରସ୍‌ର ନାମ ଥିଲା କରୋନା ଭାଇରସ୍ ସାର୍ସ-ସିଓଭି-୨। ଅସଂଖ୍ୟ ଲୋକ ଏହି ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କଲେ। ୨୦୨୦ ମସିହା ମାର୍ଚ୍ଚ ମାସରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) କୋଭିଡ୍‌କୁ 'ଗ୍ଲୋବାଲ ହେଲ୍‌ଥ ଏମରଜେନ୍ସି' ଭାବରେ ଘୋଷଣା କରିଥିଲେ। ଏହି ଜରୁରୀକାଳୀନ ଘୋଷଣାର ସମୟ ସୀମା ପୂର୍ଣ୍ଣ ହୋଇଥିଲା ମେ' ୨୦୨୩ରେ। ପ୍ରଥମ କୋଭିଡ୍ ଲହରୀ (୨୦୨୦) ଓ ଦ୍ୱିତୀୟ କୋଭିଡ୍ ଲହରୀ (୨୦୨୧)କୁ ଏ ମଧ୍ୟରେ ପାଞ୍ଚରୁ ଛଅ ବର୍ଷ ବିତି ଗଲାଣି। ଇତି ମଧ୍ୟରେ କୋଭିଡ୍ ଭାଇରସ୍‌ର ପରିବର୍ତ୍ତନ (ମ୍ୟୁଟେସନ୍) ଘଟି ନୂଆ ନୂଆ ପ୍ରଜାତିର ଭାଇରସ୍‌ମାନଙ୍କର ସୃଷ୍ଟି ହୋଇଅଛି। ନିବନ୍ଧଟିରେ ଆଗକୁ ଯିବା ପୂର୍ବରୁ ଆମେ ଭାଇରସ୍‌ର 'ମ୍ୟୁଟେସନ୍' କହିଲେ କ'ଣ ବୁଝାଏ, ତାହା ଜାଣିବା। ଏହି ମ୍ୟୁଟେସନ୍ ଭାଇରସ୍‌ର ଏକ ସ୍ଥାୟୀ ଓ ପ୍ରାକୃତିକ ପରିବର୍ତ୍ତନ ଅଟେ। ଭାଇରସ୍‌ରେ ଥିବା ନ୍ୟୁକ୍ଲିକ୍ ଏସିଡ୍ (ଡିଏନ୍‌ଏ କିମ୍ବା ଆରଏନ୍‌ଏ)ରେ ଏହି ପରିବର୍ତ୍ତନ ସଂଘଟିତ ହୋଇଥାଏ। ମ୍ୟୁଟେସନ୍ ପ୍ରକ୍ରିୟା ଭାଇରସ୍‌କୁ ନୂତନ ପରିବେଶ ସହ ଖାପ ଖୁଆଇବା, ଆଣ୍ଟିଭାଇରାଲ୍ ଔଷଧ ଏବଂ ଟିକାକୁ ପ୍ରତିରୋଧ କରିବା ଇତ୍ୟାଦିରେ ସହଯୋଗ କରିଥାଏ। ପ୍ରକାଶ ଥାଉ କି, ବେଳେବେଳେ ଏହା ଭାଇରସ୍ ପାଇଁ ଲାଭଦାୟକ ହୋଇଥାଏ ଏବଂ ଆଉ କେବେ କ୍ଷତିକାରକ ମଧ୍ୟ ହୋଇଥାଏ। ମ୍ୟୁଟେସନ୍ କରି ପାରୁଥିବା ଗୋଟିଏ ବାହ୍ୟିକ କାରକ ହେଉଛି ଅଲ୍ଟ୍ରାଭାଇଓଲେଟ୍ (ୟୁଭି) ରଶ୍ମି। ଯେଉଁ ଯେଉଁ ଭାଇରସ୍‌ମାନଙ୍କ ଠାରେ ଏହି ପ୍ରକ୍ରିୟା




ଅଧିକ ମାତ୍ରାରେ ଦେଖିବା ପାଇଁ ମିଳିଥାଏ, ସେମାନେ ହେଉଛନ୍ତି- କୋଭିଡ୍, ଇନ୍‌ଫ୍ଲୁଏଞ୍ଜା ଓ ଏଚ୍‌ଆଇଭି।

ତେବେ କୋଭିଡ୍ ଭାଇରସ୍‌ର ମ୍ୟୁଟେସନ୍ ଘଟି ଏକ ନୂତନ ପ୍ରଜାତିର ସୃଷ୍ଟି ହୋଇଥିଲା ୨୦୨୪ ମସିହାରେ। ଏହାର ନାମ ହେଉଛି 'ସିକାଡା' ଓ ଏହା ହିଁ ଆମ ସବର୍ଙ୍କ ବିଷୟବସ୍ତୁ। ସାର୍ସ ସିଓଭି-୨ରେ ବ୍ୟାପକ ପରିବର୍ତ୍ତନ ବା ମ୍ୟୁଟେସନ୍ ଘଟି ଏଥିରୁ ସର୍ବପ୍ରଥମେ ଓମିକ୍ରନ୍ ପ୍ରଜାତିର ସୃଷ୍ଟି ହୋଇଛି। ଏହି ଓମିକ୍ରନ୍ ସର୍ବପ୍ରଥମେ ଦକ୍ଷିଣ ଆଫ୍ରିକାରେ ୨୪ ନଭେମ୍ବର ୨୦୨୧ ମସିହାରେ ଚିହ୍ନଟ କରାଯାଇଥିଲା। ଏହା ପରେ ଓମିକ୍ରନ୍‌ଠାରେ ମ୍ୟୁଟେସନ୍ ଘଟି ବହୁତ ଗୁଡ଼ିଏ ଅନ୍ୟ ପ୍ରଜାତିର ଉତ୍ପତ୍ତି ଘଟିଛି। ଏଗୁଡ଼ିକ ହେଉଛନ୍ତି ବିଏ.୧, ବିଏ.୨, ବିଏ.୩, ବିଏ.୪ ଓ ବିଏ.୫। ବିଏ.୩ରୁ ବିଏ.୩.୨ର ସୃଷ୍ଟି ମ୍ୟୁଟେସନ୍ ମାଧ୍ୟମରେ ହିଁ ହୋଇଛି। ସୂଚନାଯୋଗ୍ୟ ଯେ ବିଏ.୩ର ସ୍ପାଇକ୍ ପ୍ରୋଟିନ୍‌ରେ ପଚାଶ ଥରରୁ ଅଧିକ ମ୍ୟୁଟେସନ୍ ଘଟି ବିଏ.୩.୨ର ସୃଷ୍ଟି ହୋଇଛି। ଏହି ସ୍ପାଇକ୍ ପ୍ରୋଟିନ୍ କହିଲେ ଆମେ କ'ଣ ବୁଝିବା? କୋଭିଡ୍ ଭାଇରସ୍‌ଠାରେ ଦେଖାଯାଉଥିବା ଚାରି ଗୋଟି ପ୍ରମୁଖ ପ୍ରୋଟିନ୍ ମଧ୍ୟରୁ ଏହି ସ୍ପାଇକ୍ ପ୍ରୋଟିନ୍ ଅନ୍ୟତମ ଅଟେ।

କୋଭିଡ୍ ଭାଇରସ୍‌ର ମନୁଷ୍ୟ ଶରୀର ମଧ୍ୟକୁ ପ୍ରବେଶ ପ୍ରକ୍ରିୟାରେ ଉପରୋକ୍ତ ପ୍ରୋଟିନ୍‌ଟିର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଟେ। ପ୍ରାୟ ସମସ୍ତ କୋଭିଡ୍ ଟିକା ଆମ ଶରୀରର ରୋଗ ପ୍ରତିରୋଧକ ବ୍ୟବସ୍ଥା (ଇମ୍ୟୁନିଟି)କୁ ଏହି ସ୍ପାଇକ୍ ପ୍ରୋଟିନ୍ ବିରୁଦ୍ଧରେ ହିଁ କାର୍ଯ୍ୟକ୍ଷମ କରାଇ ଥାଆନ୍ତି। ପାଠକମାନେ ଜାଣି ରଖନ୍ତୁ ଯେ ଏହି ମ୍ୟୁଟେସନ୍ କେବଳ ଭାଇରସ୍‌ରେ ନୁହେଁ, ବରଂ ବ୍ୟାକ୍ଟେରିଆ ଓ କବକ (ଫଙ୍ଗି)ଠାରେ ମଧ୍ୟ ଦେଖାଯାଇଥାଏ।

ଏହି ବିଏ.୩.୨ ଯାହାର ସିକାଡା ନାମକରଣ କରାଯାଇଛି, ସର୍ବପ୍ରଥମେ ୨୦୨୪ରେ ଦକ୍ଷିଣ ଆଫ୍ରିକାରେ ଲୋକମାନଙ୍କୁ ସଂକ୍ରମିତ କରିଥିଲା। ଏହା ପରେ କିଛି କାଳ ପର୍ଯ୍ୟନ୍ତ ନିଷ୍କ୍ରିୟ ହୋଇ ପୁନର୍ବାର ଯୁକ୍ତରାଷ୍ଟ୍ରରେ ସଂକ୍ରମଣ କରିବା ଆରମ୍ଭ କରିଥିଲା। ଯେହେତୁ ଜୀବ ବିଜ୍ଞାନରେ ଦେଖାଯାଉଥିବା ସିକାଡା ନାମକ ଏକ କୀଟ ପତଙ୍ଗ ଏହିଭଳି ଭାବେ ସକ୍ରିୟ ଓ ନିଷ୍କ୍ରିୟ ଆଚରଣ କରିଥାଏ, ତେଣୁ ଏହାକୁ ଅନୁକରଣ କରି ବିଏ.୩.୨କୁ ସିକାଡା ନାମକରଣ କରାଯାଇଛି।

ଯଦିଓ ଏ ପର୍ଯ୍ୟନ୍ତ ବ୍ୟାପକ ପରିମାଣରେ ସଂକ୍ରମଣ ସିକାଡା ଦ୍ୱାରା ହୋଇନାହିଁ, ତଥାପି ନିକଟ ଅତୀତରେ ୟୁରୋପ୍‌ରେ ଦେଖା ଦେଇଥିବା କୋଭିଡ୍‌ର ତିରିଶ ପ୍ରତିଶତ ଏହା ଯୋଗୁଁ ହୋଇଅଛି ବୋଲି ଗବେଷକମାନେ ମତବ୍ୟକ୍ତ କରି ଅଛନ୍ତି। ଆମେରିକାର ପାଖାପାଖି ଦୁଇ ଡଜନ ରାଜ୍ୟରେ ଲୋକମାନେ ଏହି ଭାଇରସ୍ ଯୋଗୁଁ ପ୍ରଭାବିତ ହୋଇଛନ୍ତି। ଯଦି ଆମେ ଲକ୍ଷଣକୁ ଦେଖିବା, ତା'ହେଲେ ପୂର୍ବ କୋଭିଡ୍ ଭାଇରସ୍‌ମାନଙ୍କ ଦ୍ୱାରା ଆକ୍ରାନ୍ତ ହେଲେ ଯେଉଁ ଲକ୍ଷଣମାନ ଦେଖା ଯାଇଥାଏ, ତାହା ମଧ୍ୟ ସିକାଡାର ସଂକ୍ରମଣରେ ଦେଖା ଯାଇଥାଏ। ଏହି ଲକ୍ଷଣଗୁଡ଼ିକ ହେଉଛି- ଥଣ୍ଡା, ମୁଣ୍ଡବିନ୍ଧା, କାଶ ଓ ଶରୀର ପୀଡ଼ା ଇତ୍ୟାଦି।

ବର୍ତ୍ତମାନ କୋଭିଡ୍-୧୯ ଟୀକା ହିଁ ସିକାଡାଜନିତ ସଂକ୍ରମଣର ପ୍ରାଥମିକ ପ୍ରତିଷେଧକ ବ୍ୟବସ୍ଥା ଭାବରେ ବ୍ୟବହୃତ ହେଉଅଛି, ଯଦିଓ ଏହାର କାର୍ଯ୍ୟ କ୍ଷମତା କେତେ, ତାହାକୁ ନେଇ ବ୍ୟାପକ ଗବେଷଣା ଚାଲୁ ରହିଛି। ଏହା ଉପରେ ମତ ଦେଇ ଭାଣ୍ଡରବିଲ୍ଟ ବିଶ୍ୱବିଦ୍ୟାଳୟର ସଂକ୍ରାମକ ରୋଗ ବିଭାଗର ପ୍ରଫେସର ଡାକ୍ତର ୱିଲିୟମ୍ ସ୍କାଫନର୍ କହିଛନ୍ତି କି 'ଯେହେତୁ ସିକାଡା ଓମିକ୍ରନ୍ ଭାଇରସ୍ ପରିବାରର ହିଁ ଅଂଶବିଶେଷ, ତେଣୁ ଅତ୍ୟାଧୁନିକ କୋଭିଡ୍ ଟିକା ଯେଉଁଗୁଡ଼ିକ କି ଓମିକ୍ରନ୍‌ର ଜେଏ.ଏନ.୧ ପ୍ରଜାତି ପାଇଁ ଉଦ୍ଦିଷ୍ଟ, ସେସବୁକୁ ଆମେ ବିଏ.୩.୨ କିମ୍ବା ସିକାଡା ବିରୁଦ୍ଧରେ ମଧ୍ୟ ପ୍ରୟୋଗ କରି ପାରିବା।'

ଶେଷରେ ଆସିବା କୋଭିଡ୍ ଟେଷ୍ଟ ବା ପରୀକ୍ଷଣକୁ। ବିଶେଷଜ୍ଞମାନେ କହିଛନ୍ତି କି, କୋଭିଡ୍ ପରୀକ୍ଷଣରେ ଭାଇରସ୍‌ର ଯେଉଁ ଅଂଶକୁ ପରୀକ୍ଷା କରାଯାଇଥାଏ, ତାହାର ମ୍ୟୁଟେସନ୍‌ରେ ବଦଳିବାର ସମ୍ଭାବନା ଅତ୍ୟନ୍ତ କମ୍। ତେଣୁ ଚିରାଚରିତ ପରୀକ୍ଷଣ ସିକାଡାରେ ମଧ୍ୟ କରାଯାଇ ପାରିବ। ତେବେ ଆଗାମୀ ଦିନରେ ସିକାଡାକୁ ନେଇ ବ୍ୟାପକ ଗବେଷଣାର ଆବଶ୍ୟକତା ରହିଛି।

ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର
ମୋ: ୮୧୪୪୦୪୯୯୭

# ପୋଷାକ ଓ ରାଜନୀତି



ମିନତୀ ପ୍ରଧାନ

ଏମିତିରେ ଧଳା ସହ ସୁନେଲି ରଙ୍ଗର ସମ୍ମିଶ୍ରଣ ମୋର ଅଧିକ ପସନ୍ଦ। ବହୁତ ବର୍ଷ ପୂର୍ବେ କେରଳ ଗସ୍ତରେ କିଣିଥିବା ଶାଢ଼ିଟିକୁ ପିନ୍ଧିଥିବାର ଦେଖି ଗୋଟେ ସମ୍ମିଳନୀରେ ମୋତେ ଜାଣିଥିବା ସାଙ୍ଗମାନେ ମୋ କାନ ପାଖରେ ଆସ୍ତେ ଆସ୍ତେ କହିଥିଲେ, 'ଏ ଆମ କେରଳର ପ୍ରସିଦ୍ଧ ମୁଣ୍ଡୁ।' ସ୍ମିତହାସ୍ୟ କରି ମୁଣ୍ଡ ଟୁଙ୍ଗାରିବା ଛଡ଼ା କିଛି କହି ପାରି ନଥିଲି। ପୁଣି ଯେବେ କେବଳ ସେଇ ସମ୍ମିଳନୀରେ ଦେଖା ହୋଇଥିବା ନୂଆ ବନ୍ଧୁମାନେ ଜାଣିବାକୁ ଚାହିଁଥିଲେ ମୋର ମାତୃଭାଷା, ଅର୍ଥାତ୍ ମୁଁ କେରଳରୁ କି ? ସବୁର ବର୍ଣ୍ଣନା ଏକ, ମୁଁ ସେଇ ଶାଢ଼ିଟିକୁ ପିନ୍ଧିଥିବାରୁ। ମନେ ମନେ କହିବାକୁ ଇଚ୍ଛା ହେଉଥିଲା, 'ହଁ, ଶାଢ଼ିଟି ହୁଏତ କେରଳରେ ତିଆରି ହୋଇଛି, ମାତ୍ର ତା'ର ଅର୍ଥ ନୁହେଁ ଜଣେ ଅଣ-କେରଳୀ ଏହା ପିନ୍ଧି ପାରିବ ନାହିଁ।' ସୌଜନ୍ୟ ଓ ଭଦ୍ରତା ରକ୍ଷା କରି ସେତେବେଳେ ଚୁପ୍ ରହି ଉତ୍ତର ଦେବା ଆବଶ୍ୟକ ମନେ କଲିନି। ସେଇ ଘଟଣାର କିଛି ଦିନ ପରେ ଜଣେ ମାଲାୟାଲମ୍‌ଭାଷୀ ସାଙ୍ଗଙ୍କ ସହ ଏ କଥା ସେୟାର କଲାରୁ ସେ କହିଲେ, ସାଧାରଣରେ କିଛି ରାଜନେତା ଓ ସର୍ବସାଧାରଣରେ ଯୋଗ ଦେଉଥିବା ତାରକାମାନେ ଭାରି କୌଶଳକ୍ରମେ ସେଇ ଜାଗାର ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ ବୋଲି ଦେଖାଇବାକୁ ବା ପ୍ରମାଣ କରିବାକୁ ଏମିତି କରିଥାନ୍ତି। ସେଥିପାଇଁ ହୁଏତ ସେମାନେ ଭାବିଥିବେ। କଥାଟି ମୋତେ କିଛି ମାତ୍ରାରେ ସତ ଲାଗିଲା ଓ ଆନ୍ଦୋଳିତ ବି କଲା।

କଥାରେ ଅଛି- ଭେକ ନଥିଲେ ଭିକ ମିଳେନାହିଁ। ଅର୍ଥାତ୍ ମଣିଷର ପେସା ଅନୁସାରେ ତା'ର ବେଶଭୂଷା ହେବା ଦରକାର। ମଣିଷର ଅଧା ପରିଚୟ ହେଉଛି ତା'ର ବେଶଭୂଷା ବା ପୋଷାକ। କଥାଟି ସମ୍ପୂର୍ଣ୍ଣ ସତ୍ୟ ନହେଲେ ବି ପୂରା ଭୁଲ୍ ନୁହେଁ। ମଣିଷ ନିଜର ବୃତ୍ତି, ଜଳବାୟୁ, ପରିବେଶ ଓ ସଂସ୍କୃତି ଅନୁସାରେ ନିଜର ବେଶ ପୋଷାକ ଧାରଣ କରିଥାଏ। ଆଉ ଗୋଟିଏ କଥା- ଯେ ଦେଶ ଯାଇ, ସେ ଫଳ ଖାଇ; ଅର୍ଥାତ୍ ସ୍ଥାନରେ ମିଳୁଥିବା ଖାଦ୍ୟ, ପାନୀୟ ଓ ପରିଧାନ ସହ ନିଜକୁ ଖାପ ଖୁଆଇବାକୁ ପଡ଼େ। ତା' ଛଡ଼ା ନିଜର ଅସ୍ମିତାକୁ କେମିତି ବଜାୟ ରଖିହେବ, ସେଥି ପ୍ରତି ବି ଧ୍ୟାନ ଦେବା ଆବଶ୍ୟକ।

ଇତିହାସକୁ ଦେଖିଲେ, ବିଭିନ୍ନ ରାଜାମାନେ ନିଜ ଅଞ୍ଚଳର କାରିଗରୀ, ନିଜର ଅର୍ଥନୈତିକ କ୍ଷମତା, ନିଜର ଧର୍ମ ଓ ନିଜ ରାଜ୍ୟର ପରମ୍ପରା ଅନୁସାରେ ପୋଷାକ ପରିଧାନ କରୁଥଲେ। ତା' ଭିତରେ ନିଜ ବଂଶ ଓ ରାଜନୈତିକ ଚିହ୍ନର ବ୍ୟବହାର ମଧ୍ୟ ବହୁଳ ଭାବେ ହେଉଥିଲା। ମୋଗଲ ସମ୍ରାଟ ଆକବର ନିଜ ଦରବାରକୁ କେବେ ମୁସଲିମ୍ ରୂପେ ତ କେବେ ହିନ୍ଦୁ ରାଜାର ପରିଧାନ ଗ୍ରହଣ କରି ଆସୁଥିଲେ ବୋଲି ଐତିହାସିକମାନେ ଲେଖିଛନ୍ତି। ଏହା ତାଙ୍କର ବ୍ୟକ୍ତିଗତ ରୁଚିଠୁ ରାଜନୈତିକ ଭାରସାମ୍ୟ ରକ୍ଷା କରିବାରେ ବେଶୀ ସହାୟକ ହେଉଥିବା ଜଣାଯାଏ।

ସ୍ୱାଧୀନତା ସଂଗ୍ରାମରେ ପୋଷାକର ଭୂମିକା ପ୍ରାୟ ସମସ୍ତେ ଜାଣନ୍ତି। ପୋଷାକ ଗୋଟେ ସ୍ୱାଭିମାନର ପରିଚୟ। ମହାତ୍ମା ଗାନ୍ଧୀଙ୍କ ଡାକରାରେ ସଂଗ୍ରାମୀମାନେ 'କୁଟି ଖାଅ ଓ କାଟି ପିନ୍ଧ' ନୀତିରେ ନିଜେ ସ୍ୱାବଲମ୍ବୀ ହେବା ପାଇଁ ପ୍ରଥମେ ନିଜର ଅତ୍ୟାବଶ୍ୟକ ଜିନିଷ ଖାଦ୍ୟ ତଥା ବସ୍ତ୍ରରେ ସ୍ୱାବଲମ୍ବୀ ହୋଇ ବ୍ରିଟିଶ ଆଇନକୁ ଅମାନ୍ୟ କରିବାରେ ସଫଳ ହୋଇଥିଲେ। ସରଳ, ସାଧା ଓ ପରିବେଶକୁ ସୁହାଇଲା ଭଳି ତନ୍ତୁ ଖାଦିକୁ ଗୋଟେ ସମାଜବାଦ, ଗାନ୍ଧିଆନ ମୂଲ୍ୟବୋଧ ଓ ସ୍ୱଦେଶୀ ବୋଲି ମାନ୍ୟତା ମିଳିଥିଲା। ଆଉ ତା'ର ଚାହିଦା ଏବେ ସୁଦ୍ଧା ରହିଛି। ସ୍ୱାଧୀନତା ପରେ ଅନେକ ରାଜନେତା ନିଜକୁ ଖାଦିରେ ସଜାଇ ଜନତାଙ୍କ ଆସ୍ଥା ଭାଜନ ହେବାକୁ ଚେଷ୍ଟା କରିଛନ୍ତି: କାରଣ, ଖଦି ଓ ହସ୍ତତନ୍ତ ଶାଢ଼ି ଉଭୟକୁ କର୍ତ୍ତୃତ୍ୱ ଓ ସାଂସ୍କୃତିକ ଅସ୍ମିତାର ପ୍ରତୀକ ହିସାବରେ ଦେଖାଯାଏ।

ଆମର ଏକମାତ୍ର ମହିଳା ପ୍ରଧାନମନ୍ତ୍ରୀ ସ୍ୱର୍ଗତାଃ ଇନ୍ଦିରା ଗାନ୍ଧୀ ଏଇ ପୋଷାକର କଳାତ୍ମକ ମୂଲ୍ୟକୁ ଆଉ ଟିକେ ଉର୍ଦ୍ଧ୍ୱକୁ ନେଇ ପାରିଥିଲେ। ସାରା ଦେଶର ବିଭିନ୍ନ ରାଜ୍ୟ ତଥା ଅଞ୍ଚଳରୁ ହାତବୁଣା ଓ ତନ୍ତ ତିଆରି ଶାଢ଼ି ହିଁ ସେ ବ୍ୟବହାର କରୁଥିଲେ, ଯାହାକି ତାଙ୍କୁ ତୃଣମୂଳ ସ୍ତରରେ ମହିଳାମାନଙ୍କ ସହ ଯୋଡ଼ିବାରେ ସକ୍ଷମ କରାଇ ପାରିଥିଲା ଓ ତା' ସହ ଉପର ମହଲରେ ତାଙ୍କର ବେଶଭୂଷା ବେଶ୍ ପ୍ରଶଂସନୀୟ ହୋଇ ପାରିଥିଲା। ତାଙ୍କର ପରବର୍ତ୍ତୀ ପିଢ଼ିମାନେ ବି ସେହି ପରମ୍ପରାକୁ ଠିକ୍ ଭାବେ ବଜାୟ ରଖିଛନ୍ତି।

ଏବେ ସାମ୍ପ୍ରତିକ ରାଜନୀତିରେ ଦେଶର ବିଭିନ୍ନ ରାଜ୍ୟରେ ପୋଷାକରେ ଖାଲି ଖଦି ଓ ସୂତା କପଡ଼ା ବ୍ୟବହାର ସହ ରଙ୍ଗର ବ୍ୟବହାର ବହୁଳ ରୂପରେ ଦେଖା ଯାଉଛି। ଭାରତର କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ପୁରୁଷ ରାଜନେତାମାନେ ସମ୍ପୂର୍ଣ୍ଣ ଧଳା କପଡ଼ାକୁ ଆପଣେଇ ଥିବା ବେଳେ ନାରୀମାନେ ଦଳର ଚିହ୍ନ ରଙ୍ଗର ଶାଢ଼ି ପିନ୍ଧୁଛନ୍ତି। ଦଳର ନିର୍ଦ୍ଦିଷ୍ଟ ରଙ୍ଗର ଗାମୁଛା, ଟୋପି ଓ ଧୋତି ଇତ୍ୟାଦିର ବ୍ୟବହାର ହେଉଛି। ଏପରିକି ସରକାରୀ କୋଠା, ବସ୍, ରେଳଗାଡ଼ି ଇତ୍ୟାଦି ଶାସନରେ ଥିବା ଦଳର ପତାକାର ରଙ୍ଗରେ ରଙ୍ଗାୟିତ ହେଉଛି। ଫଳରେ, ରଙ୍ଗ ଉପରେ ଦଳମାନଙ୍କର ଏକଚାଟିଆ ଅଧିକାର ଥିବା ଭଳି ଲାଗୁଛି !

ନେତାମାନେ ଗୋଟେ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ପ୍ରଚାର ପାଇଁ ଗଲେ ସେଇ ଅଞ୍ଚଳର ପୋଷାକ ପିନ୍ଧି ଯାଉଛନ୍ତି। ଏହାଦ୍ୱାରା ସେମାନେ ଲୋକପ୍ରିୟ ହେଉଛନ୍ତି। ସାଧାରଣରେ ଦେଖାଯାଏ, ରାଜନେତାମାନେ ତାଙ୍କର ପୋଷାକ ଓ ବେଶଭୂଷାକୁ ଅପରିବର୍ତ୍ତିତ ରଖି ଥାଆନ୍ତି। କାରଣ, ନିରନ୍ତରତା ସ୍ୱୀକୃତି ସୃଷ୍ଟି କରେ ଓ ସ୍ୱୀକୃତିରୁ ଜନ୍ମ ନିଏ ବିଶ୍ୱାସ। ବିଶ୍ୱାସ ଓ ଲୋକପ୍ରିୟତା ବଳରେ ସେମାନେ ନିର୍ବାଚନ ଜିତୁଛନ୍ତି। କିନ୍ତୁ ନେତୃତ୍ୱର ପ୍ରକୃତ ଅର୍ଥ ଜନସାଧାରଣଙ୍କ ପ୍ରତିନିଧି ହିସାବରେ ସେମାନଙ୍କର ଆବଶ୍ୟକତାର ଯତ୍ନ ରଖିବା; ଜିତିବା ସବୁ କିଛି ନୁହେଁ।

ପୋଷାକ ବା ବେଶଭୂଷା ଗୋଟେ ଶକ୍ତିଶାଳୀ ଅସ୍ତ୍ର। ପରିଚୟ ବଜାୟ ରଖିବା ବା ଗୋଟେ ରାଜନୈତିକ ସମ୍ବାଦକୁ ପ୍ରେରଣ କରିବାରେ ଯଥେଷ୍ଟ ସହାୟକ ହେଉଛି। ବିଶେଷକରି ମହିଳାମାନଙ୍କୁ ଏ ଦିଗରେ ବେଶ୍ ସଚେତନ ହେବାକୁ ପଡ଼ିଥାଏ। କିଛି ଆଧୁନିକ ବା



ଆରାମଦାୟକ ବସ୍ତ୍ରରେ ତାଙ୍କୁ ଅଧିକ ଆଧୁନିକ ଓ ତୃଣମୂଳ ସ୍ତରରେ ଯୋଡ଼ି ପାରିବାର ଦକ୍ଷତାକୁ ସନ୍ଦେହ ଚକ୍ଷୁରେ ଦେଖା ଯାଇଥାଏ। ଫଳରେ, ଆଗରୁ ନେତା-ନେତ୍ରୀମାନେ ସର୍ବସାଧାରଣରେ କେବଳ ପାରମ୍ପରିକ ପୋଷାକ ହିଁ ପିନ୍ଧୁଥିଲେ। ନେତାମାନେ ସିଧା ସାଦା ବା ପାରମ୍ପରିକ ପୋଷାକ ପିନ୍ଧିଲେ ସେମାନେ ନିଜକୁ ଉପନିବେଶବାଦୀ ଓ ସମ୍ଭ୍ରାନ୍ତ ଶ୍ରେଣୀର ନୁହନ୍ତି ବୋଲି ଦେଖାଯାଏ। ସେମାନେ ଭୋଟରମାନଙ୍କୁ ନିଜେ ସାଧାରଣ ଜନତାଙ୍କ ଭିତରୁ ଜଣେ ବୋଲି ପ୍ରଦର୍ଶିତ କରି ପାରନ୍ତି। ବିଶେଷକରି ପର୍ବପର୍ବାଣି ସମୟରେ ସେମାନେ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ବସ୍ତ୍ର ବା ରଙ୍ଗର ପୋଷାକ ଧାରଣ କରିବାର ଦେଖାଯାଏ। ଅବଶ୍ୟ ଆଜିକାଲି ସେ ରୂଢ଼ିବାଦୀ ଚିନ୍ତାଧାରା ଭାଙ୍ଗୁଛି ଓ ତା' ସହ ଦକ୍ଷତାକୁ ଯୋଡ଼ା ନ ଯାଇ ନିଜର ବ୍ୟକ୍ତିତ୍ୱ ଓ ବ୍ୟକ୍ତିଗତ ପସନ୍ଦ ହିସାବରେ ଦେଖାଯାଉଛି, ଯାହା ସ୍ୱାଗତଯୋଗ୍ୟ।

ରାଜନୀତିରେ ପାୱାର ଡ୍ରେସିଂ ବା ଶକ୍ତିଶାଳୀ ପୋଷାକ ଧାରଣ ସିଧାସଳଖ ଓ ପରୋକ୍ଷ ଭାବେ ଫୋକସ୍ ଏରିଆକୁ ଯୋଡ଼ିଥାଏ, ଯଥା ହସ୍ତତନ୍ତ ନିର୍ମିତ ପୋଷାକ, ଯାହା ଅକୁହା ସଙ୍କେତ ହିସାବରେ ଦଳର ବିଚାରଧାରା ଓ ଉଦ୍ଦେଶ୍ୟର ପରିଚୟ ଦେଇଥାଏ। ନିର୍ବାଚନ ଆସିଲେ ପୋଷାକ ଶିଳ୍ପର ବେଶ୍ ଆୟ ହେଉଛି, ଏହା ଆମର ଅର୍ଥନୀତି ପାଇଁ ଶୁଭଙ୍କର; ଆଉ ହସ୍ତତନ୍ତ ପରିବେଶ ପାଇଁ ମଧ୍ୟ।

ଆମ ସମସ୍ତଙ୍କର ପାରମ୍ପରିକ ପୋଷାକ ନାମରେ ବହୁତ ଭୁଲ୍ ଧାରଣା ଅଛି। ଆମ ସ୍ୱଳ୍ପ ଜ୍ଞାନରେ ଆମେ ଯାହା ପିଲାବେଳୁ ଦେଖି ବା ଶୁଣି ଆସୁଛୁ, ତାହାକୁ ପରମ୍ପରାର ନାମ ଦେଉଛୁ। ଧରନ୍ତୁ, ଯେମିତି ପୂର୍ବ କାଳରେ ଶାଢ଼ି ସହ ସାୟା ଓ ବ୍ଲାଉଜର ବ୍ୟବହାର ନଥିଲା; କେବଳ ଗଣ୍ଠି ପକାଇ ବା କଛା ମାରି ଶାଢ଼ିକୁ ପିନ୍ଧା ଯାଉଥିଲା। ସେଥିପାଇଁ ଭାରତର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ଶୈଳୀରେ ପିନ୍ଧାଯାଏ। ପାରମ୍ପରିକ ଶାଢ଼ି ରଙ୍ଗର ଭୂମିକା କେବଳ ସୁନ୍ଦର ଦେଖାଯିବା ପାଇଁ ନ ହୋଇ ଜଳବାୟୁରେ ସୁହାଇଲା ଭଳି ହୋଇଥାଏ। ଗୁଜରାଟ, ରାଜସ୍ଥାନ ଭଳି ମରୁଭୂମି ଅଞ୍ଚଳରେ ଦୂରରୁ ଦେଖି ହେଲା ଭଳି ଉଜ୍ଜ୍ୱଳ ରଙ୍ଗ କପଡ଼ାର ବ୍ୟବହାର କରାଯାଏ। ଠିକ୍ ସେହିଭଳି ରଙ୍ଗ କାରଖାନାରୁ ନିର୍ଗତ ପ୍ରଦୂଷଣକୁ ରୋକିବା ପାଇଁ ଓ ଉପକୂଳ ଅଞ୍ଚଳର ଜଳବାୟୁକୁ ସୁହାଇଲା ଭଳି ରଙ୍ଗ ଧଳାରୁ ଆରମ୍ଭ ହୋଇଥିଲା ମୁଣ୍ଡୁର ଉଦ୍ଭାବନ। ଦୁଇ ଖଣ୍ଡର ପାରମ୍ପରିକ ବସ୍ତ୍ର ଏବେ ମୁଣ୍ଡୁ ଶାଢ଼ିରେ ରୂପାନ୍ତରିତ ହୋଇଛି।

ପ୍ରକୃତରେ ପୋଷାକ, ଖାଦ୍ୟ, ଭାଷା ସବୁବେଳେ ବଦଳୁଛି; ନିଜର ପେସା, ଋତୁ ଆବଶ୍ୟକତା ଓ ପରିବେଶ ପାଇଁ ଯାହା ଭଲ, ସେହିଭଳି ପୋଷାକ ପରିଧାନ କରିବା ଉଚିତ। ଏବେ କେବଳ ଜୈବ ବିଘଟନ ହେଉଥିବା ପ୍ରାକୃତିକ ତନ୍ତୁ ନିର୍ମିତ କପଡ଼ାରୁ ତିଆରି ପୋଷାକ ପରିଧାନ କରିବା ଓ କମ୍ ନଷ୍ଟ କରିବା, ପୁରୁଣା କପଡ଼ାକୁ ପୁଣିଥରେ ସୃଜନଶୀଳ ଭାବେ ବ୍ୟବହାର କରିବା ହିଁ ପୃଥିବୀ ପୃଷ୍ଠରେ ଏକାଠି ହେଉଥିବା ଆବର୍ଜନାକୁ କମ୍ କରିବାରେ ସାହାଯ୍ୟ କରି ପାରିବ।

ସାମ୍ବାଦିକା ଓ ଲେଖିକା ଶେଫାଳି ବାସୁଦେବ ତାଙ୍କ ବହି- ଷ୍ଟୋରିଜ୍ ୱି ୱିୟର- ବହିରେ ପୋଷାକ ବା ବେଶଭୂଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ଲେଖିଛନ୍ତି- ଆମେ ଯେଉଁ ପୋଷାକ ପିନ୍ଧୁ, ତାହା ଖାଲି ପୋଷାକ ନୁହେଁ, ସେଥିରେ ନିହିତ ଥାଏ ଅନେକ ଦେଖା ଯାଉଥିବା ଓ ନ ଦେଖା ଯାଉଥିବା କାହାଣୀ। ଅର୍ଥାତ୍, ପୋଷାକ ମଣିଷର ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ନୁହେଁ, ସେଥିପାଇଁ ପୋଷାକ ଆଳରେ ମିଛ କ୍ଷମତା ଉପରେ ଭରସା କରିବା ବା ପୋଷାକ ପାଇଁ କାହା କ୍ଷମତାକୁ ଅଣଦେଖା କରିବା ଉଚିତ ନୁହେଁ; ଯେମିତି ଇଂରାଜୀରେ କୁହାଯାଏ- 'ଡୋଣ୍ଟ ଜଜ୍ ଦି ବୁକ୍ ବାଇ ଇଟ୍ସ କଭର', ଅର୍ଥାତ୍ ଗୋଟିଏ ବହିକୁ ତା' ପ୍ରଚ୍ଛଦ ପୃଷ୍ଠାରୁ ଆକଳନ କରା ନଯାଉ। ନେତାଙ୍କ ଚୟନ ତାଙ୍କର ସମସ୍ତ ଗୁଣ ଯଥା ନେତୃତ୍ୱ, ନିଃସ୍ୱାର୍ଥପରତା, ବ୍ୟକ୍ତି ଓ ସମାଜର ମଙ୍ଗଳ ପାଇଁ ପ୍ରତିବଦ୍ଧ ହେବା ଦିଗରେ କେତେ ତତ୍ପର, ସେସବୁକୁ ଦୃଷ୍ଟିରେ ରଖିବା ବହୁତ ଜରୁରୀ।

ମୋ: ୮୩୧୦୭୮୧୫୨୪

# ଅଦିନରେ ହୋଲି



କିଶୋର ଚନ୍ଦ୍ର ବେହେରା

ରଙ୍ଗ ଓ ଭାଇଚାରାର ପର୍ବ ହେଉଛି ହୋଲି। ହୋଲିର ରଙ୍ଗ ଭରିଦିଏ ପରସ୍ପର ମଧ୍ୟରେ ସ୍ନେହ, ଶ୍ରଦ୍ଧା ଆଉ ଭଲ ପାଇବା। କୁହାଯାଏ, ଏହି ଦିନ ଶତ୍ରୁ ବି ଶତ୍ରୁତା ଭୁଲି ରଙ୍ଗ ଖେଳରେ ସାମିଲ ହୁଏ। ହୋଲି ଦିନ ଟିକେ ଅବିର ରଙ୍ଗୀନ କରିଦିଏ ଜୀବନକୁ, ଆଉ ସୁଦୃଢ଼ କରିଦିଏ ସମ୍ପର୍କକୁ। ଆମକୁ ମନେ ରଖିବାକୁ ହେବ ଯେ ସବୁଠାରୁ ବଡ଼ ଆନନ୍ଦ ଆମେ ପାଇଥାଉ ଅନ୍ୟକୁ ଟିକିଏ ସୁଖ ଦେଇ ପାରିଲେ ଓ ଅନ୍ୟର କିଞ୍ଚିତ ଉପକାର କରି ପାରିଲେ। ପୌରାଣିକ କଥା ଅନୁସାରେ, ହୋଲି ଖେଳିବାର ପରମ୍ପରା ଶ୍ରୀକୃଷ୍ଣ ଏବଂ ରାଧାରାଣୀଙ୍କ ମଜା ସହିତ ଆରମ୍ଭ ହୋଇଥିଲା। କିମ୍ବଦନ୍ତୀ ଅନୁସାରେ, ଶ୍ରୀକୃଷ୍ଣଙ୍କ ରଙ୍ଗ କଳା ଏବଂ ରାଧାରାଣୀଙ୍କ ରଙ୍ଗ ଗୋରା ଥିଲା। ତେଣୁ ଶ୍ରୀକୃଷ୍ଣ ପ୍ରାୟତଃ ମାତା ଯଶୋଦାଙ୍କ ନିକଟରେ ଅଭିଯୋଗ କରୁଥିଲେ ଯେ ତାଙ୍କର ରଙ୍ଗ କଳା କାହିଁକି ! ଯଶୋଦା ମା' କୃଷ୍ଣଙ୍କୁ ରାଧାଙ୍କ ମୁହଁରେ ତାଙ୍କ ପରି ସମାନ ରଙ୍ଗ ଲଗାଇବାକୁ କହିଲେ, ଯାହାଦ୍ୱାରା ଦୁହେଁ ସମାନ ଦେଖାଯିବେ। ଶ୍ରୀକୃଷ୍ଣ ଖୁସି ହେଲେ ଏବଂ ତାଙ୍କ ବନ୍ଧୁମାନଙ୍କ ସହିତ ରାଧାରାଣୀଙ୍କୁ ରଙ୍ଗ ଲଗାଇବା ପାଇଁ ବାହାରକୁ ଗଲେ। ବିଶ୍ୱାସ କରାଯାଏ ଯେ ଶ୍ରୀକୃଷ୍ଣ ଏବଂ ତାଙ୍କ ବନ୍ଧୁମାନେ ରାଧାରାଣୀ ଏବଂ ଗୋପୀମାନଙ୍କ ସହିତ ହୋଲି ଖେଳିଥିଲେ। ସେହି ଦିନଠାରୁ ହୋଲି ପାଳନ କରିବାର ପରମ୍ପରା ଆରମ୍ଭ ହେଲା ଏବଂ ପ୍ରତି ବର୍ଷ ଲୋକମାନେ ବହୁତ ଉତ୍ସାହର ସହିତ ରଙ୍ଗ ଖେଳିବା ଆରମ୍ଭ କଲେ, ଯାହା ହୋଲି ଭାବରେ ଜଣାଶୁଣା। ହୋଲି ପର୍ବ ସାରା ଦେଶରେ ବହୁତ ଉତ୍ସାହର ସହିତ ପାଳନ କରାଯାଏ। ହୋଲି ଏକ ଦୁଇଦିନିଆ ପର୍ବ। ଫାଲ୍‌ଗୁନ ମାସର ପୂର୍ଣ୍ଣିମା ଦିନ ଏହା ଆରମ୍ଭ ହୁଏ। ପ୍ରଥମ ଦିନ ହୋଲିକା ଦହନ କରାଯାଏ ଏବଂ ଦ୍ୱିତୀୟ ଦିନ ରଙ୍ଗ ସହିତ ହୋଲି ଖେଳାଯାଏ। ମନ୍ଦ ଉପରେ ଭଲର ବିଜୟର ବାର୍ତ୍ତା ଦେଉଥିବା ହୋଲି ପର୍ବ ଅପରିଚିତ ଲୋକଙ୍କୁ ମଧ୍ୟ ନିଜର କରିଥାଏ। ଏହି ଦିନ ଲୋକମାନେ ପରସ୍ପରକୁ ଆଲିଙ୍ଗନ କରି ହୋଲିର ଶୁଭେଚ୍ଛା ଜଣାଇଥାନ୍ତି। ବୟସ୍କଙ୍କଠାରୁ ପିଲାଙ୍କ ପର୍ଯ୍ୟନ୍ତ ସମସ୍ତେ ପରସ୍ପର ଦେହରେ ରଙ୍ଗ ଲଗାନ୍ତି ଏବଂ ଏକାଠି ସ୍ୱାଦିଷ୍ଟ ଖାଦ୍ୟର ମଜା ନିଅନ୍ତି। ହୋଲି ପାଳନର ଅନେକ କାରଣ ରହିଥିଲେ ସୁଦ୍ଧା ଏହାକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରିହେବ। ପ୍ରଥମଟି ହେଲା, ସାମାଜିକ ଓ ସାଂସ୍କୃତିକ ବ୍ୟବସ୍ଥା ଏବଂ ଦ୍ୱିତୀୟଟି ସ୍ୱାସ୍ଥ୍ୟ।

ସରିଲା ପରୀକ୍ଷା, ବିଦ୍ୟାର୍ଥୀ ଖେଳିଲେ ହୋଲି ଏବଂ ଜମିଲା ନାଚଗୀତର ଆସର। ତିଥି ବାର ଚୁଲିକୁ ଗଲାଣି। ସଂପ୍ରତିକ ସମୟରେ ଅଦିନରେ ହୋଲି ଖେଳ ବିଦ୍ୟାର୍ଥୀଙ୍କଠାରୁ ଆରମ୍ଭ କରି ସାମାଜିକ କାର୍ଯ୍ୟକ୍ରମ ଓ ରାଜନୈତିକ ଦଳମାନଙ୍କରେ ଦେଖିବାକୁ ମିଳିଥାଏ। ବିଶେଷକରି ଏହି ହୋଲି ଖେଳ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଦେଖିବାକୁ ମିଳୁଛି। ଫେବୃଆରୀ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହୋଇଥିବା ସମସ୍ତ ବାର୍ଷିକ ପରୀକ୍ଷା ସରି ଯାଇଥିବା ବେଳେ ବର୍ତ୍ତମାନ ଦଶମ ଶ୍ରେଣୀ ପରୀକ୍ଷାର୍ଥୀମାନଙ୍କର ମୂଲ୍ୟାଙ୍କନ ପରିସମାପ୍ତି ପରେ ଗଣଶିକ୍ଷା ବିଭାଗ ପ୍ରସ୍ତୁତ ହେଉଛି ମେ' ମାସର ଦ୍ୱିତୀୟ ସପ୍ତାହ ସୁଦ୍ଧା ଫଳାଫଳ ପ୍ରକାଶ କରିବା ପାଇଁ। ଯୁକ୍ତଦୁଇ ପରୀକ୍ଷାର୍ଥୀଙ୍କ ପ୍ରଥମ ପର୍ଯ୍ୟାୟ ମୂଲ୍ୟାଙ୍କନ ପରିସମାପ୍ତି ପରେ ଦ୍ୱିତୀୟ ପର୍ଯ୍ୟାୟ ମୂଲ୍ୟାଙ୍କନ ପଦ୍ଧତିର ଚଳିତ ମାସ ଶେଷ ସପ୍ତାହରେ ପରିସମାପ୍ତି ହେବାକୁ ଯାଉଛି। ଜଣେ ବିଦ୍ୟାର୍ଥୀ ପରବର୍ତ୍ତୀ ଉଚ୍ଚତର ଶିକ୍ଷାଲାଭ ପାଇଁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ସଦାସର୍ବଦା ଚେଷ୍ଟା କରିଥାଏ। ଗଣଶିକ୍ଷା ବିଭାଗ ଅଧୀନରେ ଦଶମ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଗୁରୁତ୍ୱପୂର୍ଣ୍ଣ ଥାଏ ପରବର୍ତ୍ତୀ ଅଧ୍ୟୟନ ନିମନ୍ତେ; ଭଲ ଶିକ୍ଷାନୁଷ୍ଠାନରେ ନାମଲେଖା ନିମନ୍ତେ। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଯୁକ୍ତତିନି ଶେଷ ବର୍ଷର ଛାତ୍ରଛାତ୍ରୀମାନଙ୍କ ସ୍ନାତକୋତ୍ତର ଶିକ୍ଷା କିମ୍ବା କର୍ମନିଯୁକ୍ତି ନିମନ୍ତେ ପ୍ରତିଯୋଗିତା ପରୀକ୍ଷା ପାଇଁ ସ୍ନାତକ ଶିକ୍ଷା ଅଧିକ ଗୁରୁତ୍ୱ ବହନ କରିଥାଏ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି ଚଳିତ ମାସ ଶେଷ ସୁଦ୍ଧା ସ୍ନାତକ ଓ ସ୍ନାତକୋତ୍ତର ଶେଷ ସେମିଷ୍ଟାର ପରୀକ୍ଷା ଶେଷ କରିବାକୁ। ସମସ୍ତ ବିଦ୍ୟାର୍ଥୀ ଦଶମଠାରୁ ଆରମ୍ଭ କରି ସ୍ନାତକୋତ୍ତର ଶିକ୍ଷା ପର୍ଯ୍ୟନ୍ତ ପରୀକ୍ଷା ଶେଷ ଦିନରେ ଶିକ୍ଷାନୁଷ୍ଠାନରେ ଦେଖିବାକୁ ମିଳୁଛି ରଙ୍ଗାରଙ୍ଗ ପରିବେଶ। ଶିକ୍ଷକ ଓ ଶିକ୍ଷାର୍ଥୀ- ଉଭୟ ସାମିଲ ହୋଇ ହୋଲି ଖେଳ ସହିତ ସ୍ଥିରଚିତ୍ର ଉତ୍ତୋଳନ କରି ଉପଭୋଗ କରୁଥିବାର ମଧ୍ୟ ଦେଖିବାକୁ ମିଳିଥାଏ। କିଛି ସମୟ ପାଇଁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପରିସରରେ ଖୁସିର ଲହରୀ ଦେଖିବାକୁ ମିଳିଥାଏ। ଶିକ୍ଷାନୁଷ୍ଠାନ ଫାଟକ ସମ୍ମୁଖରେ ସହପାଠୀଙ୍କ ସହିତ ଶେଷ ସେଲ୍‌ଫି ଚିତ୍ର ଉତ୍ତୋଳନରେ ସମସ୍ତେ ସାମିଲ ହୋଇଥାନ୍ତି।

ସଂପ୍ରତି ସାମାଜିକ ଗଣମାଧ୍ୟମର ପ୍ରଭାବରେ ପ୍ରଭାବିତ ଯୁବ ବର୍ଗ। ରଙ୍ଗ ବୋଳା ଶରୀରରେ ସଙ୍ଗୀତର ତାଳରେ ତାଳମେଳର ସାମଞ୍ଜସ୍ୟ ରଖି ଭିଡିଓ ଚିତ୍ର ଉତ୍ତୋଳନ କରି ଫେସବୁକ୍, ହ୍ୱାଟସ୍‌ଆପ୍ ଗ୍ରୁପ୍ କିମ୍ବା ଷ୍ଟଟସ୍, ଇନଷ୍ଟାଗ୍ରାମ, ଟେଲିଗ୍ରାମ ଓ ୟୁଟ୍ୟୁବ୍ ଆଦି ବୈଦ୍ୟୁତିକ ସାମାଜିକ ଗଣମାଧ୍ୟମ ଦ୍ୱାରା ପ୍ରଚାର ପ୍ରସାର କରି ସେଥିରୁ ଆନନ୍ଦ ଲାଭ କରିଥାନ୍ତି। ଏହା କେତେଦୂର ଯୁବ ସମାଜ ଓ ସାମାଜିକ ପରିବେଶକୁ ପ୍ରଭାବିତ କରୁଛି, ଯୁବ ନେତୃତ୍ୱକୁ ନେଇ ଗବେଷଣା କରୁଥିବା ଗବେଷକ ହିଁ ସଠିକ୍ ତଥ୍ୟ ରଖି ପାରିବେ। 'ଅଟୋଗ୍ରାଫ୍- ଏ ସାଇନ୍ ଅଫ୍ ଲଭ୍'। ଅଟୋଗ୍ରାଫ୍ ହେଉଛି ପ୍ରସିଦ୍ଧ ବ୍ୟକ୍ତିବିଶେଷଙ୍କ ହସ୍ତଲିଖନ ସ୍ୱାକ୍ଷର, ଯାହା ପ୍ରାୟତଃ ସଂଗ୍ରହକାରୀ ଏବଂ ପ୍ରଶଂସକମାନଙ୍କ ଦ୍ୱାରା ଖୋଜାଯାଏ। ଫଟୋ, ବହି, ପୋଷ୍ଟର, ଏବଂ ସ୍ମାରକପତ୍ର ଭଳି ବିଭିନ୍ନ ଜିନିଷ ଉପରେ ଅଟୋଗ୍ରାଫ୍ ମିଳି ପାରିବ ଏବଂ ଯେଉଁମାନେ ସେମାନଙ୍କ ଦସ୍ତଖତ କରିଥିବା ବ୍ୟକ୍ତିଙ୍କୁ ପ୍ରଶଂସା କରନ୍ତି, ସେମାନଙ୍କ ପାଇଁ ଏହା ଅନ୍ତର୍ନିହିତ ମୂଲ୍ୟ ଧାରଣ କରିଥାଏ। ଅଟୋଗ୍ରାଫ୍ ସଂଗ୍ରହ କରିବା ଉତ୍ସାହୀମାନଙ୍କ ମଧ୍ୟରେ ଏକ ଲୋକପ୍ରିୟ ଅଭ୍ୟାସ, ଯେଉଁମାନେ କି ଏହି ସ୍ୱାକ୍ଷରିତ କଳାକୃତିର ବ୍ୟକ୍ତିଗତ ସଂଯୋଗ ଏବଂ ଐତିହାସିକ ମହତ୍ତ୍ୱକୁ ଗୁରୁତ୍ୱ ଦିଅନ୍ତି। ବିଶେଷକରି ଚଳଚ୍ଚିତ୍ର କିମ୍ବା କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ୟକ୍ତିତ୍ୱ ବା ସେଲିବ୍ରିଟି କିମ୍ବା ଖ୍ୟାତନାମା ବ୍ୟକ୍ତିବିଶେଷଙ୍କୁ ମେଲ୍ ଅନୁରୋଧ ମାଧ୍ୟମରେ ବ୍ୟକ୍ତିଗତ ଭାବରେ ଅଟୋଗ୍ରାଫ୍ ମଧ୍ୟ ମିଳି ପାରିବ। ପରୀକ୍ଷାର ଶେଷ ଦିନରେ ଛାତ୍ରଛାତ୍ରୀମାନେ ନିଜର ଗଣ ପୋଷାକ ଉପରେ ପରସ୍ପର ମଧ୍ୟରେ ଦସ୍ତଖତ କରିଥାନ୍ତି, କାରଣ ସେମାନେ ଭଲ ଭାବରେ ଜାଣିଥାନ୍ତି ଯେ ପରବର୍ତ୍ତୀ ଉଚ୍ଚତର ଶିକ୍ଷାଲାଭ ପାଇଁ ପୁନଃ ଗଣ ପୋଷାକର ଆବଶ୍ୟକତା ପଡ଼ିଥାଏ। ତେଣୁ ଏହି ପୋଷାକଟିର ମୂଲ୍ୟବୋଧ ପରବର୍ତ୍ତୀ ସମୟରେ ମୂଲ୍ୟହୀନ ବୋଲି ଅନୁଭବ କରିଥାନ୍ତି। ଏଭଳି ଅନେକ ସ୍ଥାନରେ ଦେଖିବାକୁ ମିଳେ। କେତେକ ଛାତ୍ର ନିଜର ଗଣ ପୋଷାକକୁ ପରସ୍ପର ମଧ୍ୟରେ ଚିରାଚିରି କରି ରାସ୍ତାରେ ପକାଇ ଥିବାର ଦୃଶ୍ୟ ଦେଖିବାକୁ ମିଳେ, ଅନୁଭୂତ ହୁଏ ସତେ ଯେପରି କିଛି ଦୁର୍ଘଟଣା ଘଟି ଯାଇଛି ! ବିଦ୍ୟାର୍ଥୀଙ୍କର ଏଭଳି ଆଚରଣ ସମାଜର ପରବର୍ତ୍ତୀ ପିଢ଼ି ଉପରେ କୁସଂସ୍କାରର ପ୍ରଭାବ ପକାଇ ଥାଏ। ଜୀବନର ଅସଲ ରଙ୍ଗ ରହିଛି ଅନ୍ୟର ଓଠରେ ଝଲସି ଉଠୁଥିବା ଆତ୍ମତୃପ୍ତିର ହସ ଟିକକରେ।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, କୋରାପୁଟ
ମୋ: ୯୪୩୭୯୫୫୫୬୮
kishorsddm@gmail.com

# କେତେ ସୁରକ୍ଷିତ ଆମ ଓଡ଼ିଆ ଅସ୍ମିତା



ରମାକାନ୍ତ ମହାପାତ୍ର

ଗୋଟିଏ ଜାତିର ଅସ୍ମିତା ହେଉଛି ସେହି ଜାତିର ପରିଚୟ ଆଉ ସ୍ୱାଭିମାନ। ସେହିଭଳି ଓଡ଼ିଆ ଅସ୍ମିତା ହେଉଛି ଓଡ଼ିଆ ଜାତିର ଗର୍ବ ଆଉ ପରିଚୟ। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, କଳା ଓ ସ୍ଥାପତ୍ୟର ପରିବାହକ ହେଲା ଓଡ଼ିଆ ଅସ୍ମିତା। ଓଡ଼ିଆ ଅସ୍ମିତା ପାଇଁ ଓଡ଼ିଆ ଜାତି ଆଜି ଗୌରବାନ୍ୱିତ। ଓଡ଼ିଶାର ଗୌରବାବହ ଅତୀତ ଚିର ସ୍ମରଣୀୟ ଆଉ ସଦା ବନ୍ଦନୀୟ। ଇଂରେଜ ଶାସନ ସମୟରେ ବୀର ଓଡ଼ିଆ ଜାତି ଏକ ଆତ୍ମବିସ୍ମୃତ ଜାତିରେ ପରିଣତ ହେଲା। ଠିକ୍ ସେହି ସମୟରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପାରଳା ମହାରାଜ ଗଜପତି କୃଷ୍ଣଚନ୍ଦ୍ର ଦେବ, କର୍ମବୀର ଗୌରୀଶଙ୍କର, ବ୍ୟାସକବି ଫକୀର ମୋହନ ସେନାପତି ଇତ୍ୟାଦି ଅନେକ ବରପୁତ୍ର ଏକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବାକୁ ୧୯୦୩ ମସିହାରେ କଟକସ୍ଥିତ ଇଦ୍‌ଗା ପଡ଼ିଆରେ ସଂକଳ୍ପ ନେଲେ। କଟକସ୍ଥିତ ଇଦ୍‌ଗା ପଡ଼ିଆରେ ପଡ଼ିଥିଲା ଓଡ଼ିଆ ଅସ୍ମିତାର ପ୍ରଥମ ମୂଳଦୁଆ। ଇଦ୍‌ଗା ପଡ଼ିଆ ହେଉଛି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଆନ୍ଦୋଳନର ମୂକସାକ୍ଷୀ। ଅତୀତରେ ରାଜ୍ୟ ସରକାର ଏହାକୁ ଏକ ସ୍ମାରକୀ ପୀଠ ଭାବରେ ଗଢ଼ି ତୋଳିବା ପାଇଁ ୧୮ ଗୁଣ୍ଠ ଜାଗା ପ୍ରଦାନ କରିଥିଲେ। ମାତ୍ର ଏହି ପବିତ୍ର ସ୍ଥାନ ତା'ର ଅସ୍ତିତ୍ୱ ହରାଇବାକୁ ଯାଉଛି। ଏହା ଆଜି ଜବରଦଖଲକାରୀମାନଙ୍କ କବ୍‌ଜାରେ। ଏହା ଓଡ଼ିଆ ଜାତି ପାଇଁ ନିଶ୍ଚିତ ଭାବରେ ଦୁର୍ଭାଗ୍ୟଜନକ।

ଓଡ଼ିଆ ଅସ୍ମିତାର ବହ୍ନି ଯେଉଁ ସ୍ଥାନରେ ଜଳି ଉଠିଥିଲା, ସେହି ସ୍ଥାନ ଆଉ ଯେ ଉତ୍କଳ ଦିବସ ଶତବାର୍ଷିକୀ ସମାରୋହ ପାଳନ ସମୟକୁ ଥିବ କି ନଥିବ, ତାହା ମଧ୍ୟ ପ୍ରଶ୍ନବାଚୀ। ଉତ୍କଳ ଦିବସ, ମଧୁବାବୁଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଦିବସ ଛଡ଼ା ଏଠାରେ ଜିଲ୍ଲା ପ୍ରଶାସନ, ନେତା, ଓଡ଼ିଆ ସଂଗଠନ- କାହାର ପାଦ ପଡ଼େ ନାହିଁ। ମନରେ ପ୍ରଶ୍ନ ଉଠେ- ସତରେ କ'ଣ ଏ ବୀର ଓଡ଼ିଆ ଜାତି ଆତ୍ମସ୍ୱାର୍ଥ ପାଇଁ ଜାତୀୟ ସ୍ୱାର୍ଥକୁ ଭୁଲିଗଲା ? ପୂର୍ବ ବୀର ଗାଥା କ'ଣ ଭୁଲିଗଲା ? ସତରେ କ'ଣ ମଧୁବାବୁଙ୍କ ସ୍ମୃତିକୁ ଫେରାଇ ଆଣି ପାରିବା ନାହିଁ ? ଖାଲି ଅସୁରକ୍ଷିତ ଇଦ୍‌ଗା ପଡ଼ିଆ ନୁହେଁ, ଓଡ଼ିଶାର ବହୁ ସ୍ଥାନରେ ଖୋଲା ଆକାଶ ତଳେ ଓଡ଼ିଆ ଅସ୍ମିତାର ପ୍ରତୀକ ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତି ଧୂଳି ଧୂସର ହୋଇ ଚାହିଁ ରହିଥାନ୍ତି କେବେ ତାଙ୍କର ଜୟନ୍ତୀ ଆଉ ଶ୍ରାଦ୍ଧବାର୍ଷିକୀ ପାଳନ କରାଯିବ। ବରପୁତ୍ରମାନଙ୍କୁ ମାଳ ଗୋଟିଏ ପିନ୍ଧାଇ ଦେଇ ଆମ ଦାୟିତ୍ୱ ଶେଷ ହୋଇଗଲା ବୋଲି ଆମେ ଭାବୁଛୁ। ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିର ମୁଣ୍ଡ ଉପରେ ଛତ୍ର କିମ୍ବା କିଛି ନଥାଏ। ଖରା, ବର୍ଷା, କାକରରେ ପଡ଼ିରହି ସେମାନେ ସେମିତି ଅପେକ୍ଷା କରି ରହିଥାନ୍ତି ତାଙ୍କର ଜୟନ୍ତୀ ଆଉ ଶ୍ରାଦ୍ଧବାର୍ଷିକୀକୁ। ଏହା କ'ଣ ଆମ ଓଡ଼ିଆ ଅସ୍ମିତା ? ଏହା କ'ଣ ବରପୁତ୍ରମାନଙ୍କୁ ଆମର ସମ୍ମାନ ?

ଓଡ଼ିଶା ସରକାର ନିକଟରେ ଓଡ଼ିଆ ପକ୍ଷ ପାଳନ କରିଛନ୍ତି। ଏହା ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ। ଓଡ଼ିଆ ଭାଷାରେ ନାମ ଫଳକ ଲେଖିବା ବାଧ୍ୟତାମୂଳକ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଦେଖାଯାଉଛି, ସବୁ ସରକାରୀ ନିର୍ଦ୍ଦେଶ ପ୍ରଶାସନର ନାଲିଫିତା ତଳେ ରହି ଯାଉଛି। ଯାହା କିଛି କାର୍ଯ୍ୟକ୍ରମ ହେଉଛି, ତାହା ସାମୟିକ ଓ ଲୋକଦେଖାଣିଆ। ସେହିପରି ଓଡ଼ିଆ ଭାଷାରେ ସମସ୍ତ ସରକାରୀ ଚିଠିପତ୍ର ଓ ଅଫିସ କାମ ହେବ ବୋଲି ସରକାର ନିର୍ଦ୍ଦେଶ ଦେଲେ। ମାତ୍ର କେହି ସେହି ନିର୍ଦ୍ଦେଶକୁ ମାନୁ ନାହାନ୍ତି। ସେହିପରି ପ୍ରତ୍ୟେକ ଜିଲ୍ଲାରେ ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ରାଜ୍ୟ ସରକାର ଯେଉଁ ନିଷ୍ପତ୍ତି ନେଇଥିଲେ, ତାହା କାର୍ଯ୍ୟକାରୀ ହୋଇ ପାରି ନାହିଁ। ବରପୁତ୍ରମାନଙ୍କର ଜନ୍ମପୀଠଗୁଡ଼ିକୁ ଜାତୀୟ ସ୍ମାରକୀ କରାଯିବା ଉଚିତ। ଓଡ଼ିଆ ନୌବାଣିଜ୍ୟର ସାଗର ବିଜୟୀ ସ୍ମାରକୀ କଟକର ଐତିହାସିକ ବାଲିଯାତ୍ରା ଏ ପର୍ଯ୍ୟନ୍ତ ଜାତୀୟ ମାନ୍ୟତା ପାଇ ପାରିଲା ନାହିଁ। ଶ୍ରୀଜଗନ୍ନାଥଙ୍କ ଧାମରେ ମାଳ ମାଳ ବଙ୍ଗଳା ଭାଷାର ରାଜନୈତିକ ବ୍ୟାନର। ଏହା କ'ଣ ଆମ ଓଡ଼ିଆ ଅସ୍ମିତାର ପରିଚୟ ? ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବା ଉଚିତ। ଏଥିପାଇଁ ସାହିତ୍ୟିକ, ବୁଦ୍ଧିଜୀବୀ, ରାଜନୈତିକ ଦଳଗୁଡ଼ିକର ନେତା, ଆଇନଜୀବୀ ଓ ଓଡ଼ିଆ ସଂଗଠନଗୁଡ଼ିକ ଆଗେଇ ଆସିବା ଉଚିତ। ଅସ୍ମିତାକୁ ନେଇ ରାଜନୀତି ନ କରିବା ଉଚିତ। ମହାଭାରତରେ ଯଦି ଦ୍ରୌପଦୀ ବସ୍ତ୍ରହରଣ ବେଳେ ପିତାମହ ଭୀଷ୍ମ ନିରବ ନ ରହି ସାମାନ୍ୟ ମୁହଁ ଖୋଲିଥାନ୍ତେ, ତେବେ ମହାଭାରତ ଯୁଦ୍ଧ ହୋଇ ନଥାନ୍ତା। ଠିକ୍ ସେହିପରି ଆମ ଓଡ଼ିଆ ଜାତିର ଯଦି ଭଲ ଲୋକ ମୁହଁ ନ ଖୋଲିବେ, ତେବେ ଓଡ଼ିଆ ଅସ୍ମିତା ବିଲୁପ୍ତ ହୋଇଯିବ। ୨୦୩୬ରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରାଯିବ। ରାଜ୍ୟ ସରକାର ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରିବେ। ମାତ୍ର କେବଳ ରାଜ୍ୟ ସରକାର କାହିଁକି, ଓଡ଼ିଆ ଅସ୍ମିତାର ସୁରକ୍ଷା ସମସ୍ତ ଓଡ଼ିଆଙ୍କର କର୍ତ୍ତବ୍ୟ ଆଉ ନୈତିକ ଦାୟିତ୍ୱ ମଧ୍ୟ। ଓଡ଼ିଆ ଅସ୍ମିତା ସୁରକ୍ଷିତ ରହିଲେ ଏକ ସମୃଦ୍ଧ ଓଡ଼ିଶା ଗଠନ କରାଯାଇ ପାରିବ।

ପିଠାପୁର, କଟକ

### ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି

# ପୁଣି ବେଧଡ଼କ୍ ଚାଲିଲାଣି ଗୁଟ୍‌ଖା ବେପାର




**ରାୟଗଡ଼ା,୨୫।୪/ଏନ୍ଏନ୍ଏସ୍:** ଗୁଟ୍‌ଖା କାରବାରକୁ ନେଇ କିଛିଦିନର ହୋହଲ୍ଲା ପରେ ଏବେ ରାୟଗଡ଼ା ସହର ସମେତ ସମଗ୍ର ଜିଲ୍ଲାରେ ଗୁଟ୍‌ଖା ବେପାର ପୂର୍ବଭଳି ଆରମ୍ଭ ହୋଇଯାଇଛି। ଦୋକାନୀମାନେ ଆଉ ଲୁଚାଛପାରେ ନୁହେଁ ପୁରା ଖୋଲାଖୋଲି ଭାବେ ଗୁଟ୍‌ଖା ବିକ୍ରି କରୁଛନ୍ତି। ନିକଟରେ ରାଜ୍ୟ ସରକାର ସମସ୍ତ ପ୍ରକାର ପାନ ମସଲା ବିକ୍ରି ଉପରେ କଟକଣା ଜାରି କରିଥିଲେ। ପରେ ଏଥିରୁ ନିକୋଟିନ୍ ରହିତ ପାନ ମସଲାକୁ ବାଦ୍ ଦେଇଥିଲେ। ତେବେ ଦୁଇଟି ସରକାରୀ ନିର୍ଦ୍ଦେଶନାମା ପାଇବା ସତ୍ତ୍ୱେ ବଜାରରୁ ହଠାତ୍ ଗୁଟ୍‌ଖା ଉଭାନ୍ ହୋଇଯାଇଥିଲା। ଲୁଚାଛପାରେ ବିକ୍ରି କରିବାକୁ ବି ଦୋକାନୀମାନେ ଡରୁଥିଲେ। ପୁଲିସ୍ ପ୍ରଶାସନ ମଧ୍ୟ ସକ୍ରିୟ ହୋଇ ବିଭିନ୍ନ ସ୍ଥାନରେ ଗୁଟ୍‌ଖା ଗୋଦାମ ଉପରେ ଚଢ଼ଉ କରି ବିପୁଳ ପରିମାଣରେ ଜବତ କରିଥିଲା। ହେଲେ ଏବେ ପୁଣିଥରେ ଯଥା ପୂର୍ବ ତଥା ପରଂ ଅବସ୍ଥା ଦେଖାଦେଇଛି। ଏହି ଚଢ଼ଉ ଏକପ୍ରକାର ବନ୍ଦ ହୋଇଯାଇଥିବା ବେଳେ ଦୋକାନୀମାନେ ଖୋଲାଖୋଲି ଭାବେ ଗୁଟ୍‌ଖା ବିକ୍ରି କରୁଛନ୍ତି। ନିକୋଟିନ୍ ରହିତ ପ୍ୟାକେଟ୍‌କୁ ଆଗରେ ରଖୁଥିବାବେଳେ ଏହା ପଛରେ ନିକୋଟିନ୍‌ଯୁକ୍ତ ଗୁଟ୍‌ଖା ରଖି ବିକ୍ରି କରୁଛନ୍ତି।

ତେବେ ସରକାରଙ୍କୁ ଚକ୍‌ମା ଦେବା ପାଇଁ ଗୁଟ୍‌ଖା କମ୍ପାନୀମାନେ ନିକୋଟିନ୍ ରହିତ ଓ ନିକୋଟିନ୍‌ଯୁକ୍ତ ପ୍ୟାକେଟ୍ ପ୍ରସ୍ତୁତ କରି ବଜାରକୁ ଛାଡ଼ିବାରେ ଲାଗିଛନ୍ତି। ଗୁଟ୍‌ଖା ଚୋବାଉଥିବା ଲୋକେ ଏହି ଦୁଇ କିସମର ପ୍ୟାକେଟ୍ କିଣିବା ସହିତ ତାହାକୁ ମିଶାଇ ଖାଉଛନ୍ତି। ସରକାରଙ୍କ ବିଜ୍ଞପ୍ତି ପରେ ହଠାତ୍ ଦୁଇ ତିନି ଗୁଣା ଦର ବୃଦ୍ଧି ଯୋଗୁ ଅନେକ ଏଥିରୁ ମୁହଁ ଫେରାଇ ନେଇଥିଲେ। ଏବେ କିନ୍ତୁ ଦର ହ୍ରାସ ଯୋଗୁ ପୁଣିଥରେ ପୂର୍ବଭଳି ଲୋକେ ଗୁଟ୍‌ଖା ଚୋବାଇବାରେ ବ୍ୟସ୍ତ। ରାୟଗଡ଼ାରେ ବିକ୍ରି ହେଉଥିବା ନିକୋଟିନ୍‌ଯୁକ୍ତ ପାନ ମସଲାର ସିଂହଭାଗ ବାହାର ରାଜ୍ୟରୁ ଆସୁଛି। ଦେଶର ପ୍ରାୟ ୧୭ଟି ରାଜ୍ୟରେ ଥିବା ଗୁଟ୍‌ଖା ପ୍ରସ୍ତୁତକାରୀମାନେ ପ୍ରତଦିନ ଟ୍ରକ୍ ଟ୍ରକ୍ ଗୁଟ୍‌ଖା ଓଡ଼ିଶାକୁ ପଠାଉଛନ୍ତି। ସରକାର ପାନମସଲା ଉପରେ କଟକଣା ଜାରି କରିବା ପରେ ବିଭିନ୍ନସ୍ତରରୁ ସରକାରଙ୍କ ପଦକ୍ଷେପ ପାଇଁ ପ୍ରଶଂସାର ସୁଅ ଛୁଟିଥିଲା। ସବୁ ବର୍ଗର ଲୋକେ ଏହାକୁ ସମର୍ଥନ ବି କରିଥିଲେ। ଲୋକଙ୍କ ସମର୍ଥନ ଦେଖି ସରକାରୀ କଳ ବି ଚଢ଼ଉକୁ ଜୋରଦାର୍ କରିଥିଲେ। ହେଲେ ସରକାରଙ୍କ ପରବର୍ତ୍ତୀ ନିର୍ଦ୍ଦେଶନାମାରେ କଟକଣାରୁ ନିକୋଟିନ୍ ରହିତ ପାନ ମସଲାକୁ ହଟାଇ ଦିଆଯିବା ପରେ ଏବେ ରାଜ୍ୟରେ ପୁଣିଥରେ ଗୁଟ୍‌ଖା ବ୍ୟବସାୟ ଜୋରଦାର୍ ହୋଇଛି। କର୍କଟ ସୃଷ୍ଟିକାରୀ ଏହି ବିଷାକ୍ତ ପଦାର୍ଥକୁ ରୋକିବା ପାଇଁ ସବୁ ଦିଗରୁ ମତପ୍ରକାଶ ପାଉଥିବାବେଳେ ସରକାର ଏହା ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଛାତ୍ରୀଙ୍କୁ ପ୍ରଧାନଶିକ୍ଷକଙ୍କ ଅସଦାଚରଣ ଅଭିଯୋଗ

**ନବରଙ୍ଗପୁର,୨୫।୪/ଏନ୍ଏନ୍ଏସ୍:** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍‌ର ଏକ ସେବାଶ୍ରମ ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ପ୍ରଧାନଶିକ୍ଷକଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଆଣିଛନ୍ତି। ଏନେଇ ନବରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କୁ ମଧ୍ୟ ଜଣାଇଛନ୍ତି। ଗତ ଏପ୍ରିଲ୍ ୧୫ ତାରିଖ ରାତିରେ ସ୍କୁଲ୍‌ର ୫ ଜଣ ଛାତ୍ରୀଙ୍କୁ ଓଆର୍ଏସ୍ ପିଇବା ପାଇଁ ସ୍କୁଲ୍‌ର ପ୍ରଧାନଶିକ୍ଷକ ସୁକାନ୍ତ ଷଡ଼ଙ୍ଗୀ ତାଙ୍କ କୋଠରୀକୁ ଡାକିଥିଲେ। ଅନ୍ୟ ୪ ଜଣଙ୍କୁ କିଛି କରି ନଥିବାବେଳେ ପୀଡ଼ିତାଙ୍କୁ ହାତ ଧରି ଟାଣିଥିଲେ ଏବଂ ରୁମ୍ ଭିତରକୁ ନେଇ ଦେହର ବିଭିନ୍ନ ସମ୍ବେଦନଶୀଳ ସ୍ଥାନକୁ ଛୁଇଁଥିବା ପୀଡ଼ିତା ଜଣକ ପ୍ରକାଶ କରିଛନ୍ତି। ଏନେଇ ପୀଡ଼ିତା ଓ ତାଙ୍କ ପରିବାର ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗହଣ ନିଆ ନଯାଇ କେବଳ ବଦଳି କରାଯାଇଥିଲା। ସେଥିପାଇଁ ଶେଷରେ ବାଧହୋଇ ନ୍ୟାୟ ପାଇବା ପାଇଁ ପୀଡ଼ିତା ଜଣକ ନବରଙ୍ଗପୁର ଥାନାରେ ଏତଲା ଦାୟର କରିଥିବା ପ୍ରକାଶ କରିଛନ୍ତି। ପୀଡ଼ିତା ପୂର୍ବତନ ସାଂସଦ ପ୍ରଦୀପ ମାଝୀଙ୍କ ସହ ନବରଙ୍ଗପୁର ଥାନାକୁ ଯାଇ ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରାଙ୍କ ନିକଟରେ ଏତଲା ଦାୟର କରିଛନ୍ତି ଏବଂ ପ୍ରଧାନଶିକ୍ଷକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଅନ୍ୟପଟେ ଏତଲା ଦାୟର ହୋଇଥିବାବେଳେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବା ନେଇ ନବରଙ୍ଗପୁର ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ସୂଚନା ଦେଇଛନ୍ତି। ତେବେ ଉକ୍ତ ଘଟଣାରେ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।

# ଜିଲ୍ଲାସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ



**ମାଲକାନଗିରି,୨୫।୪/ଏନ୍ଏନ୍ଏସ୍:** ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲ୍ଲାପାଳ କହିଥିଲେ ଯେ ପ୍ରାଣୀ ଚିକିତ୍ସକମାନେ ହେଉଛନ୍ତି ସମାଜର ପ୍ରଚ୍ଛଦପଟ୍ଟର ନାୟକ ଏବଂ ଗ୍ରାମାଞ୍ଚଳର ଅର୍ଥନୀତି ପ୍ରାଣୀ ସମ୍ପଦ ଉପରେ ନିର୍ଭରଶୀଳ ହୋଇଥିବାରୁ ସେମାନଙ୍କର ସୁରକ୍ଷା ଓ ଚିକିତ୍ସା କ୍ଷେତ୍ରରେ ପ୍ରାଣୀ ଚିକିତ୍ସକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପଶୁପାଳନ କ୍ଷେତ୍ରରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ବ୍ୟବହାର କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଓ ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଜମି ପ୍ରଦାନ ଏବଂ ସରକାରୀ ଯୋଜନାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ମତ୍ସ୍ୟ ଅଧିକାରୀ ମତ୍ସ୍ୟ ଚାଷ ଓ ପଶୁପାଳନ କିପରି ସମାନ୍ତରାଳ ଭାବେ ଚାଷୀଙ୍କ ଆୟ ବୃଦ୍ଧି କରିପାରିବ ସେବିଷୟରେ ସୂଚନା ଦେଇଥିଲେ। ସେହିପରି ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଜିଲ୍ଲାରେ ଚାଲିଥିବା ଟିକାକରଣ ଏବଂ ବିଭିନ୍ନ ପ୍ରାଣୀ ସମ୍ପଦ ବିକାଶ ଯୋଜନାର ସଫଳତା ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଆସିଥିବା ପ୍ରାଣୀ ଚିକିତ୍ସକ, ପ୍ରାଣୀ ସ୍ୱାସ୍ଥ୍ୟକର୍ମୀ, ଦୁଗ୍ଧ ଚାଷୀ ସଂଘର ପ୍ରତିନିଧି, ଅଗ୍ରଣୀ ପଶୁପାଳକ ଓ ବିଭାଗୀୟ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସେବା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରା କିଛି ସଫଳ ଚାଷୀ ଓ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ପ୍ରାଣୀଙ୍କ ପ୍ରତି ଦୟାଭାବ ପୋଷଣ କରିବା ଓ ସେମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ସମସ୍ତେ ସଙ୍କଳ୍ପ ନେଇଥିଲେ।

## ଗଣେଶ ଓ ତ୍ରିନାଥ ମନ୍ଦିର ପ୍ରତିଷ୍ଠା



**ଟିଟିଲାଗଡ଼,୨୫।୪/ଏନ୍ଏନ୍ଏସ୍:** ସ୍ଥାନୀୟ ଗୋପବନ୍ଧୁ ପାର୍କରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଓ ପୌରାଧକ୍ଷା ଅଟା ଦେବୀ ଜେନାଙ୍କ ପ୍ରଚେଷ୍ଟାରେ ନବନିର୍ମିତ ଗଣେଶ ଓ ଦତ୍ତାତ୍ରେୟ ତ୍ରିନାଥ ମନ୍ଦିର ପ୍ରତିଷ୍ଠା ସହ ନୂତନ ବିଗ୍ରହ ସ୍ଥାପିତ ହୋଇଯାଇଛି। ଗତ ୨୦ ତାରିଖରେ ଅଧିବାସ, ୨୧ରେ ଦେବପୂଜନ ପରେ ୨୪ ପ୍ରହର ନାମାଯଜ୍ଞ ଆରମ୍ଭ, ୨୩ ତାରିଖରେ ଉଭୟ ମହାପ୍ରଭୁଙ୍କ ପ୍ରାଣ ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ, ପଞ୍ଚକୁଣ୍ଡୀୟ ମହାଯଜ୍ଞ ଆଦି କାର୍ଯ୍ୟ ସମ୍ପନ୍ନ ହୋଇଥିବାବେଳେ ୨୪ ତାରିଖରେ ପୂର୍ଣ୍ଣାହୁତି ହୋଇଛି। ରୀତିନୀତି ଅନୁସାରେ ଉଭୟ ମନ୍ଦିରର ରତ୍ନମୁଦ, କୁମ୍ଭବରଣ, ଧ୍ୱଜା ସ୍ଥାପନ, ଦ୍ୱାରପୂଜା ଓ ସିଂହାସନ ପୂଜା ସମ୍ପନ୍ନ ହୋଇଥିଲା। ପଞ୍ଚକୁଣ୍ଡୀୟ ଯଜ୍ଞରେ କର୍ତ୍ତା ଭାବେ ସୁବୋଧ ଦାଶ ଓ ତାଙ୍କ ଧର୍ମପତ୍ନୀ ଅଞ୍ଜୁଲତା ଦାଶ, ସଞ୍ଜୀବ ପାଢ଼ୀ ଓ ତାଙ୍କ ଧର୍ମପତ୍ନୀ ପ୍ରଣତି ପାଢ଼ୀ, ଅଶୋକ ଜୈନ ଓ ତାଙ୍କ ଧର୍ମପତ୍ନୀ କାନ୍ତା ଜୈନ, ଦେବାନନ୍ଦ ସାହୁ ଓ ତାଙ୍କ ଧର୍ମପତ୍ନୀ ସବିତା ସାହୁ, ଗୁଲାବ ସୋନି ଓ ତାଙ୍କ ଧର୍ମପତ୍ନୀ ସୁପ୍ରିୟା ସୋନୀ, ପ୍ରହଲ୍ଲାଦ ସାହୁ ସପତ୍ନିକ ଦାୟିତ୍ୱ ତୁଲାଇଥିଲେ। ପୂଜକ ଭାବେ ପଣ୍ଡିତ ସିଦ୍ଧାନ୍ତ ମହାପାତ୍ର, ସାଧୁଚରଣ ଆଚାର୍ଯ୍ୟ, ଦେବାଂଶୁ ଦାଶ, ମାନସ ରଞ୍ଜନ ପଣ୍ଡା, ବିପୁଳ ବିକ୍ରାନ୍ତ ପଣ୍ଡା, ଅଜିତ ଦ୍ୱିବେଦୀ, ଚିନ୍ମୟ ନାୟକ, ନୃସିଂହ ଚରଣ ତ୍ରିପାଠୀ ଓ ଗୋର୍ବର୍ଦ୍ଧନ ତ୍ରିପାଠୀ ପୂଜକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଟିଟିଲାଗଡ଼ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ, ପୌର ନିର୍ବାହୀ ଅଧିକାରୀ ଚନ୍ଦନ ଶତପଥୀ, ନାଗରିକ ମଞ୍ଚ ସଭାପତି ରାଧାକାନ୍ତ ପାଢ଼ୀ, ପୂର୍ବତନ ନଗରପାଳ ଭବାନୀ ପ୍ରସାଦ ହୋତା, ସନ୍ତୋଷ ପ୍ରଧାନ, ଶୁଭ୍ରାଂଶୁ ଦାଶ, ଈଶ୍ୱର ଜୈନ, ଗୋପାଲ ଲାଠ ଓ ସାମାଜିକ କର୍ମୀ ସର୍ବେଶ୍ୱର ମହାପାତ୍ର ପ୍ରମୁଖ ସାମିଲ୍ ଥିଲେ। ମୁଖ୍ୟ ସଂଯୋଜକ ଭାବେ ଟିକେଲାଲ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅକ୍ଷୟ ବେହେରା, ପୂର୍ଣ୍ଣଚନ୍ଦ୍ର ସାହୁ, ହରି ନାଗ ଓ ପବିତ୍ର ସାହୁଙ୍କ ସମେତ ଶତାଧିକ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

# ବିଶ୍ୱ ମ୍ୟାଲେରିଆ ଦିବସରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**ମାଲକାନଗିରି,୨୫।୪/ଏନ୍ଏନ୍ଏସ୍:** ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଏବଂ ପିରାମଲ୍ ଫାଉଣ୍ଡେସନ୍‌ର ମିଳିତ ସହଯୋଗରେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମ୍ୟାଲେରିଆମୁକ୍ତ ମାଲକାନଗିରି ଗଠନ ଦିଗରେ ଆଲୋଚନା କରାଯିବା ସହ ଏକ ଦୃଢ଼ ପଥ ପ୍ରସ୍ତୁତ କରାଯାଇଥିଲା। ୩ଟି କୌଶଳ ଟ୍ରେସ୍, ଟେଷ୍ଟ ଓ ଟ୍ରିଟ୍ ଉପରେ ଗୁରୁତ୍ୱ ଦିଆଯାଇ ମ୍ୟାଲେରିଆର ଆଗୁଆ ଓ ପୂର୍ଣ୍ଣ ଚିକିତ୍ସାର ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଯାଇଥିଲା। ଉପଖଣ୍ଡ ଏବଂ ପଞ୍ଚାୟତସ୍ତରୀୟ ତଥ୍ୟକୁ ଭିତ୍ତି କରି ମ୍ୟାଲେରିଆ ପ୍ରବଣ ଅଞ୍ଚଳ ଗୁଡ଼ିକୁ ଚିହ୍ନଟ କରାଯିବା ସହ ଆଗାମୀ ୨୦୨୬-୨୭ ବର୍ଷ ପାଇଁ ଏକ ଲକ୍ଷ୍ୟଭିତ୍ତିକ ଯୋଜନା ପ୍ରସ୍ତୁତ କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ଓ ପିରାମଲ୍ ଫାଉଣ୍ଡେସନ୍‌ର ଅଧିକାରୀମାନେ ଔଷଧୀୟ ମଶାରୀର ବ୍ୟବହାର, ନିୟମିତ ସଚେତନତା ଓ ସଠିକ୍ ସମୟରେ ରକ୍ତ ପରୀକ୍ଷା କରି ଚିକିତ୍ସିତ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଆଶା କର୍ମୀ, ଶିକ୍ଷକ, ହଷ୍ଟେଲ୍ ଅଧୀକ୍ଷକ, ନର୍ସିଂ ଛାତ୍ରଛାତ୍ରୀ ଓ ପିରାମଲ୍ ଫାଉଣ୍ଡେସନ୍‌ର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଶେଷରେ ମ୍ୟାଲେରିଆମୁକ୍ତ ମାଲକାନଗିରି ପାଇଁ ସମୂହ ଶପଥପାଠ କରାଯାଇଥିଲା।

# ଦୁର୍ଘଟଣାରେ ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକଙ୍କ ମୃତ୍ୟୁ



**ରାୟଗଡ଼ା,୨୫।୪/ଏନ୍ଏନ୍ଏସ୍:** ରାୟଗଡ଼ା ଜିଲ୍ଲା ଉଦ୍ୟାନ କୃଷି ବିଭାଗର ଉପନିର୍ଦ୍ଦେଶକ ଚନ୍ଦ୍ରମୋହନ ସାହୁଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଶନିବାର ସକାଳେ ଉପନିର୍ଦ୍ଦେଶକ ଖୋର୍ଦ୍ଧା ନିକଟରେ ବସ୍‌ରୁ ଓହ୍ଲାଇ ରାସ୍ତା ଅତିକ୍ରମ କରୁଥିବା ସମୟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାସ୍ଥଳର କିଛିଦୂରରେ ଶ୍ରୀ ସାହୁଙ୍କୁ ଅପେକ୍ଷା କରିଥିବା ପୁଅ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାରୁ ଜଣାପଡ଼ିଛି ୨ ଦିନ ଛୁଟି ପଡ଼ିଥିବାରୁ ଶ୍ରୀ ସାହୁ ବସ୍ ଯୋଗେ ନିଜ ଗ୍ରାମକୁ ଯାଇଥିଲେ। କିନ୍ତୁ ବସ୍‌ରୁ ଓହ୍ଲାଇ ଚାଲି ଚାଲି ଯାଉଥିବା ସମୟରେ ଶ୍ରୀ ସାହୁ ଦୁର୍ଘଟଣାର ଶିକାର ହୋଇଥିଲେ। ଶ୍ରୀ ସାହୁଙ୍କ ବିୟୋଗ ଖବର ପହଞ୍ଚିବା ପରେ ପ୍ରଶାସନିକସ୍ତରରେ ଶୋକର ଛାୟା ଖେଳିଯାଇଛି। ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ନିହାର ରଞ୍ଜନ କହଁର, ଜିଲ୍ଲା ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରମେଶ ଜେନା ଓ ସାଲାର୍ ଫାଉଣ୍ଡେସନ୍ ଅଧ୍ୟକ୍ଷ ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ବହୁ ଅଧିକାରୀ ଓ ସ୍ଥାନୀୟ ଲୋକ ଶୋକପ୍ରକାଶ କରିଛନ୍ତି।

# ଅଟୋ ଓ ବାଇକ୍ ଧକ୍କା, ଜଣେ ମୃତ

**ନବରଙ୍ଗପୁର,୨୫।୪/ଏନ୍ଏନ୍ଏସ୍:** ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ଝିଟୁକୁଗୁଡ଼ା ନିକଟରେ ଏକ ଅଟୋ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ନାକଟିଗୁଡ଼ା ଗ୍ରାମର ସାଜନ ଭତ୍ରା। ସାଜନ ବାଇକ୍ ଯୋଗେ କୌଣସି କାମରେ ପାପଡ଼ାହାଣ୍ଡି ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଏକ ଅଟୋ ପାପଡ଼ାହାଣ୍ଡିରୁ ତୁମ୍ବଲ୍ଲା ଯିବା ସମୟରେ ଝିଟିକୁଗୁଡ଼ା ବୁଲାଣି ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ବାଇକ୍ ଚାଳକ ଛିଟିକି ପଡ଼ି ରାସ୍ତାକଡ଼ରେ ପଡ଼ିଥିଲେ। ସେହି ରାସ୍ତା ଦେଇ ଯାଉଥିବା ନବରଙ୍ଗପୁର ଆର୍‌ଟିଓ ବିଭାଗର ସବ୍‌ଇନ୍ସପେକ୍ଟର୍ ଅବିନାଶ ବାଳ, କନଷ୍ଟେବଳ ସୁକାନ୍ତ ବେହେରା ଓ ବିଜନ ସେଠୀ ଗୁରୁତର ସାଜନଙ୍କୁ ଉଦ୍ଧାର କରି ନିଜ ଗାଡ଼ିରେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସାଜନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ରହିଥିବାରୁ ତାଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କୋରାପୁଟ ଶହୀଦ ଲକ୍ଷଣ ନାୟକ ମେଡିକାଲ୍ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସାଜନଙ୍କ ମୃତ୍ୟୁ ଘଟିଥିଲା। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଓ ଅଟୋକୁ ଜବତ କରିଛି।

# ସିଜିମାଳିରେ ଏଆଇସିସି ଟିମ୍

### ଯୁବ କଂଗ୍ରେସ ପକ୍ଷରୁ ସତ୍ୟାଗ୍ରହ



**ରାୟଗଡ଼ା,୨୫।୪/ଏନ୍ଏନ୍ଏସ୍:** ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ ଓ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶକ୍ରମେ ଜାତୀୟ ଯୁବ କଂଗ୍ରେସ୍ ସଭାପତି ଉଦୟଭାନୁ ଚିବ୍‌ଙ୍କ ନେତୃତ୍ୱରେ ଏକ ତଥ୍ୟ ଅନୁସନ୍ଧାନକାରୀ ଟିମ୍ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ସିଜିମାଳି ଅଞ୍ଚଳରେ ପହଞ୍ଚିଛି। ଏହି ଟିମ୍ କଣ୍ଟାମାଳ ଓ ଶାଗବାରୀ ଗ୍ରାମରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। କେଉଁ ପରିସ୍ଥିତିରେ ପୁଲିସ୍ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ସଂଘର୍ଷ ହେଲା ସେନେଇ ମତାମତ ସଂଗ୍ରହ କରିଥିଲେ। ସିଜିମାଳି ପାହାଡ଼ ଉପରେ ଆଦିବାସୀଙ୍କ ସମ୍ପୂର୍ଣ୍ଣ ଅଧିକାର ରହିଛି ବୋଲି କଂଗ୍ରେସ ନେତାମାନେ ପ୍ରକାଶ କରିବା ସହ ସିଜିମାଳି ଖଣି ଖନନକୁ ଦଳ ପକ୍ଷରୁ ତୀବ୍ର ନିନ୍ଦା କରାଯାଉଛି ବୋଲି ପ୍ରଭାବିତଙ୍କୁ କହିଥିଲେ। ଖଣି ପ୍ରଭାବିତଙ୍କ ସହ ଆଲୋଚନା ସରିବା ପରେ ଏହି ଟିମ୍ ରାହୁଲ ଗାନ୍ଧୀଙ୍କୁ ଏକ ରିପୋର୍ଟ ପ୍ରଦାନ କରିବ ବୋଲି ଦଳ ପକ୍ଷରୁ କୁହାଯାଇଛି। କଂଗ୍ରେସର ଏହି ତଥ୍ୟ ଅନୁସନ୍ଧାନକାରୀ ଦଳ ସହ ପିସିସି ପ୍ରଭାରୀ ଅଜୟ କୁମାର ଲାଲୁ, ଏଆଇସିସି ସମ୍ପାଦକ ମନୀଶ ଶର୍ମା, ସାଂସଦ ସପ୍ତଗିରି ଉଲ୍ଲାକା, ବିରୋଧୀ ଦଳ ନେତା ରାମଚନ୍ଦ୍ର କାଡାମ୍, ଜାତୀୟ ଆଦିବାସୀ ସେଲ୍ ସଭାପତି ବିକ୍ରାନ୍ତ ଭୁରିଆ, ବିଧାୟକ ଆପଲାସ୍ୱାମୀ କାଡ୍ରାକା ଓ ଓଡ଼ିଶା ଯୁବ କଂଗ୍ରେସ ପ୍ରଭାରୀ ମହେଶ ଦେଶମୁଖ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ ଯୁବ କଂଗ୍ରେସ୍ ପକ୍ଷରୁ ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯାଇଛି। ଏଥିରେ ଯୁବ କଂଗ୍ରେସ ନେତା ସୁଦୀପ ସାମଲ, ଗଣେଶ ସାହୁ ଓ ବାଦଲ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସିଜିମାଳି ଖଣି ଲିଜ୍ ବାତିଲ୍ ଓ ପୁନର୍ବାର ଗ୍ରାମସଭା କରିବା ଦାବିରେ ଏହି ସତ୍ୟାଗ୍ରହ କରାଯାଇଛି।

### ଜିଲ୍ଲାସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକ

# ମେ’ ୨୦ରୁ ଧାନ ଉଠାଇବା ଲକ୍ଷ୍ୟ



**ଭବାନୀପାଟଣା,୨୫।୪/ଏନ୍ଏନ୍ଏସ୍:** କଳାହାଣ୍ଡି ଜିଲ୍ଲାରେ ରବି ଧାନ ସଂଗ୍ରହ ନିମନ୍ତେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆସନ୍ତା ମେ’ ୨୦ରୁ ରବି ଧାନ ସଂଗ୍ରହ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ଏଥିରେ ଚାଷୀ ଏବଂ ମିଲର୍ସଙ୍କ ରହିଥିବା କିଛି ସମସ୍ୟା ଓ ତା’ର କିପରି ସରଳ ସମାଧାନ କରାଯିବ ସେ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଜିଲ୍ଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା କିପରି ସୁଚାରୁରୂପେ ପରିଚାଳନା କରାଯିବ ସେ ଦିଗରେ ସମସ୍ତ ମିଲର୍ସ ଚାଷୀଙ୍କ ପୂର୍ଣ୍ଣ ସହଯୋଗ ରହିବା ପାଇଁ ମଧ୍ୟ ଆଲୋଚନା ହୋଇଥିଲା। ଜିଲ୍ଲାରେ ଚଳିତ ୨୦୨୫-୨୬ ବର୍ଷରେ ରବି ଧାନ ବିକ୍ରି କରିବା ପାଇଁ ୫୬,୬୩୯ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। ଗତ ବର୍ଷ ରବି ଧାନ ବିକ୍ରି ପାଇଁ ୪୮,୮୧୮ ଜଣ ଚାଷୀ ପଞ୍ଜିକରଣ କରିଥିଲେ। ଫଳରେ ଗତ ବର୍ଷଠାରୁ ୭,୮୨୧ ଜଣ ଅଧିକ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି। ସେହିପରି ଜିଲ୍ଲାରେ ଚଳିତ ବର୍ଷ ୯୩ଟି ଧାନକ୍ରୟ କେନ୍ଦ୍ର କରାଯାଇଥିବାବେଳେ ୨୬ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ପ୍ୟାକ୍ସ ଓ ଲ୍ୟାମ୍ପସ୍ ଦ୍ୱାରା ଧାନ ସଂଗ୍ରହ କରାଯିବ। ଏହାସହ ଧାନ ଉଠାଣରେ ଏଥର ୯୭ ରାଇସ୍ ମିଲ୍ସକୁ ନିୟୋଜିତ କରାଯାଇଛି। ଏହି ବୈଠକରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ସୌମ୍ୟରଞ୍ଜନ ପ୍ରଧାନ, ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ଡିଆର୍‌ସିଏସ୍ ସ୍ୱରୂପ କୁମାର କର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରମୋଦ କୁମାର ବେହେରା, ଡିଏମ୍‌ଏଫ୍‌ସିଆଇ ପ୍ରଫୁଲ୍ଲ କୁମାର ସାହୁ, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଦୁର୍ଗା କେଶରୀ, ବିଧାୟକଙ୍କ ପ୍ରତିନିଧି, ଚାଷୀଙ୍କ ପ୍ରତିନିଧି, ମିଲର୍ସ ଓ ପ୍ୟାକ୍ସ ଆର୍‌ଏମ୍‌ସିର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ। ଭବାନୀପାଟଣା ଉପଜିଲ୍ଲାପାଳ ଶ୍ରୀ ପରିଡ଼ା ରବି ଧାନ ସଂଗ୍ରହ ପ୍ରକ୍ରିୟାରେ ସମସ୍ତଙ୍କ ସହଯୋଗ କାମନା କରି ଧନ୍ୟବାଦ ଦେଇଥିଲେ।

ନିତିଦିନ NITIDIN

## ଥାନା ସମ୍ମୁଖରେ ଜଳଛତ୍ର ଉଦ୍‌ଘାଟିତ

**ଫୁଲନଖରା,୨୫।୪/ଏନ୍‌ଏନ୍‌ଏସ୍:** ସଦର ଥାନା ସମ୍ମୁଖରେ ଏକ ଗ୍ରୀଷ୍ମକାଳୀନ ଜଳ ବିତରଣ କେନ୍ଦ୍ର ଆରମ୍ଭ ହୋଇଛି । ସ୍ଥାନୀୟ ଡାହାଳିଆବାଗ ଅଞ୍ଚଳର ସ୍ୱେଚ୍ଛାସେବୀ ପୁନମ ମହାନ୍ତି ଓ ମିଟନ ମହାନ୍ତିଙ୍କଦ୍ୱାରା ସ୍ଥାପିତ ଏହି କେନ୍ଦ୍ରକୁ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ଉଦଘାଟନ କରିଥିଲେ । ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ପଥଚାରୀଙ୍କୁ ଜଳ ବିତରଣ କରିଥିଲେ । ଗ୍ରୀଷ୍ମଲହରୀ ଜାରି ରହିବା ପର୍ଯ୍ୟନ୍ତ ଏହି କେନ୍ଦ୍ର ଚାଲୁ ରହିବବୋଲି ଜଣାଯାଇଛି ।

# ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ




**ପୁରୀ,୨୫।୪/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଭାବେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି ସତ୍ୟବାଦୀ ବିଧାୟକ ଓମ୍ପ୍ରକାଶ ମିଶ୍ର । ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିବା ପରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଶ୍ରୀ ମିଶ୍ରଙ୍କୁ ସ୍ୱାଗତ କରିଥିଲେ । ସେଠାରେ ଶ୍ରୀ ମିଶ୍ର ଦାୟିତ୍ୱ ଗ୍ରହଣ କରିବା ପରେ ଜିଲ୍ଲା ସଂସ୍କୃତି ଭବନଠାରେ ଶ୍ରୀ ମିଶ୍ରଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମିଶ୍ର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଓ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଯୋଗଦେଇ ଜିଲ୍ଲାର ପ୍ରଗତି ଓ ବିକାଶରେ ଯୋଜନା ବୋର୍ଡର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ସାମୂହିକ ଉଦ୍ୟମରେ ଏହାକୁ ଅଧିକ କ୍ରିୟାଶୀଳ କରିବାକୁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲ୍ଲା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ପ୍ରତୀକ ସିଂ, ପୁରୀ ଡିଏଫ୍‌ଓ ଧନଜି ରାଓସୋ ମଗର,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ପୁରୀ ମୁନିସିପାଲ କର୍ପୋରେସନ ର କମିଶନର ସ୍ନେହା ଅରୁଗୁଲା, ଚିଲିକା ଡିଏଫ୍‌ଓ ଅମ୍ଲାନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ସମସ୍ତ ଜିଲ୍ଲା ସ୍ତରୀୟ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ରହି ସେମାନଙ୍କ ପରିଚୟ ଓ ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ଅଧ୍ୟକ୍ଷଙ୍କୁ ଅବଗତ କରାଇଥିଲେ । ଏଥିରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପ ଜିଲ୍ଲାପାଳ ରାଜକିଶୋର ଜେନା ପ୍ରମୁଖ ଯୋଗଦେଇଥିଲେ । ଶେଷରେ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଦିବସ



**ପୁରୀ,୨୫।୪/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଦିବସ ଟାଉନହଲଠାରେ ଅନୁଷ୍ଠିତ ହୋଇଥିଲା । ପୁରୀ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଆୟୋଜିତ ଏହି ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ପଞ୍ଚାୟତରାଜ ବ୍ୟବସ୍ଥା ସାଧାରଣ ଲୋକମାନଙ୍କ ଆଶା ଭରସାର ପ୍ରତୀକ । ଏହା ସାମ୍ବିଧାନିକ ଅଧିକାର ମଧ୍ୟ ବୋଲି କହିଥିଲେ । ପୁରୀ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିବାକର ପାତ୍ର ଯୋଗଦେଇ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ନେହା ଅରୁଗୁଲା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ପରେ ଅତିଥି ମାନେ ଅନ୍ତ୍ୟୋଦୟ ଗୃହ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଓ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ । ପୁରୀ ଜିଲ୍ଲାର ୧୮୫୨ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନର ବ୍ୟବସ୍ଥା ରହିଥିବା ବେଳେ ପୁରୀ ସଦର ବ୍ଲକ୍‌ର ୨୦୬ଜଣଙ୍କୁ କାର୍ଯ୍ୟାଦେଶ ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୃହ ନିର୍ମାଣ କରିଥିବାରୁ ୫ଜଣଙ୍କୁ ପ୍ରୋତ୍ସାହନ ଅର୍ଥ ପ୍ରଦାନ କରାଯାଇଥିଲା । ବଲାଙ୍ଗୀରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସର ସିଧାପ୍ରସାରଣ କରାଯାଇଥିଲା । ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ପୁରୀ ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସସ୍ମିତ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାରାଡାଇଜ୍ କ୍ଲବ ପକ୍ଷରୁ ଜଳଛତ୍ର



**ଟାଙ୍ଗୀ,୨୫।୪/ଏନ୍‌ଏନ୍‌ଏସ୍:** ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ଜରିପଡା ପଞ୍ଚାୟତ କଣୀ ଗ୍ରାମରେ ପବିତ୍ର ଶିନିଯାତ୍ରା ଉପଲକ୍ଷେ ପାରାଡାଇଜ୍ କ୍ଲବ ପକ୍ଷରୁ ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଜଳଛତ୍ର କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ବାୟୁସେନା ଅଧିକାରୀ ବିଶ୍ୱ ରଞ୍ଜନ ପ୍ରଧାନ ଯୋଗ ଦେଇ ପଥଚାରୀମାନଙ୍କୁ ଜଳ ପ୍ରଦାନ କରିବା ଏଭଳି କାର୍ଯ୍ୟ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୁଷ୍ପଲତା ଲେଙ୍କା, ପଙ୍କଜ ସ୍ୱାଇଁ, ହୃଷିକେଶ ପୋଲଡ୍, ନିଖିଲ୍ ରାଉତରାୟ, ତବଲା ବାଦକ ସଂଗ୍ରାମ ରାଉତ ରାଏ, ହରିଶ୍ ମହାନ୍ତି, ଅଜୟ ବେହେରା, ସିଙ୍ଗର ଅରୁଣ କୁମାର, ତବଲା ବାଦକ ସଂଗ୍ରାମ ଲେଙ୍କା, ଉମାକାନ୍ତ ପଣ୍ଡା, ରମାକାନ୍ତ ପଣ୍ଡା, ସ୍ୱରୂପ ରାଉତ ରାଏ, ହୃଷିକେଶ ବେହେରା, ପିତାମ୍ବର ବେହେରା, ଚିତ୍ତରଞ୍ଜନ ବେହେରା, ଶ୍ରୀନିବାସ ପଟ୍ଟନାୟକ, ପ୍ରଶାନ୍ତ ସ୍ୱାଇଁ, ପୂର୍ଣ୍ଣେନ୍ଦୁ ଦାସ ଚିତ୍ତରଞ୍ଜନ ଲେଙ୍କା, ଜିତେନ୍ଦ୍ର ଲେଙ୍କା, ରମେଶ ପଣ୍ଡା, ଅକ୍ଷୟ ନାୟକ, ମଳୟ ସେଠୀ, ଭାଗ୍ୟଧର ନାୟକ, ରଶ୍ମିରଞ୍ଜନ ନାୟକ, ଅନ୍ତର୍ଯ୍ୟାମୀ ନାୟକ, ସଂଗ୍ରାମ ବେହେରା, ସନ୍ଦିପ ମହାନ୍ତି, ସୁଶାନ୍ତ ସ୍ୱାଇଁ, କାର୍ତ୍ତିକ ରାଉତ, ନିର୍ମଳ ଲେଙ୍କା, ଯୁଗଳ କିଶୋର ଲେଙ୍କା, ରାକେଶ ସ୍ୱାଇଁ, ଡୁଡୁନୁ ନାୟକ, ମାନସ ରଞ୍ଜନ ପଣ୍ଡା, କ୍ଷମାସାଗର ନାୟକ, ପ୍ରକାଶ ସ୍ୱାଇଁ, ପ୍ରଦ୍ୟୁମ୍ନ ରାଉତ ନିରଞ୍ଜନ ପଣ୍ଡା, ଦେବାଶିଷ ରାଉତ, ରଶ୍ମିରଞ୍ଜନ ଷଡ଼ଙ୍ଗୀ, ସୌଭାଗ୍ୟ ରଞ୍ଜନ ଷଡ଼ଙ୍ଗୀ, ବିକ୍ରମ ଲେଙ୍କା ରାଏ ପ୍ରମୁଖ ସହଯୋଗ କରିଥିଲେ ।

## 'ମଧୁବାବୁଙ୍କ ଜୟନ୍ତୀକୁ ଭଣ୍ଡୁର କରିଥିବା ଲୋକଙ୍କୁ କେହି କ୍ଷମାକରିବେ ନାହିଁ'

**ସାଲେପୁର,୨୫।୪/ଏନ୍‌ଏନ୍‌ଏସ୍:** ସାଲେପୁର ହାଇସ୍କୁଲ ଖେଳ ପଡିଆରେ ଦୀର୍ଘ ୨୧ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ ସମାରୋହକୁ ଭଣ୍ଡୁର କରିବା ପାଇଁ କିଛି କୁଚକ୍ରି ଗୋଷ୍ଠୀ ଚେଷ୍ଟା କରିଥିଲେ । ଆଉ ଯେଉଁ ବ୍ୟକ୍ତି ଜଣକ ଦରଖାସ୍ତ କରିଥିଲେ ମୋ ୨୬ବର୍ଷ ରାଜନୀତି କରିବା ଭିତରେ ସେଭଳି ଲୋକ କିଏ ବିଜେପିରେ ଅଛି ବୋଲି ମୁଁ ଜାଣିନାହିଁ ବୋଲି କହିଛନ୍ତି ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ କୁମାର ବେହେରା । ଆଜି ସାଲେପୁର ସ୍ଥିତ କଳାରୁଦ୍ର ଗେଷ୍ଟ ହାଉସରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉତ୍କଳ ଗୌରବ ମଧୁବାବୁ ଜୟନ୍ତୀ କମିଟି ସାଲେପୁରର ପ୍ରତିଷ୍ଠାତା ସଭାପତି ତଥା ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ କୁମାର ବେହେରା ଯୋଗ ଦେଇ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ସମାରୋହକୁ ଯେଉଁମାନେ ହୀନ ଉଦ୍ଦେଶ୍ୟ ରଖି ବନ୍ଦ କରିବା ପାଇଁ ଯୋଜନା କରିଛନ୍ତି ସେମାନଙ୍କୁ ସାଲେପୁର କ'ଣ ସାରା ଓଡ଼ିଆବାସୀ କେବେ କ୍ଷମା କରିବେ ନାହିଁ ବୋଲି କହିଥିଲେ । ସମ୍ମିଳନୀରେ କମିଟି ସମ୍ପାଦକ ଅଶ୍ୱିନୀ ଦାସ, ମନୋଜ କୁମାର ବେହୁରା, ନାରୀନେତ୍ରୀ ପୂର୍ଣ୍ଣିମା ବସ୍ତିଆ ଉପସ୍ଥିତ ଥିଲେ ।

## ଆଦର୍ଶ ଶିକ୍ଷକଙ୍କ ସ୍ମୃତିଚାରଣ

**ବୋଲଗଡ଼,୨୫।୪/ଏନ୍‌ଏନ୍‌ଏସ୍:** ବୋଲଗଡ଼ ଶିକ୍ଷା ବ୍ଲକ ଫାଁସିଓଦା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁସୁପଲ୍ଲିସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱର୍ଗତ ହାଡିବନ୍ଧୁ ଖଟୁଆଙ୍କ ସ୍ମୃତିଚାରଣ ସଭା ଟାଙ୍ଗିସାହି ଗ୍ରାମଠାରେ ଦିନ ବନ୍ଧୁ ସାମନ୍ତରାୟଙ୍କ ସଭାପତିତ୍ୱରେ ଶନିବାର ଦିନ ଅନୁଷ୍ଠିତ ହୋଇଅଛି । ଏହି ସ୍ମୃତିଚାରଣ ସଭାରେ ଶିକ୍ଷକ ମନମୋହନ ରାୟ, ଲମ୍ବୋଦର ହୋତା, ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ସମେତ ବହୁ ଶିକ୍ଷକ ଓ ଶିକ୍ଷୟିତ୍ରୀ,ସମାଜ ସେବୀ, ଯୁବ ଗୋଷ୍ଠୀ ଓ ଭଦ୍ରବ୍ୟକ୍ତି, ବନ୍ଧୁବାନ୍ଧବ, ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଖଟୁଆଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଉପସ୍ଥିତ ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ, ଯୁବଗୋଷ୍ଠୀ, ସମାଜସେବୀ, ପରିବାରବର୍ଗ ସ୍ୱର୍ଗତ ଖଟୁଆଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ ୨ମିନିଟ ନିରବ ପ୍ରାର୍ଥନା କରି ତାଙ୍କର ଶିକ୍ଷକତା ଜୀବନର ଅଭୁଲା ସ୍ମୃତିକୁ ସାଉଁଟି ଧରି ଗୁଣଗାନ କରିଥିଲେ ।

## ଶନିଦେବଙ୍କ ତୃତୀୟ ବାର୍ଷିକ ମହାଯଜ୍ଞ



**ବୋଲଗଡ଼,୨୫।୪/ଏନ୍‌ଏନ୍‌ଏସ୍:** ବୋଲଗଡ଼ ସଦର ମୁଖ୍ୟାଳୟ ନୂଆସାହି ଶିଆଳିଆ ବନ୍ଧସ୍ଥିତ ଗ୍ରହରାଜ ଶନିଦେବଙ୍କ ମନ୍ଦିରରେ ତୃତୀୟ ବାର୍ଷିକ ମହାଯଜ୍ଞ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସାହିର ବାସିନ୍ଦାମାନେ ମହା ଆନନ୍ଦ ସହକାରେ ଉତ୍ସବକୁ ପାଳନ କରିଛନ୍ତି । ଏହି ଅବସରରେ ଶନିଦେବଙ୍କ ଭକ୍ତ ବିଶେଷ କରି ୧୦୧ ମହିଳା ପ୍ରମୁଖମାନେ ସକାଳ ୮ଘଟିକା ସମୟରେ ନିକଟସ୍ଥ ବରଗାଡ଼ିଆ ପୋଖରୀରୁ ଏକ କଳସ ଯାତ୍ରାରେ ଯାଇ ମନ୍ଦିର ପରିସରରେ କଳସ ଠାକୁରମାନଙ୍କୁ ଅବସ୍ଥାପିତ କରିଥିଲେ । କର୍ତ୍ତା ଭାବେ ସନ୍ତୋଷ କୁମାର ବେହେରା ଓ କର୍ତ୍ତି ଭାବେ ଧର୍ମପତ୍ନୀ ସବିତା ବେହେରା ରହିଥିଲେ । ଶ୍ରଦ୍ଧାଳୁ ଓ ମାନସିକଧାରୀ ମହିଳାମାନେ ଶନିଦେବଙ୍କ ଉପବାସ ଥାଇ ମହାଯଜ୍ଞରେ ସାମିଲ ହୋଇଥିଲେ । ଅପରାହ୍ନରେ ମହାଯଜ୍ଞ ପୂର୍ଣ୍ଣାହୁତି ପରେ ମାନସିକଧାରୀ ଓ ମହିଳା ଶ୍ରଦ୍ଧାଳୁମାନେ ଆନନ୍ଦ ଉଲ୍ଲାସର ସହ ନିର୍ଦ୍ଧାରିତ ପୋଖରୀରେ କଳସ ଠାକୁରଙ୍କ ବିସର୍ଜନ ସାରି ଚରୁ ପ୍ରସାଦ ସେବନ କରିଥିଲେ । ମହାଯଜ୍ଞରେ ବସନ୍ତ ବେହେରା, ତପନ ସାହୁ, ପ୍ରହଲ୍ଲାଦ ଦଳେଇ, ରାଜକିଶୋର ଦଳେଇ, ସଞ୍ଜୟ କୁମାର ସାହୁ, ଲକ୍ଷ୍ମୀଧର ସାହୁ, ସୁରେନ୍ଦ୍ର ଦଳେଇ, ମିଲ ସାହୁ, ବ୍ରଜବନ୍ଧୁ ଦଳେଇ ଓ ପ୍ରହଲ୍ଲାଦ ଖଟେଇ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ ।

## ବ୍ଲକ୍ ଅଫିସ୍‌ରେ ପଞ୍ଚାୟତିରାଜ ଦିବସ



**କଣ୍ଟାପଡ଼ା,୨୫।୪/ଏନ୍‌ଏନ୍‌ଏସ୍:** କଣ୍ଟାପଡ଼ା ବ୍ଲକରେ ଜାତୀୟ ପଞ୍ଚାୟତରାଜ ଦିବସ ନିଆଳୀର ବିଧାୟକ ତଥା କଟକ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଛବି ମଲିକଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଉଦ୍ଘାଟିତ ହୋଇଛି । ବିଧାୟକଙ୍କ ଦ୍ୱାରା ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ, ନୂତନ ରାସନ କାର୍ଡ଼, ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମଙ୍କୁ ଭତ୍ତା କାର୍ଡ ବଣ୍ଟନ କରିଥିଲେ । ପଞ୍ଚାୟତରାଜ ବିଭାଗର ବିଭାଗୀୟଅଧିକାରୀ ଭାବରେ ଗୋଷ୍ଠୀ ଉନ୍ନୟନ୍ନ ଅଧିକାରୀ ସ୍ୱପ୍ନିତା ନାୟକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୁବି ତପସ୍ୱିନୀ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ଧନଞ୍ଜୟ ସାମଲ, ଯୋଗାଣ ଅଧିକାରୀ ମୋଚିରାମ ଦାସଙ୍କ ସମେତ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ, କର୍ମଚାରୀ, ବ୍ଲକ ଆତ୍ମା ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ପାତ୍ର, ସାଂସଦଙ୍କ ପ୍ରତିନିଧି ସଂଗ୍ରାମ ପଟ୍ଟନାୟକ, କଣ୍ଟାପଡ଼ା ଗ୍ରାମପଞ୍ଚାୟତର ସରପଞ୍ଚ ନିର୍ମଳ କୁମାର ସାହୁ, ସମିତି ସଭ୍ୟ ପବିତ୍ର ମୋହନ ସ୍ୱାଇଁ, ଡିମିରି ସରପଞ୍ଚ ଅଭିଷେକ ମହାପାତ୍ର, ନାହାଳପୁର ସରପଞ୍ଚ ନିରୂପମା ଜେନା, ବାଗଲପୁର ସରପଞ୍ଚ ଜ୍ୟୋସ୍ନାରାଣୀ ସେଠୀ, ନୂଆଗାଁ ସମିତିସଭ୍ୟ ରଜନୀକାନ୍ତ ଭୋଇ, ବ୍ରାହ୍ମଣସାଇଲୋ ବିଜେପି ସଂଗଠକ ସୁଦର୍ଶନ ଜେନା, ନାରୀନେତ୍ରୀ ମଧୁସ୍ମିତା ମହାନ୍ତି, ବ୍ରାହ୍ମଣବାଟୀର ଯୁବ ସଂଗଠକ ସୁରେନ୍ଦ୍ର ପାତ୍ର, ଯୁବ ସଂଗଠକ ରଂଜନ ଦାସ, ଗୋବିନ୍ଦପୁର ମଣ୍ଡଳ ଉପସଭାପତି ସଂଜୟ ନାୟକ, କଣ୍ଟାପଡ଼ା ମଣ୍ଡଳ ସଭାପତି ବିଶ୍ୱରଂଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ହିତାଧିକାରୀମାନଙ୍କୁ ପ୍ରଶାସନ ଦ୍ୱାରା ବଣ୍ଟନ କରାଯାଉଥିବା କାର୍ଯ୍ୟାଦେଶରେ ସହଯୋଗ କରିଥିଲେ ।

## ନବଗ୍ରହଙ୍କ ପୀଠରେ ସର୍ପଦଂଶନ: ମହିଳା ଶ୍ରଦ୍ଧାଳୁ ଗୁରୁତର

**କୋଣାର୍କ,୨୫।୪/ଏନ୍‌ଏନ୍‌ଏସ୍:** ପବିତ୍ର ବୈଶାଖ ମାସ ଶେଷ ଶନିବାରରେ କୋଣାର୍କ ନବଗ୍ରହ ପୀଠରେ ଏକ ଅଭାବନୀୟ ଘଟଣା ଘାଇଯାଇଛି । ସୂଚନା ମୁତାବକ ପାରାଦ୍ୱୀପ ଅଞ୍ଚଳ ମଧୁବନରୁ ଜୟନ୍ତ କୁମାର ସେନାପତିଙ୍କ ପତ୍ନୀ ରିଙ୍କି ସେନାପତି(୩୬) ନିଜ ପରିବାର ସହ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ମଧ୍ୟରେ ନବଗ୍ରହରେ ପୂଜାଅର୍ଚ୍ଚନା ସାରି ନବଗ୍ରହ ପୀଠ ରେ ଥିବା ଏକ ଲିମ୍ବ ଗଛମୂଳରେ ନିଜେ ବିଶ୍ରାମ ନେଉଥିଲା ବେଳେ ହଠାତ ଏକ ନାଗ ସାପ ଗଛ ମୂଳରୁ ବାହାରି ମହିଳାଜଣଙ୍କୁ ଦଂଶନ କରିଥିଲା । ନାଗ ସାପ କାମୁଡିବା ଦେଖି ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆତଙ୍କ ଖେଳିଯାଉଥିଲା । ସଙ୍ଗେ ସଙ୍ଗେ ପରିବାର ଲୋକ ମହିଳାଙ୍କୁ ଉଦ୍ଧାରକରି ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ । ସେଠାରେ ତାଙ୍କର ଚିକିତ୍ସା ଚାଲିଛି । ଏବେ ସେ ଧୀରେ ଧୀରେ ସୁସ୍ଥ ହେଉଥିବା ସୂଚନା ମିଳିଛି ।

## ୧୫ତମ ମା' ମଙ୍ଗଳା ମହୋତ୍ସବ ଉଦ୍‌ଘାଟିତ

**ଅସ୍ତରଙ୍ଗ,୨୫।୪/ଏନ୍‌ଏନ୍‌ଏସ୍:** କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ପ୍ରତୀକ ୧୫ ତମ ମା' ମଙ୍ଗଳା ମହୋତ୍ସବ ଉଦଘାଟିତ ହୋଇଯାଇଛି । ଉଦଘାଟନ ସନ୍ଧ୍ୟାରେ ଶକ୍ତି ମିଶ୍ର ଓ ଜେସିକା ଆଜମେରୀଙ୍କ ସୁମଧୁର ଗୀତରେ ଦର୍ଶକମାନଙ୍କୁ ବାନ୍ଧିରଖିଥିଲେ । ଗୋଟିଏ ପରେ ଗୋଟିଏ ସୁପରହିଟ ଗୀତ ଗାଇଥିଲେ । ଶୁକ୍ରବାର ଉଦ୍‌ଘାଟନ ଉତ୍ସବରେ ଘଣ୍ଟ, ମର୍ଦ୍ଦଳ ଓ ସଂକୀର୍ତ୍ତନ ସହିତ ମା' ମଙ୍ଗଳାଙ୍କ ମନ୍ଦିରରୁ ଜ୍ୟୋତି ଆବାହନ ହୋଇଥିଲା । ପରେ ଉଦ୍‌ଘାଟନ ଉତ୍ସବର ପ୍ରଥମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସତ୍ୟବ୍ରତ ପାତ୍ର, ମା' ମଙ୍ଗଳା ମହୋତ୍ସବ ସଭାପତି ତୁଷାରକାନ୍ତି ବେହେରା, କାର୍ଯ୍ୟକାରୀ ସଭାପତି ସ୍ୱପ୍ନେଶ୍ୱର ସାହୁ, ସମ୍ପାଦକ ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ସହସମ୍ପାଦକ ତଥା କାକଟପୁର ପଞ୍ଚାୟତ ସମିତିର ଅଧ୍ୟକ୍ଷ ଶ୍ରୀଧର ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ମଞ୍ଚ ପରିଚାଳନାରେ ଶିକ୍ଷାବିତ୍ ପ୍ରତାପ ରାଉତ ଥିବା ବେଳେ ସୁମଧୁର ବାକ୍ୟ ମାଧ୍ୟମରେ ଜଣାଶୁଣା ଆଙ୍କର ଅଭିଲିପ୍ସା ପଣ୍ଡା ନିଜର ଉପସ୍ଥାପନା କରିଥିଲେ । ବର୍ଣ୍ଣାଢ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମା' ମଙ୍ଗଳା ମହୋତ୍ସବ କମିଟି ସଦସ୍ୟ ବୃନ୍ଦ ପରିଚାଳନା କରିଥିଲେ ।

## ସଂସ୍କୃତିଭବନରେ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ



**ଓଡ଼ଗାଁ,୨୫।୪/ଏନ୍‌ଏନ୍‌ଏସ୍:** ନୟାଗଡ ପଠାଣିସାମନ୍ତ ସଂସ୍କୃତି ଭବନ ଠାରେ ଶୁକ୍ରବାର ଜିଲ୍ଲାସ୍ତରୀୟ ପଞ୍ଚାୟତି ରାଜ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ନୟାଗଡ ଜିଲ୍ଲାପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ପଟ୍ଟନାୟକ ଯୋଗଦେଇଥିବା ବେଳେ ନୟାଗଡ ବ୍ଲକଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିମନ୍ତ୍ରିତ ଅତିଥିଭାବେ ଯୋଗଦେଇ ଥିଲେ । ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅନ୍ତର୍ଗତ ନୟାଗଡ ଜିଲ୍ଲାର ପଞ୍ଚଦସ ଅର୍ଥ କମିଶନ ଅନୁଦାନ ଯୋଜନାରେ ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ସର୍ବାଧିକ ଅନୁଦାନ ଅର୍ଥ ବ୍ୟୟ କରିବାରେ ପ୍ରଶଂସନୀୟ କାର୍ଯ୍ୟ କରିଥିବାରୁ ଓଡ଼ଗାଁ ବ୍ଲକ ଅନ୍ତର୍ଗତ ପାଣ୍ଡେରିପଡ଼ା ଗ୍ରାମ ପଞ୍ଚାୟତକୁ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତି ରାଜ ଦିବସ ୨୦୨୬ ସମାରୋହରେ ପ୍ରଶଂସାପାତ୍ର ଓ ଟ୍ରଫି ସହିତ ପୁରସ୍କୃତ କରାଯାଇଛି । ପାଣ୍ଡେରିପଡ଼ା ସରପଞ୍ଚ ଗାୟତ୍ରୀ ରାଉତ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଙ୍ଗୀତା ସେଠୀ ଉକ୍ତ ପୁରସ୍କାର ଗ୍ରହଣ କରିଥିବାବେଳେ କାର୍ଯ୍ୟକ୍ରମକୁ ଜିଲ୍ଲାପରିଷଦ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ପରିଚାଳନା କରିଥିବା ଜଣାପଡିଛି । ତେବେ ଏହି ସଫଳତା ପରେ ସରପଞ୍ଚ ଶ୍ରୀମତୀ ରାଉତଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିବା ଜଣାପଡିଛି ।

## ରୋଟାରୀ କ୍ଲବ୍ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ଖୋର୍ଦ୍ଧା,୨୫।୪/ଏନ୍‌ଏନ୍‌ଏସ୍:** ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ରୋଟାରୀ କ୍ଲବ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ଆନୁଷ୍ଠାନିକ ଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଉଦଘାଟିତ କରିଥିଲେ । ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ପୌର ପରିଷଦର ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଯୋଗଦେଇ ଚକ୍ଷୁ ପରୀକ୍ଷା କରିଥିବା ବ୍ୟକ୍ତି ବିଶେଷଙ୍କୁ ନୂତନ ଚଷମା ପ୍ରଦାନ କରିଥିଲେ । ଶିବିରରେ ଡାକ୍ତର ଦେବୀପ୍ରସାଦ ଶ୍ରୀଚନ୍ଦନଙ୍କ ଦ୍ୱାରା ୮୪ଜଣଙ୍କର ଚକ୍ଷୁ ପରୀକ୍ଷା କରାଯିବା ସହ ୨୪ଙ୍କୁ ଜଣ ଚଷମା ପ୍ରଦାନ କରଯାଇଥିଲା । ପୌର ପରିଷଦର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ରୋଟାରିଆନ ଦେବ ପ୍ରସାଦ ମଜୁମଦାର, ସୁଚସ୍ମିତା ପରିଜା, ରୋଟାରୀ ସଭାପତି ସୁକାନ୍ତ ନାୟକ, ଆଲୋକ ପଟ୍ଟନାୟକ, ଶାଶ୍ୱତ ମହାନ୍ତି ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ ।

## ଓସିଏ ଆନ୍ତଃଜିଲ୍ଲା ମହିଳା କ୍ରିକେଟ୍: କଟକ ବିଜୟୀ



**ଖୋର୍ଦ୍ଧା,୨୫।୪/ଏନ୍‌ଏନ୍‌ଏସ୍:** ଓଡ଼ିଶା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲ୍ଲା ସିନିୟର୍ ମହିଳା ଟି -୨୦ କ୍ରିକେଟ ପ୍ରତିଯୋଗିତାର ଖୋର୍ଦ୍ଧା ଜୋନ୍ ମ୍ୟାଚ୍ ଆଜି ସ୍ଥାନୀୟ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମ ଠାରେ ଆଜିର ମ୍ୟାଚରେ କଟକ ଜିଲ୍ଲା ମହିଳା ଦଳ ଜଗତସିଂପୁର ଜିଲ୍ଲା ମହିଳା ଦଳକୁ ୧୯୨ ରନରେ ପରାସ୍ତ କରି ବିଜୟୀ ହୋଇଛି । କଟକ ଦଳ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ ୨୪୩ ରନ୍ କରିଥିଲା । ଦଳ ପକ୍ଷରୁ ମୋନାଲିସା ରାଉତ ୬୮ ଟି ବଲରୁ ଅପରାଜିତ ୧୩୯ ରନ୍ କରିଥିବାବେଳେ ଅନନ୍ୟା ବେହେରା ଓ ଜୟେସ ନାଏକ ପ୍ରତ୍ୟେକ ୨୩ ରନ୍ କରିଥିଲେ । ଜଗତସିଂପୁରର ସାଇ ସ୍ମୃତି ବର୍ଦ୍ଧନ ୩ ଟି ୱିକେଟ ନେଇଥିଲେ । ପତ୍ୟୁତରରେ ଜଗତସିଂପୁର ଦଳ ୨୦ ଓଭରରେ ୮ ଟି ୱିକେଟ୍ ହରାଇ ମାତ୍ର ୫୧ ରନ୍ କରି ୧୯୨ ରନରେ ପରାସ୍ତ ହୋଇଥିଲେ । କଟକ ଦଳ ପକ୍ଷରୁ ଜାହ୍ନବୀ ଷଡ଼ଙ୍ଗୀ ୩ ଟି ଓ ଭବାନୀ ଧଡା ୨ ଟି ୱିକେଟ ଅକ୍ତିଆର କରିଥିଲେ । ଅତିଥି ଭାବେ ପୂର୍ବତନ ପୌରାଧ୍ୟକ୍ଷା, ଖୋର୍ଦ୍ଧା ସଂଯୁକ୍ତା ସାହୁ ଯୋଗ ଦେଇଥିଲେ । କ୍ରିକେଟ୍ ଆସୋସିଏସନ୍ ଅଫ୍ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧାର ସମ୍ପାଦକ ତଥା ଓ ସି ଏ ର କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, ବ୍ରିଜେଶ ପ୍ରଧାନ, କାଜଲ ବଳିଆରସିଂ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ବିରଞ୍ଚି ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ରହି ଖେଳ ସଂଯୋଜନା କରିଥିବା ବେଳେ ଅମ୍ପାୟର ରୂପେ ଚିନ୍ମୟ ପଣ୍ଡା, ସ୍ନିଗ୍ଧ ଦଳେଇ ଓ ସ୍କୋରର ଭାବେ ଉମେଶ ମିଶ୍ର କାର୍ଯ୍ୟ କରିଥିଲେ ।

## ସତ୍ୟନାରାୟଣ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ଟାଙ୍ଗୀ,୨୫।୪/ଏନ୍‌ଏନ୍‌ଏସ୍:** ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ନିଶ୍ଚିନ୍ତା ଓ ମାଗୁରା ଧାନମଣ୍ଡଳ ଗ୍ରାମ ସ୍ଥିତ ଶ୍ରୀ ଶ୍ରୀ ସତ୍ୟନାରାୟଣ ମହାପ୍ରଭୁଙ୍କର ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ୬ଦିନ ବ୍ୟାପୀ ଏହି ଉତ୍ସବ କାର୍ଯ୍ୟକ୍ରମର ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା, ଯଜ୍ଞ ବିଗ୍ରହଙ୍କ ମନ୍ଦିର ସ୍ନାନ, ଯଜ୍ଞ ନ୍ୟାସ, ପ୍ରାଣ ପ୍ରତିଷ୍ଠା, ବେଦପାଠ, ବିଗ୍ରହମାନଙ୍କ ମନ୍ଦିର ପ୍ରବେଶ, ପୂର୍ଣ୍ଣାହୁତୀ ଓ ମହାଧ୍ୱଜ ଉତ୍ତୋଳନ କରାଯାଇଥିଲା । ଏହାସହ ସାଂସ୍କୃତିକ କାର୍ଯ୍ୟକ୍ରମ, ପାଲା, ପ୍ରବଚନ ଏବଂ ଭଜନ ପରିବେଷଣ ସୁନାମଧନ୍ୟ କଳାକାରମାନଙ୍କ ଦ୍ୱାରା କରାଯାଇଥିଲା । କମିଟି ସଭାପତି କ୍ଷେତ୍ରବାସୀ ବରାଳ, ସମ୍ପାଦକ କୃଷ୍ଣଚନ୍ଦ୍ର ସ୍ୱାଇଁ, ଦେବାଶିଷ ସ୍ୱାଇଁ, ପ୍ରସନ୍ନ କୁମାର ସ୍ୱାଇଁ, ରାଜକିଶୋର ସ୍ୱାଇଁ, ହିମାଂଶୁ ସାମଲ, ବିଭୂତି ଭୂଷଣ ତ୍ରିପାଠୀ, ବଟକୃଷ୍ଣ ବେହେରା, ବସନ୍ତ ଗୋଚ୍ଛାୟତ, ରାଜକିଶୋର ମହାରଣା, ରବୀନ୍ଦ୍ର ସ୍ୱାଇଁ, ପ୍ରଦୀପ୍ତ ନାୟକ, ରବୀନ୍ଦ୍ର ମହାନ୍ତିଙ୍କ ସମେତ ନିଶ୍ଚିନ୍ତା, ମାଗୁରା ଧାନମଣ୍ଡଳ, ଘାସି ସନ୍ଥପୁର, ଦମକା ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ ।

## ସେବକ ସଙ୍ଗଠନ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

**କୋଣାର୍କ,୨୫।୪/ଏନ୍‌ଏନ୍‌ଏସ୍:** କୋଣାର୍କ ଥାନା ଅଧିନ ବଗଲାଇ ଗ୍ରାମରେ ବଗଲାଇ ସ୍କୁଲ ପରିସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ସେବକ ସଙ୍ଗଠନ' ପକ୍ଷରୁ ଏକ ଅପରାହ୍ନ ରେ ସଂଗଠନର ନିର୍ଦ୍ଦେଶକ ଆଲୋକ ଜେନାଙ୍କ ନେତୃତ୍ୱରେ ଏକ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ସଫଳତା ସହିତ ଆୟୋଜିତ ହୋଇଯାଇଛି । ଶିବିରରେ ଭୁବନେଶ୍ୱର ଏମ୍ସର ବରିଷ୍ଠ ଅସ୍ଥିଶଲ୍ୟ ବିଭାଗର ଡାକ୍ତର ଡା. ବିଶ୍ୱଜିତ୍ ପାତ୍ର ଓ ହାଇଟେକ ମେଡ଼ିକାଲ କଲେଜ ସ୍ତ୍ରୀ ଓ ପ୍ରସୂତି ବିଭାଗର ବରିଷ୍ଠ ଡାକ୍ତର ଡା. ପୁଲକ ରଞ୍ଜନ ପଣ୍ଡା ଯୋଗଦେଇ ରୋଗୀମାନଙ୍କୁ ପରୀକ୍ଷା ଓ ପରାମର୍ଶ ପ୍ରଦାନ କରିବା ସହିତ ସମସ୍ତ ରୋଗୀ ମାନଙ୍କୁ ମାଗଣା ରେ ଔଷଧ ବିତରଣ କରାଯାଇଥିଲା । ଶିବିରରେ ୩୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଓ ସ୍ଥାନୀୟ ଲୋକ ଉପସ୍ଥିତ ହୋଇ ଏହି ମାଗଣା ଚିକିତ୍ସା ସୁବିଧା ନେଇଥିଲେ ।

## ନିଆଳି ମହାବିଦ୍ୟାଳୟରେ ବିଦାୟକାଳୀନ ସମାରୋହ 'ନବପଥ-୨୦୨୬'




**ନିଆଳି,୨୫।୪/ଏନ୍‌ଏନ୍‌ଏସ୍:** ନିଆଳି ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗ ପକ୍ଷରୁ ଓଛଇଉ ସହଯୋଗରେ 'ନବପଥ-୨୦୨୬' ନାମରେ ବିଦାୟ ସମାରୋହ ଶନିବାର କଲେଜର ସମ୍ମେଳନ କକ୍ଷରେ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମ ସକାଳ୧୦ଟାରେ ଅତିଥି ଓ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କ ସ୍ୱାଗତ ସହ ଆରମ୍ଭ ହୋଇଥିଲା । ପରେ ପ୍ରଦୀପ ପ୍ରଜ୍ୱଳନ ମାଧ୍ୟମରେ ଉଦ୍ଘାଟନ କରାଯାଇଥିଲା । ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ. ବିନୋଦ ବିହାରୀ ଦାସ ଉଦ୍ଘାଟନ କରିବା ସହ ବିଭାଗର ଶ୍ରେଷ୍ଠତା ପାଇଁ ପିଲାମାନଙ୍କୁ ଓ ବିଭାଗର ସମସ୍ତ କର୍ମ କର୍ତ୍ତାଙ୍କୁ ସାଧୁବାଦ୍ ଜ୍ଞାପନ କରିଥିଲେ । ପ୍ରାଣୀବିଜ୍ଞାନ ବିଭାଗର ମୁଖ୍ୟ ଡ଼ଃ ସତ୍ୟ ନାରାୟଣ ସାହୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନେଇ ମୂଲ୍ୟବାନ ମତାମତ ପ୍ରକାଶ କରିଥିଲେ । ଏହି ଅବସରରେ ଅଧ୍ୟାପିକା ପ୍ରିୟଦର୍ଶିନୀ ଲେଙ୍କା ସହ ଅନ୍ୟ ଅଧ୍ୟାପକମାନେ ମଧ୍ୟ ଉଦ୍‌ବୋଧନ ରଖିଥିଲେ । ପରେ ଶେଷ ବର୍ଷ ଛାତ୍ରଛାତ୍ରୀମାନେ ତାଙ୍କର ମହାବିଦ୍ୟାଳୟରେ ଜୀବନର ଅଭିଜ୍ଞତା ଓ ସ୍ମୃତି ଅଂଶୀଦାର କରିଥିଲେ । କାର୍ଯ୍ୟକ୍ରମରେ ସାଂସ୍କୃତିକ ପ୍ରଦର୍ଶନ (ଗୀତ ଓ ନୃତ୍ୟ) ଦର୍ଶକମାନଙ୍କୁ ଆକର୍ଷିତ କରିଥିଲା । ପରବର୍ତ୍ତୀ କ୍ରମରେ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା, ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ତାଙ୍କର ଶୁଭେଚ୍ଛା ଜଣାଇଥିଲେ । ଶେଷ ବର୍ଷର ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିଭାଗୀୟ ମୁଖ୍ୟ ଓ ସେମିନାର ଦାୟିତ୍ୱରେ ଥିବା ଅଧ୍ୟାପିକାଙ୍କର ଦ୍ୱାରା ସେମାନଙ୍କ ପାଇଁ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ପାଇଁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ପାଠଚକ୍ରର ସମ୍ପାଦକ ଅଧିକାରୀ ଦେବଦତ୍ତ ଦାସଙ୍କ ଧନ୍ୟବାଦ ଜ୍ଞାପନ ସହ କାର୍ଯ୍ୟକ୍ରମର ସମାପ୍ତି ଘଟିଥିଲା । ପରେ ସମସ୍ତଙ୍କ ଯୋଗଦାନରେ ଗୋଷ୍ଠୀ ଫଟୋ ଓ ଆତିଥ୍ୟ ବ୍ୟବସ୍ଥା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ବିଷ୍ଣୁ ପ୍ରସାଦ ବିଶ୍ୱାଳ, ଶୈକ୍ଷିକ ଅଧିକାରିଣୀ ପ୍ରାଧ୍ୟାପିକା ସରୋଜିନୀ ମହାପାତ୍ର, ନାକ ସଂଯୋଜକ ଦିଲୀପ କୁମାର ତ୍ରିପାଠୀ ବିଦାୟକାଳୀନ ସଭାରେ ସେମାନଙ୍କର ବକ୍ତବ୍ୟ ରଖି ଥିଲେ ।

## 'ଶ୍ରମିକ ବିରୋଧୀ' ନୀତି ବିରୋଧରେ ଗର୍ଜିଲେ ଶ୍ରମିକ ନେତା

**କଟକ,୨୫।୪/ଏନ୍‌ଏନ୍‌ଏସ୍‌:** କୋଟି କୋଟି ଶ୍ରମିକମାନଙ୍କ ବହୁ କଷ୍ଟଲବ୍ଧ ସଂଗ୍ରାମ ଓ ବହୁ ସହିଦଙ୍କ ବଳିଦାନରେ ଅର୍ଜିତ ଶ୍ରମିକମାନଙ୍କ ଅଧିକାରଗୁଡ଼ିକୁ ଛଡ଼ାଇ ନେବା ପାଇଁ କେନ୍ଦ୍ର ବିଜେପି ସରକାର ଶ୍ରମିକ ଆଇନର ସଂଶୋଧନ କରି ମାଲିକ ସପକ୍ଷବାଦୀ ୪ଟି ଶ୍ରମ କୋର୍ଡ ସଂସଦର ସଂଖ୍ୟା ବଳରେ ଆଣିଲେ। ଶ୍ରମିକ ଶ୍ରେଣୀର ବିରୋଧକୁ ବେଖାତିର କରି ୪ଟି କଳା ଶ୍ରମ କୋର୍ଡର ପ୍ରଚଳନ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଏକ ସରକାରୀ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହି ଶ୍ରମିକ ବିରୋଧୀ ନୀତି ବିରୁଦ୍ଧରେ ଆଗାମି ଦିନରେ ଆନ୍ଦୋଳନ ଗଢ଼ି ତୋଳିବା ଓ ଶ୍ରମିକ ଶ୍ରେଣୀର ଗୌରବାଐତିହାସିକ ମେ ଦିବସ ପାଳନ କରିବାକୁ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍ ଓ ଫେଡେରେସନ୍‌ମାନଙ୍କ ମିଳିତ ମଞ୍ଚ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆଇଏନ୍‌ଟିୟୁସି, ଏଚ୍‌ଏମ୍‌ଏସ୍‌, ଏଆଇଟିୟୁସି, ସିଆଇଟିୟୁ, ଏଆଇୟୁଟିୟୁସି, ଏନଏଫଆଇଟିୟୁସି ଓ ସିଟି କୋ-ଡିନେଶନ କମିଟି, ବିଭିନ୍ନ ସ୍ୱାଧୀନ ଫେଡେରେସନ ଅଂଶଗ୍ରହଣ କରିଥିଲେ। ଏଥିରେ ଶ୍ରମିକ ନେତା କିଶୋର ଜେନା, ରବିନାରାୟଣ ମଲ୍ଲିକ, ରାଜକିଶୋର ମଲ୍ଲିକ, ଖଗେଶ୍ୱର ସେଠୀ, ମନୋରଞ୍ଜନ ମହାରଣା, ପ୍ରସନ୍ନ କୁମାର ମହାପାତ୍ର, ପ୍ରତାପ ମହାପାତ୍ର, ଅଶୋକ ତା, ମନୋଜ ରଥ, ସୁଭାଷ ବୋଷ, ଚନ୍ଦ୍ରକାନ୍ତ ବେହେରା, ପ୍ରଶାନ୍ତ ନାୟକ, ଅକ୍ଷୟ କୁମାର ବେହୁରିଆ, ବିଷ୍ଣୁ ଚରଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର



**କଟକ,୨୫।୪/ଏନ୍‌ଏନ୍‌ଏସ୍‌:** ଖପୁରିଆସ୍ଥିତ ଓଇଆ ମଣ୍ଡପ ପରିସରରେ ସାମାଜିକ ଅନୁଷ୍ଠାନ ଆଶୀର୍ବାଦ ଫାଉଣ୍ଡେସନ ପକ୍ଷରୁ ଆଜି ସଭାପତି ମାଗୁଣି ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମଣିପାଲ ହସ୍ପିଟାଲ ପକ୍ଷରୁ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଚକ୍ଷୁ, ଅର୍ଥୋପେଡିକ୍, ଡାଏବେଟିସ, ଆସ୍ଥମା ଏବଂଥାଇରଏଡ ଆଦି ରୋଗର ନିରାକରଣ ଦିଗରେ ୧୧୫ରୁ ଊର୍ଦ୍ଧ୍ୱ ଲୋକ ପରାମର୍ଶ ନେଇଥିଲେ। ଏଥିସହିତ ବିପି ଏବଂ ଡାଏବେଟିସ୍ ପରୀକ୍ଷା ବିନା ମୂଲ୍ୟରେ ଯୋଗାଇ ଦିଆଯାଇଥିଲା। ଏହି ଶିବିରରେ ସମାଜସେବୀ ଅଭିମନ୍ୟୁ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସର୍ଜରି ଡାକ୍ତର ଶକ୍ତି ପ୍ରସାଦ ସାହୁ, କର୍ପୋରେଟର୍ ସୌଭାଗିନୀ ଜେନା, ଅରବିନ୍ଦ ଜେନା, ଶୁଭାଶିଷ ପଟ୍ଟନାୟକ, ଅନ୍ଦରପୁର ସାହି ଅଧିକାରୀ ପ୍ରମୋଦ ଭୋଳ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଉପଦେଷ୍ଟା ଦେବଦତ୍ତ ଧଳ, ସମ୍ପାଦକ ବିଶ୍ୱରଞ୍ଜନ ସାହୁ, ସଂଯୋଜକ ସମୀର କର, ସଦସ୍ୟ ବୀରକିଶୋର ସାହୁ, ସରୋଜ କୁମାର ରାଉତ, ବିନୋଦ ବେହେରା, ସୌରଭ ଅଗ୍ରୱାଲ, କେଶବ ଅଗ୍ରୱାଲ, ବିନୋଦ କୁମାର ବେହେରା, ଚିତ୍ତରଞ୍ଜନ ନାୟକ, ମନୋରଞ୍ଜନ ଜେନା, ଇଂ. ଶୈଳେନ୍ଦ୍ର କୁମାର ଭୋଳ, ରାଜେଶ କୁମାର ଯୋଶୀ, ପ୍ରଦୀପ୍ତ କୁମାର ଦାସ, ସ୍ୱରୁପ ଭୂୟାଁ, ଅମୀୟ ରଞ୍ଜନ ସାହୁ, ସଞ୍ଜୀବ କୁମାର ମହାପାତ୍ର, ଶୋଭରାଜ ମହାପାତ୍ର, ଭାଗିରଥୀ ଦାସ, ରୁଦ୍ରପ୍ରସାଦ ଦାସ, ଅଭିଜିତ ରାଉତରାୟ ଓ ପ୍ରଭାକର ମଲ୍ଲିକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ବିଶ୍ୱ ମ୍ୟାଲେରିଆ ଦିବସ

## ସଚେତନତା ହିଁ ଏକମାତ୍ର ପ୍ରତିକାର



**କଟକ,୨୫।୪/ଏନ୍‌ଏନ୍‌ଏସ୍‌:** ଜିଲ୍ଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ଜିଲ୍ଲା ସ୍ୱାସ୍ଥ୍ୟ ଭବନସ୍ଥିତ ସମ୍ମିଳନୀ କକ୍ଷ ଠାରେ ଆଜି ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଅଶୋକ କୁମାର ମିଶ୍ର ଯୋଗଦେଇ ମ୍ୟାଲେରିଆର କାରଣ, ନିରାକରଣ ଓ ମ୍ୟାଲେରିଆ ଦିବସ ପାଳନ କରିବାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଭେକ୍ଟର ବାହିତ ରୋଗ ପରାମର୍ଶଦାତା ସ୍ମୃତି ରଞ୍ଜନ ରାଉତ ମ୍ୟାଲେରିଆର ଲକ୍ଷଣ, ମ୍ୟାଲେରିଆ ନିରାକରଣ ନିମନ୍ତେ ପ୍ରତିରୋଧ ମୂଳକ ପଦକ୍ଷେପ ଓ ମଶାଜନିତ ଅନ୍ୟ ରୋଗଗୁଡ଼ିକ ଉପରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ଅନ୍ୟ ଦେଶମାନଙ୍କରେ ମ୍ୟାଲେରିଆ ନିୟନ୍ତ୍ରଣର ସଫଳ ମଡେଲ୍‌ଗୁଡ଼ିକୁ ଉଲ୍ଲେଖ କରି ସମସ୍ତଙ୍କୁ ସଚେତନ ରହିବାକୁ ଆହ୍ୱାନ କରିଥିଲେ। ଏଥି ସହ ମ୍ୟାଲେରିଆ ସମ୍ପର୍କିତ ଏକ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମ ପରିଶେଷରେ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ, ଟି .ନାରାୟଣ ରାଓ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଓ୍ୱା 'ଇଜ ମେନ ଇଣ୍ଟରନ୍ୟାସନାଲ୍ ଚେୟାରମ୍ୟାନ୍, ଆଡଭୋକେଟ୍ ପ୍ରସନ୍ନ କୁମାର ନନ୍ଦଙ୍କ ସମେତ ବହୁ ଆଶାକର୍ମୀ ଓ ନର୍ସିଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

### ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

# ଗ୍ରାମାଞ୍ଚଳର ସାମଗ୍ରିକ ବିକାଶ ଓ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ



**କଟକ,୨୫।୪/ଏନ୍‌ଏନ୍‌ଏସ୍‌:** କଟକ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ କଟକ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ କହିଲେ ଯେ ସମସ୍ତ ଗ୍ରାମାଞ୍ଚଳର ବିକାଶ ହେବା ସହ ସେଠାରେ ରହୁଥିବା ପ୍ରତ୍ୟେକ ମହିଳାଙ୍କୁ ସଶକ୍ତ କରିବା ତଥା ଯୁବପିଢ଼ିଙ୍କୁ ଅଗ୍ରାଧିକାର ଦେବା ସହ ରାଜ୍ୟ ସରକାର ଲକ୍ଷ୍ୟ ନେଇ ପଞ୍ଚାୟତିରାଜ ଦିବସ ପାଳନ କରୁଛନ୍ତି। ପଞ୍ଚାୟତିରାଜ ବ୍ୟବସ୍ଥାରେ ସାଧାରଣ ଜନତା ଓ ଜନ ପ୍ରତିନିଧିମାନେ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବା ସହ ଗ୍ରାମାଞ୍ଚଳର ସମଗ୍ର ବିକାଶରେ ସାମିଲ ହେବାକୁ ସେ ପରାମର୍ଶ ଦେଇଥିଲେ। ଜିଲ୍ଲାସ୍ତରୀୟ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପ୍ରଶାନ୍ତ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ କଟକ ସଦର ଅଞ୍ଚଳର ୧୯୬ ଜଣ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନା ରେ କାର୍ଯ୍ୟାଦେଶ ଜାରି କରାଯାଇଛି ଏବଂ ୧୦ ଜଣଙ୍କୁ ୨୦,୦୦୦ ଟଙ୍କା ଲେଖାଏଁ ସମ୍ପୂର୍ଣ୍ଣ ଗୃହ ନିର୍ମାଣ ନିମନ୍ତେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା।

ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ବଲାଙ୍ଗୀର ଜିଲ୍ଲାରେ ଅନୁଷ୍ଠିତ ହେଉଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସି ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଡ଼ି ହୋଇ ସମଗ୍ର ରାଜ୍ୟର ଜନପ୍ରତିନିଧି ଓ ଅଧିକାରୀଙ୍କୁ ସମ୍ବୋଧନ କରିଥିଲେ। ଏହି ଅବସରରେ କଟକ ସଦର ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ରାଉତ , କଟକ ଜିଲ୍ଲା ପରିଷଦ ଉପସଭାପତି ସୁଭଦ୍ରା ଦାସ,ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁ, କଟକ ସଦର ମଣ୍ଡଳ ଉନ୍ନୟନ ଅଧିକାରୀପ୍ରତୀକ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କ ସମେତ ଏବଂ ବହୁ ସଂଖ୍ୟାରେ ସ୍ୱୟଂ ସହାୟକ ଗୋଷ୍ଠୀ ତଥା ପଞ୍ଚାୟତର ସଦସ୍ୟ ସଦସ୍ୟାମାନେ ମଧ୍ୟ ଉପସ୍ଥିତ ଥିଲେ।



ଚନ୍ଦନ ଯାତ୍ରାର ଷଷ୍ଠ ଦିବସରେ ଚାପ ଖେଳୁଛନ୍ତି ମହାପ୍ରଭୁ ଶ୍ରୀଲିଙ୍ଗରାଜ

### ଅନୁମତି ଦେଲାନି ଜଗତସିଂହପୁର ପ୍ରଶାସନ

## କଂଗ୍ରେସର ଶାନ୍ତିପୂର୍ଣ୍ଣ ପଦଯାତ୍ରା 'ଗାନ୍ଧି ପଥେ ନ୍ୟାୟଯାତ୍ରା' ସ୍ଥଗିତ

**ଭୁବନେଶ୍ୱର,୨୫।୪/ଏନ୍‌ଏନ୍‌ଏସ୍‌:** କଂଗ୍ରେସର ଶାନ୍ତିପୂର୍ଣ୍ଣ ପଦଯାତ୍ରା 'ଗାନ୍ଧି ପଥେ ନ୍ୟାୟଯାତ୍ରା' ସ୍ଥଗିତ ରହିଛି। ଆସନ୍ତା ୨୬ରୁ ଜଗତସିଂହପୁର ଢିଙ୍କିଆଠାରୁ ଭୁବନେଶ୍ୱର ଲୋକଭବନ ପର୍ଯ୍ୟନ୍ତ ତାହା ହେବାର ଥିଲା। ୮ଦିନର ଏହି ପଦଯାତ୍ରାକୁ ଜଗତସିଂହପୁର ପ୍ରଶାସନ ଅନୁମତି ଦେଇନାହାନ୍ତି। ଫଳରେ କଂଗ୍ରେସ ନେତୃବୃନ୍ଦ ଭୀଷଣ ଖପ୍ପା ହୋଇଛନ୍ତି। ଶନିବାର କଂଗ୍ରେସ ଭବନଠାରେ ପିସିସି ମୁଖପାତ୍ର ରଜନୀ ମହାନ୍ତି ସରକାରଙ୍କ ଆଭିମୁଖ୍ୟକୁ ସମାଲୋଚନା କରି କହିଛନ୍ତି ଯେ କଂଗ୍ରେସ ଯେତେବେଳେ ଆଦିବାସୀଏବଂ ଏହା ଦ୍ୱାରା ପ୍ରଭାବିତ ଲୋକଙ୍କ ସ୍ୱାର୍ଥ ଓ ନ୍ୟାୟ ପାଇଁ ଲଢ଼େଇ କରିବାକୁ ଉଦ୍ୟମ କରୁଛି, କଂଗ୍ରେସର ମୁହଁବନ୍ଦ କରିବାକୁ ପ୍ରଶାସନ କାର୍ଯ୍ୟକ୍ରମ କରିବାକୁ ଅନୁମତି ନଦେବା ଦୁଃଖଦାୟକ। ପିସିସି ଉପସଭାପତି ଡଃ ଲଲାଟେନ୍ଦୁ ମହାପାତ୍ର କହିଛନ୍ତି ଯେ ଶାନ୍ତିପୂର୍ଣ୍ଣ ପଦଯାତ୍ରାକୁ ପ୍ରଶାସନ ଅନୁମତି ନଦେବା ଗଣତନ୍ତ୍ର ତଥା ଜନତାଙ୍କ ସ୍ୱାର୍ଥ ପରିପନ୍ଥୀ। ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତି କହିଲେ ଯେ ଆମେ ଜଗତସିଂହପୁର ପ୍ରଶାସନକୁ ପଦଯାତ୍ରା କରିବା ପାଇଁ ପୁଣି ଅନୁମତି ମାଗିଛୁ ସେହି ଅନୁସାରେ ପଦଯାତ୍ରାର ତାରିଖ ଆମେ ଘୋଷଣା କରିବୁ ଓଆସନ୍ତାକାଲିଠୁ ୨୬.୪.୨୬ରିଖରେ ଆରମ୍ଭ ହେବାକୁଥିବା ପଦଯାତ୍ରା ସ୍ଥଗିତ କରାଯାଇଛି।

### ଗ୍ୟାସ୍ ସିଲିଣ୍ଡର୍ କଳାବଜାରୀ ଉପରେ ଚଢ଼ଉ

## ବାରଙ୍ଗ ଓ ବାଙ୍କୀରୁ ୧୫୯ ସିଲିଣ୍ଡର୍ ଜବତ



**କଟକ,୨୫।୪/ଏନ୍‌ଏନ୍‌ଏସ୍‌:** ଜିଲ୍ଲାରେ ଏଲପିଜି ଗ୍ୟାସ ସିଲିଣ୍ଡରର କଳାବଜାରୀ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରବର୍ତ୍ତନକାରୀ ଦଳ (ସ୍କ୍ୱାର୍ଡ) ସକ୍ରିୟ ହୋଇଉଠିଛି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶକ୍ରମେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ବିପୁଳ ପରିମାଣର ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। କଳାବଜାରୀ ରୋକିବା ପାଇଁ ଜିଲ୍ଲାପାଳ ସଂପୃକ୍ତ ଅଧିକାରୀମାନଙ୍କୁ ସଜାଗ ରହିବା ସହ ନିୟମିତ ବ୍ୟବଧାନରେ ଏଭଳି ଚଢ଼ଉ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକ୍ରିୟାର ଜିଲ୍ଲାପାଳ ନିଜେ ମଧ୍ୟ ପ୍ରତିଦିନ ସମୀକ୍ଷା କରୁଛନ୍ତି।

ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପ୍ରବର୍ତ୍ତନକାରୀ ଦଳ ଆଜି ବାରଙ୍ଗ ବ୍ଲକ ସ୍ଥିତ ବ୍ରାହ୍ମଣଝରିଲୋ ଅଞ୍ଚଳରେ ଛାନଭିନ୍ କରିଥିଲେ। ଏହି ଚଢ଼ଉ ସମୟରେ ଅସିତ ପାତ୍ର ଏବଂ ଅନିଲ ପାତ୍ର (ଉଭୟଙ୍କ ପିତା ଅକ୍ଷୟ ପାତ୍ର)ଙ୍କ ଘରୁ ସମୁଦାୟ ୧୪୩ଟି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। ସେହିଭଳି ବାଙ୍କୀ ଉପଖଣ୍ଡର ସୁବର୍ଣ୍ଣପୁର ଅଞ୍ଚଳରେ ଚଢ଼ଉ କରାଯାଇ ରମେଶ ଚନ୍ଦ୍ର ଖଟୁଆଙ୍କ ଘରୁ ୧୬ଟି ଗ୍ୟାସ ସିଲିଣ୍ଡର ଜବତ କରାଯାଇଥିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଜିଲ୍ଲା ଯୋଗାଣ କାର୍ଯ୍ୟାଳୟର ଅଧିକାରୀ, ନିରୀକ୍ଷକ ଏବଂ ସ୍ଥାନୀୟ ପୁଲିସ ପ୍ରଶାସନର ମିଳିତ ସହଯୋଗରେ ଏହି ସଫଳ ଚଢ଼ଉ କରାଯାଇଥିଲା। ଗ୍ୟାସ ସିଲିଣ୍ଡରର ବେଆଇନ ମହଜୁଦ ଏବଂ କଳାବଜାରୀରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ଡ୍ରିମ୍‌ସ୍ ପକ୍ଷରୁ ଶନି ମହାମେଳାରେ ଜଳ ବିତରଣ ଶିବିର




**କଟକ,୨୫।୪/ଏନ୍‌ଏନ୍‌ଏସ୍‌:** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଜଲୌକାର ପ୍ରସିଦ୍ଧ ଶନିଶ୍ଚର ମହାମେଳାରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଓ ପଦ୍ମିନୀ କେୟାର ହସ୍‌ପିଟାଲ ପକ୍ଷରୁ ଜଳ ବିତରଣ ସେବା ଶିବିର ଆୟୋଜିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିବା ସହ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଧାୟକ ପ୍ରଶାନ୍ତ କୁମାର ବେହେରା,'ଡ୍ରିମ୍‌ସ'ର ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିୟମିତା ରଥ, ଟାଙ୍ଗୀ ଥାନା ଆଇଆଇସି ଡ. ବିକାଶ କୁମାର ସେଠୀ, ମାଗୁରା-ଧାନମଣ୍ଡଳ ସରପଞ୍ଚ ରଶ୍ମୀରଞ୍ଜନ ରାଉତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଯାତ୍ରା ପରିଚାଳନା କମିଟିର କର୍ମକର୍ତ୍ତା ଶିବିର ପରିଦର୍ଶନ କରି ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ ଏବଂ ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଭିଏତ୍‌ନାମ୍‌ରେ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟର ଝଙ୍କାର




**ଭୁବନେଶ୍ୱର,୨୫।୪/ଏନ୍‌ଏନ୍‌ଏସ୍‌:** ବିଶ୍ୱ ଦରବାରରେ ପୁଣି ଥରେ ଓଡ଼ିଶାର କଳା ଓ ସଂସ୍କୃତି ଉଚ୍ଚ ପ୍ରଶଂସିତ ହୋଇଛି। 'ହିନ୍ଦୁସ୍ତାନ ଆର୍ଟସ ଆଣ୍ଡ ମ୍ୟୁଜିକ୍ ସୋସାଇଟି' ପକ୍ଷରୁ ଆୟୋଜିତ ୫୭୯ତମ 'ଭାରତ ସଂସ୍କୃତି ଯାତ୍ରା-୨୦୨୬'ରେ ଭୁବନେଶ୍ୱରର ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ 'ନୃତ୍ୟନିପୁଣା'ର ଶିଳ୍ପୀମାନେ ଭିଏତନାମରେ ନିଜର ଚମତ୍କାର ନୃତ୍ୟ ନୈପୁଣ୍ୟ ପ୍ରଦର୍ଶନ କରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି।

ଭିଏତନାମର ହାନୋଇ ସ୍ଥିତ ସିଡବ୍ଲ୍ୟୁଡି ହୋଟେଲର ବଲ୍ ରୁମ୍-୧ ଅଡିଟୋରିୟମରେ ଆୟୋଜିତ ଏହି ସାଂସ୍କୃତିକ ମହାକୁମ୍ଭରେ ନୃତ୍ୟନିପୁଣା ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ପ୍ରତିମା ମିଶ୍ର, ନିର୍ଦ୍ଦେଶିକା ପ୍ରିୟଙ୍କା ମିଶ୍ର ଏବଂ ତାଙ୍କର ପ୍ରତିଭାବାନ ଛାତ୍ରୀ ଅର୍ଚ୍ଚିତା ପ୍ରଧାନ ଓଡ଼ିଶୀ ଏବଂ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ମଞ୍ଚରେ ଓଡ଼ିଶୀ ନୃତ୍ୟର ଲାଳିତ୍ୟ ଏବଂ ସମ୍ବଲପୁରୀର ତାଳେ ତାଳେ ଶିଳ୍ପୀମାନଙ୍କ ପଦଚାଳନା ଉପସ୍ଥିତ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ନୃତ୍ୟ ପରିବେଷଣ ପରେ ଅନୁଷ୍ଠାନର ନିର୍ଦ୍ଦେଶିକା ପ୍ରିୟଙ୍କା ମିଶ୍ର ଏହି ସଫଳତାର ସମସ୍ତ ଶ୍ରେୟ ନିଜ ଗୁରୁଙ୍କୁ ଅର୍ପଣ କରିଛନ୍ତି। ଗୁରୁଙ୍କ ମାର୍ଗଦର୍ଶନ ଓ ଆଶୀର୍ବାଦ ଯୋଗୁଁ ଆଜି ବିଦେଶ ମାଟିରେ ଓଡ଼ିଶାର କଳାକୁ ପ୍ରତିଷ୍ଠିତ କରାଯାଇ ପାରିଛି ବୋଲି ସେ ମତ ପ୍ରକାଶ କରିଛନ୍ତି। ଏହାସହ ଏଭଳି ଏକ ବୃହତ ମଞ୍ଚ ପ୍ରଦାନ କରିଥିବାରୁ ସେ 'ହିନ୍ଦୁସ୍ତାନ ଆର୍ଟସ ଆଣ୍ଡ ମ୍ୟୁଜିକ୍ ସୋସାଇଟି'କୁ ମଧ୍ୟ ଅଜସ୍ର ଧନ୍ୟବାଦ ଜ୍ଞାପନ କରିଛନ୍ତି। ଓଡ଼ିଶାରୁ ଯାଇଥିବା ଏହି ଶିଳ୍ପୀ ଦଳ ବିଦେଶୀ ମାଟିରେ ଓଡ଼ିଆ ଅସ୍ମିତାର ପରିଚୟ ଦେବା ସହ ଭାରତୀୟ ସଂସ୍କୃତିର ପ୍ରଚାର ପ୍ରସାର କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଅନୁଷ୍ଠାନର ଏହି ବିଦେଶ ଯାତ୍ରା ସଫଳ ହୋଇଥିବାରୁ ରାଜ୍ୟର ବିଭିନ୍ନ ମହଲରୁ ପ୍ରତିମା ମିଶ୍ର, ପ୍ରିୟଙ୍କା ମିଶ୍ର ଓ ଅର୍ଚ୍ଚିତା ପ୍ରଧାନଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଭାରତ ଓ ଭିଏତନାମ ମଧ୍ୟରେ ସାଂସ୍କୃତିକ ସମ୍ପର୍କ ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି।

## ଅବକାରୀ ଆଇନ ପ୍ରସଙ୍ଗରେ ଆଲୋଚନାଚକ୍ର



**କଟକ,୨୫।୪/ଏନ୍‌ଏନ୍‌ଏସ୍‌:** କ୍ରିମିନାଲ କୋର୍ଟସ୍ ବାର୍ ଆସୋସିଏସନ୍ କନ୍‌ଫରେନ୍ସ ହଲ୍‌ରେ ଯୁବ ଆଇନଜୀବୀଙ୍କ ଦ୍ୱାରା ଆୟୋଜିତ ଅବକାରୀ ଆଇନର ଆଗାମୀ ଯୁବ ପିଢ଼ି ଉପରେ ପ୍ରଭାବ ପ୍ରସଙ୍ଗରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଓ ଦୌରା ଜଜ ମାନସ ରଞ୍ଜନ ବାରିକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓଡ଼ିଶାର ବିଭିନ୍ନ ଆଇନ କଲେଜର ଛାତ୍ରଛାତ୍ରୀଙ୍କ ସହ ଆଇନଜୀବୀ ଅଂଶ ଗ୍ରହଣ କରି ବର୍ତ୍ତମାନ ପରିପ୍ରେକ୍ଷୀରେ ଅବକାରୀ ଆଇନର ଉପକାରିତା ଓ ଅପକାରିତା ସମ୍ପର୍କରେ ବିଭିନ୍ନ ଉଚ୍ଚ ନ୍ୟାୟାଳୟ ଓ ନିମ୍ନ ଅଦାଲତର ନିର୍ଣ୍ଣାୟକ ନିଷ୍ପତ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ବିଚାରକ ମଣ୍ଡଳୀ ଭାବେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ କୁମାର ସାହୁ, ବାଦଲ ଚନ୍ଦ୍ର ରାୟ, କ୍ଷେତ୍ର ମୋହନ ବେହେରା ଓ ସଞ୍ଜୟ କୁମାର ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କର ଉପସ୍ଥାପନାଗୁଡ଼ିକୁ ତର୍ଜମା କରି ସେଥିମଧ୍ୟରୁ କୃତୀ ଆଇନଜୀବୀଙ୍କୁ ଚୟନ କରିଥିଲେ। ଏଥିରେ କ୍ରିମିନାଲ କୋର୍ଟସ ବାର ଆସୋସିଏସନ୍‌ର ସମ୍ପାଦକ ଆଇନଜୀବୀ ଗଦାଧର ସାହୁ, ଉପସଭାପତି ତାପସ କୁମାର ନାୟକ, ସମରେନ୍ଦ୍ର ମହାନ୍ତି, ନେପାଳ ପ୍ରକାଶ ସାମନ୍ତ, ବିଚ୍ଛନ୍ଦା ନାୟକ, ସନ୍ଧ୍ୟାରାଣୀ ଦାସ, ମାନସ ରଞ୍ଜନା ପୃଷ୍ଟି ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟ ରଞ୍ଜନ ମହାନ୍ତି, ସନ୍ଦୀପ ରାଜ ପଣ୍ଡା, ରାଜ କୁମାର ରାଉତ, ହେମନ୍ତ ସାହା, ନୀଳାଦ୍ରି ବିହାରୀ ମହାରଣା, ମନୀଷା ଦାସ, ସୁନୀଲ କୁମାର ଦାସ, ଦେବଜ୍ୟୋତି ପଣ୍ଡା, ହରି ପ୍ରସାଦ ଓଝା ଶିବୁ ଦାସ, ବ୍ରଜ ଭୂଷଣ ସାହୁ, ନିରଞ୍ଜନ ଦାସ,ଗଗନ ବାରିକ, ମହେନ୍ଦ୍ର କୁମାର ସୁବୁଦ୍ଧି, ସଂଗ୍ରାମ କେଶରୀ ଦାସ ଓ ଶୁଭେନ୍ଦୁ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ବାସୁଦେବ ସେଠୀ ଧନ୍ୟବାଦ୍ ଦେଇଥିଲେ।

ନିତିଦିନ NITIDIN

## ପ୍ରଥମ ପୃଷ୍ଠାରୁ

### ଚାଷୀଙ୍କ ଆୟ ବହୁଗୁଣିତ ...

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରାଣିଚିକିତ୍ସକମାନେ କଥା କହିପାରୁନଥିବା ପ୍ରାଣୀମାନଙ୍କର ଚିକିତ୍ସା କରନ୍ତି । ପ୍ରକୃତରେ ସେମାନେ ମହାନ । ଜୀବଜନ୍ତୁମାନଙ୍କ ପାଇଁ ଆମ ଭେଟନାରୀ ଡାକ୍ତରମାନେ ସାକ୍ଷାତ ଭଗବାନ । ରାଜ୍ୟରେ ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରାଯାଇଛି । ୧,୪୨୩ କୋଟି ଟଙ୍କା ବ୍ୟୟରେ ଚାଲୁଥିବା ଏହି ଯୋଜନା ମାଧ୍ୟମରେ ଆଗାମୀ ପାଞ୍ଚବର୍ଷରେ ୧୫ ଲକ୍ଷରୁ ଅଧିକ ଗୋପାଳକ ଉପକୃତ ହେବେ । ଉଚ୍ଚ ଦୁଗ୍ଧ ଉତ୍ପାଦନକାରୀ ଗାଈ ପାଳନ ପାଇଁ ୭୦ ପ୍ରତିଶତ ପର୍ଯ୍ୟନ୍ତ ସହାୟତା ଦିଆଯାଉଛି । ସେହିପରି ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା ଅଧୀନରେ ନୂତନ ଗୋ-ଶାଳା, ଖାଦ୍ୟ, ରକ୍ଷଣାବେକ୍ଷଣ ଓ ସ୍ୱାସ୍ଥ୍ୟସେବା ପାଇଁ ୩୩ କୋଟି ଟଙ୍କା ବ୍ୟବସ୍ଥା ହୋଇଛି । କୁକୁଡ଼ାପାଳନ ଓ ଅଣ୍ଡା ଉତ୍ପାଦନ ବୃଦ୍ଧି ପାଇଁ ପ୍ରାଣିସମ୍ପଦ ସମୃଦ୍ଧି ଯୋଜନା ମାଧ୍ୟମରେ ୧,୦୩୧ କୋଟି ଟଙ୍କା ବ୍ୟୟ ହେବା ସହ ୩.୭୩ ଲକ୍ଷ ପରିବାର ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଚଳିତ ବର୍ଷର ପ୍ରସଙ୍ଗ  ଉତ୍ତମ ଖାଦ୍ୟ ଓ ସ୍ୱାସ୍ଥ୍ୟ ପାଇଁ ପ୍ରାଣିଚିକିତ୍ସକ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ରାଜ୍ୟର ଅର୍ଥନୀତିରେ ପ୍ରାଣିସମ୍ପଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ବର୍ଣ୍ଣନା କରିଛନ୍ତି । ସେ କହିଥିଲେ ଯେ,  ପ୍ରାଣୀ ସ୍ୱାସ୍ଥ୍ୟ, ଖାଦ୍ୟ ସୁରକ୍ଷା ଓ ସାର୍ବଜନୀନ ସ୍ୱାସ୍ଥ୍ୟକୁ ସମନ୍ୱୟ କରି ୱାନ ହେଲ୍ଥଆଭିମୁଖ୍ୟକୁ ଆହୁରି ସୁଦୃଢ କରିବା ଆବଶ୍ୟକ । ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ଅନୁସାରେ ରାଜ୍ୟକୁ ଦୁଗ୍ଧ, ଅଣ୍ଡା ଓ ମାଂସ ଉତ୍ପାଦନରେ ଆତ୍ମନିର୍ଭର କରାଯିବ । ୨୦୪୭ ସୁଦ୍ଧା ଅଣ୍ଡା ଉତ୍ପାଦନରେ ଓଡ଼ିଶାକୁ ଦେଶର ପଞ୍ଚମ ସ୍ଥାନକୁ ନେବା ଲକ୍ଷ୍ୟ ରଖାଯାଇଛି । ପ୍ରାଣୀ ସ୍ୱାସ୍ଥ୍ୟ ସେବାକୁ ଲୋକଙ୍କ ହାତପାହାନ୍ତାରେ ପହଞ୍ଚାଇବା ପାଇଁ ଆମ ସରକାର ୨୦୦୦ ପ୍ରଶିକ୍ଷିତ 'ଏ-ହେଲ୍ପ' (ଗୋଷ୍ଠୀ ପ୍ରାଣିସ୍ୱାସ୍ଥ୍ୟ କର୍ମୀ) ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି କର୍ମୀମାନେ ଗ୍ରାମାଞ୍ଚଳରେ ଟୀକାକରଣ କ୍ଷେତ୍ରରେ ଚାଷୀମାନଙ୍କୁ ସହାୟତା କରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ସଫଳ ପ୍ରାଣିଚିକିତ୍ସକ, ପ୍ରାଣିପାଳକ ଓ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

ଏହି କାର୍ଯ୍ୟକ୍ରମରେ  ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ ଉତ୍ତମ ଖାଦ୍ୟ ଓ ସ୍ୱାସ୍ଥ୍ୟର ସୁରକ୍ଷାରେ ପ୍ରାଣିଚିକିତ୍ସକଙ୍କର ପ୍ରମୁଖ ଭୂମିକା ରହିଛି । ପ୍ରାଣୀଙ୍କଠାରୁ ବ୍ୟାପୁଥିବା ରୋଗକୁ ପ୍ରତିହତ କରିବା ସହ ସମାଜର ପ୍ରଥମ ପ୍ରତିରକ୍ଷା ବଳୟଭାବେ ପ୍ରାଣିଚିକିତ୍ସକମାନେ ସେବା ପ୍ରଦାନ କରିଥାନ୍ତି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ  ବିଭାଗୀୟ କମିଶନର ତଥା ଶାସନ ସଚିବ ପ୍ରେମ ଚାନ୍ଦ ଚୌଧରୀ ଏବଂ ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ ।

### ଆହୁରି ୩ ଦିନ ଗରମ ...

କୋରାପୁଟ ଜିଲ୍ଲାରେ ଗୋଟିଏ-ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି । ଏହା ସହିତ ଘଡ଼ଘଡ଼ି ସହିତ ବର୍ଷା ଓ ପବନ ବେଗ ୩୦ରୁ ୪୦ କିମି ବେଗରେ ରହିବାର ସମ୍ଭାବନା ରହିଛି ।  ରାଜ୍ୟରେ ତାପମାତ୍ରାରେ ଆଗାମୀ ୨ରୁ ୩ ଦିନ ପର୍ଯ୍ୟନ୍ତ କୌଣସି ପରିବର୍ତ୍ତନ ଦେଖିବାକୁ ମିଳିବ ନାହିଁ । ଏହା ପରେ ୨ରୁ ୪ ଡିଗ୍ରୀ ତାପମାତ୍ରା ହ୍ରାସ ପାଇବାର ସମ୍ଭାବନା ରହିଛି  ବୋଲି ପାଣିପାଗ ବିଜ୍ଞାନୀ କହିଛନ୍ତି । ଅନ୍ୟପକ୍ଷରେ ଆଗାମୀ ୨୪ ଘଣ୍ଟାରେ ପଶ୍ଚିମ ଓଡ଼ିଶାର ଅଧିକାଂଶ ଜିଲ୍ଲାଗୁଡିକୁ ରେଡ୍ ଆଲର୍ଟ ଜାରି କରାଯାଇଛି । ପାଖାପାଖି ୧୬ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏଠାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସହିତ ଖରା ଗରମର ପ୍ରଭାବ ଅତ୍ୟଧିକ ରହିବ ବୋଲି କୁହାଯାଇଛି ।

### ୪୭ କ୍ୟାଡର ନକ୍ସଲଙ୍କ ...

କୁଞ୍ଜାମ ଭୀମା, ପାର୍ଟି ମେମ୍ବର ହେମଲା ଲାଲୁ ପ୍ରମୁଖ ରହିଛନ୍ତି । ଏହି ନକ୍ସଲମାନେ ପୁଲିସ ନିକଟରେ ଗୋଟିଏ ଏଲ୍ଏମ୍ଜି, ୪ଟି ଏକେ-୪୭, ୩ଟି ଏସ୍ଏଲ୍ଆର, ୨ଟି ଇନ୍ସାସ୍, ୨ଟି ୪୧୦ ରାଇଫଲ୍, ଗୋଟିଏ ୮ଏମ୍ଏମ୍ ରାଇଫଲ୍, ଗୋଟିଏ ୯ ଏମ୍ଏମ୍ ରାଇଫଲ୍, ୧୨ ସିଙ୍ଗଲସଟ୍ ଗନ୍, ବିଜିଏଲ୍ ଗନ୍ ୨ଟି, ଏୟାର ଗନ ୨ଟି ଭଳି ଅସ୍ତ୍ରଶସ୍ତ୍ର ହସ୍ତାନ୍ତର କରିଛନ୍ତି । ପ୍ରଶାସନ ତରଫରୁ ସମସ୍ତ ନକ୍ସଲଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏଥିସହ ସମସ୍ତଙ୍କୁ ଆତ୍ମନିର୍ଭଶୀଳ କରାଯିବ ବୋଲି କୁହାଯାଇଛି । ଗତ ୩ ବର୍ଷରେ ତେଲେଙ୍ଗାନା ପୁଲିସ ନିକଟରେ ୪ ସେଣ୍ଟ୍ରାଲ କମିଟି ମେମ୍ବର, ୨୨  ଷ୍ଟେଟ କମିଟି ମେମ୍ବର, ଜଣେ ଆଞ୍ଚଳିକ କମିଟି ମେମ୍ବର, ୪୪  ଡିଭିସିଏମ, ୧୭୩ ଏସିଏମ ଏବଂ ୫୭୪ ଜଣ ପାର୍ଟି ମେମ୍ବର ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି ।

### ଦୁର୍ଘଟଣାରେ ଚାଲିଗଲା ...

ପୁରୁଷୋତ୍ତମ କୁମାର (୨୮) । ପୁଲିସ ଅଧିକାରୀଙ୍କ ଅନୁଯାୟୀ କାର୍ ଯାତ୍ରା ସମୟରେ ନିଜର ନିୟନ୍ତ୍ରଣ ହରାଇ ଡିଭାଇଡରକୁ ପାର୍ କରିନେଇଥିଲା । ଏହା ପରେ ବିପରୀତ ଲେନ୍‌ରେ ପ୍ରବେଶ କରିବା ସହିତ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଘୋଷି ଅଞ୍ଚଳର ସର୍କଲ ଅଫିସର ଜିତେନ୍ଦ୍ର କୁମାର କହିଛନ୍ତି, ପରିବାର ସଦସ୍ୟ ଝିଅର ବିବାହ ଭୋଜିରେ ଯୋଗ ଦେଇ ରାଞ୍ଚିରୁ ଫେରୁଥିଲେ । ସେମାନେ ବାରଣାସୀରୁ ଗୋରଖପୁର ଫେରିବା ସମୟରେ ଏପରି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି ।

### ୟୁକ୍ରେନ ଉପରେ ରୁଷ୍‌ର ...

ଲାଗିଯାଇଥିଲା । ଏଥିରେ୨୭ ଜଣ ଆହତ ହୋଇଛନ୍ତି । ଶନିବାର ଅପରାହ୍ଣରେ ରୁଷ୍‌ର ଏକ ପୃଥକ୍ ଆକ୍ରମଣରେ ୩ ବ୍ୟକ୍ତିଙ୍କ ମୃତ୍ୟୁ ଓ ୫ ଜଣ ଲୋକ ଆହତ ହୋଇଛନ୍ତି । ୟୁକ୍ରେନର ଦକ୍ଷିଣ ପଶ୍ଚିମରେ ଓଡେଶା ଅଞ୍ଚଳରେ ରାତିସାରା ହୋଇଥିବା ଡ୍ରୋନ୍ ଆକ୍ରମଣରେ ୨ ଜଣ ଲୋକ ଆହତ ହୋଇଛନ୍ତି ବୋଲି ଆଞ୍ଚଳିକ ମୁଖ୍ୟ ଓଲେହ କିପର ଶନିବାର କହିଛନ୍ତି ।

ଅନ୍ୟପକ୍ଷରେ ୟୁକ୍ରେନର ପାଲଟା ଡ୍ରୋନ୍ ଆକ୍ରମଣରେ ରୁଷ୍‌ର ବେଲଗୋରଡ ଅଞ୍ଚଳରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ବ୍ୟକ୍ତି ଗୁରୁତର ହୋଇଛି । ଶୁକ୍ରବାର ଉଭୟ ରୁଷ୍ ଓ ୟୁକ୍ରେନ୍ କଏଦୀ ଅଦଳବଦଳରେ ୧୯୩ ଜଣ ସୈନ୍ୟଙ୍କୁ ଅଦଳବଦଳ କରିବା ପରେ ପରସ୍ପର ଉପରେ ଆକ୍ରମଣ କରିଥିଲେ ।

### ବୃଦ୍ଧ ଦମ୍ପତିଙ୍କ ଆତ୍ମହତ୍ୟା ...

ଝିଅ ଥିବାବେଳେ ଗତ ୨୧ ତାରିଖରେ ସାନ ଝିଅର ବାହାଘର ହୋଇଥିଲା । କିନ୍ତୁ  ଆତ୍ମହତ୍ୟା ପରି ଚରମ ନିଷ୍ପତ୍ତି କାହିଁକି ନେଲେ ତାହା କେହି ଜାଣିପାରୁ ନାହାନ୍ତି । ମୃତ୍ୟୁର କାରଣ କାରଣ ସ୍ପଷ୍ଟ ହୋଇନଥିବା ବେଳେ ଋଣ ଭାର ଅଧିକ ହେବାରୁ ଚିନ୍ତାରେ ଦମ୍ପତି ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଉଛି । ତେବେ ମୃତଦେହ ଜବତ କରି ପୁଲିସ ଘଟଣାର ତଦନ୍ତ କରୁଛି ।

### ଦୁଇ ଝିଅଙ୍କୁ କୋଳେଇ ...

କାଗଜପତ୍ର ଯାଞ୍ଚ ପରେ ଜିଲ୍ଲା ପ୍ରଶାସନ ଇଟାଲୀୟ ଦମ୍ପତିଙ୍କୁ ଶିଶୁଦ୍ୱୟଙ୍କୁ ପୋଷ୍ୟ ଭାବେ ଦେବାକୁ ଅନୁମତି ପ୍ରଦାନ କରିଥିଲେ । ଏହାପରେ ଆଜି ଇଟାଲୀୟ ଦମ୍ପତି ଦୁଇ ଶିଶୁ କନ୍ୟାଙ୍କୁ ଗ୍ରହଣ କରିଛନ୍ତି । ଦୁଇ ଶିଶୁ କନ୍ୟାଙ୍କୁ ଗ୍ରହଣ କରିବା ପରେ ଖୁସି ପ୍ରକାଶ କରିଛନ୍ତି ଇଟାଲୀୟ ଦମ୍ପତି ।

### ୨ୟ ପର୍ଯ୍ୟାୟ ଶାନ୍ତି ...

ରହୁ, ଯାହାଦ୍ୱାରା ବିଶ୍ୱ ବଜାରକୁ ତୈଳ ଯୋଗାଣରେ କୌଣସି ବାଧା ସୃଷ୍ଟି ହେବ ନାହିଁ । ଅନ୍ୟପଟେ, ଇରାନ ଏହି ଅଞ୍ଚଳରେ ନିଜର ପ୍ରଭାବ ବଜାୟ ରଖିବାକୁ ଚାହୁଁଛି ଏବଂ ଆଲୋଚନା ସମୟରେ ଏହାକୁ ଏକ ଚାପ ପ୍ରୟୋଗକାରୀ ରଣନୀତି ଭାବେ ବ୍ୟବହାର କରୁଛି । ଆମେରିକାର ଦାବି ହେଉଛି ଯେ ଇରାନ ନିଜର ପରମାଣୁ କାର୍ଯ୍ୟକ୍ରମକୁ ସୀମିତ ରଖୁ, ଯାହାଫଳରେ ସେ ପରମାଣୁ ଅସ୍ତ୍ର ନିର୍ମାଣ କରିପାରିବ ନାହିଁ । କିନ୍ତୁ ଇରାନ କହୁଛି ଯେ ତାହାର ଏହି କାର୍ଯ୍ୟକ୍ରମ କେବଳ ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟରେ (ଯେପରିକି ବିଦ୍ୟୁତ୍ ଉତ୍ପାଦନ) ପାଇଁ ଉଦ୍ଦିଷ୍ଟ ଏବଂ ସେ ଏହାକୁ ବନ୍ଦ କରିବ ନାହିଁ ।

ଗ୍ରାହକଙ୍କ ଲକ୍ଷାଧିକ ଜମାଟଙ୍କା ହଡ଼ପ୍ ମାମଲା

# ବ୍ୟାଙ୍କ୍‌ର ପୂର୍ବତନ ବିସି ଗିରଫ

**ଧର୍ମଶାଳା,୨୫।୪/ଏନ୍ଏନ୍ଏସ୍:** ଗ୍ରାହକଙ୍କ ଜମା ଟଙ୍କା ହଡ଼ପ କରି ଫେରାର୍ ଥିବା ୟୁକୋ ବ୍ୟାଙ୍କ୍ ଧର୍ମଶାଳା ଶାଖାର ପୂର୍ବତନ ବ୍ୟାଙ୍କ୍ ପ୍ରତିନିଧି(ବିସି)ଙ୍କୁ ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଗିରଫ ଅଭିଯୁକ୍ତ ଏହି ଥାନା ବୟପୁର ଗ୍ରାମର ମଧୁସୁଦନ ରଣାଙ୍କ ପୁଅ ପ୍ରକାଶ ରଣା ବୋଲି ଜଣାପଡିଛି । ସୂଚନା ଅନୁସାରେ, ଅଭୟପୁର ପଞ୍ଚାୟତ ଅଭୟପୁର ଗ୍ରାମର ଶିବ ପ୍ରଧାନ ସ୍ଥାୟୀ ଜମା ପାଇଁ ୟୁକୋ ବ୍ୟାଙ୍କ୍ ବିସି ପ୍ରକାଶକୁ ୨୦୨୪ ଅକ୍ଟୋବର ମାସରେ ୬ ଲକ୍ଷ ଟଙ୍କା ଦେଇଥିଲେ । ତେବେ ପ୍ରକାଶ ଏହି ଟଙ୍କାକୁ ବ୍ୟାଙ୍କ୍‌ରେ ଜମା ନକରି ହାତଲେଖା ଅବିକଳ ସ୍ଥାୟୀ ଜମା ବଣ୍ଡ ଧରାଇ ଦେଇଥଲା । ସେହିପରି ଶିବଙ୍କର କେୱାଇସି, ମୋବାଇଲ୍ ଲିଙ୍କ୍ ଓ ଏଟିଏମ୍ କାର୍ଡ ଆବେଦନ ପାଇଁ ତାଙ୍କ ଠାରୁ ନେଇଥିବା ଦସ୍ତଖତ ଓ ଆଧାର କାର୍ଡ ବ୍ୟବହାର କରି ପ୍ରକାଶ ବର୍ଷକ ମଧ୍ୟରେ ବିଭିନ୍ନ ସ୍ଥାନରୁ ୧୨ଲକ୍ଷ ୩୦ହଜାର ଟଙ୍କା ଉଠାଇ ନେଇଥିବା ବ୍ୟାଙ୍କ୍ ଷ୍ଟେଟ୍‌ମେଣ୍ଟରୁ ଜଣାପଡ଼ିଥିଲା । ଏହିପରି ଭାବେ ପ୍ରକାଶ ଏକାଧିକ ଗ୍ରାହାକମାନଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ହଡପ କରିନେଇଥିଲେ । ଏ ସଂପର୍କରେ ସଂପୃକ୍ତ ଗ୍ରାହକମାନେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଅଭିଯୁକ୍ତ ପ୍ରକାଶ ଆଗୁଆ ଜାମିନ ନେଇ ଆସିଥିବାରୁ ପୁଲିସ ତାହାକୁ ଗିରଫ କରିପାରି ନଥିଲା । ଏହାକୁ ନେଇ ଟଙ୍କା ହରାଇଥିବା ଗ୍ରାହାକମାନେ ବ୍ୟାଙ୍କ ସମ୍ମୁଖରେ ହଟଗୋଳ କରିବାରୁ ତତକାଳିନ ବ୍ୟାଙ୍କ ସାଖା ପରିଚାଳକ ଥାନାରେ ଅଭିଯୋଗ କରିବା ପରେ ଧର୍ମଶାଳା ପୁଲିସ ୬୦୨/୨୫ରେ ଏକ ମାମଲାରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ତେବେ ଫେରାର ଥିବା ପ୍ରକାଶ ଗତକାଲି ସଂଧ୍ୟାରେ  ଗରକୁ ଆସୁଥିବା ଖବର ପାଇ କେତେକ ଗ୍ରାହକ ଜାରକା ବସଷ୍ଟାଣ୍ଡ ନିକଟରୁ ପ୍ରକାଶକୁ କାବୁ କରି ପୁଲିସ୍ ଜିମା ଦେଇଥିଲେ । ପୁଲିସ୍ ଅଭିଯୁକ୍ତକୁ ଥାନାରେ ଅଟକ ରଖି ପଚରା ଉଚରା କରିବା ସହ ଆଜି ତାକୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧରକାରିଣୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି ।

## ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଦିବସ



**ଯାଜପୁର,୨୫।୪/ଏନ୍ଏନ୍ଏସ୍:** ଗତକାଲି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଡିପିସି ମିଶନ ଶକ୍ତି ସୀତାଂଶୁ ସାହୁ, ସହକାରୀ ଯନ୍ତ୍ରୀ କମଳ ଲୋଚନ ରାଜ୍, ବିଡିଓ ବ୍ରହ୍ମାନନ୍ଦ ବେହେରା ଏବଂ ଅତିରିକ୍ତ ଉନ୍ନୟନ ଅଧିକାରୀ ଯୋଗ ଦେଇଥିଲେ । ଜିଲ୍ଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା କହିଥିଲେ ଯେ ଗାଁଗୁଡ଼ିକରେ ପାନୀୟ ଜଳ ଯୋଗାଣ, ରାସ୍ତା ନିର୍ମାଣ, ଅନ୍ତୋଦୟ ଗୃହ ଯୋଜନା ଜରିଆରେ ତୃଣମୂଳ ସ୍ତରରେ ବିକାଶ ସହ ଏକ ଉନ୍ନତ ଗ୍ରାମର ପରିକଳ୍ପନା ସାକାର ହୋଇପାରୁଛି । ବିକଶିତ ଓଡ଼ିଶା ଗଠନ ଦିଗରେ ପଞ୍ଚାୟତିରାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟ ଉନ୍ନୟନ ଅଧିକାରୀ କହିଥିଲେ । ପଞ୍ଚାୟତିରାଜ ବ୍ୟବସ୍ଥାରେ ସାଧାରଣ ଜନତା ଓ ଜନ ପ୍ରତିନିଧିମାନେ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବା ସହ ଗ୍ରାମାଞ୍ଚଳର ସମଗ୍ର ବିକାଶରେ ସାମିଲ ହେବାକୁ ପଡ଼ିବ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ । ଏହି ଅବସରରେ ବଲାଙ୍ଗୀରଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରୁ ମାନ୍ୟବର ମୁଖ୍ୟମନ୍ତ୍ରୀ  ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇ ଜନପ୍ରତିନିଧି ଓ ଅଧିକାରୀମାନଙ୍କୁ ସମ୍ବୋଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ତୋଦୟ ଗୃହ ଯୋଜନାରେ ଯାଜପୁର ଜିଲ୍ଲାର ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ଏଥିସହ ଉଲ୍ଲେଖନୀୟ ସେବା ପାଇଁ ବିଭିନ୍ନ ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମାରୋହରେ ବିଭିନ୍ନ ବ୍ଲକ ପ୍ରତିନିଧି, ଗ୍ରାମ ପଞ୍ଚାୟତର ସଦସ୍ୟ, ପଞ୍ଚାୟତର କର୍ମଚାରୀ, ପ୍ରଶାସନର ଅଧିକାରୀ, ବୁଦ୍ଧିଜୀବୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ବିଜେପି ପକ୍ଷରୁ ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ



**ରସୁଲପୁର,୨୫।୪/ଏନ୍ଏନ୍ଏସ୍:** ବିଜେପି ପକ୍ଷରୁ ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ । ରସୁଲପୁର ବ୍ଲକ୍ ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ଲହରକୁ ଦୃଷ୍ଟିରେ ରଖି ସାଧାରଣ ଲୋକଙ୍କ ପାଇଁ କୋରେଇ ବିଧାୟକ ଆକଶ ଦାସ ନାୟକଙ୍କ ନିର୍ଦ୍ଦେଶ କ୍ରମେ କୋରେଇ ବିଜେପି ପକ୍ଷରୁ ରସୁଲପୁର ବ୍ଲକ୍‌ର ମୁଖ୍ୟ ଗମନା ଗମନ ଓ ବ୍ୟବସାୟୀକ ସ୍ଥଳ ତଥା ଆନ୍ତଃ-ରାଜ୍ୟ ପରିବହନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା କୁଆଖିଆ ବଜାର ଓଭର ବ୍ରିଜ୍ ତଳେ ଏକ ଜଳଦାନ କେନ୍ଦ୍ର ଆଜି ପୂର୍ବାହ୍ଣରେ ଉଦ୍‌ଘାଟିତ ହୋଇଯାଇଛି । ଏହା ଆଗାମୀ ଦିନରେ ଚାଲୁ ରହିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଜଳଦାନ କେନ୍ଦ୍ରକୁ କୋରେଇ ବିଧାୟକଙ୍କ ରସୁଲପୁର ବ୍ଲକ୍ ପ୍ରତିନିଧୀ ପ୍ରହଲ୍ଲାଦ ପଣ୍ଡା ଓ ବିଜେପି ନେତା ତଥା ରସୁଲପୁର ବ୍ଲକ୍ ଅଧ୍ୟକ୍ଷ ଅରୁଣ କୁମାର ରାଉତ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରସୁଲପୁର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ଶଶୀଭୂଷଣ ସାହୁ, ବିଜେପି ମଣ୍ଡଳ ସଭାପତି ବିନୋଦ କୁମାର ମହାରଣା, ଜିଲ୍ଲା ପରିଷଦ ସଭ୍ୟ ଶିଶିର କୁମାର ମହାନ୍ତି, ବିଧାୟକଙ୍କ ମିଡିଆ ପ୍ରତିନିଧୀ ପଦ୍ମଲୋଚନ ନାୟକ, ବିଜେପି ହିଙ୍ଗୁଳା ମଣ୍ଡଳ ମହିଳା ମୋର୍ଚ୍ଚା ସଭାପତି ମାମି ମହାନ୍ତି, ବିଜେପି ହିଙ୍ଗୁଳା ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ହିମାଂଶୁ ବେହେରା, ଅତୁଲ୍ୟ ପ୍ରଧାନ, ଅନିଲ୍ ସାମନ୍ତ ରାୟ, ସୁବାଷ ନାୟକ, ସୁବ୍ରତ ନାୟକ, ଶଶାଙ୍କ ଶେଖର ରାଉତ, ପ୍ରଶାନ୍ତ ପରିଡା, ଦିଲ୍ଲିପ୍ ଦାସ୍, ବିଜେପି ହିଙ୍ଗୁଳା ମଣ୍ଡଳ ପ୍ରତିନିଧୀ କାଳନ୍ଦୀ ଚରଣ କଣ୍ଡୁଙ୍କ ସମେତ ବହୁ ଦଳୀୟ କର୍ମି ଓ ନେତୃମଣ୍ଡଳୀ ଉପସ୍ଥିତ ରହିଥିଲେ ।

## ବ୍ଲକ୍‌ସ୍ତରୀୟ ପଞ୍ଚାୟତିରାଜ ଦିବସ



**ଚାନ୍ଦୋଳ,୨୫।୪/ଏନ୍ଏନ୍ଏସ୍:** ଡେରାବିଶ ବ୍ଲକ୍ ଗୁଆଲସିଂ ପଞ୍ଚାୟତ ଅନ୍ତର୍ଗତ ଗୁଆଲସିଂ ସ୍ଥିତ ଜିଲ୍ଲା ସଂସ୍କୃତିକ ଭବନରେ ଗତକାଲି ସନ୍ଧ୍ୟାରେ ବ୍ଲକ୍‌ସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏଲଇଡି ମାଧ୍ୟମରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଭିଭାଷଣ ଉପସ୍ଥିତ ଲୋକମାନେ ଶୁଣିଥିଲେ । ଏହି କାର୍ଯ୍ୟକ୍ରମରେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ, ବିଡିଓ ନମିତା ବାରିକ, ତହସିଲଦାର ସରୋଜକାନ୍ତ ନାୟକ, ଏବିଡିଓ ମୃଣ୍ମୟ ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ଗୌରବ ସାହୁ, ମଙ୍ଗଳ ଅଧିକାରୀ ରଶ୍ମି ଦେବୀ ପ୍ରମୁଖ ଉପସ୍ଥିତ ରହି ଓଡ଼ିଶା ସରକାରଙ୍କର ବିଭିନ୍ନ ବହୁମୁଖି ଯୋଜନା ସମ୍ପର୍କରେ ଉପସ୍ଥିତଥିବା ଲୋକପ୍ରତିନିଧି ଓ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ସୂଚନା ଦେଇଥିଲେ । ଏହି ଅବସରରେ ଅନ୍ତ୍ୟୋଦୟ ଯୋଜନାରେ ୫ ଜଣ ଗରିବ ହିତାଧିକାରୀଙ୍କୁ ବାସଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିବା ବେଳେ ପୂର୍ବରୁ କାର୍ଯ୍ୟାଦେଶ ପାଇ ଠିକ୍ ସମୟରେ କାର୍ଯ୍ୟସାରିଥିବା ହିତାଧିକାରୀଙ୍କୁ ବୋନସ୍ ରାଶିର ଚେକ୍ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଅଧିନସ୍ଥ ୨୬ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ, ଏମ୍‌ବିକେ, ସିଆର୍‌ପି, ଅଙ୍ଗନୱାଡି କର୍ମୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଜିଲ୍ଲାସ୍ତରୀୟ ବିଶ୍ୱ ପ୍ରାଣି ଚିକିତ୍ସା ଦିବସ



**କେନ୍ଦ୍ରାପଡ଼ା,୨୫।୪/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ାରେ ଜିଲ୍ଲାସ୍ତରୀୟ ବିଶ୍ୱ ପ୍ରାଣି ଚିକିତ୍ସା ଦିବସ-୨୦୨୬ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ ପ୍ରଭଜନ ରଞ୍ଜନ କବିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର ଆୟାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପାଧ୍ୟକ୍ଷ ଫକୀର ଚରଣ ଖଟୁଆ, ଏସଡିପିଓ ଜ୍ୟୋତି ରଞ୍ଜନ ଗୌଡ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଆଲୋକ ନାଥ, ସିଡିଏଓ ସୁରେଶ କୁମାର ମଲିକ ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ବର୍ଷ ଏପ୍ରିଲ ୨୫ ତାରିଖ ପ୍ରାଣୀ ଚିକିତ୍ସକମାନଙ୍କର ସମାଜ ଗଠନରେ ଥିବା ବିଶେଷ ଭୂମିକାକୁ ଆଲୋକପାତ କରିବା ପାଇଁ ଏହି ଦିବସ ପାଳନ କରା ଯାଇଥାଏ । ଜିଲ୍ଲାପାଳ ଶ୍ରୀ ଆୟାର ପ୍ରାଣୀ ଚିକିତ୍ସକମାନଙ୍କୁ ସେମାନଙ୍କର ଦାୟିତ୍ୱ ସଂପର୍କରେ ଯତ୍ନଶୀଳ ହେବାକୁ ପ୍ରେରଣା ଦେଇଥିଲେ । ପ୍ରାଣୀ ଚିକିତ୍ସକମାନଙ୍କୁ ସେମାନଙ୍କର ନିରବଚ୍ଛିନ୍ନ, ନିସ୍ୱାର୍ଥପର ଦାୟିତ୍ୱଶୀଳ କାର୍ଯ୍ୟ ପାଇଁ ଉତ୍ସାହିତ କରିଥିଲେ । ଏହି ସଭାରେ ପ୍ରାଣୀ ଚିକିତ୍ସକମାନଙ୍କ ବହୁବିଧ କାର୍ଯ୍ୟ ବିଷୟରେ ଅତିଥିମାନେ ଅବଗତ କରାଇଥିଲେ । ଜିଲ୍ଲାରେ ମାନବ ସମ୍ବଳର ଅଭାବ ସତ୍ତ୍ୱେ ପ୍ରାଣୀ ଚିକିତ୍ସକମାନେ ସେମାନଙ୍କର କାର୍ଯ୍ୟ ଦାୟିତ୍ୱର ସହ ତୁଳାଉ ଥିବାରୁ ଅତିଥିମାନେ ଧନ୍ୟବାଦ ଦେଇଥିଲେ । ପ୍ରାଣୀମାନଙ୍କର ଉତ୍ତମ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ପ୍ରାଣୀ ଚିକିତ୍ସକଙ୍କ ଉପରେ ସେବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ଆଗାମୀ ଦିନରେ ପ୍ରାଣୀ ଚିକିତ୍ସା ସେବାକୁ ଆହୁରି ସୁଦୃଢ କରିବା ପାଇଁ ଜିଲ୍ଲାର ସମସ୍ତ ପ୍ରାଣୀ ଚିକିତ୍ସକ ଶପଥ ଗ୍ରହଣ କରିବା ସହ ନିରୀହ ପ୍ରାଣୀଙ୍କ ଜୀବନ ଓ ଗରିବ ଚାଷୀମାନଙ୍କର ଜୀବିକା ଉପରେ ଅଧିକ ଯତ୍ନଶୀଳ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ । ସଭା ଶେଷରେ ଡଃ ତୁଷାର ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ



**ଯାଜପୁର,୨୫।୪/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲା ଅନ୍ତର୍ଗତ ସୁକିନ୍ଦା ବ୍ଲକ୍‌ର ଚିଙ୍ଗୁଡ଼ିପାଳ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏକ ସଚେତନତା ସଭା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହା ପୂର୍ବରୁ ଏକ ସଚେତନତା ରାଲି ସ୍ଥାନୀୟ କାଳିଆପାଣି ଠାରେ ଆଶା, ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ଦ୍ୱାରା ସକାଳ ୭ ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା । ସଭା କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ  ବଳଦେବ ନନ୍ଦ, ଜିଲ୍ଲା ଭେକ୍ଟର ବାହିତ ରୋଗ କାର୍ଯ୍ୟକ୍ରମର ପରାମର୍ଶଦାତା ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସହିତ  ବିଶ୍ୱ ମ୍ୟାଲେରିଆ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ ଡା. ଜୟଦେବ ନନ୍ଦ ଜ୍ୱର ହେବା କ୍ଷଣି ତୁରନ୍ତ ରକ୍ତ ପରୀକ୍ଷା ଏବଂ ମ୍ୟାଲେରିଆର ସମ୍ପୂର୍ଣ୍ଣ ଚିକିତ୍ସା ସମ୍ବନ୍ଧରେ ଗୁରୁତ୍ୱ ଦେଇଥିଲେ । ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡା. ରଶ୍ମିରଞ୍ଜନ ସାହୁ ସମ୍ପୂର୍ଣ୍ଣ ଚିକିତ୍ସାର ତଦାରଖ ଆଶାମାନଙ୍କ ଦ୍ୱାରା କରିବାକୁ ପରାମର୍ଶ ଦେଇଥିଲେ । ପରିଶେଷରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର ମ୍ୟାଲେରିଆ ରୋଗର କାରଣ ନିରୂପଣ, ସମ୍ପୂର୍ଣ୍ଣ ଚିକିତ୍ସା ଓ ରୋଗର ନିରାକରଣ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ତୁରନ୍ତ ରକ୍ତ ପରୀକ୍ଷା ଓ ସମ୍ପୂର୍ଣ୍ଣ ଚିକିତ୍ସା ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ଓ ଗାମ୍ବୁସିଆ ପ୍ରଦର୍ଶନ କରାଇ ସଚେତନତା କରାଯାଇଥିଲା । ସଭାରେ ସମସ୍ତ ଅଂଶ ଗ୍ରହଣକାରୀମାନେ ମ୍ୟାଲେରିଆ ମୃତ୍ୟୁ ଶୂନ୍ୟ ପାଇଁ ଶପଥ ପାଠ କରିଥିଲେ । ବଳଦେବ ନନ୍ଦ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଶା, ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଶିକ୍ଷକ, ମହିଳା, ଏବଂ ସ୍ଥାନୀୟ ବ୍ୟକ୍ତି ଓ  ସାଧାରଣ ଜନତା ଉପସ୍ଥିତ ଥିଲେ । ସ୍ଥାନୀୟ ସରପଞ୍ଚଙ୍କ ସହଯୋଗ ଏବଂ ଉପସ୍ଥିତି ରେ ସଭାଟି ସଫଳ ରୂପେ ରୂପାୟନ ହୋଇଥିଲା ।

## ଗ୍ରୀଷ୍ମପ୍ରବାହ ଜନିତ ସଚେତନତା ଶିବିର

**ପୁରୀ,୨୫।୪/ଏନ୍ଏନ୍ଏସ୍:** ଜିଲ୍ଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ଜନିତ ସଚେତନତା ଶିବିର ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହ ସମ୍ମିଳନୀ କକ୍ଷ, ପୁରୀଠାରେ ଜିଲ୍ଲା ସମାଜକଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ପୁରୀ ସଦର ତହସିଲଦାର ଅଭିଷେକ ଦାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସମସ୍ତ ଶିଶୁ ବିକାଶ ଅଧିକାରୀ ଓ ପରିଦର୍ଶିକା ତଥା ଜିଲ୍ଲା ସମାଜ କଲ୍ୟାଣ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଗ୍ରୀଷ୍ମ ପ୍ରବାହ ସମୟରେ ନିହାତି ଅବଶ୍ୟକ ନ ହେଲେ ବାହାରକୁ ନ ବାହାରିବା, ତରଳ ଜାତୀୟ ଖାଦ୍ୟ ଖାଇବା, ଛତା, ପାଣି ବୋତଲ ଓ ଗାମୁଛା ସାଙ୍ଗରେ ନେବା, ମାଦକ ଦ୍ରବ୍ୟ ସେବନ ନ କରିବା, ଅଂଶୁଘାତ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଡାକ୍ତରଖାନା ନେବା ଆଦି ବିଷୟରେ ସଚେତନତା କାର୍ଯ୍ୟକ୍ରମ ବ୍ଲକ ଓ ଅଙ୍ଗନବାଡି କେନ୍ଦ୍ରସ୍ତରରେ କରିବାକୁ ପରାମର୍ଶ ଦିଆଯାଇଥିଲା ।

## ବାଲ୍ୟବିବାହ ମୁକ୍ତ ଓଡ଼ିଶା ସଚେତନତା ଶିବିର



**ପୁରୀ,୨୫।୪/ଏନ୍ଏନ୍ଏସ୍:** ଜିଲ୍ଲାସ୍ତରୀୟ ଅକ୍ଷୟତୃତୀୟା ଅବସରରେ ବାଲ୍ୟ ବିବାହ ନିଷେଧ ପାଇଁ ସପ୍ତାହ ବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହ ସମ୍ମିଳନୀ କକ୍ଷ, ପୁରୀ ଠାରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଆଇନ ପରିବିକ୍ଷ ଅଧିକାରୀ, ସମସ୍ତ ଶିଶୁ ବିକାଶ ଅଧିକାରୀ ତଥା ଜିଲ୍ଲା ସମାଜ କଲ୍ୟାଣ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଅକ୍ଷୟତୃତୀୟା ଅବସରରେ ଯେପରି ବାଲ୍ୟ ବିବାହ ନ ହୁଏ, ସେଥିପାଇଁ ସପ୍ତାହ ବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ବ୍ଲକ ଓ ଅଙ୍ଗନବାଡି କେନ୍ଦ୍ର ସ୍ତରରେ କରିବାକୁ ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ସମସ୍ତ ବ୍ଲକସ୍ତରୀୟ ବାଲ୍ୟ ବିବାହ ନିଷେଧ ଅଧିକାରୀ, ଗ୍ରାମର ମୁଖ୍ୟ, ୱାର୍ଡମେମ୍ବର, ଧର୍ମଯାଜକ, ମନ୍ଦିର ପୂଜକମାନଙ୍କୁ ସାମିଲ କରିବା ପାଇଁ ଆଲୋଚନା ହୋଇଥିଲା ।

# ନଦୀର ନାମ



ରଶ୍ମି ମହାପାତ୍ର

ପାଣି ପ୍ରବାହିତ ହୁଏ,
ନାମ କିନ୍ତୁ ସ୍ଥିର
ଏକ ଅଦ୍ଭୁତ ବ୍ୟାକରଣ ଦ୍ୱାରା

ବନ୍ଧା ତା'ର ଗତିବିଧି,
ଗ୍ରାମର ବୟୋଜ୍ୟେଷ୍ଠ ଲୋକମାନେ କୁହନ୍ତି,
ଏହି ନାମରେ ଏକଦା ଥିଲା ଝିଅଟିଏ
ଯିଏ ତା'ର ଛାଇ ହରାଇଥିଲା
ମଧ୍ୟାହ୍ନରେ,
ନଦୀ ଏବେ ବି ତା'ର ପ୍ରତିଫଳନ ଖୋଜେ
ପ୍ରତ୍ୟେକ ଢେଉରେ
କିଛି ରାତିରେ
ଚନ୍ଦ୍ରର ଧଳା ସାକ୍ଷ୍ୟରେ,

ସହର ଏହାକୁ ଭିନ୍ନ ସ୍ୱରରେ ଡାକେ,
ସେତୁ ତଳେ ନାମ ପରିବର୍ତ୍ତନ ହୁଏ,
ତନ୍ଦ୍ରାଚ୍ଛନ୍ନ ଇତିହାସ
ଭୁଲିଯାଏ ଅସଲ ନାମ
ସଚେତ ବର୍ତ୍ତମାନ ଖୋଜୁଥାଏ ଅର୍ଥ,

ହୋଇପାରେ ମାନଚିତ୍ରରେ
ଏକ ନୀଳ ରେଖା,
କିନ୍ତୁ ସ୍ୱପ୍ନରେ ଏକ ଲମ୍ବା ବାକ୍ୟ,
ଅବିଚ୍ଛିନ୍ନ,
କବି ଲେଖନ୍ତି
ନଦୀ ଏକ ଅସମ୍ପୂର୍ଣ୍ଣ ବାକ୍ୟ,
ଯେଉଁଠି ପୂର୍ଣ୍ଣଚ୍ଛେଦ ନାହିଁ।

ନଦୀ ଜାଣେ
ନାମ ମାନେ ଏକ ଶୃଙ୍ଖଳ,
ତଥାପି ତରଙ୍ଗର ଗୁପ୍ତ ଭାଷାରେ
ଡାକିଥାଏ ନିଜକୁ,

ଯେବେ ରାତିରେ ଜୁଆର ଆସେ,
ନଦୀ ତା'ର ନାମ କୂଳରେ ଖୋଲା ଛାଡିଦିଏ
ପରିତ୍ୟକ୍ତ ଅଳଙ୍କାର ପରି,
ସକାଳେ, ପୁଣି ଥରେ ଏହାକୁ ଫେରାଇନିଏ
କାରଣ ନାମ ବିନା
ପାଣି ମଧ୍ୟ
ନିଜକୁ ଚିହ୍ନିବାକୁ ଭୟ କରେ।

ବି-୧୦୪
ଓଶିୱାରା, ମୁମ୍ବାଇ
ମୋ-୯୩୨୪୯୬୮୭୮୯

# ରୂପେଇ ନଈର ନାଉରୀ



ରୋଜାଲିନି ମିଶ୍ର

ଶୋଷରେ ମୁଣ୍ଡ ବୁଲେଇ ଦେଲାଣି ଶଙ୍କରର। ଗୋଡ଼ରେ ଆଉ ଟିପେ ବି ବଳ ନାହିଁ। ପାଦରେ ଚାଲିଚାଲି ଗୁଡ଼େ ବାଟ ଚାଲି ଆସିଛି ସିଏ। ଆଠ ଦିନ ହେଲାଣି ଚାଲୁଛି ଯେ ଚାଲୁଛି। ଏଇ ତ .... ଆଉ ଅଳ୍ପ ବାଟ। ଆଉ ଅଳ୍ପ ବାଟ ପରେ ପଡିବ ରୂପେଇ ନଈ। ନଈ କୂଳରେ ପହଞ୍ଚିଲେ ସେ ଆଗ ପେଟଭରି ପିଇବ ରୂପେଇ ନଈର ପାଣିକୁ ଆଞ୍ଜୁଳା ଆଞ୍ଜୁଳା କରି। ଶାନ୍ତିରେ ଶୋଇଯିବ କିଛି ସମୟ ତା'ର ବାଲୁକାଶଯ୍ୟା ଉପରେ। ମେଣ୍ଟେଇବ ଶୋଷ, ମେଣ୍ଟେଇବ କ୍ଲାନ୍ତି। ତା'ପରେ ଯିବ ସିଏ ଗାଁକୁ। ନଈ ସେପାରିରେ ତା'ର ଗାଁ। ଆଉ ଏଇ ରୂପେଇ ନଈର କୋଳରେ ହିଁ କଟିଛି ତା'ର ପିଲାବେଳ। ଆଜିକୁ ଦୁଇ ବର୍ଷ ତଳେ ଏଇ ନଈର ମାୟାକୁ ପାଦରେ ଏଡେଇ ଦେଇ ସେ ଚାଲି ଯାଇଥିଲା ରାଜ୍ୟ ବାହାରକୁ ଅଧିକ ରୋଜଗାରର ଲକ୍ଷ୍ୟ ରଖି। ଆଜି କିନ୍ତୁ ଭାରି ମନେପଡୁଛି ତା'ର ସେଇ ରୂପେଇ ନଈର ରୂପକଥା ସବୁ। ଭାରି ମନେପଡୁଛି ତା'ର ସେଇ ନୀଳ ହଳଦିଆ ରଙ୍ଗନେସା ଡଙ୍ଗା କଥା ଯାହାକୁ ସେ ନିତି ନିତି ମେଲି ଦେଉଥିଲା ଏଇ ନଦୀର ଛାତିରେ। ମନେ ପଡୁଥିଲା ଅତୀତ।

ରୂପବତୀ ରୂପେଇ ନଈର କାଚକେନ୍ଦୁ ପାଣିରେ ସବୁଦିନ ନାଆ ମେଲି ଦେଉଥିଲା ତା' ବାପ ନଟ ମାଝି। ଜାତିରେ କୈବର୍ତ୍ତ ସେ। ନିଜର ଏଇ କୁଳବେଉସାକୁ ନେଇ ଭାରି ଗର୍ବ ତା'ର। ଆଖପାଖ ଏଇ ତିନିଖଣ୍ଡ ଗାଁର ଲୋକେ ଏପଟ ଗାଁରୁ ସେପଟ ଗାଁକୁ ଯିବା ପାଇଁ ନିର୍ଭର କରୁଥିଲେ ନଟ ମାଝି ଉପରେ। ଏଥିପାଇଁ ତା'ମନ ଭିତରେ ଗର୍ବ ଯେ କାହିଁରେ କେତେ। ବେଳେବେଳେ ଛାତିରେ ହାତ ପିଟି ନଟ ମାଝି କୁହେ, 'ମୋ ଭଳିଆ କେଉଟ ପୁଅଟେ ଆଉ କିଏ ଅଛି ଭଲା ଏ ଆଖପାଖରେ ? ଏ ନଈକୁ ମୁଁ ଯେତିକି ଚିହ୍ନିଛି, ଆଉ କିଏ ସେତିକି ଜାଣେ ଭଲା !! ଏ ନଦୀପଠାରେ ବାଲି ଯେତିକି, ଏ ନଈକୁ ନେଇ ମୋର ସ୍ମୃତି ସେତିକି। ପିଲାଟି ଦିନରୁ ବାପ ସାଙ୍ଗରେ ଡଙ୍ଗା ବାହିଛି ମୁଁ ଏଇ ରୂପେଇ ନଈରେ। କେତେ ରକ୍ତ ପାଣିଫାଟି ଝାଳ ହୋଇ ମିଶିଯାଇଛି ଏ ନଦୀ ଜଳରେ। କେତେ ଦୁଃଖ ବହିଯାଇଛି ଏ ନଦୀ ସୁଅରେ। ଆଉ ଏଇ ଡଙ୍ଗାଟି ହେଉଛି ମୋର ଲକ୍ଷ୍ମୀ ପସରା। ଆଜିଯାଏ ମୋ ବୋଲ ମାନି ଆସିଛି। ମୋ ସହ ମିଶି କେତେ ବର୍ଷା ଝଡ଼କୁ ସାମ୍ନା କରିଛି। କିନ୍ତୁ କେବେ ବି ଅବୋଲକରା ସାଜିନି। କେତେ ନୂଆବାହା ଝିଅଙ୍କୁ ମୁଁ ପାରି କରେଇଛି ମୋରି ଏଇ ଡଙ୍ଗାରେ। କେତେ ନୂଆବୋହୂ ତାଙ୍କ ଅଳତାବୋଳା ପାଦକୁ ଥାପିଛନ୍ତି ମୋର ଏଇ ନାଆ ଭିତରେ। କେତେ ବାହା ନିମିତ୍ତ ପୁଆଣି ଭାର ଲଦା ହୋଇଯାଇଛି ଏଥିରେ। ମୋ ପୁଅକୁ ବି ମୁଁ ଠିକ୍ ଏମିତି କରିବି .... ମୋରି ପରି। ମୋ ପରେ ସିଏ ହେବ ଏ ଡଙ୍ଗାର ମାଲିକ, ଏ ନଈ ମୂଲକର ରାଜା, ଏ ରୂପେଇ ନଈର ନାଉରୀ।'

ଛୁଆବେଳେ ଶଙ୍କର ବି ଯାଉଥିଲା ତା' ବାପା ସହ ନଈ ଭିତରକୁ। ବେଳେବେଳେ ନଟ ମାଝିର ସ୍ତ୍ରୀ ତାକୁ ବାରଣ କରେ। କୁହେ, 'ଏଡ଼େ ବକଟେ ଛୁଆକୁ ନେଇ ନଈ ଭିତରକୁ ଯିବା କ'ଣ ଦରକାର ? ଭଲ ଅଛି ମନ୍ଦ ଅଛି।' ବିଗିଡିଯାଏ ନଟ ମାଝି। କୁହେ, 'ନଈର ସନ୍ତାନ ଆମେ। ସେଇ ଆମର ମା', ସେଇ ଆମର ବାପା, ପୁଣି ସେଇ ଆମର ଦାନାପାଣି। ଏତେ ଆଉ ଡରିଲେ ହେବ ? ନଟ ମାଝିର ପୁଅ ପୁଣି ପାଣିକୁ ଡରିବ ?'

ଫାଙ୍କା ସମୟରେ ନଟ ମାଝି ନଦୀରୁ ମାଛ ଧରେ। ଶଙ୍କର ସେ ମାଛ ସବୁକୁ ଜାଲରୁ କାଢି ଖାଳେଇ ଭିତରେ ପୂରାଏ। ଡଙ୍ଗାରେ ପାଣି ପଶିଗଲେ କାଢେ। ଲୋକଙ୍କ ଜିନିଷପତ୍ର ଡ଼ଙ୍ଗାକୁ ଉଠେଇବାରେ ସାହାଯ୍ୟ କରେ। ଏମିତି ଏମିତିରେ ନଦୀସହ, ପାଣିସହ, ଡଙ୍ଗାସହ ଏକାକାର ହୋଇ ବଡ଼ ହେଉଥିଲା ଶଙ୍କର ଧୀରେ ଧୀରେ।

ରୂପେଇ ନଦୀର ପାଣି ପରି ବହି ଯାଉଥିଲା ସମୟ। ନଟ ମାଝିର ଆଣ୍ଠୁବାତ ବାହାରିବା ଦିନଠାରୁ ଆଉ ନଦୀକୁ ଯାଇପାରୁ ନଥିଲା ସେ। କେବଳ ବିଛଣାରେ ପଡି ଝୁରୁଥିଲା ତା'ର ସେଇ ରୂପେଇ ନଈକୁ। ଆଉ ରାତିରେ ଶଙ୍କର ଘାଟରେ ଡଙ୍ଗା ବାନ୍ଧି ଘରକୁ ଫେରିଲା ପରେ ପଚାରି ବସୁଥିଲା ଟିକିନିଖି ବିବରଣୀ ଦିନଯାକର। ବେଳେବେଳେ ମନ ବୋଲ ମାନେନି ନଟ ମାଝିର। କାହା କଥାକୁ ନଶୁଣି ଛୋଟେଇ ଛୋଟେଇ ସେ ଚାଲିଯାଏ ନଦୀକୂଳକୁ। ତା'କୂଳରେ ଘଡ଼ିଏ ବସି ପୁଣି ଫେରିଆସେ ଘରକୁ।

ସେଦିନ ଗୋଟେ ଠିକାଦାର ଆସିଥିଲା ନଟ ମାଝିର ଗାଁକୁ। ପିଲା ଯୋଗାଡୁଥିଲା ତା'ମାଲିକର ସୂତାକଳ ପାଇଁ। ଶଙ୍କର କହିଲା ମୁଁ ବି ଯିବି ସୂତା ମିଲ୍‌ରେ କାମ କରିବାକୁ। କ'ଣ ମିଳୁଛି ଏଇ ଡଙ୍ଗାବୁହାରୁ। ଏଇ ନଈ ନଈ ହୋଇକି ବାହାର ଦୁନିଆ କ'ଣ ବୋଲି ମଣିଷ କିଛି ଜାଣିଲାନି ଆଉ। କୋଉ ଗୁଡ଼ାଏ ଉପାର୍ଜନ ବି ହେଇଯାଆନ୍ତା କି ? ସେତକ ବି ତ ନାହିଁ। ଗଣ୍ଡେ ଖାଇ ଦଣ୍ଡେ ଜିଇଁବା କଥା। ତେବେ ଏ ନଈକୁ ନେଇ ଏତେ ମୋହ କାହିଁକି ? ଗାଁ ପିଲାଙ୍କ ସାଙ୍ଗରେ ମିଶି ଶଙ୍କର ବାହାରିଲା ଆନ୍ଧ୍ରପ୍ରଦେଶ। ନଟ ମାଝିର ଛାତିରେ ଯେମିତି କିଏ କୁରାଢ଼ୀ ବସେଇ ଦେଲା। ବିକଳ ହୋଇ ପ୍ରଳାପ କଲା ନଟ ମାଝି। କହିଲା, 'ହଇରେ, ନିଜ ମୂଲକରେ ନିଜେ ରାଜାଭଳି ନ ରହି, ତୁ ଯାଉଛୁ ଦାଦନ ଖଟିବାକୁ। ନିଜ ଡ଼ଙ୍ଗାରେ ବସି ଝାଳ ବୁହାଇବାକୁ ତୋତେ କଷ୍ଟ ଲାଗିଲା ଯେ, ତୁ ଯାଉଛୁ ପର ପାଖରେ ଝାଳବୁହାଇ, ମୁଣ୍ଡ ବିକି ହାତ ପତେଇବାକୁ।' କିନ୍ତୁ କିଛି ଶୁଣିଲାନି ଆଉ ଶଙ୍କର। ସବୁଦିନ ପାଇଁ ଘାଟରେ ଡଙ୍ଗାକୁ ବାନ୍ଧିଦେଇ ଚାଲିଗଲା ସେ ରୂପେଇ ନଈର ମାୟାକୁ କାଟି। କନ୍ଦାକଟା କରି ଘରେ ପଡିରହିଲା ନଟ ମାଝି।

ସବୁ ଚାଲିଥିଲା ଗୋଟେ ପ୍ରକାର। କିନ୍ତୁ କରୋନାର କରାଳ ରୂପ ଯେମିତି ଓଲଟେଇ ଦେଲା ସବୁକିଛି। ସୂତାକଳ ବନ୍ଦକରି ମାଲିକ ଯେତେବେଳେ ସମସ୍ତଙ୍କୁ ପୋକମାଛି ପରି ଘଉଡେଇ ଦେଲା, ସେତେବେଳେ ବାଧ ହୋଇ ଘରକୁ ଫେରିବାକୁ ଚିନ୍ତା କଲା ଶଙ୍କର। କିନ୍ତୁ ଫେରିବ କେମିତି ? ଗାଡି ମଟର ସବୁ ତ ବନ୍ଦ। ତା'ରି ଭଳି ବାହାରେ ଖଟୁଥିବା ହଜାର ହଜାର ଲୋକ ମୁଣ୍ଡରେ ପୁଟୁଳି ଥୋଇ, ବ୍ୟାଗ୍ କାନ୍ଧେଇ, ପାଦରେ ଚାଲି ଚାଲି ଫେରୁଥିଲେ ନିଜ ଜନ୍ମମାଟିକୁ। ଆଉ ଉପାୟ ବି ତ କିଛି ନାହିଁ। ସେମିତି ବାହାରିଲା ଶଙ୍କର। କିନ୍ତୁ ଘରେ ପହଞ୍ଚି ଏବେ କରିବ ସେ କ'ଣ ! କେମିତି ପୋଷିବ ପେଟ ? ସେ ଗାଁ ଛାଡି ଆସିବା ତ ଦୁଇ ବର୍ଷ ଉପରେ ହେଲାଣି। ଘାଟରେ ବନ୍ଧା ହୋଇଥିବା ତା' ଡଙ୍ଗା ତ ମାଟିରେ ମିଶି ସାରିବଣି ଏବେ। ଆଉ ଗୋଟିଏ ଡଙ୍ଗା ତିଆରିବା ପାଇଁ ତା' ପାଖରେ ସାମର୍ଥ୍ୟ କାହିଁ ଏବେ ? ଏମିତି ଅନେକ ଦୁଶ୍ଚିନ୍ତାକୁ ମୁଣ୍ଡେଇ ଚାଲି ଚାଲି ରୂପେଇ ନଦୀ କୂଳରେ ପହଞ୍ଚିଲା ଶଙ୍କର। ଠା' କୁ ଠା' ଜହ୍ନକିରଣ ପଡି ରୂପା ପରି ଚିକଚିକ୍ କରୁଥିଲା ରୂପେଇ ନଈର ପାଣି। ଆଞ୍ଜୁଳା ଆଞ୍ଜୁଳା କରି ପେଟେ ପାଣି ପିଇଗଲା ସିଏ। ପାଣି ପିଇସାରି ନଦୀର ସେପଟ କୂଳକୁ ଚାହିଁଲା ଶଙ୍କର। ସେପାରିରେ କଳା ରଙ୍ଗର ଛାଇଟିଏ ଡଙ୍ଗା ଖୋଲୁଥିଲା କି ବାନ୍ଧୁଥିଲା କେଜାଣି ? ଆହୁରି ନିରିଖେଇ ଚାହିଁଲା ସେ। ଡଙ୍ଗାଟି ଏଥର ନଈର ପାଣି ଉପରେ ଭାସିବାକୁ ଲାଗିଲା। କଳା ରଙ୍ଗର ଛାଇଟି ଆହୁଲା ମାରିବାକୁ ଲାଗିଲା ଧୀରେ ଧୀରେ। ଆଶ୍ଚର୍ଯ୍ୟ ହେଲା ଶଙ୍କର। ଏ ନଈରେ ଏବେ ବି ଡଙ୍ଗା ଚାଲୁଛି !! କିଏ ଚଳାଉଛି !! ସେ ତ ଶୁଣିଥିଲା ଯେ ସେ ସୂତାକଳକୁ ଯିବା ପରେ ଏ ନଈର ରାସ୍ତା ପୂରା ବନ୍ଦ ହୋଇ ଯାଇଛି ବୋଲି। ଗାଁ ଲୋକମାନେ ଅଧକିଲୋମିଟର ରାସ୍ତା ପାହାଡ଼ିଆ ବାଟରେ ଚାଲି ଚାଲି ଯାଇ ବସ୍ ଧରୁଛନ୍ତି ମୁଖ୍ୟ ରାସ୍ତାରୁ। ଆର ଥରକୁ ଗାଁକୁ ଆସିଲା ବେଳେ ବି ସେ ଦେଖିଥିଲା ତା' ଡ଼ଙ୍ଗାରେ ଉଈ ଚରି ଯାଇଥିବାର। ତେବେ କିଏ ଏ ? ଯିଏ ତା' ଅନୁପସ୍ଥିତିରେ ଏ ନଈ ମୂଳକକୁ ଆପଣେଇ ନେଇଛି !! ଧୀରେ ଧୀରେ ଡଙ୍ଗା ପାଖେଇ ଆସୁଥିଲା। ଧୀରେ ଧୀରେ ସ୍ପଷ୍ଟ ହୋଇ ଆସୁଥିଲା କଳାରଙ୍ଗର ଛାଇଟି। ଡଙ୍ଗା କୂଳରେ ଲାଗିଲା। ଛୋଟେଇ ଛୋଟେଇ ଡଙ୍ଗାରୁ ତଳକୁ ଓହ୍ଲାଇଲା କଳାରଙ୍ଗର ଛାଇଟି। ଶଙ୍କର ଆଶ୍ଚର୍ଯ୍ୟ ହୋଇ କହି ପକାଇଲା ... ବାପା !! କଳାରଙ୍ଗର ଛାଇଟି ସାଙ୍ଗେ ସାଙ୍ଗେ ଉତ୍ତର ଫେରେଇଲା .... 'ମୁଁ ନଟ ମାଝି .... ଏ ନଦୀମୁଲକର ରାଜା, ଏ ରୂପେଇ ନଈର ନାଉରୀ।'

ଭିଏସ୍ଏସ୍ ନଗର
ମୋ-୮୮୯୫୩୨୬୪୩୪



# ବ୍ରହ୍ମପୁତ୍ର ମହାବାହୁ



ପବିତ୍ର ମୋହନ ଦାଶ

ହେ ଅଶାନ୍ତ !
ହରଣକର ମୋର ନିରୁପଦ୍ରୁତା
ହେ ରୁଦ୍ର !
ଆନ୍ଦୋଳିତ କର ମୋର ଜଡ଼ତା
ହେ ପ୍ରମତ୍ତ !
ଖଣ୍ଡନ କର ମୋର ନିସ୍ପୃହତା।
ହେ ଉଚ୍ଛୃଙ୍ଖଳ !
ମୋତେ ଶିଖାଇଦିଅ
ବନ୍ଧ ଭାଙ୍ଗି ଉଛୁଳି ପଡ଼ିବାର
ମହିମ୍ନ ଗରିମା।

ହେ ଉଦାତ୍ତ !
ତୁମ ପ୍ରଚଣ୍ଡ ତାନରେ ମତାଅ
ଭାଙ୍ଗିଦିଅ ମୋର
ନିୟନ୍ତ୍ରିତ ସ୍ୱର ସାଧନା,
ମାନସରୋବରର
ହେ ବରଫାୟିତ ଉଦ୍ଦାମତା !
ମୋର ଗତି କର ବେଲଗାମ୍,
ହେ ବିଶୃଙ୍ଖଳକାରୀ !
ଧୋଇନିଅ
ସବୁ ଅଦୃଶ୍ୟ ଆବର୍ଜନା।

ହେ ପ୍ରଖର !
ମୋ ସ୍ନାୟୁରେ ଉଚ୍ଛୁଳାଅ
ସନ୍ଧି ନ କରିବାର କାମନା,
ହେ ବସନ୍ତ ଋତୁର ବନ୍ୟା !
ମୋ ରକ୍ତରେ ମାଧୁରୀ ସହିତ
ଆଣ ଉନ୍ମାଦନା।

ହେ ଲୋହିତ !
ତୁମ ହରିତ୍ ଅର୍କେଷ୍ଟ୍ରାରେ
ମୋର ଧୂସର ହୃଦୟରେ
ଆଙ୍କ ସବୁଜିମା।
ଲଙ୍ଘନ କରି ସୀମାନ୍ତ ପରେ ସୀମାନ୍ତ
ତୁମେ ତ ଜଣାଅ
ନଦୀର ନଥାଏ ଦେଶ
ସାଙ୍ଗପୁ, ସିଆଙ୍ଗ, ପଦ୍ମା, ଯମୁନା
କେତେ ତୁମର ନାଁ,
ତୁମ ସୁଅରେ କ୍ଷୟ ପାଉଥିବା
ମାଜୁଲି ଦ୍ୱୀପ ମୁଁ
ଉମାନନ୍ଦର ଭସ୍ମାଚଳରେ
ମୟୂର ପୁଚ୍ଛର ନମୁନା।
ତୁମ ତଟ ଦେଶର ଲୁହାପଥର ମୁଁ
ମୋର କଠିନତା ଧୋଇ ନେଇ
ଉକୁଟେ ତୁମର ନାଳିମା।

ଆମ ବିଜୟ ଇଚ୍ଛାର ବ୍ୟାରେଜ,
ବିନିଯୋଗୀ ବନ୍ଧ ଯୋଜନାକୁ
ଉପହାସ କରେ ତୁମ ଜଳ ଭାରର ଫୁତ୍କାର
ଆମ ବିକାଶର ବିଷ
ତୁମ ରକ୍ତରେ ମିଶେନା।

ହେ ତୀବ୍ର, ଅବିନ୍ୟସ୍ତ କରୁଣା !
ଦିନେ ପର୍ଶୁରାମର କୁଠାର
ଏଠି ପଖାଳିଥିଲା ମାତୃହତ୍ୟାର ପାପ
କୁହ ତୁମେ କ'ଣ ଧୋଇପାରିବ
ସଭ୍ୟତାର ଅସ୍ତ୍ରରୁ
ପ୍ରକୃତି ହତ୍ୟାର କାଳିମା ?

ଇଂରାଜୀ ବିଭାଗ,
ଶାସ୍ତ୍ରୀସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ,
ବାଲିପୁଟ, ପୁରୀ

# ଅନ୍ୟ ନଈ



ଗାୟତ୍ରୀ ଦାସ

କାହା ଝର୍କା ସେପାଖେ
ପକ୍ଷିଣୀଟିଏ ବିସ୍ତାରିଥିଲା ଡେଣା।
ଦେଖୁଥିଲା ଝରଣାର ପାଣିକୁ ଦର୍ପଣ କରି
କାଚକେନ୍ଦୁ ପାଣି ପିଠିରେ
ଗୋଟେ ଦରଫୁଟା ବିସ୍ମୟ !

ଝରଣାର ପାଣି
ପାହାଡ଼ର ବନ୍ଧୁର ପଥ ଡେଇଁ ଏବେ
ସମତଳରେ ପାଲଟିଯାଇଛି ନଈ
ପକ୍ଷିଣୀ ଏବେ ସଫେଦ ପରୀଟିଏ।

ନଈକୂଳ ସୋରିଷ କ୍ଷେତରେ
ଢେଉ ଢେଉକା ଗହମ ବିଲରେ
ଟାଆଁସା ପଥର ବନ୍ଧରେ
ଲମ୍ବା ଲମ୍ବା ଶାଳ ଉହାଡରେ
ଡେଇଁ ଡେଇଁ ଥକିଯାଉନି
ତା' ସୁକୁମାର ପାଦ।

ନଈ ଦେହରେ ଏବେ ପଟୁ
ଜୀବ ଉଦ୍ଭିଦଙ୍କ ସଢା ଅଙ୍ଗ
ନଈପାଣିରେ ଏବେ ବୋରଝାଞ୍ଜି
ସୁନା ରୁପା ମାଛ ସାଥେ
କୁମ୍ଭୀର କୁମ୍ଭୀରିଣୀ ବି ଆତଯାତ।

ଏବେ ନଈ ପାଣି ଦେଖାଯାଏନି ଦର୍ପଣ ପରି
ପରସ୍ତ ପରସ୍ତ ଆବର୍ଜନାକୁ ପ୍ରତିହତ କରି
ମୁହଁ ଚିହ୍ନିବାର କୌଶଳ କେଉଁ ତାକୁ ଜଣା ଯେ ... ?
ଜୀବନଠାରୁ ବଡ ଶତ୍ରୁ
ଜିଇଁବାର କଳାଠାରୁ ବଡ ସୌଦାଗର
ଜୀବନ ପ୍ରତି ମୋହ ପରି ସୁନ୍ଦରତମ ସ୍ୱପ୍ନ
ଆଉ କେହି ହୋଇପାରେ.... ?

ସମୁଦ୍ର ମୋହ ବି ବଡ଼ ବିଚିତ୍ର
ପରୀ ...ଭାସିଚାଲିଥିଲା ସୁଅରେ
ସମୁଦ୍ର ଆଡ଼କୁ ମୁହଁ କରି
ଯଦିଓ ଜାଣିନଥିଲା
ନଈ ହରାଇ ବସିବ ସବୁଦିନ ପାଇଁ ତା' ମଧୁରତା !

ଝର୍କା ସେପାଖେ
ଏବେ ବି କେହି ବଢାଉଥିଲା ହାତ
ମାତ୍ର... ସେ ଉଡ଼ିଯାଉଥିଲା ଡେଣା ଝାଡ଼ି,
ନା, ସ୍ୱପ୍ନ ନୁହେଁ, ନା କଳ୍ପନା ନୁହେଁ
ଏବେ ବି ସେଠି ବିଛୁରି ପଡିଥିଲା
ତା' ମହୁମହୁ ବାସ୍ନା
ଆଉ ଗୋଟିଏ ଲାଲ୍ ପର !

ପପୁଲାର୍ ଷ୍ଟିଲ, ଅନୁଗୁଳ

## ନବପ୍ରକାଶ

### ଚିଠି : କେତେଦିନର



ସମ୍ପାଦନା - ମମତା ଦାଶ
ଲେଖକ - ରମାକାନ୍ତ ରଥ
ମୂଲ୍ୟ -୨୮୯
ପ୍ରକାଶକ : ପଶ୍ଚିମା

'.. ଦୁଃଖ କରନାହିଁ। ଶେଷ ସ୍ତବ୍ଧତା ଯାଏଁ ଏସବୁ ଭିତର ଦେଇ ଯିବାକୁ ହେବ। କୌଣସି ପ୍ରତିବାଦ ଗ୍ରାହ୍ୟ ହେବ ନାହିଁ। ଯେଉଁମାନେ ଏ ବିପର୍ଯ୍ୟୟକୁ ବାହାବା ନେବା ପାଇଁ ବ୍ୟବହାର କରନ୍ତି ଈଶ୍ୱର ଆମକୁ ତାଙ୍କ ପରି ନ କରନ୍ତୁ। ବିଦୂଷକ ହେବା ଅପେକ୍ଷା ଦୁଃଖରେ ସଡିବା ଶ୍ରେୟସ୍କର ନୁହେଁ କି ? ଦୁଃଖ ହିଁ ଆତ୍ମାରୁ ଅନେକ କାଳିମା ପୋଛିଦିଏ। ବିଦୂଷକ କିନ୍ତୁ ଆତ୍ମାକୁ ବିଭିନ୍ନ ରଙ୍ଗରେ ସବୁବେଳେ ରଙ୍ଗାଉ ଥାଏ।' ଏଭଳି ଚମତ୍କାର ଧାଡ଼ିମାନଙ୍କୁ ନେଇ ଲିଖିତ ରମାକାନ୍ତ ରଥଙ୍କ କିଛି ବିଶେଷ ଚିଠି ଯାହାକୁ କବି ମମତା ଦାଶଙ୍କ ଦ୍ୱାରା ସଂପାଦିତ ହୋଇଛି ଚିଠି ସଂକଳନ 'ଚିଠି : କେତେଦିନର'। ପ୍ରକାଶିତ କରିଛନ୍ତି ପଶ୍ଚିମା ପ୍ରକାଶନୀ। 'ଚିଠି : କେତେ ଦିନର' ବହିଟି କବି ରମାକାନ୍ତ ରଥଙ୍କର କବି ମମତା ଦାଶଙ୍କୁ ଲିଖିତ କେତେକ ନିର୍ବାଚିତ ଚିଠିର ଏକ ମନୋଜ୍ଞ ସଂକଳନ। ଚିଠିଗୁଡିକରେ ଆମେ ଜଣେ ସ୍ୱତନ୍ତ୍ର ରମାକାନ୍ତଙ୍କୁ ଭେଟିବା। ମମତାଙ୍କୁ ଚିଠି ଲେଖିବା ଛଳରେ ତାଙ୍କ ବ୍ୟକ୍ତିତ୍ୱର ଏକ ବିଶେଷ ଦିଗ ଉନ୍ମୋଚିତ ହୋଇଛି। ଅନେକ ଚିଠିରେ କବିତାକୁ ନେଇ ତାଙ୍କର ଦାର୍ଶନିକତା ପ୍ରକାଶ ପାଇଛି। ଅନେକତ୍ର ବ୍ୟକ୍ତି ଜୀବନର ନୈରାଶ୍ୟ ମଧ ପ୍ରତିଫଳିତ ହୋଇଛି। ଜୀବନର ଅନିଶ୍ଚିତତା ଓ ଉଭଟତାକୁ ନେଇ ତାଙ୍କର ବ୍ୟଥା ଅନେକ ଚିଠିରେ ପ୍ରକାଶିତ ହୋଇଛି। ଅନେକ ଜାଗାରେ ସେ ମଧ ମମତାଙ୍କ କବିତ୍ୱ ଉପରେ ଟିପ୍ପଣୀ କରିଛନ୍ତି। ମମତାଙ୍କର କିଛି କବିତାର ତାରିଫ୍ କରିବା ସହିତ ଆଉ କିଛି କବିତା ଉପରେ ସେ ସମାଲୋଚକୀୟ ମନ୍ତବ୍ୟ ପ୍ରଦାନ କରିଛନ୍ତି। ମୋଟାମୋଟି ଚିଠିର ଏ ସଂଗ୍ରହଟି ଶିକ୍ଷଣୀୟ ଓ ସୁଖପାଠ୍ୟ।

### ନିର୍ମୋହୀ



କବି - ଡକ୍ଟର ଅଶୋକ କୁମାର ଷଡଙ୍ଗୀ
ମୂଲ୍ୟ - ୨୩୦
ପ୍ରକାଶକ - ଅଭିମାନ

ନିକଟ ଅତୀତରେ ଲୋକାର୍ପିତ ହୋଇଛି ଡକ୍ଟର ଅଶୋକ କୁମାର ଷଡଙ୍ଗୀଙ୍କ 'ନିର୍ମୋହୀ' କବିତା ପୁସ୍ତକ। ଅଭିମାନ ଦ୍ୱାରା ପ୍ରକାଶିତ 'ନିର୍ମୋହୀ' କବି ଡ.ଅଶୋକ କୁମାର ଷଡ଼ଙ୍ଗୀଙ୍କର ଦ୍ୱିତୀୟ କବିତା ପୁସ୍ତକ। ଏଥିରେ ଥିବା କବିତାଗୁଡ଼ିକ ତାଙ୍କ ଆବେଗ ଛଳଛଳ ପ୍ରାଣର ପରିପ୍ରକାଶ। କବି, ପ୍ରକୃତି ଓ ନାରୀ ଭିତରୁ ସେ ଖୋଜିଛନ୍ତି ତାଙ୍କ କବିତା ଲାଗି ଉପାଦାନ। ସୌନ୍ଦର୍ଯ୍ୟର ସନ୍ଧାନ ଓ ତା'ର ପରିସ୍ଫୁଟନ ଏଥିରେ ଥିବା କବିତାଗୁଡିକର ଆଭିମୁଖ୍ୟ। ପ୍ରେମ ଓ ପ୍ରଣୟ କବିତାଗୁଡିକର ପ୍ରମୁଖ ଚାଳିକା ଶକ୍ତି। ଏକ ଅପୂର୍ବ ଅନୁରାଗରେ କବିତା ସବୁ ରସାଣିତ। କବି ସ୍ୱପ୍ନର ମଧୁମୟ ସାମ୍ରାଜ୍ୟରେ ହଜି ପାଇଛନ୍ତି ତାଙ୍କ କବିତାର ଉଲ୍ଲାସ। ସଂକଳନର କବିତାଗୁଡିକରୁ ଅନେକ କବିତା ଲଳିତ ଛନ୍ଦରେ ରଚିତ। ତେଣୁ ଏଥିରୁ ବିଶେଷ ମାଧୁର୍ଯ୍ୟ ଫୁଟି ଉଠିଛି। କବିଙ୍କ କବିତାସବୁର ଶୈଳୀ ମନୋମୁଗ୍ଧକର। 'ନିର୍ମୋହୀ' ପୁସ୍ତକଟି ପାଠକମାନଙ୍କୁ ତା'ର ସୁଗନ୍ଧରେ ମୋହଗ୍ରସ୍ତ କରିବ ନିଶ୍ଚୟ।

# ମୃତ ଝରଣା



ଶିବାଶିଷ ପାଢ଼ୀ

ଧାଡ଼ି ଧାଡ଼ି ହୋଇ ବସିଥିଲେ ଲୋକେ। ସମସ୍ତେ ଚୁପ୍‌ଚାପ୍। କାହାରି ଚେହେରାରେ କୌଣସି ଆଗ୍ରହ ନାହିଁ କି ଉତ୍ସାହ ନାହିଁ। ରହିବ ବି କେମିତି ? ନିଜ ପ୍ରାଣପ୍ରିୟକୁ ହରାଇଲେ କିଏ ବି ଖୁସି ହୋଇପାରେ କି ?

ବାରିକ ତିନି-ଚାରିଜଣ ଲାଗିଥିଲେ ନିଜ କାମରେ, ତଥାପି ସରୁନଥିଲା କାମ। ନିରବରେ ଅଶ୍ରୁ ବିସର୍ଜନ କରୁଥିବା ଲୋକଙ୍କ ହାତରେ ଥିଲା ମେଞ୍ଚେ ମେଞ୍ଚେ ଫୁଲ।

ଥମଥମ ହୋଇ ମନ୍ତ୍ରପାଠ କରୁଥିଲେ ପୁରୋହିତ। ଶେଷ ଶ୍ରଦ୍ଧାଞ୍ଜଳି ସ୍ୱରୂପ ଫୁଲକୁ ଝରଣାରେ ପକାଇବାକୁ ନିର୍ଦ୍ଦେଶ ଦେଲେ, କିନ୍ତୁ କାହାରି ହାତ ଚଳୁନଥିଲା। ତଥାପି ନିର୍ଦ୍ଦେଶକୁ ପାଳନ କରିଥିଲେ ସେମାନେ।

ଫୁଲ ପଡୁଥିଲା-କେବେ ଦିନେ ନିଜର ଅମୃତଠାରୁ ବି ମିଠା ଓ ନିର୍ମଳ ଜଳରେ ଏହି ଗାଁକୁ ଜୀବନ ବାଣ୍ଟୁଥିବା ସେହି କଳକଳ, ଛଳଛଳ ଝରଣାରେ। ଯାହାକି ଏବେ ବି ବୋହୁଥିଲା ସେମିତି, କିନ୍ତୁ ସେ ଆଉ ଜୀବନ ବାଣ୍ଟିବ କ'ଣ ? ନିଜ ଅସ୍ତିତ୍ୱକୁ ନେଇ ସଂଘର୍ଷରତ ଥିଲା।

ବିଷ ବୋହି ବୋହି ଥକି ପଡୁଥିଲା ଏକଦା ଜୀବନଦାୟୀ ଝରଣାଟି। ନିକଟରେ ଖୋଲିଥିବା କୋଇଲା ଖଣିର କଳାରେ, ଠିକ୍ ଏକ ଅର୍ଦ୍ଧମୃତ ସାପ ପରି, ନିଜକୁ ଘୁଞ୍ଚାଇ ଚାଲୁଥିଲା ସେ ଦୂରକୁ ..ଦୂରକୁ । ଆଶା ଥିଲା-ବର୍ଷା ହେଲେ ପରିଷ୍କାର ହୋଇଯିବ ସେ, ଧୋଇଯିବ ସମସ୍ତ ବିଷ। କିନ୍ତୁ ଲୋକଙ୍କ ଶେଷ ଆଶା ଧୂଳିସାତ୍ ହୋଇ ସାରିଥିଲା। ସେମାନେ ଜାଣିଯାଇଥିଲେ-ଏକ ଅଫେରା ମୃତ୍ୟୁଗାମୀ ରାସ୍ତାରେ ପାଦ ଦେଇସାରିଛି ଝରଣାଟି।

ସେଇଥି ପାଇଁ ଆଜି ଶେଷବିଦାୟ ଜଣାଉଥିଲେ ସେମାନେ। ବାରିକମାନେ ତାଙ୍କର କାମ ସାରିଥିଲେ। ଲଣ୍ଡା ହୋଇସାରିଥିଲେ ଶହେ ସରିକି ଲୋକ। ଏବେ ଫେରିବାର ବେଳ ଥିଲା।

ଲୋକେ ପ୍ରସ୍ତୁତ ହେଉଥିଲେ। କିନ୍ତୁ ସେଇଠି ଖେଳରେ ମାତିଥିଲେ-ଆଗାମୀ ଦିନରେ ଏମାନଙ୍କ ପାଇଁ ଲଣ୍ଡା ହେବାକୁ ଥିବା, ଏତେ କଥା ନଜାଣୁଥିବା ଛୋଟ ଛୋଟ ମଣିଷମାନେ। କାରଣ ଆଗୁଆ ମୃତ୍ୟୁର ଘୋଷଣା କରିସାରିଥିଲା ଖଣି।

ଚୁପ୍‌ଚାପ୍ ଥିଲେ ସମସ୍ତେ, କିନ୍ତୁ ଅଟ୍ଟହାସ୍ୟ କରୁଥିଲା ବିକାଶ। ବଡ଼ ବିଭତ୍ସ ସେ ହସ। ପ୍ରଗତିର ଚକ ସାଇଁ ସାଇଁ ଘୁରୁଥିଲା। ତା' ସହିତ ଅଣନିଃଶ୍ୱାସୀ ହେଉଥିଲା ଜୀବନ।

ହେମଗିର, ସୁନ୍ଦରଗଡ଼,
ମୋ-୯୬୭୮୧୭୪୯୬୮

**ଆଜିର ମ୍ୟାଚ୍**

ଚେନ୍ନାଇ ସୁପର କିଙ୍ଗସ ବନାମ ଗୁଜରାଟ ଟାଇଟନ୍ସ
ସମୟ: ଅପରାହ୍ଣ ୩.୩୦, ସ୍ଥାନ: ଚେନ୍ନାଇ

ଲକ୍ଷ୍ନୌ ସୁପର ଜାଏଣ୍ଟସ ବନାମ କୋଲକାତା ନାଇଟରାଇଡର୍ସ
ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ଲକ୍ଷ୍ନୌ

## କ୍ୟାଚ୍ ନେବା ସମୟରେ ଲୁଙ୍ଗି ଏନ୍‌ଗିଡି ଗୁରୁତର

**ନୂଆଦିଲ୍ଲୀ, ୨୫।୪/ଏଜେନ୍ସି:** ସାଉଥ୍ ଆଫ୍ରିକା କ୍ରିକେଟ୍ ଦଳର ଦ୍ରୁତ ବୋଲର ତଥା ଚଳିତ ଆଇପିଏଲ୍ ସିଜିନ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଖେଳୁଥିବା ଲୁଙ୍ଗି ଏନ୍‌ଗିଡି ଆଜି ଗୁରୁତର ଆହତ ହୋଇଛନ୍ତି। ଶନିବାର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ପଞ୍ଜାବ କିଙ୍ଗସ୍ ମଧ୍ୟରେ ଚାଲିଥିବା ଆଇପିଏଲ୍ ମ୍ୟାଚ୍ ସମୟରେ ଏନ୍‌ଗିଡି ଏକ କ୍ୟାଚ୍ ନେବାକୁ ଚେଷ୍ଟା କରୁଥିବା ବେଳେ ପଛକୁ ପଡ଼ିଯାଇଥିଲେ। ଫଳରେ ତାଙ୍କ ମୁଣ୍ଡର ପଛଭାଗ ପଡ଼ିଆରେ ଜୋର୍‌କରି ବାଡେଇ ହୋଇଯାଇଥିଲା। ଆଘାତ ଏତେ ଗମ୍ଭୀର ଥିଲା ଯେ ପ୍ରାୟ



୧୫ ମିନିଟ୍ ପର୍ଯ୍ୟନ୍ତ ଖେଳ ବନ୍ଦ ରହିଥିଲା। ଏହାପରେ ପିଚ୍ ଡାକ୍ତରଙ୍କ ପରାମର୍ଶକ୍ରମେ ଏକ ଆମ୍ବୁଲାନ୍ସ ଯୋଗେ ଏନ୍‌ଗିଡିଙ୍କୁ ହସ୍ପିଟାଲ ନିଆଯାଇଛି। ପଞ୍ଜାବ ପ୍ରଥମେ ବ୍ୟାଟିଂ କରୁଥିବା ବେଳେ ତୃତୀୟ ଓଭରରେ ଏହି ଘଟଣା ଘଟିଥିଲା। ଅକ୍ଷର ପଟେଲଙ୍କ ଏକ ବଲ୍‌ରେ ପଞ୍ଜାବ ବ୍ୟାଟର ପ୍ରିୟାଂଶ ଆର୍ଯ୍ୟା ଏକ ସଟ୍ ମାରିଥିଲେ। ବଲ୍ ମିଡ୍-ଅଫ୍ ଉପରକୁ ଯାଇଥିଲା, ଯେଉଁଠାରୁ ଏନ୍‌ଗିଡି ଦ୍ରୁତ ଗତିରେ ପଛକୁ ଦୌଡ଼ିଥିଲେ। ତେବେ କ୍ୟାଚ୍ ଧରିବା ସମୟରେ ତାଙ୍କର ସନ୍ତୁଳନ ବିଗିଡ଼ି ଯାଇଥିଲା ଏବଂ ସେ ସିଧା ମୁଣ୍ଡ ମାଡ଼ ହୋଇ ତଳେ ପଡ଼ିଥିଲେ। ଘଟଣା ପରେ ତୁରନ୍ତ ପଡ଼ିଆକୁ ଷ୍ଟ୍ରେଚର୍ ଅଣାଯାଇଥିଲା। ମେଡିକାଲ୍ ଟିମ୍ ପହଞ୍ଚି ଏନ୍‌ଗିଡିଙ୍କ ସହ କଥା ହୋଇଥିଲେ। ପ୍ରଥମ କିଛି ସମୟ ସେ ଉତ୍ତର ଦେଉଥିବା ଜଣାପଡ଼ିଥିଲା, ଯାହା କିଛିଟା ଆଶ୍ୱସ୍ତି ଦେଇଥିଲା। କିନ୍ତୁ ପରେ ଅବସ୍ଥା ଦେଖି ଚିନ୍ତା ବଢ଼ିବାରୁ ଅଧିକ ସାବଧାନତା ସହ ତାଙ୍କୁ ସ୍ଥିର ରଖିବାକୁ ଚେଷ୍ଟା କରାଯାଇଥିଲା। ଶେଷରେ ଆମ୍ବୁଲାନ୍ସ ଡକାଯାଇ ତାଙ୍କୁ ହସ୍ପିଟାଲ ପଠାଇଦିଆଯାଇଛି। ହସ୍ପିଟାଲ ସୂତ୍ରରୁ ଏନ୍‌ଗିଡିଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କୀତ ଅପଡେଟ୍‌କୁ ଅପେକ୍ଷା କରାଯାଉଛି। ତେବେ ଏନ୍‌ଗିଡିଙ୍କ କିଛି ମ୍ୟାଚ୍ ଖେଳିବା ଏବେ ଅନିଶ୍ଚିତତା ଭିତରକୁ ଚାଲିଯାଇଥିବାରୁ ଏହା ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଏକ ବଡ଼ ଝଟ୍‌କା ହୋଇପାରେ।

### ଆଇପିଏଲ୍ ଇତିହାସର ସବୁଠାରୁ ବଡ଼ ଟାର୍ଗେଟ୍ ଚେଜ୍

# ୨୬୪ ସ୍କୋର ସତ୍ତ୍ୱେ ୬ ୱିକେଟ୍‌ରେ ହାରିଲା ଦିଲ୍ଲୀ

**ନୂଆଦିଲ୍ଲୀ, ୨୫।୪/ଏଜେନ୍ସି:** ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ପଞ୍ଜାବ କିଙ୍ଗସ୍ ଆଇପିଏଲ୍ ୨୦୨୬ ସିଜିନ୍‌ରେ କ୍ରମାଗତ ସପ୍ତମ ବିଜୟ ହାସଲ କରିଛି। ରବିବାର ଅନୁଷ୍ଠିତ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚରେ ଦଳ ପ୍ରତିପକ୍ଷକୁ ୬ ୱିକେଟରେ ପରାସ୍ତ କରିଛି। ଟସ୍ ଜିତିବା ପରେ ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମେ ବ୍ୟାଟିଂ କରି ୨ ୱିକେଟ୍ ବିନିମୟରେ ୨୬୪ ରନର ଏକ ବିଶାଳ ସ୍କୋର କରିଥିଲା। ଏହା ଆଇପିଏଲ୍ ତଥା ଯେକୌଣସି ଟି-୨୦ ଫର୍ମାଟ୍ ପାଇଁ ଏକ ସର୍ବକାଳୀନ ରେକର୍ଡ। ତେବେ ଏପ୍ରକାର ଏକ ବିଶାଳ ସ୍କୋରକୁ ମଧ୍ୟ ପଞ୍ଜାବ ସହଜରେ ଚେଜ୍ କରିବାରେ ସଫଳ ହୋଇଛି। ୨୬୫ ରନ୍‌ର ଟାର୍ଗେଟ୍‌କୁ ପଞ୍ଜାବ ୧୮.୫ ଓଭରରେ ଅର୍ଥାତ୍ ୭ ବଲ୍ ବାକି ଥାଇ ୪ ୱିକେଟ୍ ବିନିମୟରେ ହିଁ ହାସଲ କରିନେଇଥିଲା। ଫଳରେ ଏହା ଆଇପିଏଲ୍ ଇତିହାସର ସବୁଠାରୁ ସଫଳ ରନ୍ ଚେଜ୍ ସାବ୍ୟସ୍ତ ହୋଇଛି।

ପଞ୍ଜାବ ଅଧିନାୟକ ଶ୍ରେୟସ ଆୟର ଆଜି ଅପରାଜିତ ୭୧ ରନ୍‌ର ଗୁରୁତ୍ୱପୂର୍ଣ୍ଣ ପାଳି ଖେଳିଛନ୍ତି ଯାହାକି ଦଳ ପାଇଁ ବିଜୟ ସୁନିଶ୍ଚିତ କରିଦେଇଥିଲା। ଶ୍ରେୟସ୍‌ଙ୍କ ପୂର୍ବରୁ ପଞ୍ଜାବର ଯୁବ ଓପନ୍‌ର ପ୍ରିୟାଂଶ ଆର୍ଯ୍ୟାଙ୍କ ୧୭ ବଲ୍‌ରୁ ୪୩ ରନ୍ ଏବଂ ପ୍ରଭସିମ୍‌ରନ୍ ସିଂହଙ୍କ ୨୬ ବଲ୍‌ରୁ ୭୬ ରନ୍‌ର ଧୂଆଁଧାର ପାଳି ଦଳକୁ ପ୍ରଥମରୁ ହିଁ ବିଜୟାଭିମୁଖୀ କରିବାରେ ସହାୟକ ହୋଇଥିଲା। ସେହିପରି କୁପର କନୋଲି ୧୭ ରନ୍ ଏବଂ





ନେହାଲ ୱାଢ଼େରା ୨୫ ରନ୍ କରି ପାଭିଲିୟନ୍ ଫେରିଥିଲେ ମଧ୍ୟ ଏହା ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଥିଲା। ସେହିପରି ଶଶାଙ୍କ ସିଂହ ମଧ୍ୟ ଅପରାଜିତ ରହି ଦଳ ପାଇଁ ୧୯ ରନ୍ ଯୋଡିଥିଲେ। ଦିଲ୍ଲୀ ପକ୍ଷରୁ କୁଲଦୀପ ଯାଦବ ୨ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ଅକ୍ଷର ପଟେଲ ଏବଂ ବିପରାଜ ନିଗମ ଗୋଟିଏ ଲେଖାଏ ୱିକେଟ୍ ହାସଲ କରିଥିଲେ।

ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଓପନ୍‌ର କେଏଲ୍ ରାହୁଲଙ୍କ ବ୍ୟାଟ୍‌ରୁ ଆଜି ରନ୍ ବର୍ଷା ହେବାର ଦେଖିବାକୁ ମିଳିଥିଲା। ସେ ଏକାକୀ ୬୭ ବଲ୍‌ରୁ ଅପରାଜିତ ୧୫୨ର ଧୂଆଁଧାର ପାଳି ଖେଳିଥିଲେ। ସର୍ବଦା ଶାନ୍ତ ସ୍ୱଭାବ ସମ୍ପନ୍ନ ଦେଖିବାକୁ ମିଳୁଥିବା କେଏଲ୍ ରାହୁଲଙ୍କ ଆଜି ଏପ୍ରକାର ପ୍ରଳୟଙ୍କାରୀ ରୂପ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ସେ ନିଜ ପାଳିରେ ମୋଟ୍ ୯ଟି ଛକା ଏବଂ ୧୬ଟି ଚୌକା ମାରିଥିଲେ। ତାଙ୍କର ଆଜିର ଏହି ଇନିଂସ ପାଇଁ ତାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ମଧ୍ୟ ଘୋଷିତ କରାଯାଇଛି। ଅନ୍ୟପଟେ ତାଙ୍କୁ ଭରପୁର ସାଥ୍ ଦେଇଥିଲେ ନୀତିଶ ରାଣା। ରାଣା ମଧ୍ୟ ମାତ୍ର ୪୪ ବଲ୍‌ରୁ ୯୧ ରନ୍‌ର ଧୂଆଁଧାର ପାଳି ଖେଳିଥିଲେ। ବାକି ଅନ୍ୟ ଦୁଇ ବ୍ୟାଟ୍ସମ୍ୟାନ୍ ପଥୁମ୍ ନିସଙ୍କାଙ୍କ ୧୧ ରନ୍ ଏବଂ ଡେଭିଡ୍ ମିଲରଙ୍କ ୩ ରନ୍ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ଧାର୍ଯ୍ୟ ଓଭର ସୁଦ୍ଧା ମାତ୍ର ୨ ୱିକେଟ୍ ହରାଇ ୨୬୪ ରନ୍ କରିନେଇଥିଲା। ଗୋଟିଏ ସମୟରେ ଦିଲ୍ଲୀର ଏହି ବିଶାଳ ରନ୍ ଲକ୍ଷ୍ୟକୁ ପଞ୍ଜାବ ଚେଜ୍ କରିପାରିବନି

**କେଏଲ୍ ରାହୁଲଙ୍କ ବିସ୍ଫୋରକ ୧୫୨ର ଇନିଂସ ବେକାର୍**

**ଶ୍ରେୟସଙ୍କ ଅପରାଜିତ ୭୧ ରନ୍, ପଞ୍ଜାବର ୬ଷ୍ଠ ବିଜୟ**

ବୋଲି ଅନୁଭବ ହେଉଥିବା ବେଳେ ଦିଲ୍ଲୀର ବୋଲରମାନେ କିନ୍ତୁ ପଞ୍ଜାବ ବ୍ୟାଟରଙ୍କୁ ପ୍ରତିହତ କରିବାରେ ବିଫଳ ହୋଇଛନ୍ତି। ଆଜିର ମ୍ୟାଚ୍‌କୁ ମିଶାଇ ପଞ୍ଜାବ ୭ ମ୍ୟାଚ୍‌ରୁ ୬ଟିରେ ବିଜୟ ସହ ୧୨ ପଏଣ୍ଟ ଏବଂ ଗୋଟିଏ ବାତିଲ ମ୍ୟାଚ୍‌ରୁ ମିଳିଥିବା ୧ ପଏଣ୍ଟକୁ ମିଶାଇ ମୋଟ୍ ୧୩ ପଏଣ୍ଟ ସହ ଟେବୁଲ୍‌ର ସର୍ବାଗ୍ରେ ରହିଥିବା ବେଳେ ଦିଲ୍ଲୀ ମଧ୍ୟ ସମାନ ୭ଟି ମ୍ୟାଚ୍‌ରୁ ୩ଟିରେ ବିଜୟ ପୂର୍ବକ ୬ ପଏଣ୍ଟ ହାସଲ କରି ଟେବୁଲ୍‌ର ୬ଷ୍ଠ ସ୍ଥାନରେ ରହିଛି।

### ସୂର୍ଯ୍ୟବଂଶୀଙ୍କ ଶତକୀୟ ଇନିଂସ୍ ନିଷ୍ପ୍ରଭ

# ୫ ୱିକେଟ୍‌ରେ ହାଇଦ୍ରାବାଦ୍ ବିଜୟୀ

**ଜୟପୁର, ୨୫।୪/ଏଜେନ୍ସି:** ଚଳିତ ଆଇପିଏଲ୍ ସିଜିନ୍‌ର ୩୬ତମ ମ୍ୟାଚ୍ ଶନିବାର ଜୟପୁର ସ୍ଥିତ ସୱାଇ ମାନସିଂହ ଷ୍ଟାଡିୟମରେ ଠାରେ ଖେଳାଯାଇଛି। ଏହି ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଆମ୍ନାସାମ୍ନା ହୋଇଥିବା ବେଳେ ହାଇଦ୍ରାବାଦ୍ ୫ ୱିକେଟ୍‌ରେ ରାଜସ୍ଥାନକୁ ପରାଜିତ କରିଛି।



ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ରାଜସ୍ଥାନ ରୟାଲ୍ସ ଧାର୍ଯ୍ୟ ୨୦ ଓଭର ସୁଦ୍ଧା ୬ ୱିକେଟ୍ ହରାଇ ମୋଟ୍ ୨୨୮ ରନ୍ କରିବାରେ ସଫଳ ହୋଇଥିଲା। ରାଜସ୍ଥାନର ବିଧ୍ୱଂସୀ ବ୍ୟାଟ୍ସମ୍ୟାନ୍ ଭାବେ ପରିଚିତ ବୈଭବ ସୂର୍ଯ୍ୟବଂଶୀଙ୍କ ୩୭ ବଲ୍‌ରେ ବିସ୍ଫୋରକ ୧୦୩ ରନ୍ ଏବଂ ଧ୍ରୁବ ଜୁରେଲ୍‌ଙ୍କ ଗୁରୁତ୍ୱପୂର୍ଣ୍ଣ ୫୧ ରନ୍ ଓ ଡୋନୋଭାନ୍ ଫେରେଇରାଙ୍କ ୩୩ ରନ୍‌ର ପାଳି ବଳରେ ରାଜସ୍ଥାନ ରୟାଲ୍ସ ପ୍ରତିପକ୍ଷ ହାଇଦ୍ରାବାଦ୍ ସମ୍ମୁଖରେ ୨୨୯ ରନ୍‌ର ଲକ୍ଷ୍ୟ ରଖିଥିଲା। ରାଜସ୍ଥାନର ଯଶସ୍ୱୀ ଜୈସୱାଲ୍ (୧୦ ରନ୍), ଅଧିନାୟକ ରିୟାନ୍ ପରାଗ (୭ ରନ୍), ସିମରୋନ୍ ହେଟ୍‌ମାୟାର (୧୧ ରନ୍) ଆଜିର ମ୍ୟାଚ୍‌ରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ। ହାଇଦ୍ରାବାଦ୍ ପକ୍ଷରୁ ଇଶାନ୍ ମାଲିଙ୍ଗା ୨ଟି ୱିକେଟ୍ ହାସଲ କରିଥିବା ବେଳେ ପ୍ରଫୁଲ୍ଲ ହିଙ୍ଗେ, ପ୍ୟାଟ୍ କମିନ୍ସ, ସାକିବ ହୁସୈନ୍ ଏବଂ ନୀତିଶ ରେଡ୍ଡୀ ଗୋଟିଏ ଲେଖାଏ ୱିକେଟ୍ ହାସଲ କରିଥିଲେ। ଅନ୍ୟପକ୍ଷେ ହାଇଦ୍ରାବାଦ୍ ପକ୍ଷରୁ ଓପନର ଟ୍ରାଭିସ୍ ହେଡ୍ ସଅଳ ଆଉଟ୍ ହୋଇଥିଲେ ମଧ୍ୟ ଅଭିଷେକ୍ ଶର୍ମା ଏବଂ ଇଶାନ୍ କିଷନ୍‌ଙ୍କ ଶତକୀୟ ଭାଗିଦାରୀ ଦଳକୁ ମଜବୁତ୍ ସ୍ଥିତିରେ ପହଞ୍ଚାଇଥିଲା। ଅଭିଷେକ୍ ୫୭ ରନ୍ ଏବଂ ଇଶାନ୍ ୭୪ ରନ୍ କରି ପାଭିଲିୟନ୍ ଫେରିଥିଲେ। ଦଳ ୩ ୱିକେଟ୍ ହରାଇବା ବେଳକୁ ୧୨.୧ ଓଭର ସୁଦ୍ଧା ୧୬୬ ରନ୍ ସ୍କୋର କରିନେଇଥିଲା। ତେବେ ହେନ୍‌ରିକ୍ କ୍ଲାସେନ୍ ଏବଂ ନୀତିଶ ରେଡ୍ଡୀଙ୍କ ପାଳି ଦଳକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇଥିଲା। ହେନ୍‌ରିକ୍ ୨୪ ବଲ୍‌ରୁ ୨୯ରନ୍ କରି କ୍ୟାଚ୍ ଆଉଟ୍ ହୋଇଥିଲେ। ଅନ୍ୟପକ୍ଷେ ନୀତିଶ ୧୮ ବଲ୍‌ରେ ଦ୍ରୁତଗତିରେ ୩୬ ରନ୍ (୩ ଛକା, ୨ଚୌକା) ସ୍କୋର କରି ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ। ୧୮.୩ ଓଭରରେ ସଲିଲ ଆରୋରା ଛକା ମାରି ଦଳକୁ ବିଜୟୀ କରାଇଥିଲେ। ଦଳ ୯ ବଲ୍ ବାକି ଥାଇ ୨୨୯ ରନ୍ କରିନେଇଥିଲା। ତେବେ ରାଜସ୍ଥାନ ବୋଲରମାନେ ଅତିରିକ୍ତ ୧୭ ରନ୍ ବ୍ୟୟ କରିଥିଲେ ଯାହାକି ହାଇଦ୍ରାବାଦ୍‌ର ବିଜୟକୁ ନିଶ୍ଚିତ କରିଦେଇଥିଲା। ରାଜସ୍ଥାନ ପକ୍ଷରୁ ଜୋଫ୍ରା ଆର୍ଚ୍ଚର ୨ଟି, ଡୋନୋଭାନ୍ ଫେରେଇରା ଏବଂ ବ୍ରିଜେଶ ଶର୍ମା ୧ଟି ଲେଖାଏ ୱିକେଟ୍ ନେଇଥିଲେ।

# ଅଲକାରାଜ୍‌ଙ୍କ ମଣିବନ୍ଧରେ ଲାଗିଛି ଆଘାତ

### ଫ୍ରେଞ୍ଚ୍ ଓପନ୍‌ରୁ ଓହରିଲେ ଡିଫେଣ୍ଡିଂ ଚାମ୍ପିଅନ୍, ରୋମ୍ ମାଷ୍ଟର୍ସରୁ ମଧ୍ୟ ବାହାର

**ମାଦ୍ରିଦ୍, ୨୫।୪/ଏଜେନ୍ସି:** ଟେନିସ୍ ତାରକା ତଥା ବିଶ୍ୱର ୨ ନମ୍ବର ଖେଳାଳି କାର୍ଲୋସ ଅଲକାରାଜ୍ ଚଳିତ ବର୍ଷ ଫ୍ରେଞ୍ଚ ଓପନ୍‌ରେ ନଜର ଆସିବେ ନାହିଁ। ଦୁଇଥରର ଚାମ୍ପିଅନ ଅଲକାରାଜ୍ ନିଜ ମଣିବନ୍ଧ ଆଘାତରୁ ମୁକୁଳିବା ପାଇଁ ଏହି ଟୁର୍ଣ୍ଣାମେଣ୍ଟରୁ ଓହରିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ରୋମ୍ ମାଷ୍ଟର୍ସରେ ମଧ୍ୟ ଅଂଶଗ୍ରହଣ କରିବେ ନାହିଁ। ସୂଚନାଯୋଗ୍ୟ ଯେ, ଫ୍ରେଞ୍ଚ ଓପନ ମେ ୧୮ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ୨୨ ବର୍ଷୀୟ ଏହି ସ୍ପାନିସ୍ ଖେଳାଳି ଶୁକ୍ରବାର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ସମ୍ପୂର୍ଣ୍ଣ ଫିଟ୍ ନହୋଇ ପଡ଼ିଆକୁ ଓହ୍ଲାଇବା ବିପଜ୍ଜନକ ହୋଇପାରେ,



ତେଣୁ ସେ ବର୍ତ୍ତମାନ କେବଳ ନିଜର ରିକଭରି ଉପରେ ଧ୍ୟାନ ଦେବେ।

ଚଳିତ ମାସରେ ବାର୍ସିଲୋନା ଓପନ୍‌ର ପ୍ରଥମ ରାଉଣ୍ଡ ମ୍ୟାଚ୍ ସମୟରେ ଅଲକାରାଜଙ୍କ କବଜିରେ ଆଘାତ ଲାଗିଥିଲା। ଏହାପରେ ସେ ମାଡ୍ରିଡ୍ ମାଷ୍ଟର୍ସରୁ ମଧ୍ୟ ନିଜ ନାମ ପ୍ରତ୍ୟାହାର କରିନେଇଥିଲେ। ଶୁକ୍ରବାର ମେଡିକାଲ ଟେଷ୍ଟ ରିପୋର୍ଟ ଆସିବା ପରେ ସେ ପ୍ୟାରିସ (ଫ୍ରେଞ୍ଚ ଓପନ) ନଯିବା କଥା ସ୍ପଷ୍ଟ କରିଛନ୍ତି। ଅଲକାରାଜ୍ ଫ୍ରେଞ୍ଚ ଓପନରୁ ଓହରିବା ଦ୍ୱାରା ତାଙ୍କ ବିଶ୍ୱ ର୍ୟାଙ୍କିଂ ପଏଣ୍ଟରେ ବଡ଼ କ୍ଷତି ହେବ, କାରଣ ସେ ଜଣେ ଡିଫେଣ୍ଡିଂ ଚାମ୍ପିଅନ୍ ଭାବେ ନିଜ ପଏଣ୍ଟ ବଞ୍ଚାଇବା ପାଇଁ ଖେଳିଥାନ୍ତେ। ତାଙ୍କ ଅନୁପସ୍ଥିତିରେ ଜେନିକ ସିନର ଏବଂ ନୋଭାକ ଜୋକୋଭିକଙ୍କ ମଧ୍ୟରେ ଲଢ଼େଇ ଆହୁରି ରୋଚକ ହେବ। କାର୍ଲୋସ ଅଲକାରାଜ୍ ୨୦୨୫ ଫ୍ରେଞ୍ଚ୍ ଓପନ ବିଜେତା ଅଟନ୍ତି। ଚଳିତ ବର୍ଷ ଜାନୁଆରୀରେ ସେ ଅଷ୍ଟ୍ରେଲିଆନ ଓପନ ଜିତି ସବୁଠାରୁ କମ୍ ବୟସରେ କ୍ୟାରିୟର ଗ୍ରାଣ୍ଡ ସ୍ଲାମ ପୂର୍ଣ୍ଣ କରିଥିବା ପୁରୁଷ ଖେଳାଳି ହେବାର ଗୌରବ ହାସଲ କରିଛନ୍ତି।



# ଅଶୋକ ଲାହିରୀ ନୀତି ଆୟୋଗର ନୂଆ ଉପାଧ୍ୟକ୍ଷ

**ନୂଆଦିଲ୍ଲୀ, ୨୫।୪/ଏଜେନ୍ସି:** ଭାରତ ସରକାର ନୀତି ଆୟୋଗର ପୁନର୍ଗଠନ କରିଛନ୍ତି। ବିଶିଷ୍ଟ ଅର୍ଥନୀତିଜ୍ଞ ଅଶୋକ କୁମାର ଲାହିରୀଙ୍କୁ ଆୟୋଗର ନୂତନ ଉପାଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ସେ ବର୍ତ୍ତମାନର ଉପାଧ୍ୟକ୍ଷ ସୁମନ କେ. ବେରୀଙ୍କ ସ୍ଥାନ ନେବେ। ଶ୍ରୀ ଲାହିରୀ ଜଣେ ଅଭିଜ୍ଞ ନୀତିନିର୍ମାତା ଏବଂ ପୂର୍ବରୁ ଭାରତର ଦ୍ୱାଦଶ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭାବରେ କାର୍ଯ୍ୟ କରିଛନ୍ତି। ସେ ୧୫ତମ ଅର୍ଥ କମିଶନର ସଦସ୍ୟ ମଧ୍ୟ ଥିଲେ ଏବଂ ବିଶ୍ୱ ବ୍ୟାଙ୍କ ଏବଂ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଭଳି ଆନ୍ତର୍ଜାତୀୟ ପ୍ରତିଷ୍ଠାନରେ ବରିଷ୍ଠ ପଦବୀରେ କାର୍ଯ୍ୟ କରିଛନ୍ତି। ସେ ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସ, ଏସୀୟ ବିକାଶ ବ୍ୟାଙ୍କ ଏବଂ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଫାଇନାନ୍ସ ଆଣ୍ଡ ପଲିସି ସମେତ ପ୍ରମୁଖ ଶିକ୍ଷାଗତ ଏବଂ



**ପ୍ରଧାନମନ୍ତ୍ରୀ ମୋଦୀ ଜଣାଇଲେ ଶୁଭକାମନା**

ନୀତିଗତ ପ୍ରତିଷ୍ଠାନ ସହିତ ମଧ୍ୟ ଜଡିତ ଅଛନ୍ତି। ଶ୍ରୀ ଲାହିରୀଙ୍କ ସମେତ ସରକାର ରାଜୀବ ଗୌବା, ପ୍ରଫେସର କେ.ଭି. ରାଜୁ, ପ୍ରଫେସର ଗୋବର୍ଦ୍ଧନ ଦାସ, ଡକ୍ଟର ଏମ୍. ଶ୍ରୀନିବାସ ଏବଂ ପ୍ରଫେସର ଅଭୟ କରନ୍ଦିକରଙ୍କୁ ନୀତି ଆୟୋଗର ପୂର୍ଣ୍ଣକାଳୀନ ସଦସ୍ୟ ଭାବେ ନିଯୁକ୍ତ କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ କହିଛନ୍ତି ଯେ, ଭାରତର ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ନୀତି ଆୟୋଗ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବେ ଉଭା ହୋଇଛି, ଯାହା ସହଯୋଗମୂଳକ ସଂଘୀୟ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ସହ ସଂସ୍କାର ଏବଂ ଜୀବନଧାରଣର ସହଜତାକୁ ଆଗକୁ ନେଉଛି। ପ୍ରଧାନମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ, ନୀତି ଆୟୋଗ ବିଭିନ୍ନ କ୍ଷେତ୍ରରେ ନବସୃଜନ ଏବଂ ଦୀର୍ଘକାଳୀନ ରଣନୈତିକ ଚିନ୍ତାଧାରା ପାଇଁ ଏକ ଗତିଶୀଳ ମଞ୍ଚ ଭାବରେ କାର୍ଯ୍ୟ କରୁଛି।

ନୀତି ଆୟୋଗର ନବନିଯୁକ୍ତ ଉପାଧ୍ୟକ୍ଷ ଅଶୋକ କୁମାର ଲାହିରୀ ଆଜି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ଶ୍ରୀ ମୋଦୀ ତାଙ୍କୁ ଏବଂ ନୀତି ଆୟୋଗର ଅନ୍ୟ ସମସ୍ତ ନବନିଯୁକ୍ତ ପୂର୍ଣ୍ଣକାଳୀନ ସଦସ୍ୟମାନଙ୍କୁ ଅଭିନନ୍ଦନ ସହ ଶୁଭକାମନା ମଧ୍ୟ ଜଣାଇଛନ୍ତି। ମୋଦୀ କହିଛନ୍ତି, ଅର୍ଥନୀତି ଏବଂ ଜନନୀତି କ୍ଷେତ୍ରରେ ଶ୍ରୀ ଲାହିରୀଙ୍କର ଅଗାଧ ଅନୁଭବ ଭାରତର ସଂସ୍କାର ଯାତ୍ରା ଏବଂ 'ବିକଶିତ ଭାରତ' ଗଠନ ଦିଗରେ ବହୁତ ସହାୟକ ହେବ। ଶ୍ରୀ ଲାହିରୀଙ୍କ ପ୍ରଚେଷ୍ଟା ଦେଶର ନୀତି ନିର୍ଦ୍ଧାରଣକୁ ଅଧିକ ଶକ୍ତିଶାଳୀ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି।

## ରାଘବଙ୍କ ଇନ୍‌ଷ୍ଟା ଫଲୋଅର୍ସ ସଂଖ୍ୟା କମିଲା

### ୨୪ ଘଣ୍ଟାରେ କଟିଲେ ୧୪ ଲକ୍ଷ ଅନୁଗାମୀ

**ନୂଆଦିଲ୍ଲୀ, ୨୫।୪/ଏଜେନ୍ସି:** ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଛାଡିବା ଏବଂ ବିଜେପିରେ ଯୋଗଦେବା ପରେ ପରେ ରାଘବ ଚଡ୍ଡାଙ୍କର ପ୍ରାୟ ୧୪ ଲକ୍ଷ ଇନ୍‌ଷ୍ଟାଗ୍ରାମ୍ ଫଲୋଅର୍ସ ହ୍ରାସ ପାଇଛନ୍ତି। ୨୪ ଘଣ୍ଟା ପୂର୍ବରୁ ଅର୍ଥାତ୍ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ତାଙ୍କର ୧୪.୬ ମିଲିୟନ ଫଲୋଅର୍ସ ଥିଲେ, ଯାହା ଶନିବାର ସନ୍ଧ୍ୟା ସୁଦ୍ଧା ୧୩.୨ ମିଲିୟନକୁ ଖସିଆସିଛି। ବିଶେଷଜ୍ଞଙ୍କ ମତରେ, ଆଜିର ଯୁବପିଢ଼ି ବ୍ୟକ୍ତିଗତ ଭାବେ ରାଘବଙ୍କୁ ଯେତେ ପସନ୍ଦ କଲେ ମଧ୍ୟ ତାଙ୍କର ଦଳବଦଳ ନୀତିକୁ ହୁଏତ ଗ୍ରହଣ କରିପାରିନାହାନ୍ତି। ସୁତରାଂ ଏହା ଯୁବ ବ୍ୟବହାରକାରୀଙ୍କ ଏକ ପ୍ରତିକ୍ରିୟା ହୋଇପାରେ। ରାଜନୈତିକ ଦଳ ବଦଳାଇବା ପରେ ସୋସିଆଲ ମିଡିଆରେ ରାଘବଙ୍କ ଲୋକପ୍ରିୟତା ହ୍ରାସ ପାଇବା ଏକ ଚର୍ଚ୍ଚାର ବିଷୟ ପାଲଟିଛି। ଆପ୍‌ର ମୋଟ୍ ୧୦ ରାଜ୍ୟସଭା ସାଂସଦଙ୍କ ମଧ୍ୟରୁ ରାଘବ ଚଡ୍ଡା, ଅଶୋକ ମିତ୍ତଲ ଏବଂ ସନ୍ଦୀପ ପାଠକ ଶୁକ୍ରବାର ବିଜେପିରେ ସାମିଲ ହୋଇଛନ୍ତି। ବିଜେପି ଅଧ୍ୟକ୍ଷ ନିତିନ ନବୀନ ଶୁକ୍ରବାର ସନ୍ଧ୍ୟାରେ ଦଳୀୟ କାର୍ଯ୍ୟାଳୟରେ ସେମାନଙ୍କୁ ସଦସ୍ୟତା ଗ୍ରହଣ କରାଇଛନ୍ତି। ଏହି ଅବସରରେ ରାଘବ ଚଡ୍ଡା କହିଛନ୍ତି ଯେ, ହରଭଜନ ସିଂ, ବିକ୍ରମଜିତ ସିଂ ସାହନି, ସ୍ୱାତୀ ମାଲିୱାଲ ଏବଂ ରାଜେନ୍ଦ୍ର ଗୁପ୍ତା ମଧ୍ୟ ସେମାନଙ୍କ ସହିତ ଅଛନ୍ତି ଏବଂ ଏମାନେ ମଧ୍ୟ ଖୁବ୍‌ଶୀଘ୍ର ବିଜେପିରେ ଯୋଗଦେବେ। ଅନ୍ୟପକ୍ଷେ ଆପ୍ ନେତା ସଞ୍ଜୟ ସିଂ କହିଛନ୍ତି ଯେ, ଦଳ ଛାଡ଼ିଥିବା ୭ ଜଣ ରାଜ୍ୟସଭା ସାଂସଦଙ୍କ ସଦସ୍ୟତା ରଦ୍ଦ କରିବା ପାଇଁ ସେମାନେ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଚିଠି ଲେଖିବେ। ଆପ୍‌ର ଏପ୍ରକାର ୭ ରାଜ୍ୟସଭା ସାଂସଦ ଏକକାଳୀନ ଦଳ ଛାଡିବା ଏବଂ ବିଜେପିରେ ଯୋଗଦେବା ଆପ୍‌କୁ ଶକ୍ତ ଝଟ୍‌କା ଦେଇଥିବା ବେଳେ ଏହା ସମ୍ପ୍ରତି ଏକ ବଡ଼ ରାଜନୈତିକ ଚର୍ଚ୍ଚାର ପ୍ରସଙ୍ଗ ସାଜିଛି।

## ଚାବାହାରର ଅଂଶଧନକୁ ଅସ୍ଥାୟୀ ରୂପେ ଇରାନୀ କମ୍ପାନୀକୁ ହସ୍ତାନ୍ତର କରିବ ଭାରତ!

**ନୂଆଦିଲ୍ଲୀ, ୨୫।୪/ଏଜେନ୍ସି:** ଭାରତ ଇରାନର ଚାବହାର ବନ୍ଦରରେ ଥିବା ନିଜର ଅଂଶଧନ ଏକ ଇରାନୀ କମ୍ପାନୀକୁ ହସ୍ତାନ୍ତର କରିପାରେ। ବ୍ଲୁମ୍‌ବର୍ଗ ରିପୋର୍ଟ ଅନୁଯାୟୀ, ଆମେରିକାର କଟକଣାରୁ ମିଳିଥିବା ରିହାତି ଶେଷ ହେବା ପରେ ମଧ୍ୟ କାମ ଜାରି ରଖିବା ପାଇଁ ଏହି ପଦକ୍ଷେପ ଅସ୍ଥାୟୀ ଭାବେ ଗ୍ରହଣ କରାଯାଇପାରେ। ସାମ୍ପ୍ରତିକ ସ୍ଥିତିରେ ଆମେରିକୀୟ କଟକଣା ସତ୍ତ୍ୱେ ବନ୍ଦରର କାର୍ଯ୍ୟକୁ ସ୍ୱାଭାବିକ ରଖିବା ମୁଖ୍ୟ ଉଦ୍ଦେଶ୍ୟ ସାଜିଛି। ରିପୋର୍ଟରେ ଦର୍ଶାଯାଇଛି ଯେ, ଏହି ବନ୍ଦରରେ ଭାରତର ପ୍ରାୟ ୧୧୦୦ କୋଟି ଟଙ୍କାର ନିବେଶ ରହିଛି। ଆମେରିକା କଟକଣା ଯୋଗୁଁ ଯେପରି ଏହି ନିବେଶ ପ୍ରଭାବିତ ନହୁଏ, ସେଥିପାଇଁ ଭାରତ ସରକାର ଅଧିକ ସତର୍କତା ଅବଲମ୍ବନ କରୁଛନ୍ତି। ଭାରତ ସରକାର ଏହି ପ୍ରସଙ୍ଗରେ ଆମେରିକା ଏବଂ ଇରାନ ଉଭୟଙ୍କ ସହ ଅଲଗା ଅଲଗା ଆଲୋଚନା କରୁଛନ୍ତି। ଏହି ଆଲୋଚନା ଅତ୍ୟନ୍ତ ସମ୍ବେଦନଶୀଳ ଥିବାରୁ ଏଥିରେ ସାମିଲ ଥିବା ଅଧିକାରୀମାନେ ନିଜ ନାମ ପ୍ରକାଶ କରିବାକୁ ମନା କରିଛନ୍ତି। ନଭେମ୍ବର ୨୦୨୫ରେ ଭାରତକୁ ୬ ମାସ ପାଇଁ ରିହାତି ମିଳିଥିଲା, ଯାହାଫଳରେ ଚାବହାର ବନ୍ଦରରେ ବିନା କୌଣସି ବାଧାରେ କାର୍ଯ୍ୟ ଚାଲିଥିଲା। ଏହି ରିହାତିର ଅବଧି ଚଳିତ ମାସରେ ଶେଷ ହେବାକୁ ଯାଉଛି। ସୁତରାଂ ଭାରତ ସରକାରଙ୍କ ଏହି ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ଏହି ପଦକ୍ଷେପ ଦ୍ୱାରା ଭାରତ ମଧ୍ୟ-ଏସିଆ ସହିତ ନିଜର ବାଣିଜ୍ୟିକ ସମ୍ପର୍କକୁ ବଜାୟ ରଖିବାକୁ ଲକ୍ଷ୍ୟ ରଖିଛି।

### ହୃଦ୍‌ରୋଗ ଚିକିତ୍ସାସେବା କ୍ଷେତ୍ରରେ ନୂଆ କ୍ରାନ୍ତି "ଇକୋପଲ୍ସ"

# ଏଆଇ ଚିହ୍ନିବ ହୃଦୟ ସମ୍ବନ୍ଧିତ ସମସ୍ତ ରୋଗ

**ନୂଆଦିଲ୍ଲୀ, ଧାନବାଦ୍, ୨୫।୪/ଏଜେନ୍ସି:** ଦେଶରେ ବୃଦ୍ଧି ପାଉଥିବା ହୃଦରୋଗ ସମସ୍ୟାର ସମାଧାନ ଦିଗରେ ଝାଡ଼ଖଣ୍ଡର ଆଇଆଇଟି ଧାନବାଦର ବୈଜ୍ଞାନିକମାନେ ଏକ ବଡ଼ ସଫଳତା ହାସଲ କରିଛନ୍ତି। କମ୍ପ୍ୟୁଟର ବିଜ୍ଞାନ ବିଭାଗର ପ୍ରଫେସର ଏସିଏସ୍. ରାଓଙ୍କ ନେତୃତ୍ୱରେ 'ଇକୋପଲ୍ସ' ନାମକ ଏକ ଅଭିନବ ପ୍ରଯୁକ୍ତିବିଦ୍ୟା ବିକଶିତ କରାଯାଇଛି, ଯାହା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ ଭର୍ଚୁଆଲ୍ ରିଆଲିଟି (ଭିଆର)ର ଏକ ଅଦ୍ଭୁତ ମିଶ୍ରଣ। ଏହି ବିପ୍ଳବୀ ପ୍ରଯୁକ୍ତି ମାଧ୍ୟମରେ ହୃଦରୋଗର ଚିକିତ୍ସା କେବଳ ଦ୍ରୁତ ହେବ ନାହିଁ, ବରଂ ଏହା ଅଧିକ ସଠିକ୍ ଓ ସ୍ୱଚ୍ଛ ହୋଇପାରିବ ବୋଲି ଦାବି କରାଯାଉଛି। ସିଧାଅର୍ଥରେ କହିଲେ ଏଣିକି ହୃଦ୍‌ରୋଗ ତଥା ଏହା ସମ୍ବନ୍ଧୀୟ ସମସ୍ତ ରୋଗକୁ ଏଆଇ ଟେକ୍ନୋଲୋଜି ହିଁ ଚିହ୍ନଟ କରିବ। ଆଗାମୀ ଦିନରେ ହୃଦରୋଗ ଚିହ୍ନଟ କ୍ଷେତ୍ରରେ "ଇକୋପଲ୍ସ" ଏକ ଯୁଗାନ୍ତକାରୀ କ୍ରାନ୍ତି ଆଣିବ ବୋଲି ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି।

ଏହି ସିଷ୍ଟମ 'ସେଲ୍ଫ-ସୁପରଭାଇଜଡ୍ ଲର୍ଣ୍ଣିଂ'



ଜରିଆରେ ଇକୋକାର୍ଡିଓଗ୍ରାଫି ଡାଟାକୁ ବିଶ୍ଳେଷଣ କରି ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରୁଥିବା ବେଳେ ଡାକ୍ତରମାନଙ୍କ ପାଇଁ ଏହାକୁ ବୁଝିବା ଅତ୍ୟନ୍ତ ସହଜ ହୋଇପାରିବ। ସାଧାରଣତଃ ଇକୋକାର୍ଡିଓଗ୍ରାଫି ରିପୋର୍ଟଗୁଡ଼ିକ ଅତ୍ୟନ୍ତ ଜଟିଳ ହୋଇଥାଏ। ସେହିପରି ଏହି ଟେକ୍ନୋଲୋଜିରେ ଥିବା ସ୍ୱୟଂ-ତଦାରଖିତ ଶିକ୍ଷଣ ମଡେଲ ଦ୍ୱାରା ହୃଦସ୍ପନ୍ଦନର ପମ୍ପିଂ କ୍ଷମତା ଏବଂ ଲୁକ୍କାୟିତ ଲକ୍ଷଣଗୁଡ଼ିକୁ ତୁରନ୍ତ ଚିହ୍ନଟ କରିପାରୁଛି, ଯାହାଦ୍ୱାରା ସଠିକ୍ ସମୟରେ ହିଁ ଚିକିତ୍ସା ସମ୍ଭବ ହୋଇପାରିବ। ଏହି ପ୍ରଯୁକ୍ତିର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଏହା ଡାକ୍ତରମାନଙ୍କୁ ଭର୍ଚୁଆଲ୍ ରିଆଲିଟି ମାଧ୍ୟମରେ ହୃଦୟର ଏକ ଥ୍ରୀ-ଡି ଚିତ୍ର ଦେଖିବାର ସୁଯୋଗ ଦେଉଛି, ଯାହା ରୋଗର ଗଭୀରତା ବୁଝିବାରେ ସହାୟକ ହେଉଛି। ମୋଟାମୋଟି ଭାବେ କହିବାକୁ ଗଲେ କୌଣସି ସମସ୍ୟା ହେବା ପୂର୍ବରୁ ଏହି ପ୍ରଣାଳୀ ଦ୍ୱାରା ହୃଦରୋଗକୁ ଶୀଘ୍ର ଚିହ୍ନଟ କରାଯାଇପାରିବ। ବିଶେଷ କରି ଯେଉଁ ଅଞ୍ଚଳରେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ରହିଛି, ସେଠାରେ ଏହି ଟେକ୍ନୋଲୋଜି ବରଦାନ ସଦୃଶ ହେବ।

ଏହି ଗବେଷଣା ପାଇଁ ଜାତୀୟ ଅନୁସନ୍ଧାନ ଫାଉଣ୍ଡେସନ ପକ୍ଷରୁ ପ୍ରାୟ ୪୭ ଲକ୍ଷ ଟଙ୍କାର ସହାୟତା ମିଳିଛି। ଭବିଷ୍ୟତରେ ଏହି ନବସୃଜନ କେବଳ ଭାରତରେ ହୃଦରୋଗର ବୋଝ ହ୍ରାସ କରିବ ନାହିଁ, ବରଂ ବିଶ୍ୱ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭାରତର ପ୍ରତିଷ୍ଠାକୁ ଏକ ନୂତନ ଶିଖରରେ ପହଞ୍ଚାଇବାରେ ଏକ ପ୍ରମୁଖ ମାଇଲଖୁଣ୍ଟ ସାଜିବ ବୋଲି ଆଶା କରାଯାଉଛି।

## ହରଭଜନ ସିଂହଙ୍କ ଘର ବାହାରେ ପ୍ରବଳ ହଙ୍ଗାମା

### କାନ୍ଥରେ ଦେଶଦ୍ରୋହୀ ଲେଖିଲେ ଆପ୍ କର୍ମୀ

**ନୂଆଦିଲ୍ଲୀ, ୨୫।୪/ଏଜେନ୍ସି:** ଆମ୍ ଆଦମୀ ପାର୍ଟି (ଆପ୍)ର ୭ ରାଜ୍ୟସଭା ସାଂସଦ ବିଜେପିରେ ଯୋଗଦେବା ପରେ ପଞ୍ଜାବରେ ରାଜନୈତିକ ପାଣିପାଗ ଉଷ୍ମ ରହିଛି। ଦଳର କର୍ମୀମାନଙ୍କ ମଧ୍ୟରେ ଏହି ନିଷ୍ପତ୍ତିକୁ ନେଇ ବ୍ୟାପକ ଅସନ୍ତୋଷ ଦେଖାଦେଇଛି। ତେବେ ଏସବୁ ମଧ୍ୟରେ, ଅନେକ ଆପ୍ କର୍ମୀ ପୂର୍ବତନ କ୍ରିକେଟର ତଥା ରାଜ୍ୟସଭା ସାଂସଦ ହରଭଜନ ସିଂହଙ୍କ ବିରୋଧରେ ସେମାନଙ୍କର କ୍ରୋଧ ପ୍ରକାଶ କରିଛନ୍ତି। ଶନିବାର ଦିନ ଦଳ ଛାଡି ବିଜେପିରେ ଯୋଗ ଦେଇଥିବା ରାଜ୍ୟସଭା ସାଂସଦ ହରଭଜନ ସିଂହ, ଅଶୋକ ମିତ୍ତଲ ଏବଂ ରାଜିନ୍ଦର ଗୁପ୍ତାଙ୍କ ବାସଭବନ ବାହାରେ ଶନିବାର ଦିନ ଆପ୍ କର୍ମୀମାନେ ବ୍ୟାପକ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। କର୍ମୀମାନେ ଲୁଧିଆନା ଏବଂ ଜଳନ୍ଧରରେ ସ୍ପ୍ରେ ରଙ୍ଗ ସହିତ ସେମାନଙ୍କ ଘରର ସୀମା କାନ୍ଥରେ "ବିଶ୍ୱାସଘାତକ ବା ଗଦ୍ଦାର ଓ



ଦେଶଦ୍ରୋହୀ ଭଳି ଶବ୍ଦ ଲେଖିଥିଲେ। ଦିନକ ପୂର୍ବେ ଆପ୍‌ର ରାଜ୍ୟସଭା ସାଂସଦ ରାଘବ ଚଢା, ସନ୍ଦୀପ ପାଠକ, ସ୍ୱାତୀ ମାଲିୱାଲ, ହରଭଜନ ସିଂହ, ରାଜିନ୍ଦର ଗୁପ୍ତା, ଅଶୋକ ମିତ୍ତଲ ଏବଂ ବିକ୍ରମ ସାହାନିଙ୍କୁ ମିଶାଇ ମୋଟ୍ ୭ ସାଂସଦ ବିଜେପିରେ ଯୋଗ ଦେଇଛନ୍ତି । ଏହି ପଦକ୍ଷେପ ଦଳ ଭିତରେ ଏକ ଗଭୀର ସଙ୍କଟ ସୃଷ୍ଟି କରିଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra